# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧୯/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, October 19/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୩୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 325 | ମୂଲ୍ୟ ₹୭/-





**ଗାଜା ହସ୍ପିଟାଲ ଆକ୍ରମଣକୁ ପ୍ରଧାନମନ୍ତ୍ରୀଙ୍କ ନିନ୍ଦା**

ଗାଜାର ଏକ ହସ୍ପିଟାଲ ଉପରେ ବୋମାମାଡ଼କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୃଢ଼ ନିନ୍ଦା କରିଛନ୍ତି। ଏଭଳି ଦୁଃଖଦ ଘଟଣାରେ ସେ ମର୍ମାହତ। ହସ୍ପିଟାଲ ଆକ୍ରମଣରେ ଯେଉଁମାନେ ସମ୍ପୃକ୍ତ ସେମାନଙ୍କୁ ଏଥିପାଇଁ ଦାୟୀ ରହିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ମୃତକଙ୍କ ପାଇଁ ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି। ଯୁଦ୍ଧରେ ଏତେ ସଂଖ୍ୟାରେ ସାଧାରଣ ନାଗରିକ ମୃତାହତ ହେବା ଗମ୍ଭୀର ତଥା ଚିନ୍ତାଜନକ ବିଷୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।



**ଇସ୍ରାଏଲରେ ବାଇଡେନ୍**

# ହସ୍ପିଟାଲ ଆକ୍ରମଣ ଆତଙ୍କବାଦୀ କାର୍ଯ୍ୟ





"ଗାଜା ହସ୍ପିଟାଲ ଉପରେ ଆକ୍ରମଣ ଇସ୍ରାଏଲର କାମ ନୁହେଁ, ଅନ୍ୟ କୌଣସି ଟିମ୍ ଏପରି କାଣ୍ଡ ଭିଆଇଥିବା ମନେହେଉଛି। ଆମେରିକା ଓ ଅନ୍ୟ ଗଣତାନ୍ତ୍ରିକ ରାଷ୍ଟ୍ର ଭଳି ଇସ୍ରାଏଲର ମଧ୍ୟ ମୂଲ୍ୟବୋଧ ରହିଛି। ଆମେ କ'ଣ କରିବାକୁ ଯାଉଛେ ତା' ଉପରେ ବିଶ୍ୱର ନଜର ରହିଛି।

–ଜୋ ବାଇଡେନ୍, ଆମେରିକା ରାଷ୍ଟ୍ରପତି

"ଏହା ଏକ ଭିନ୍ନ ଧରଣର ଯୁଦ୍ଧ ହେବାକୁ ଯାଉଛି। କାରଣ ହମାସ୍ ହେଉଛି ଏକ ଭିନ୍ନ ପ୍ରକାର ଶତ୍ରୁ। ଗାଜା ଯୁଦ୍ଧରେ ନାଗରିକମାନେ ଯେପରି ମୃତାହତ ନ ହେବେ ସେଥିଲାଗି ତେଲ୍ ଆଭିଭ୍ ଯତ୍ନବାନ୍ ହେବ। ସ୍ପଷ୍ଟ ସମର୍ଥନ ପାଇଁ ଆମେରିକା ରାଷ୍ଟ୍ରପତିଙ୍କୁ ଧନ୍ୟବାଦ।

–ବେଞ୍ଜାମିନ୍ ନେତାନ୍ୟାହୁ, ଇସ୍ରାଏଲ ପ୍ରଧାନମନ୍ତ୍ରୀ

**ଇସ୍ରାଏଲ/ଗାଜା ସିଟି/ୱାଶିଂଟନ୍/,୧୮।୧୦**

ଗାଜା ହସ୍ପିଟାଲ ବିସ୍ଫୋରଣରେ ଶତାଧିକ ନିହତ ହେବା ପରେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। ବିଭିନ୍ନ ସ୍ଥାନରେ ଇସ୍ରାଏଲ ବିରୋଧୀ ବିକ୍ଷୋଭ ମୁଣ୍ଡ ଟେକିଛି। ଗଣହତ୍ୟା ରୋକିବାରେ ପାଲେଷ୍ଟିନୀୟ ସୁରକ୍ଷା ବଳ ବିଫଳ ହୋଇଥିବା ଦର୍ଶାଇ ୱେଷ୍ଟ୍ ବ୍ୟାଙ୍କରେ ସେମାନଙ୍କ ଉପରକୁ ମଧ୍ୟ ବିକ୍ଷୋଭକାରୀମାନେ ଟେକାମାଡ଼ କରିଛନ୍ତି। ଆକ୍ରମଣ ପାଇଁ ଇସ୍ରାଏଲ ସରକାର ଓ ହମାସ୍ ପରସ୍ପର ଉପରେ ଦୋଷ ଲଦୁଥିବାବେଳେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ବୁଧବାର ଇସ୍ରାଏଲ ଗସ୍ତ କରିଛନ୍ତି। ହମାସ୍ ବିରୋଧୀ ଯୁଦ୍ଧରେ ଇସ୍ରାଏଲକୁ ସମର୍ଥନ ଜଣାଇବା ପାଇଁ ତେଲ୍ ଆଭିଭ୍‌ରେ ପହଞ୍ଚିଥିବା ବାଇଡେନ୍ କହିଛନ୍ତି, ଗାଜା ହସ୍ପିଟାଲ ଉପରେ ଆକ୍ରମଣ ହେଉଛି ଆତଙ୍କବାଦୀଙ୍କ କାର୍ଯ୍ୟ।



ବୋମାମାଡ଼ରେ ବିଧ୍ୱସ୍ତ ହୋଇଥିବା ଗାଜାର ଅଲ୍‌–ଅହଲି ଅଲ୍‌–ଆରବୀ ହସ୍ପିଟାଲ।

ଗତ ୭ ତାରିଖରେ ଗାଜା ଶାସକ ହମାସ୍‌ର ଆତଙ୍କବାଦୀମାନେ ଇସ୍ରାଏଲ ଉପରେ ୫,୦୦୦ ରକେଟ୍ ମାଡ଼ କରିଥିଲେ। ଏହା ପରେ ଗାଜା ଉପରେ ଇସ୍ରାଏଲ ତୁହାକୁ ତୁହା ରକେଟ୍ ଓ ମିଶାଇଲ ମାଡ଼ ଜାରି ରଖିଛି। ଯୁଦ୍ଧରେ ଉଭୟ ପକ୍ଷଙ୍କ ଅନେକ ହଜାର ଲୋକ ନିହତ ହେଲେଣି। ମଙ୍ଗଳବାର ଯୁଦ୍ଧ ଏକାଦଶ ଦିନରେ ପହଞ୍ଚିଥିବାବେଳେ ଆକ୍ରମଣରୁ ବର୍ତ୍ତିବା ପାଇଁ ଗାଜାର ଅଲ୍‌–ଅହଲି ଅଲ୍‌–ଆରବୀ ହସ୍ପିଟାଲରେ ଅନେକ ଶହ ଲୋକ ଆଶ୍ରୟ ନେଇଥିଲେ। କିନ୍ତୁ ହଠାତ୍ ସେହି ହସ୍ପିଟାଲ ଉପରେ ବୋମାମାଡ଼ ହୋଇଥିଲା। ଏଥିରେ ୩୦୦ରୁ ୫୦୦ ଲୋକ ନିହତ ହୋଇଥିବା କୁହାଯାଉଛି। ଏହି ଘଟଣା ପରେ ପାଲେଷ୍ଟାଇନ୍ ରାଷ୍ଟ୍ରପତି ମହମୁଦ୍ ଅବ୍ବାସ ବାଇଡେନ୍‌ଙ୍କ ସହ ପ୍ରସ୍ତାବିତ ବୈଠକ ରଦ୍ଦ କରିଦେଇଛନ୍ତି। ସେହିପରି ଜୋର୍ଡାନ ମଧ୍ୟ ଜୋର୍ଡାନ, ଇଜିପ୍ଟ ଓ ପାଲେଷ୍ଟିନୀୟ କର୍ତ୍ତୃପକ୍ଷଙ୍କୁ ନେଇ ଅମ୍ମାନରେ ହେବାକୁ ଥିବା ବାଇଡେନ୍‌ଙ୍କ ସମିଟ୍‌କୁ ବାତିଲ କରିଦେଇଛି।

**■ମଧ୍ୟପ୍ରାଚ୍ୟରେ ଉତ୍ତେଜନା**
**■ଜୋର୍ଡାନ୍ ସମିଟ୍ ବାତିଲ**

ପାଲେଷ୍ଟିନୀୟ ଅଧିକାରୀମାନେ ୫୦୦ ଜଣଙ୍କ ମୃତ୍ୟୁ ପାଇଁ ଇସ୍ରାଏଲକୁ ଦାୟୀ କରିଛନ୍ତି। କିନ୍ତୁ ଇସ୍ରାଏଲ କହିଛି, ପାଲେଷ୍ଟିନୀୟ ଇସ୍‌ଲାମିକ୍ ଜିହାଦ ଆତଙ୍କବାଦୀ ଗୋଷ୍ଠୀ ପକ୍ଷରୁ ଇସ୍ରାଏଲ ଉପରେ ରକେଟ୍ ମାଡ଼ କରାଯାଇଥିଲା, ଯାହାକି ଲକ୍ଷ୍ୟଭ୍ରଷ୍ଟ ହୋଇ ହସ୍ପିଟାଲ ଉପରେ ପଡ଼ିଲା। ଅନ୍ୟପକ୍ଷେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ଆଲୋଚନା ପରେ ଆମେରିକା ରାଷ୍ଟ୍ରପତି ବାଇଡେନ୍ ଗାଜା ହସ୍ପିଟାଲ ବିସ୍ଫୋରଣକୁ ନେଇ ଶୋକବ୍ୟକ୍ତ କରିଛନ୍ତି। ନେତାନ୍ୟାହୁ ବାଇଡେନ୍‌ଙ୍କୁ ସ୍ପଷ୍ଟ ସମର୍ଥନ ପାଇଁ ଧନ୍ୟବାଦ ଦେଇଛନ୍ତି। ଇସ୍ରାଏଲ ରାଷ୍ଟ୍ରପତି ଇସାକ୍ ହେର୍ଗୋଜ୍ ଆମେରିକୀୟ ପ୍ରତିପକ୍ଷ ବାଇଡେନ୍‌ଙ୍କୁ କହିଛନ୍ତି, ଆମ ଦେଶକୁ ସୁରକ୍ଷା ଦେଇଥିବାରୁ ଭଗବାନ ଆପଣଙ୍କୁ ଆଶୀର୍ବାଦ ଦିଅନ୍ତୁ।

## ଚାଇନାରେ ପୁଟିନ୍

**ଗାଜା ସଙ୍କଟ ପାଇଁ ଆମେରିକାକୁ ଦାୟୀକଲେ**

**ବେଜିଂ,୧୮।୧୦:** ବାଇଡେନ୍‌ଙ୍କ ଇସ୍ରାଏଲ ଗସ୍ତ ବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ବେଜିଂରେ ପହଞ୍ଚିଛନ୍ତି। ସେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ସହ ବେଲ୍ଟ ଆଣ୍ଡ୍ ରୋଡ୍ ଇନିଶିଏଟିଭ୍ (ବିଆର୍‌ଆଇ) ସମେତ ଅନେକ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ଅବସରରେ ଦୁଇନେତା ପରସ୍ପରକୁ ପ୍ରଶଂସାରେ ପୋତିଦେଇଛନ୍ତି। ପୁଟିନ୍‌ଙ୍କ ବେଜିଂ ଗସ୍ତ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ହ୍ରାସ ପାଇଁ ଉଦ୍ଦିଷ୍ଟ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବେଜିଂ ବୈଠକ ଏଭଳି ସମୟରେ ହୋଇଛି, ଯେତେବେଳେ କି ୟୁକ୍ରେନ୍ ସେନା ନିଜ ଭୂଖଣ୍ଡରୁ ରୁଷୀୟ ସୈନ୍ୟଙ୍କୁ ବିତାଡ଼ିତ କରିବା ପାଇଁ ଜବାବୀ କାର୍ଯ୍ୟାନୁଷ୍ଠାନକୁ ଜୋର୍‌ଦାର କରିଛି। ପୁଟିନ୍ ଦୁଇଦିନ ତଳେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। କିନ୍ତୁ ଚାଇନା ଗସ୍ତ ବେଳେ ହମାସ୍‌ର ଆକ୍ରମଣକୁ ନିନ୍ଦା କରିବା ପରିବର୍ତ୍ତେ ଗାଜାର ସାମ୍ପ୍ରତିକ ସଙ୍କଟ ପାଇଁ ଆମେରିକାକୁ ଦାୟୀ କରିଥିବାରୁ ତାଙ୍କୁ ବିଭିନ୍ନ ମହଲରେ ସମାଲୋଚନା କରାଯାଉଛି। ରୁଷିଆ ରାଷ୍ଟ୍ରପତି ପରୋକ୍ଷରେ ହମାସ୍‌କୁ ସମର୍ଥନ କରୁଥିବା କୁହାଯାଉଛି।



ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ସହ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗ୍।

## ପାଲେଷ୍ଟିନୀୟଙ୍କ ପାଇଁ ୨.୫ କୋଟି ଦାନକଲେ ମାଲାଲା



ଗାଜାର ଅଲ୍‌–ଅହଲି ହସ୍ପିଟାଲରେ ଆକ୍ରମଣକୁ ନେଇ ଅଭିଯୋଗ, ପ୍ରତିଅଭିଯୋଗ ଲାଗିରହିଥିବାବେଳେ ଏହା ଭୟାବହ ଘଟଣା ବୋଲି ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ମାଲାଲା ୟୁସୁଫ୍‌ଜାଇ କହିବା ସହ ଏହାର ଦୃଢ଼ ନିନ୍ଦା କରିଛନ୍ତି। ଗାଜାକୁ ମାନବୀୟ ସହାୟତା ଯୋଗାଇଦେବା ସହ ଯୁଦ୍ଧବିରତି ଲାଗି ସେ ଇସ୍ରାଏଲକୁ ନିବେଦନ କରିଛନ୍ତି। ଆକ୍ରମଣର ସମ୍ମୁଖୀନ ହୋଇଥିବା ପାଲେଷ୍ଟିନୀୟଙ୍କ ସହାୟତା ପାଇଁ ମାଲାଲା ୩ଟି ଦାତବ୍ୟ ଅନୁଷ୍ଠାନକୁ ୨.୫ କୋଟି ଟଙ୍କା (୩ ଲକ୍ଷ ଡଲାର) ପ୍ରଦାନ କରିଛନ୍ତି। ସାମୂହିକ ଦଣ୍ଡ ଆକ୍ରମଣର ଉତ୍ତର ନୁହେଁ। ଗାଜା ଜନସଂଖ୍ୟାର ୫୦ ପ୍ରତିଶତଙ୍କ ବୟସ ୧୮ ବର୍ଷରୁ କମ୍। ସେମାନଙ୍କୁ ଅବଶିଷ୍ଟ ଜୀବନ ପାଇଁ ବିସ୍ଫୋରଣ ଓ ଅନ୍ୟାୟପୂର୍ଣ୍ଣ ଦଖଲ ମଧ୍ୟରେ ଛାଡ଼ିଦିଆଯିବା ଉଚିତ ନୁହେଁ ବୋଲି ମାଲାଲା କହିଛନ୍ତି।

**ହମାସ୍ ଆକ୍ରମଣ ଉପରେ ଜାତିସଂଘର ନିନ୍ଦା ପ୍ରସ୍ତାବ**

## ଭିଟୋ ପ୍ରୟୋଗକଲା ଆମେରିକା

**ଜାତିସଂଘ,୧୮।୧୦**

ଇସ୍ରାଏଲ୍‌ରେ ହମାସ୍ ଆକ୍ରମଣ ଏବଂ ସାଧାରଣ ନାଗରିକଙ୍କ ଉପରେ ହିଂସାକୁ ନିନ୍ଦାକରି ତଥା ଗାଜାର ପାଲେଷ୍ଟିନୀୟମାନଙ୍କ ଲାଗି ମାନବୀୟ ସହାୟତା ଯୋଗାଇଦେବାକୁ ନିବେଦନ କରି ଜାତିସଂଘ ପକ୍ଷରୁ ଅଣାଯାଇଥିବା ପ୍ରସ୍ତାବ ଉପରେ ବୁଧବାର ଆମେରିକା ଭିଟୋ ପ୍ରୟୋଗ କରିଛି। ଜାତିସଂଘ ସୁରକ୍ଷା ପରିଷଦର ୧୫ ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରୁ ୧୨ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିବାବେଳେ ଆମେରିକା ବିରୋଧ କରିଥିଲା। ଅନ୍ୟ ୨ ସଦସ୍ୟ ଅନୁପସ୍ଥିତ ରହିଥିଲେ। ଆତ୍ମରକ୍ଷା ପାଇଁ ଇସ୍ରାଏଲ୍‌ର ଅଧିକାର ଉପରେ ପ୍ରସ୍ତାବରେ କିଛି କୁହାଯାଇ ନ ଥିବାରୁ ଆମେରିକା ରାଷ୍ଟ୍ରଦୂତ ଲିଣ୍ଡା ଥୋମାସ୍–ଗ୍ରୀନ୍‌ଫିଲ୍ଡ ଏହାର ସମାଲୋଚନା କରିଛନ୍ତି।

ଆମେରିକା ଇସ୍ରାଏଲକୁ ସୁରକ୍ଷା ଦେବାକୁ ଯାଇ ହମାସ୍ ଉପରେ କଟକଣା ଜାରି କରିଛି। ଇସ୍ରାଏଲ ଉପରେ ହମାସ୍ ଅତର୍କିତ ଆକ୍ରମଣ କରିବା ପରଠୁ ମୃତକ ଓ ଅପହୃତଙ୍କ ସଂଖ୍ୟା ୧,୦୦୦ ଟପିଛି। ଆମେରିକା ଏଥିରେ କ୍ଷୁବ୍ଧ ହୋଇ ହମାସ୍‌ର ୧୦ ସଦସ୍ୟଙ୍କ ସମେତ ଗାଜା, ସୁଡାନ୍, ତୁର୍କି, ଅଲ୍‌ଜେରିଆ ଓ କାତାରରେ ଏହାର ଆର୍ଥିକ ନେଟ୍‌ୱର୍କ ଉପରେ ଅଙ୍କୁଶ ଲଗାଇଛି।

## ଅଣବାସମତି ଚାଉଳ ରପ୍ତାନିକୁ କେନ୍ଦ୍ରର ଅନୁମତି

**ନୂଆଦିଲ୍ଲୀ,୧୮।୧୦:** ନେପାଳ, କାମେରୁନ୍ ଏବଂ ମାଲେସିଆ ସମେତ ୭ଟି ଦେଶକୁ ୧୦,୩୪,୮୦୦ ଟନ୍ ଅଣବାସମତି ଅରୁଆ ଚାଉଳ ରପ୍ତାନି କରିବା ଲାଗି କେନ୍ଦ୍ର ସରକାର ବୁଧବାର ଅନୁମତି ଦେଇଛନ୍ତି। ଏନ୍‌ସିଇଏଲ ଜରିଆରେ ଏହି ରପ୍ତାନି କରାଯିବ। ଘରୋଇ ଯୋଗାଣ ବଢ଼ାଇବା ପାଇଁ ଜୁଲାଇ ୨୦ରୁ ଅଣବାସମତି ଅରୁଆ ଚାଉଳ ରପ୍ତାନି ଉପରେ କଟକଣା ଲାଗିଥିଲା। କେତେକ ଦେଶର ଖାଦ୍ୟ ସୁରକ୍ଷା ଆବଶ୍ୟକତା ପୂରଣ ଲାଗି ସେମାନଙ୍କ ନିବେଦନକ୍ରମେ କେନ୍ଦ୍ର ସରକାର ରପ୍ତାନିକୁ ଅନୁମତି ଦେଇଛନ୍ତି।

## ଆକ୍ରମଣ ଧମକ: ଫ୍ରାନ୍ସର ୬ ବିମାନବନ୍ଦର ଖାଲି ହେଲା

**ପ୍ୟାରିସ୍,୧୮।୧୦:** ଇ–ମେଲ୍ ଯୋଗେ ଆକ୍ରମଣ ଧମକ ମିଳିବା ପରେ ବୁଧବାର ଫ୍ରାନ୍ସର ଲିଲେ, ଲ୍ରୋନ୍, ନାଣ୍ଟେନ୍, ନାଇସ୍, ଟୁଲାଉସ୍ ଏବଂ ବାଉଭାଇସ୍ ଏୟାରପୋର୍ଟକୁ ଖାଲି କରିଦିଆଯାଇଛି। ହମାସ ଇସ୍ରାଏଲ୍ ଉପରେ ଆକ୍ରମଣ କରିବା ଏବଂ ଗତ ଶୁକ୍ରବାର ଫ୍ରାନ୍ସର ଏକ ସ୍କୁଲରେ ଶିକ୍ଷକଙ୍କୁ ଆକ୍ରମଣ ପରେ ବୋମା ଧମକ ମିଳିବାରେ ଲାଗିଛି। ନାଇସ୍ ଏୟାରପୋର୍ଟରେ ଏକ ପରିତ୍ୟକ୍ତ ବ୍ୟାଗେଜ୍ ମିଳିବା ପରେ ସୁରକ୍ଷା ବଢ଼ାଯିବା ସହ ବିମାନବନ୍ଦରକୁ ଯାଞ୍ଚ କରାଯାଇଥିଲା।

## ଆଜମ୍ ଖାନ୍, ସ୍ତ୍ରୀ, ପୁଅଙ୍କୁ ୭ ବର୍ଷ ଜେଲ

**ଜାଲ୍ ଜନ୍ମ ପ୍ରମାଣପତ୍ର ମାମଲା**



**ରାମପୁର,୧୮।୧୦**

୨୦୧୯ର ଜନ୍ମ ପ୍ରମାଣପତ୍ର ଜାଲିଆତି ମାମଲାରେ ସମ୍ପୃକ୍ତି ନେଇ ଉତ୍ତରପ୍ରଦେଶ ରାମପୁରର ଏକ ସ୍ଥାନୀୟ ଅଦାଲତ ସମାଜବାଦୀ ପାର୍ଟିନେତା ଆଜମ୍ ଖାନ୍, ତାଙ୍କ ସ୍ତ୍ରୀ ତାଜିନ୍ ଫତିମା ଏବଂ ପୁଅ ଅବଦୁଲ୍ଲା ଆଜମଙ୍କୁ ବୁଧବାର ଦୋଷୀସାବ୍ୟସ୍ତ କରିଛନ୍ତି। ସେମାନଙ୍କୁ ୭ ବର୍ଷ ଜେଲଦଣ୍ଡାଦେଶ ଦିଆଯାଇଛି। ରାୟ ପ୍ରକାଶ ପାଇବା ପରେ ସେମାନଙ୍କୁ ସିଧା ଜେଲ ପଠାଇ ଦିଆଯାଇଛି। ଏମ୍‌ପି–ଏମ୍‌ଏଲ୍‌ଏ କୋର୍ଟରେ ମାଜିଷ୍ଟ୍ରେଟ୍ ଶୋଭିତ୍ ବଂଶଲ ୩ ଦୋଷୀଙ୍କୁ ସର୍ବାଧିକ ୭ ବର୍ଷ ଜେଲଦଣ୍ଡ ଶୁଣାଇଥିଲେ। ଆଜମ୍ ତାଙ୍କ ପୁଅ ପାଇଁ ଜାଲ୍ ଜନ୍ମ ସାର୍ଟିଫିକେଟ ପ୍ରସ୍ତୁତ କରିଥିବା ଅଭିଯୋଗ କରି ଭାଜପା ବିଧାୟକ ଆକାଶ ସାକ୍ସେନା ୨୦୧୯ ଜାନୁୟାରୀ ୩ରେ ରାମପୁରର ଗଞ୍ଜ ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରିଥିଲା। ଜାଲ୍ ଜନ୍ମ ତାରିଖ ଥିବା ୨ଟି ପ୍ରମାଣପତ୍ର ସଂଗ୍ରହ କରିବାରେ ପୁଅକୁ ଆଜମ୍ ଓ ତାଙ୍କ ସ୍ତ୍ରୀ ସହଯୋଗ କରିଥିବା ଅଭିଯୋଗରେ ଦର୍ଶାଯାଇଥିଲା। ରାମପୁର ମ୍ୟୁନିସିପାଲିଟି ଇସ୍ୟୁ କରିଥିବା ଜନ୍ମ ପ୍ରମାଣପତ୍ରରେ ଅବଦୁଲ୍ଲା ଆଜମଙ୍କ ଜନ୍ମ ତାରିଖ ୧୯୯୩ ଜାନୁୟାରୀ ୧ ରହିଥିବାବେଳେ ଅନ୍ୟ ସାର୍ଟିଫିକେଟରେ ସେ ୧୯୯୦ ସେପ୍ଟେମ୍ବର ୩୦ରେ ଲକ୍ଷ୍ନୌରେ ଜନ୍ମ ହୋଇଥିବା ଦର୍ଶାଯାଇଥିଲା।

## ରେଲ୍‌ୱେ କର୍ମଚାରୀଙ୍କୁ ୭୮ ଦିନର ବୋନସ

**ନୂଆଦିଲ୍ଲୀ,୧୮।୧୦**

ରେଲ୍‌ୱେର ଅଣଗେଜେଟେଡ୍ କର୍ମଚାରୀମାନଙ୍କୁ ୨୦୨୨–୨୩ ଆର୍ଥିକ ବର୍ଷ ପାଇଁ ୭୮ ଦିନର ବୋନସ୍ ପ୍ରଦାନ କରିବାକୁ କେନ୍ଦ୍ର କ୍ୟାବିନେଟ୍ ବୁଧବାର ମଞ୍ଜୁରୀ ପ୍ରଦାନ କରିଛି। ରେଳ କର୍ମଚାରୀମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନକୁ ସ୍ୱୀକୃତି ସ୍ୱରୂପ ସେମାନଙ୍କୁ ପ୍ରଡକ୍ଟିଭିଟି ଲିଙ୍କ୍‌ଡ ବୋନସ୍ (ପିଏଲ୍‌ବି) ଭାବେ ୧,୯୬୮.୮୭ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହା ଦ୍ୱାରା ୧୧,୦୭,୩୪୬ କର୍ମଚାରୀ ଉପକୃତ ହେବେ ବୋଲି କେନ୍ଦ୍ର ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଟ୍ରେନ୍ ଲୋକୋ ପାଇଲଟ୍, ଟ୍ରାକ୍ ମେଣ୍ଟେନର, ଗାର୍ଡ, ଷ୍ଟେଶନ ମାଷ୍ଟର, ସୁପରଭାଇଜର, ଟେକ୍‌ନିସିଆନ, ଟେକ୍‌ନିସିଆନ୍ ହେଲ୍ପର, ପଏଣ୍ଟସ୍‌ମ୍ୟାନ, ମିନିଷ୍ଟରିଆଲ ଷ୍ଟାଫ୍ ଏବଂ ଅନ୍ୟ ଗ୍ରୁପ୍–ସି କର୍ମଚାରୀ ଏହା ଦ୍ୱାରା ଉପକୃତ ହେବେ। ତେବେ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ଏବଂ ରେଲ୍‌ୱେ ସୁରକ୍ଷା ସ୍ୱତନ୍ତ୍ର ବଳ (ଆର୍‌ପିଏସ୍‌ଏଫ୍) କର୍ମଚାରୀମାନେ ବୋନସ୍ ପାଇବେ ନାହିଁ। ୨୦୨୨–୨୩ ବର୍ଷରେ ରେଲ୍‌ୱେ ୧,୫୦୯ ନିୟୁତ ଟନ୍ ମାଲ୍ ଏବଂ ୬୫୦ କୋଟି ଯାତ୍ରୀ ପରିବହନ କରିଛି।

## ସୌମ୍ୟା ହତ୍ୟା ମାମଲାରେ ୫ ଦୋଷୀ ସାବ୍ୟସ୍ତ

**ନୂଆଦିଲ୍ଲୀ,୧୮।୧୦**

ସାମ୍ବାଦିକା ସୌମ୍ୟା ବିଶ୍ୱନାଥନ୍ ହତ୍ୟା ମାମଲାରେ ଦିଲ୍ଲୀର ଏକ ଅଦାଲତ ବୁଧବାର ୫ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିଛନ୍ତି। ଏଥିସହିତ ମହାରାଷ୍ଟ୍ରର ସଂଗଠିତ ଅପରାଧ ନିୟନ୍ତ୍ରଣ ଆଇନ (ମକୋକା)ରେ ଅଭିଯୁକ୍ତମାନଙ୍କୁ ଦୋଷୀସାବ୍ୟସ୍ତ କରାଯିବା ସହ ସାମ୍ବାଦିକାଙ୍କୁ ଲୁଟ୍ କରିବା ଅଭିଯୋଗରେ ଦୋଷୀ କରାଯାଇଛି। ରବି କପୁର, ଅମିତ୍ ଶୁକ୍ଲା, ବଲଜିତ୍ ମଲିକ ଏବଂ ଅଜୟ କୁମାରଙ୍କୁ ହତ୍ୟା ଓ ଲୁଟ୍ ମାମଲାରେ ଏବଂ ପଞ୍ଚମ ଅଭିଯୁକ୍ତ ଅଜୟ ସେଠୀ ଅପରାଧରେ ସେମାନଙ୍କୁ ସହାୟତା କରିଥିବା ଅଭିଯୋଗରେ ଦିଲ୍ଲୀର ସାକେତ୍ କୋର୍ଟ ଦ୍ୱାରା ଦୋଷୀସାବ୍ୟସ୍ତ ହୋଇଛନ୍ତି।



୨୦୦୮ ସେପ୍ଟେମ୍ବର ୩୦ରେ ଦିଲ୍ଲୀର ବସନ୍ତ ବିହାର ଅଞ୍ଚଳରେ ୨୫ ବର୍ଷୀୟା ସାମ୍ବାଦିକା ସୌମ୍ୟାଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ତାଙ୍କ କାର୍‌ରୁ ମୃତଦେହ ମିଳିଥିଲା। ଆଇଟି କାର୍ଯ୍ୟନିର୍ବାହୀ ଅଧିକାରୀ ଜିଗିଷା ଘୋଷ ହତ୍ୟା ମାମଲାର ତଦନ୍ତ କରୁଥିବା ପୋଲିସ କପୁର, ଶୁକ୍ଲା ଏବଂ ମଲିକଙ୍କୁ ଗିରଫ କରିଥିଲା। ସେମାନଙ୍କୁ ଜେରା ବେଳେ ସୌମ୍ୟା ହତ୍ୟା ସହ ସେମାନଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ପରେ ଅନ୍ୟ ୨ ଜଣ ଗିରଫ ହୋଇଥିଲେ। ୨୦୦୯ରେ ପୋଲିସ ଦାଖଲ କରିଥିବା ଚାର୍ଜଶିଟ୍‌ରେ ହତ୍ୟାକାଣ୍ଡର ଉଦ୍ଦେଶ୍ୟ ଡକାୟତି ଥିବା ଦର୍ଶାଇଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ହତ୍ୟା, ପ୍ରମାଣ ନଷ୍ଟ, ଜାଲିଆତି ଏବଂ ଅପରାଧ ଷଡ଼ଯନ୍ତ୍ର ନେଇ ମାମଲା ରୁଜୁ ହୋଇଥିବାବେଳେ ସମସ୍ତଙ୍କ ବିରୋଧରେ ମକୋକା ମଧ୍ୟ ଲଗାଯାଇଥିଲା। ଦୋଷୀମାନଙ୍କୁ ଆଜୀବନ ଜେଲଦଣ୍ଡ ଦିଆଯାଉ ବୋଲି ସୌମ୍ୟାଙ୍କ ମାଆ ମାଧବୀ ବିଶ୍ୱନାଥନ୍ ଦାବି କରିଛନ୍ତି। ଝିଅକୁ ହତ୍ୟା କରାଯିବା ପରେ ଆମେ ଯେଭଳି ଅବସ୍ଥାରେ ଅଛୁ, ସେମାନଙ୍କ ପରିବାର ମଧ୍ୟ ସେହିଭଳି ଭୋଗିବା ଆବଶ୍ୟକ ବୋଲି ମାଧବୀ କହିଛନ୍ତି।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧୯/୨୦୨୩ | Bhubaneswar, Thursday, October 19/2023 | ପୃଷ୍ଠା-୧





**'ସାଲାର' ରିଲିଜ୍ ପରେ ବିବାହ କରିବେ ପ୍ରଭାସ**
ସାଉଥ୍ ଲୋକପ୍ରିୟ ଅଭିନେତା ପ୍ରଭାସଙ୍କ ଆଗାମୀ ଫିଲ୍ମ 'ସାଲାର' ରିଲିଜ୍ ହେବା ପରେ ସେ ବିବାହ କରିବେ ବୋଲି ଚର୍ଚ୍ଚା ହେଉଛି। **୧୧**

**୧୪** **ଗ୍ଲେନ୍ ଫିଲିପ୍ସଙ୍କ ଦୃଢ଼ ବ୍ୟାଟିଂ**
ଆଫଗାନିସ୍ତାନ ବିପକ୍ଷ ବିଶ୍ୱକପ ମ୍ୟାଚ୍‌ରେ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ସହ ପ୍ଲେୟର ଅଫ୍ ଦ ମ୍ୟାଚ୍ ବିବେଚିତ ନ୍ୟୁଜିଲାଣ୍ଡର ଗ୍ଲେନ୍ ଫିଲିପ୍ସ।




# ୨୦ରୁ ଘରୋଇ ବସ୍ ଧର୍ମଘଟ

## ପାର୍ବଣରେ ପ୍ରଭାବିତ ହେବ ଯାତ୍ରୀ ପରିବହନ ସେବା

**ଦୁର୍ଗାପୂଜା ପାଇଁ ଆସନ୍ତା ୨୦ ତାରିଖରୁ ସ୍କୁଲ, କଲେଜ ଛୁଟି ହେବ। ୨୧ ତାରିଖରୁ ସରକାରୀ ଛୁଟି ମଧ ଘୋଷଣା ହୋଇଯିବ। ଅନେକ ଘରୋଇ ଅନୁଷ୍ଠାନ ବନ୍ଦ ରହିବ। ଫଳରେ କିଏ ଘରମୁହାଁ ତ ପୁଣି କିଏ ସହରକୁ ବୁଲିବାକୁ ବାହାରିଲେଣି। ଏଥିଯୋଗୁ ସରକାରୀ ଓ ଘରୋଇ ବସ୍‌ରେ ପ୍ରବଳ ଭିଡ଼ ହେଲାଣି। କେବଳ ବସ୍ ନୁହେଁ, ରେଳ ଓ ବିମାନରେ ମଧ ଆଗୁଆ ବୁକିଂ ହୋଇସାରିଛି। ଏପରିସ୍ଥଳେ ଆସନ୍ତା ୨୦ ତାରିଖରୁ ସାରା ରାଜ୍ୟରେ ବସ୍ ଧର୍ମଘଟ କରିବାକୁ ଘୋଷଣା କରିଛି ଘରୋଇ ବସ୍ ମାଲିକ ସଂଘ। ରାଜ୍ୟରେ ପ୍ରାୟ ୧୪ ହଜାର ବସ୍ ଚଳାଚଳ କରୁଥିବାରୁ ପାର୍ବଣରେ ଯାତ୍ରୀ ପରିବହନ ସେବା ଗୁରୁତର ଭାବେ ପ୍ରଭାବିତ ହେବା ସୁନିଶ୍ଚିତ ମନେ ହେଉଛି।**

ଭୁବନେଶ୍ୱର,୧୮।୧୦ (ଅନିଲ ଦାସ)



ବସ୍ ମାଲିକମାନଙ୍କ କେତେକ ଦାବି ପୂରଣ ସାଙ୍ଗକୁ ଗ୍ରାମାଞ୍ଚଳରୁ ଜିଲା ମୁଖ୍ୟାଳୟକୁ ସରକାରଙ୍କ ଲକ୍ଷ୍ମୀ ବସ୍ ଚଳାଚଳକୁ ବିରୋଧ କରି ଘରୋଇ ବସ୍ ମାଲିକ ସଂଘ ଏଭଳି ଚରମ ନିଷ୍ପତ୍ତି ନେଇଛି। ରେଳ ନ ଥିବା ସ୍ଥାନକୁ ଯିବା ପାଇଁ ଲୋକମାନେ ବସ୍ ଉପରେ ନିର୍ଭର କରୁଛନ୍ତି। ଜିଲା ମୁଖ୍ୟାଳୟକୁ ଛାଡ଼ିଦେଲେ ଉପାନ୍ତ ଅଞ୍ଚଳକୁ ପ୍ରାୟତଃ ସରକାରୀ ବସ୍ ସେବା ନାହିଁ କହିଲେ ଚଳେ। ଘରୋଇ ବସ୍‌ଗୁଡ଼ିକରେ ଦୈନିକ ପ୍ରାୟ ୭ରୁ ୧୦ ଲକ୍ଷ ଲୋକ ଯାତାୟାତ କରନ୍ତି। ପାର୍ବଣ ସମୟରେ ଏହା ୧୨ରୁ ୧୫ ଲକ୍ଷକୁ ଟପିଯାଏ। ଅନେକ ରାତ୍ରିକାଳୀନ ବସ୍ ୧୫ ଦିନ ଆଗରୁ ବୁକିଂ ହୋଇସାରିଛି। ବନ୍ଦ ଡାକରା ଯୋଗୁ ଆସନ୍ତା ଶୁକ୍ରବାର ରାଜ୍ୟରେ ଘରୋଇ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ। ଏଥିଯୋଗୁ ଯାତାୟାତଜନିତ ଗୁରୁତର ସଙ୍କଟ ସୃଷ୍ଟି ହେବା ଆଶଙ୍କା ଦେଇଛି।

ଅକ୍ଟୋବର ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଲକାନଗିରି ଜିଲା ଷ୍ଟାଡିୟମରୁ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ୩୬ ବସ୍ ଜିଲାର ୧୧୧ ପଞ୍ଚାୟତକୁ ଜିଲା ସଦର ମହକୁମା ସହ ଯୋଡ଼ିବ। ମାଲକାନଗିରି ପରେ ଦ୍ୱିତୀୟ ପର୍ଯ୍ୟାୟରେ ଗଜପତି ଜିଲାରୁ ଲକ୍ଷ୍ମୀ ବସ୍ ସେବା ଆରମ୍ଭ ହେବ ।

ଲକ୍ଷ୍ମୀ ଯୋଜନାରେ ବ୍ଲକରୁ ଜିଲା ମୁଖ୍ୟାଳୟକୁ ବସ୍ ଚଳାଚଳକୁ ବିରୋଧ କରି ଗତ ଅକ୍ଟୋବର ୧୦ରେ ଘରୋଇ ବସ୍ ମାଲିକ ସଂଘ ଧର୍ମଘଟ ଡାକରା ଦେଇଥିଲା। ତେବେ ଏହାକୁ ଏଡ଼ାଇବା ପାଇଁ ଅକ୍ଟୋବର ୯ରେ ସଂଘର କର୍ମକର୍ତ୍ତାଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଲୋଚନା କରାଯାଇଥିଲା। ଲକ୍ଷ୍ମୀ ଯୋଜନାରେ କୌଣସି ବସ୍ ବ୍ଲକରୁ ଜିଲାକୁ ଚଳାଚଳ ନ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଆସନ୍ତା ୨୬ ତାରିଖରେ ସଂଘ କର୍ମକର୍ତ୍ତାଙ୍କ ସହ ପୁଣି ଆଲୋଚନା କରାଯାଇ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ମିଳିଥିଲା। ତେବେ ଅବିଭକ୍ତ କୋରାପୁଟ ଜିଲାରେ ଲକ୍ଷ୍ମୀ ଯୋଜନାରେ ବ୍ଲକରୁ ଜିଲା ସଦର ମହକୁମାକୁ ବସ୍ ଚଳାଚଳ କରୁଛି। ଏହାକୁ ଘରୋଇ ବସ୍ ମାଲିକମାନେ ତୀବ୍ର ବିରୋଧ କରିଛନ୍ତି। ସରକାର ତୁରନ୍ତ ଜିଲା ସଦର ମହକୁମାକୁ ବସ୍ ଚଳାଇବାକୁ ବନ୍ଦ କରନ୍ତୁ, ନଚେତ୍ ରାଜ୍ୟରେ କୌଣସି ଘରୋଇ ବସ୍ ଗଡ଼ିବ ନାହିଁ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଧର୍ମଘଟ ଏଡ଼ାଇବା ପାଇଁ ବୁଧବାର ବସ୍ ମାଲିକ ସଂଘ କର୍ମକର୍ତ୍ତାଙ୍କ ସହ ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର ଓ ଅନ୍ୟ ପରିବହନ ଅଧିକାରୀମାନେ ପ୍ରାୟ ଦେଢ଼ଘଣ୍ଟା ଧରି ଆଲୋଚନା ☞ପୃଷ୍ଠା-୨

## ରଘୁବର ଦାସ ଓଡ଼ିଶାର ନୂଆ ରାଜ୍ୟପାଳ



ନୂଆଦିଲ୍ଲୀ,୧୮।୧୦

ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ରଘୁବର ଦାସ ଓଡ଼ିଶାର ନୂଆ ରାଜ୍ୟପାଳ ହେବେ। ଏନେଇ ରାଷ୍ଟ୍ରପତି ଭବନ ପକ୍ଷରୁ ବୁଧବାର ଏକ ବିଜ୍ଞପ୍ତି ଜାରି କରାଯାଇଛି। ବିଜ୍ଞପ୍ତିରେ କୁହାଯାଇଛି ଯେ, ରଘୁବରଙ୍କୁ ଓଡ଼ିଶା ଏବଂ ତେଲଙ୍ଗାନାର ଭାଜପା ନେତା ଇନ୍ଦ୍ରସେନା ରେଡ୍ଡୀ ନଲ୍ଲୁଙ୍କୁ ତ୍ରିପୁରା ରାଜ୍ୟପାଳ ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଯୁକ୍ତି ପ୍ରଦାନ କରିଛନ୍ତି। ଉଭୟେ ଦାୟିତ୍ୱ ଗ୍ରହଣ କରିବାଠାରୁ ☞ପୃଷ୍ଠା-୨

## କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୪% ବଢ଼ିଲା

ନୂଆଦିଲ୍ଲୀ,୧୮।୧୦

କେନ୍ଦ୍ରୀୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା (ଡିଏ) ୪ ପ୍ରତିଶତ ବଢ଼ାଇବା ପ୍ରସ୍ତାବକୁ ବୁଧବାର କ୍ୟାବିନେଟ ଅନୁମୋଦନ କରିଛି। ଫଳରେ କେନ୍ଦ୍ରୀୟ କର୍ମଚାରୀମାନଙ୍କ ମହଙ୍ଗା ଭତ୍ତା ବର୍ତ୍ତମାନର ୪୨ ପ୍ରତିଶତରୁ ୪୬ ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଗତ ଜୁଲାଇ ୧ରୁ ପିଛିଲା ଭାବେ ଲାଗୁ କରାଯିବ ବୋଲି କେନ୍ଦ୍ର କହିଛି। ସରକାରଙ୍କ ଏହି ନିଷ୍ପତ୍ତି ଯୋଗୁ ୪୮.୬୭ ଲକ୍ଷ କେନ୍ଦ୍ରୀୟ କର୍ମଚାରୀ ଏବଂ ୬୭.୯୫ ଲକ୍ଷ ପେନ୍‌ସନଭୋଗୀ ଉପକୃତ ହେବାକୁ ଯାଉଛନ୍ତି। ସପ୍ତମ କେନ୍ଦ୍ରୀୟ ପେ' କମିଶନଙ୍କ ସୁପାରିସ ଆଧାରିତ ଗ୍ରହଣୀୟ ସୂତ୍ର ଅନୁଯାୟୀ ଡିଏ ବୃଦ୍ଧି କରାଯାଇଛି।


**ଆଜିର ସମ୍ପାଦକୀୟ**
ନିଜ ଭିତରେ ଶକ୍ତି





'ଫାଇନାନ୍ସିଆଲ ଟାଇମ୍ସ' ଖବରକାଗଜରେ ଆଦାନୀ ଗ୍ରୁପ୍‌ର କୋଇଲା ଦୁର୍ନୀତି ଉପରେ ପ୍ରକାଶିତ ରିପୋର୍ଟ ଗଣମାଧ୍ୟମକୁ ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦେଖାଉଛନ୍ତି। (ଫଟୋ: ଚମନ ଗୌତମ)

# କୋଇଲା ଦାମ୍ ବଢ଼ାଇ ୧୨,୦୦୦ କୋଟି ଲୁଟିଛି ଆଦାନୀ: ରାହୁଲ

ନୂଆଦିଲ୍ଲୀ,୧୮।୧୦

ଆଦାନୀ ଗ୍ରୁପ୍ ବିଦେଶରୁ ବର୍ଦ୍ଧିତ ଦରରେ କୋଇଲା ଆମଦାନୀ କରୁଥିବାରୁ ଭାରତରେ ବିଦ୍ୟୁତ୍ ଦେୟ ବଢ଼ିଯାଇଛି। ଏହି ବ୍ୟବସାୟିକ ଗୋଷ୍ଠୀ ସମୂହ ଏଭଳି ଭାବେ ଲୋକଙ୍କଠାରୁ ୧୨,୦୦୦ କୋଟି ଟଙ୍କା ଲୁଟିସାରିଲାଣି ବୋଲି ବୁଧବାର ଏକ ମିଡିଆ ରିପୋର୍ଟ ଆଧାରରେ କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ ଟାର୍ଗେଟ କରିଛନ୍ତି। ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ କଂଗ୍ରେସ ନେତା ରାହୁଲ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ଶିଳ୍ପପତି ଗୌତମ ଆଦାନୀ ଇଣ୍ଡୋନେସିଆରୁ କୋଇଲା କିଣନ୍ତି। ସେହି କୋଇଲା ଭାରତରେ ପହଞ୍ଚିଲାବେଳକୁ ତା'ର ମୂଲ୍ୟ ୨ ଗୁଣା ବଢ଼ିଯାଇଥାଏ। ଆଦାନୀ ଏଭଳି ଭାବେ ଗରିବ ଭାରତୀୟମାନଙ୍କ ପକେଟରୁ ପ୍ରାୟ ୧୨,୦୦୦ କୋଟି ଟଙ୍କା ନେଇସାରିଲେଣି। କର୍ଣ୍ଣାଟକରେ କଂଗ୍ରେସ କ୍ଷମତାସୀନ ହେବା ପରେ ବିଦ୍ୟୁତ୍‌ରେ ରିହାତି ଦେଉଛି। ମଧ୍ୟପ୍ରଦେଶରେ କ୍ଷମତାକୁ ଫେରିଲେ ଅନୁରୂପ ରିହାତି ପ୍ରଦାନ କରାଯିବ। ଆଦାନୀଙ୍କ ଦୁର୍ନୀତି ଯୋଗୁ ବିଦ୍ୟୁତ୍ ବିଲ୍ ବଢ଼ୁଥିବା ବିଷୟ ଉପଭୋକ୍ତାମାନେ ବୁଝିବା ଜରୁରୀ। ରାହୁଲ ଆହୁରି କହିଛନ୍ତି, ବ୍ରିଟିଶ୍ ଖବରକାଗଜ 'ଫାଇନାନ୍ସିଆଲ ଟାଇମ୍ସ' 'ଆଦାନୀ ଆଣ୍ଡ୍ ମିଷ୍ଟେରିଅସ୍ କୋଲ୍ ପ୍ରାଇସ୍' ଶୀର୍ଷକ ଏକ ଷ୍ଟୋରି ପ୍ରକାଶ କରିଛି। କିନ୍ତୁ ଏହି ପ୍ରସଙ୍ଗ ଭାରତରେ କେବେ ଆଲୋଚନା ହୋଇ ନ ଥାଏ। ଆଦାନୀ ଗରିବଙ୍କଠାରୁ ଟଙ୍କା ନିଅନ୍ତି। ଏହି ରିପୋର୍ଟ ଯେକୌଣସି ସରକାରର ପତନ ଘଟାଇପାରିବ। ଏହା ହେଉଛି ପ୍ରତ୍ୟକ୍ଷ ଚୋରି। କିନ୍ତୁ ଆଦାନୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରମ୍ବାର ସୁରକ୍ଷା ଦେଇଆସୁଛନ୍ତି। ☞ପୃଷ୍ଠା-୨

# ପୁରୁଣା ଜମି ସମସ୍ୟା ସମାଧାନ ହେବ

ଭୁବନେଶ୍ୱର,୧୮।୧୦(ଅନିଲ ଦାସ)



**ମୁଖ୍ୟମନ୍ତ୍ରୀଙ୍କ ଐତିହାସିକ ନିଷ୍ପତ୍ତି**

- **୫-ଟି ସଚିବଙ୍କ ଜିଲା ଗସ୍ତ ପରେ ଫିଟିଲା ବାଟ**
- **ଉପକୃତ ହେବେ କଟକ, ପୁରୀ ଓ ବାଲେଶ୍ୱରର ୨ ଲକ୍ଷ ଚାଷୀ**

ବିଭିନ୍ନ ସ୍ଥାନରେ ଜମି ସମସ୍ୟାର ସମାଧାନ କରି ଲୋକଙ୍କୁ ପଟ୍ଟା ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ସିକିମ ରୟତମାନଙ୍କ ଜମି ଓ ସମ୍ବଲପୁର ଜିଲା ରେଙ୍ଗାଲି ତହସିଲର ହୀରାକୁଦ ବାସହ୍ୟୁତମାନଙ୍କ ଜମି ସମସ୍ୟାର ସମାଧାନ ପାଇଁ ନିଷ୍ପତ୍ତି ନିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏ ସମ୍ପର୍କରେ ସେପ୍ଟେମ୍ବର ପ୍ରଥମ ଓ ଦ୍ୱିତୀୟ ସପ୍ତାହରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସହ ୩ ଥର ବୈଠକ ଅନୁଷ୍ଠିତ ହୋଇଥିଲା। ସେହି ସମୀକ୍ଷା ବୈଠକ ନିଷ୍ପତ୍ତିର ଅଗ୍ରଗତି ସମ୍ପର୍କରେ ବୁଧବାର ଆଉ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ କରାଯାଇ ଲୋକଙ୍କୁ ଜମି ଯୋଗାଇ ଦେବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ ହୀରାକୁଦ ☞ପୃଷ୍ଠା-୨

# ବିବାହ ଯୋଜନା ଭଣ୍ଡୁର ହେଲା



**ଦିନେ ସତ ହେବ ସମଲିଙ୍ଗୀ ବିବାହ: ଦୂତୀ**

ନୂଆଦିଲ୍ଲୀ,୧୮।୧୦

ଭାରତରେ ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ଦେବାକୁ ସୁପ୍ରିମକୋର୍ଟ ମଙ୍ଗଳବାର ମନା କରିଦେଇଛନ୍ତି। ଫଳରେ ଓଡ଼ିଶାର ଖ୍ୟାତନାମା ଧାବିକା ଦୂତୀ ଚାନ୍ଦଙ୍କ ବିବାହ ଯୋଜନା ଭଣ୍ଡୁର ହୋଇଥିବା ସେ କହିଛନ୍ତି। ପାର୍ଟନର ମୋନାଲିସାଙ୍କୁ ବିବାହ କରିବାକୁ ଯୋଜନା କରିଥିଲେ। ତେବେ ଭାରତରେ ଦିନେ ନା ଦିନେ ସମଲିଙ୍ଗୀ ବିବାହ ବାସ୍ତବ ରୂପ ନେବ ବୋଲି ସେ ଆଶା ବାନ୍ଧିଛନ୍ତି। ସୁପ୍ରିମକୋର୍ଟଙ୍କ ୫ ଜଣିଆ ସାମ୍ବିଧାନିକ ପୀଠ ମଙ୍ଗଳବାର ସମଲିଙ୍ଗୀ ବିବାହକୁ ସ୍ୱତନ୍ତ୍ର ବିବାହ ଆଇନ ଅଧୀନରେ ମାନ୍ୟତା ଦେବାକୁ ମନା କରିଥିଲେ ମଧ ସମାନ ଲିଙ୍ଗର ବ୍ୟକ୍ତିଙ୍କ ମିଳନ ସମ୍ପର୍କିତ ଆଇନ ପାର୍ଲାମେଣ୍ଟ ଆଣିପାରିବ ବୋଲି ରାୟ ଦେଇଥିଲେ। ଦୂତୀ ନିଜ ପ୍ରତିକ୍ରିୟାରେ କହିଛନ୍ତି, ସୁପ୍ରିମକୋର୍ଟ ସମଲିଙ୍ଗୀମାନଙ୍କୁ ସହାବସ୍ଥାନ ପାଇଁ ବାରଣ କରିନାହାନ୍ତି। ଦେଶରେ ସମଲିଙ୍ଗୀଙ୍କ ମଧ୍ୟରେ ବିବାହ ପାଇଁ କୌଣସି ଆଇନ ନ ଥିବାରୁ ଏଥିରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିନାହାନ୍ତି। କିନ୍ତୁ କେନ୍ଦ୍ର ସରକାର ଓ ପାର୍ଲାମେଣ୍ଟ ନିଶ୍ଚିତ ଭାବେ ଏହି ପ୍ରସଙ୍ଗକୁ ବିଚାରକରି ଭବିଷ୍ୟତରେ ସମଲିଙ୍ଗୀ ବିବାହ ପାଇଁ ଉପଯୁକ୍ତ ଆଇନ ପ୍ରଣୟନ କରିବେ। ଏନେଇ ଆମେ ଆଶାବାଦୀ ବୋଲି ଦୂତୀ କହିଛନ୍ତି।

୫ ବର୍ଷ ଧରି ନିଜ ପାର୍ଟନର ମୋନାଲିସାଙ୍କ ସହ ସମ୍ପର୍କରେ ଥିବା ନେଇ ପ୍ରଘଟ କରିବାକୁ ଦ୍ୱିଧା ପ୍ରକାଶ କରୁ ନ ଥିବା ଦୂତୀ ଆହୁରି କହିଛନ୍ତି, ଆମେ ଦୁହେଁ ପରସ୍ପରକୁ ଭଲ ପାଉ। ଏକାଠି ରହି ବାହାହେବାକୁ ନିଷ୍ପତ୍ତି ନେଇଛୁ। ସମଲିଙ୍ଗୀ ବିବାହକୁ ସହରୀ-ଗାଉଁଲୀ, ☞ପୃଷ୍ଠା-୨


**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ ଧ୍ରୁବଂ ଜନ୍ମ ମୃତସ୍ୟ ଚ ।
ତସ୍ମାଦପରିହାର୍ଯ୍ୟର୍ଥେ ନ ତ୍ୱଂ ଶୋଚିତୁ ମହର୍ଷି ।।



**ସ୍ୱ଼ଘନଶ୍ୟାମ ଜେନା**
ଆବିର୍ଭାବ: ୧୦.୦୪.୧୯୩୦
ତିରୋଧାନ: ୦୯.୧୦.୨୦୨୩

**ସ୍ୱ଼ହେମଲତା ଜେନା**
ଆବିର୍ଭାବ: ୨୦.୦୪.୧୯୩୩
ତିରୋଧାନ: ୦୮.୧୦.୨୦୨୩

ଶୋକସନ୍ତପ୍ତ : ଅନୁଷ୍ଠାନ କର୍ମକର୍ତ୍ତା ଓ କର୍ମଚାରୀବୃନ୍ଦ

Founder and General Secretary FCI Workers' Union
Secretary, All India Food and Allied Workers' Union
Chairman, Ghanashyam Hemalata Vidya Mandir Society
Chairman, FCI Workers' Credit Co-operative Society
President, Paradeep Port & Dock Mazhdoor Workers' Union
President, IFFCO Karmachari & Shramik Union
President, Petroleum Products Handling & Carriers Employees Union
Founder of all the above organisations

ଆପଣଙ୍କ ଦେହାବସାନ ଆମ୍ଭମାନଙ୍କୁ ସ୍ତମ୍ଭିଭୂତ କରିଦେଇଛି । ଆପଣଙ୍କ ଅବର୍ତ୍ତମାନରେ ସୃଷ୍ଟି ହୋଇଥିବା ଶୂନ୍ୟତାର ଅନୁଭୂତି ଭାଷାରେ ପ୍ରକାଶ କରିବା କଷ୍ଟକର । ଆପଣଙ୍କ ପ୍ରେରଣାର ଉତ୍ସ ହେମଲତା ଦେବୀଙ୍କ ବିୟୋଗକୁ ଆପଣ ସହଜରେ ଗ୍ରହଣ କରିନପାରି ମାତ୍ର ୨୪ ଘଣ୍ଟା ଭିତରେ ଆରପାରିକୁ ଚାଲିଗଲେ । ଆପଣ ଦୁଇଜଣଙ୍କ ହଠାତ୍ ଦେହାବସାନକୁ ସହଜରେ ଗ୍ରହଣ କରିବା କେତେ ଯେ କଷ୍ଟକର ତାହା ଆପଣଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ସମସ୍ତ ଅନୁଷ୍ଠାନର କର୍ମକର୍ତ୍ତା ଓ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ପରିବାର ଲୋକଙ୍କ ଯାଏଁ ସମସ୍ତେ ଅନୁଭବ କରୁଛନ୍ତି । ମହାପ୍ରଭୁ ଶ୍ରୀ ଜଗନ୍ନାଥ ତାଙ୍କ ପାଦତଳେ ଆପଣ ଦୁହିଙ୍କ ଆତ୍ମାକୁ ସ୍ଥାନ ଦିଅନ୍ତୁ । ଏହା ହିଁ ଆମ୍ଭ ସମସ୍ତଙ୍କର ପ୍ରାର୍ଥନା ।

**ହତଭାଗ୍ୟ ପୁତ୍ର** - ତନ୍ମୟ ଜେନା, ଚିନ୍ମୟ ଜେନା, **ବୋହୂ** - ଗୀତାଞ୍ଜଳି, ସ୍ମିତା
**ଝିଅ** - ନମିତା, ବନଜ୍ୟୋସ୍ନା, ଅନୁସ୍ମିତା, ପଦ୍ମଜା, **ଜ୍ୱାଇଁ** - ପ୍ରଭାତ, ହିମାଦ୍ରି, ପ୍ରସନ୍ନ, ବିରଜା
ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡେଙ୍ଗା ନଡ଼ିଆ ବାଙ୍ଗର ଗୁଆ**
**ମଝି ମଝିକିଆ ତାଳ**
**ମଞ୍ଜି ଲଗାଇ ଗଛ କରିଲେ**
**ଫଳୁଥିବ କାଳ କାଳ।**

ଡେଙ୍ଗା ନଡ଼ିଆ ଗଛ, ବାଙ୍ଗର ଗୁଆ ଗଛ ଓ ମଝିମଝିକିଆ ତାଳ ଗଛ ସର୍ବୋତ୍କୃଷ୍ଟ। ଏହି ଧରଣର ଗଛଗୁଡ଼ିକରୁ ସଂଗୃହୀତ ମଞ୍ଜି ବା ଚାରାକୁ ବାଡ଼ି ବଗିଚାରେ ଲଗାଇଲେ ତାହା ବହୁ କାଳ ପର୍ଯ୍ୟନ୍ତ ଫଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଡାଳ ପରେ ମୂଳ ଖାଇ**
**ଏବେ ବୁଲୁଅଛି ଅଚିନ୍ତା ହୋଇ।**

ପୈତୃକ ସମ୍ପତ୍ତିକୁ ବ୍ୟର୍ଥରେ ଉଡ଼େଇଦେବା ପରେ ମଧ କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ କି ଅଚିନ୍ତା ହୋଇ ବୁଲୁଥିବାର ଦେଖିବାକୁ ମିଳିଥାଏ। ଅକର୍ମା ତଥା କୁଳାଙ୍ଗାର ବ୍ୟକ୍ତିଙ୍କ ପ୍ରତି ଏଭଳି କଟୂକ୍ତି ଭାବ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




# ଦୁର୍ଘଟଣାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ

ବୈଶିଙ୍ଗା,୧୮।୧୦(ରତନ ଦାଶ)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ବୈଶିଙ୍ଗା ବଜାରସ୍ଥିତ ଅନ୍ନପୂର୍ଣ୍ଣା ହୋଟେଲ ସମ୍ମୁଖରେ ବୁଧବାର ରାତି ୮ଟା ସମୟରେ ଦୁର୍ଘଟଣାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ସନ୍ତରା ପଞ୍ଚାୟତ ମଦାସାହି ଗ୍ରାମର ଧନୁ ଖାନଙ୍କ ପୁଅ ସଇଦ (୩୯) ଏବଂ ସେହି ଗ୍ରାମର ପାଗୁଲୁ ସିଂଙ୍କ ପୁଅ ସୁକୁରା(୩୦)। ସୂଚନା ଅନୁଯାୟୀ, ସୁକୁରାଙ୍କୁ ପଛରେ ବସାଇ ସଇଦ ଏକ ବାଇକ୍‌ରେ ବୈଶିଙ୍ଗା ଅଭିମୁଖେ ଦ୍ରୁତ ଗତିରେ ଆସୁଥିଲେ। ବୈଶିଙ୍ଗା ବଜାରରେ ପହଞ୍ଚିବା ପୂର୍ବରୁ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଲୁହା ବାରିକେଡ୍‌ରେ ଧକ୍କା ଦେଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ବୈଶିଙ୍ଗା ଡାକ୍ତରଖାନା ଏବଂ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ ମଧ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବୈଶିଙ୍ଗା ପୋଲିସ ଏକ ମାମଲା(ନଂ. ୩୮୬/୨୩) ରୁଜୁ କରି ତଦନ୍ତ ଜାରି ରଖିଛି।

## ପ୍ରଥମ ପୃଷ୍ଠାରୁ...

### ୨୦ରୁ ଘରୋଇ ...

କରିଥିଲେ। ଧର୍ମଘଟ ନ କରିବାକୁ ଅନୁରୋଧ କରିଥିଲେ। ତେବେ ଜିଲା ମୁଖ୍ୟାଳୟକୁ ଲକ୍ଷ୍ମୀ ବସ୍ ଚଳାଚଳ ନ କରିବାକୁ ଲିଖିତ ପ୍ରତିଶ୍ରୁତି ନ ମିଳିବା ଯାଏ ଧର୍ମଘଟରୁ ଓହରିବେ ନାହିଁ ବୋଲି ସଂଘ ଅଡ଼ିବସିଛି। ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି, ସରକାର ଜିଲା ମୁଖ୍ୟାଳୟକୁ ଲକ୍ଷ୍ମୀ ବସ୍ ନ ଚଳାଇବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ମାଲକାନଗିରି ସମେତ ଅବିଭକ୍ତ କୋରାପୁଟ ଜିଲାରେ ଲକ୍ଷ୍ମୀ ବସ୍ ସେବା ଆରମ୍ଭ କରାଯାଇଛି। ଏହାକୁ ବସ୍ ମାଲିକମାନେ ବିରୋଧ କରୁଛନ୍ତି। ଯଦି ଜିଲା ମୁଖ୍ୟାଳୟକୁ ଲକ୍ଷ୍ମୀ ବସ୍ ସେବା ଚାଲିବ ତା'ହେଲେ ଘରୋଇ ମାଲିକମାନେ ବସ୍ ବିକ୍ରି କରିବାକୁ ବାଧ୍ୟ ହେବେ। ତେଣୁ ସରକାର ଲିଖିତ ପ୍ରତିଶ୍ରୁତି ନ ଦେବା ଯାଏ ଧର୍ମଘଟକୁ ଓହରିବୁ ନାହିଁ । ଅନିଚ୍ଛା ସତ୍ତ୍ୱେ ପାର୍ବଣରେ ଧର୍ମଘଟ ଡାକରା ଦେବାକୁ ବାଧ୍ୟ ହୋଇଛୁ। ଯାତ୍ରୀମାନଙ୍କ ନିକଟରେ ଆମେ କ୍ଷମାପ୍ରାର୍ଥନା କରୁଛୁ। ସରକାର ତୁରନ୍ତ ଏ ଦିଗରେ ନିଷ୍ପତ୍ତି ନିଅନ୍ତୁ ବୋଲି ସାହୁ କହିଛନ୍ତି। ସୂଚନାଥାଉ କି, ରାଜ୍ୟ ସରକାର ଲକ୍ଷ୍ମୀ ଯୋଜନାରେ ସାରା ରାଜ୍ୟରେ ୧୬୦୦ ବସ୍ ଚଳାଇବେ। ୧୬୦୦ରୁ ୧୦୦୦ ବସ୍ ପଞ୍ଚାୟତରୁ ବ୍ଲକ ଓ ୬୦୦ ବସ୍ ବ୍ଲକରୁ ଜିଲା ମୁଖ୍ୟାଳୟ ମଧ୍ୟରେ ଚଳାଚଳ କରିବ। ଏହି ୬୦୦ ବସ୍ ମଧ୍ୟରେ ଘରୋଇ ବସ୍‌କୁ ସାମିଲ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ସରକାର ଏହାକୁ ବିଚାରକୁ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଆସନ୍ତା ଅକ୍ଟୋବର ୩୧ ଯାଏ ବ୍ଲକରୁ ଜିଲା ସଦର ମହକୁମାକୁ ଲକ୍ଷ୍ମୀ ବସ୍ ଚଳାଚଳ କରିବ ନାହିଁ। ଅନ୍ୟାନ୍ୟ ଦାବିଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ସରକାରଙ୍କ ପ୍ରତିଶ୍ରୁତି ପାଳନ କରାଯାଉ ନ ଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଭୁବନେଶ୍ୱରର ଏକ ଘରୋଇ କମ୍ପାନୀରେ ସଫ୍ଟୱେର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ଦେବାଶିଷ ମହାନ୍ତି କହିଛନ୍ତି, ୬ ମାସ ହେବ ନିଜ ଗାଁକୁ ଯାଇନାହାନ୍ତି। ପାର୍ବଣରେ ସେ ନିଜ ଘର କେନ୍ଦ୍ରାପଡ଼ାକୁ ପରିବାର ସହ ଯିବେ। କେନ୍ଦ୍ରାପଡ଼ାକୁ ରେଳ ସୁବିଧା ନ ଥିବାରୁ ବସ୍‌ରେ ଯିବାକୁ ସେ ପ୍ରସ୍ତୁତ ହୋଇଛନ୍ତି। ଯଦି ବସ୍ ଧର୍ମଘଟ ହେବ, ତେବେ ସେ ବହୁତ ଅସୁବିଧାର ସମ୍ମୁଖୀନ ହେବେ ବୋଲି କହିଛନ୍ତି। ରାଜଧାନୀରେ ପରିବା ବ୍ୟବସାୟ କରୁଥିବା କନ୍ଧମାଳ ଫିରିଙ୍ଗିଆର ସୁକାନ୍ତ ନାହାକ କହିଛନ୍ତି, ଦଶହରାରେ ଗାଁରେ ଆମେ ସମସ୍ତେ ଏକାଠି ହୋଇଥାଉ । ଗାଁରେ ଦଶହରା ହେଉଥିବାରୁ ଆସନ୍ତା ୨୧ ତାରିଖରେ ଘରକୁ ଯିବାକୁ ବାହାରିଛି । ବସ୍ ଧର୍ମଘଟ କଥା ଶୁଣି ମନ ଶୁଖିଗଲାଣି। ସରକାର ବସ୍‌ବାଲାଙ୍କ ସହ କଥା ହୋଇ ସମସ୍ୟା ସମାଧାନ କରନ୍ତୁ ବୋଲି ସେ କହିଛନ୍ତି।

### ରଘୁବର ଦାସ ଓଡ଼ିଶାର...

ସେମାନଙ୍କ କାର୍ଯ୍ୟକାଳ ଆରମ୍ଭ ହେବ। ୬୮ ବର୍ଷୀୟ ରଘୁବର ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଥିବାବେଳେ ବର୍ତ୍ତମାନ ଭାଜପାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅଛନ୍ତି। ଓଡ଼ିଶାର ବର୍ତ୍ତମାନର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ସ୍ଥାନରେ ରଘୁବର ୨୬ତମ ରାଜ୍ୟପାଳ ଭାବେ ଅବସ୍ଥାପିତ ହେବେ।

### ବିବାହ ଯୋଜନା ...

ଉଚ୍ଚ-ନୀଚ, ଜାତି, ବର୍ଣ୍ଣ ଓ ଧର୍ମ ଆଧାରରେ ଦେଖାଯିବା ଅନୁଚିତ। ଏହା ମାନବ ଜାତିର ଏକ ସମସ୍ୟା। ଜୀବନରେ ସମସ୍ତଙ୍କୁ ଉପଯୁକ୍ତ ଅଧିକାର ମିଳିବା ଉଚିତ। ବିଧବା ବିବାହ ନେଇ ଭାରତରେ ଯେପରି କୌଣସି ଆଇନ ନ ଥିଲା ଆଜି ସମଲିଙ୍ଗୀ ବିବାହ ସମ୍ପର୍କିତ ଆଇନ ନାହିଁ। ତେବେ ବିଧବା ବିବାହ ଭଳି ସମଲିଙ୍ଗୀମାନଙ୍କୁ ମଧ୍ୟ ବିବାହ ପାଇଁ ଦିନେ ଅନୁମତି ମିଳିବ ବୋଲି ଦୂତୀ ଯୁକ୍ତି ବାଢ଼ିଛନ୍ତି।

### କୋଇଲା ଦାମ୍ ବଢ଼ାଇ..

ଏହା ଉପରେ ମୋଦି କେବେହେଲେ ମୁହଁ ନ ଖୋଲିବାର କାରଣ ବୁଝିହେଉନାହିଁ। ଆଦାନୀଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ୨୦୨୪ରେ କଂଗ୍ରେସ ସରକାର ଗଢ଼ିଲେ ଏହା ଉପରେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ପ୍ରକାଶ ଯେ, 'ଫାଇନାନ୍ସିଆଲ ଟାଇମ୍ସ' ପକ୍ଷରୁ ପ୍ରକାଶିତ ରିପୋର୍ଟକୁ ନେଇ ନିକଟରେ ଆଦାନୀ ଗ୍ରୁପ୍‌ର ପ୍ରତିକ୍ରିୟା ଆସିଥିଲା। ଉକ୍ତ ଖବରକାଗଜ ଆଦାନୀ ଗ୍ରୁପ୍‌ର ବୈଶ୍ୱିକ ଖ୍ୟାତିକୁ କ୍ଷତି ପହଞ୍ଚାଇବା ପାଇଁ ପୁରୁଣା, ମନଗଢ଼ା ଓ ଭିତ୍ତିହୀନ ଅଭିଯୋଗ ଆଣୁଥିବା ଗୌତମଙ୍କ କମ୍ପାନୀ ସମାଲୋଚନା କରିଥିଲା। ଏହାର ପ୍ରାୟ ସପ୍ତାହେ ପରେ ରାହୁଲ ଆଦାନୀ ଗ୍ରୁପ୍‌କୁ ଟାର୍ଗେଟ କରିଛନ୍ତି। ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଏହି ପ୍ରସଙ୍ଗ ଉଠାଇବା ପରେ ଭାଜପା ତାଙ୍କ ପରିବାର ବିରୋଧରେ ଦୁର୍ନୀତି ଅଭିଯୋଗ ଆଣି ସମାଲୋଚନା କରିଛି। ଭାଜପା ମୁଖପାତ୍ର ଗୌରବ ଭାଟିଆ କହିଛନ୍ତି, ଆଦାନୀଙ୍କ ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାବେଳେ ରାହୁଲଙ୍କ ମନ୍ତବ୍ୟରୁ ବୁଝି ହେଉଛି ଯେ, ଦେଶର ସମ୍ବିଧାନ କିମ୍ବା ସର୍ବୋଚ୍ଚ ଅଦାଲତଙ୍କ ଉପରେ ତାଙ୍କର ଭରସା ନାହିଁ। ଗାନ୍ଧୀମାନେ ହେଉଛନ୍ତି ବିଶ୍ୱର ସବୁଠୁ ଅଧିକ ଦୁର୍ନୀତିଗ୍ରସ୍ତ ପରିବାର। ରାହୁଲ ନିଜେ 'ନ୍ୟାଶନାଲ ହେରାଲ୍ଡ' ମାମଲାରେ ଜାମିନରେ ଆସିଛନ୍ତି। ରାହୁଲଙ୍କ ଭିଣୋଇ ରବର୍ଟ ଭଦ୍ରାଙ୍କ ଦୁର୍ନୀତି ଉପରେ କଂଗ୍ରେସ ନେତାମାନେ କେବେ ମୁହଁ ଖୋଲନ୍ତି ନାହିଁ ବୋଲି ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ଗୌରବ କହିଛନ୍ତି।

# ନିଯୁକ୍ତି ପ୍ରତିଶ୍ରୁତି ମିଳିଲେ ସମର୍ଥନ

## ସିଜିମାଳି ଖଣି ପରିବେଶ ମଞ୍ଜୁରୀ ପାଇଁ ଜନଶୁଣାଣି

ଭବାନୀପାଟଣା/ଥୁଆମୂଳ ରାମପୁର, ୧୮।୧୦(ଉତ୍ତମ କୁମାର ଦାଶ/ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଓ ରାୟଗଡା ଜିଲା ମଧ୍ୟରେ ଥିବା ସିଜିମାଳି ବକ୍ସାଇଟ ଖଣିକୁ ନେଇ ଏବେ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ବାଦନୁବାଦ ଲାଗି ରହିଛି। ଏପରିସ୍ଥଳରେ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କେରପାଇ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ବେଦାନ୍ତ କମ୍ପାନୀକୁ ସିଜିମାଳି ବକ୍ସାଇଟ ଖଣି ଲିଜ୍ ଦେବା ନେଇ ବୁଧବାର ପରିବେଶ ମଞ୍ଜୁରୀ ସମ୍ବନ୍ଧୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜନଶୁଣାଣିରେ ଖଣି ପ୍ରଭାବିତ ଥୁଆମୂଳ ରାମପୁର ବ୍ଲକ କେରପାଇ, ନାକରୁଣ୍ଡି, ତଳଆମପଦର ପଞ୍ଚାୟତର ୧୮ଟି ଗ୍ରାମରୁ ବହୁ ଲୋକ ଉପସ୍ଥିତ ରହି ଖଣି ଖନନ ନେଇ ମତ ରଖିଥିଲେ। ଖଣିକୁ ନେଇ ଉଭୟ ବିପକ୍ଷ ଓ ସପକ୍ଷରେ ଅଞ୍ଚଳବାସୀ ମତ ରଖିଥିଲେ। ଖଣି ଖନନ ହେଲେ ଅଞ୍ଚଳର ବହୁ ଆଦିବାସୀଙ୍କ ଜୀବନ ଜୀବିକା ନଷ୍ଟ ହେବ ବୋଲି ଲୋକ କହିଛନ୍ତି।

ଅପରପକ୍ଷରେ ଖଣି ଖନନ ସପକ୍ଷରେ ମତ ରଖି କିଛି ଲୋକ କହିଥିଲେ ଯେ, ସମସ୍ତ ଘର ଲୋକଙ୍କୁ ଚାକିରି ଦେବା ପାଇଁ ପ୍ରଥମେ ଏଗ୍ରିମେଣ୍ଟ କମ୍ପାନୀ କରୁ, ତା ପରେ ଆମେ ଜଙ୍ଗଲ ଛାଡ଼ିବୁ। ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଅଶୋକ ଭୋଇଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ଅଞ୍ଚଳବାସୀଙ୍କ ମିଶ୍ର ସ୍ୱର ଶୁଣିବାକୁ ମିଳିଥିଲା। ଜନଶୁଣାଣିର ସମସ୍ତ ରିପୋର୍ଟ ରାଜ୍ୟ ସରକାରଙ୍କୁ ପଠାଇ ଦିଆଯିବ। ଏହି ତଥ୍ୟ ଉପରେ ସରକାର ଯାହା ନିଷ୍ପତ୍ତି ଗ୍ରହଣ କରିବେ ବୋଲି ଅତିରିକ୍ତ ଜିଲାପାଳ ଦରୱାନ ପ୍ରକାଶ କରିଥିଲେ। ସୁରକ୍ଷା ଦୃଷ୍ଟିରୁ ପୋଲିସ ପକ୍ଷରୁ ୨୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିବାବେଳେ ଘଟଣାସ୍ଥଳରେ କଳାହାଣ୍ଡି ଏସପି ଅଭିଲାଷ ଜି.ଙ୍କ ସମେତ ୩ଜଣ ଅତିରିକ୍ତ ଏସପି, ୩ ଡିଏସପି ଓ ବିଭିନ୍ନ ଥାନାର ଆଇଆଇସି, ଏସଆଇ, ଏଏସଆଇ ଉପସ୍ଥିତ ଥିଲେ। ପ୍ରଶାସନ ପକ୍ଷରୁ ସ୍ଥିତି ନିୟନ୍ତ୍ରଣ ପାଇଁ ଭବାନୀପାଟଣା ଉପଜିଲାପାଳ ଡା. ବିଶ୍ୱଜିତ ଦାସ, କଳାହାଣ୍ଡି ତହସିଲଦାର ଉପେନ୍ଦ୍ର ଲୁହା, ଥୁଆମୂଳ ରାମପୁର ତହସିଲଦାର ଚିନ୍ମୟ ନାଏକ, ବିଡିଓ ଶୁଭକାନ୍ତ ନାୟକ, ଜୁନାଗଡ଼ ବିଡିଓ ଦେବାଶିଷ କରଙ୍କ ସମେତ ଅନ୍ୟ ବ୍ଲକ ତହସିଲଦାର ଓ ବିଡିଓମାନେ ଉପସ୍ଥିତ ଥିଲେ।


କେରପାଇରେ ଅନୁଷ୍ଠିତ ଜନଶୁଣାଣି।

# ଷ୍ଟ୍ରୋକ୍‌ରେ ଓଡ଼ିଶା ଦ୍ୱିତୀୟ

## ସାଢ଼େ ୪ ଘଣ୍ଟା ହେଉଛି ଗୋଲ୍‌ଡେନ୍ ଆୱାର

ଭୁବନେଶ୍ୱର, ୧୮।୧୦(ଅସମାପିକା ସାହୁ)

ଦେଶରେ ପ୍ରତି ୬ ସେକେଣ୍ଡରେ ଜଣେ ବ୍ୟକ୍ତିଙ୍କ ଷ୍ଟ୍ରୋକ୍‌ରେ ମୃତ୍ୟୁ ଘଟୁଛି। ପ୍ରତିବର୍ଷ ୧୭ଲକ୍ଷ ଲୋକ ଷ୍ଟ୍ରୋକ୍‌ର ଶିକାର ହେଉଥିବାବେଳେ ଏମାନଙ୍କ ମଧ୍ୟରୁ ପ୍ରାୟ ୬ଲକ୍ଷ ଆଖି ବୁଜିଥାନ୍ତି। ଏ କ୍ଷେତ୍ରରେ ଓଡ଼ିଶାର ସ୍ଥିତି ଜଟିଳ ରହିଛି। ଆଇସିଏମ୍‌ଆର୍ ଷ୍ଟଡିରୁ ଜଣାପଡ଼ିଛି ଯେ, ଷ୍ଟ୍ରୋକ୍ ରୋଗୀ ସଂଖ୍ୟାରେ ଦେଶରେ ପଶ୍ଚିମବଙ୍ଗ ପ୍ରଥମ ସ୍ଥାନରେ ରହିଥିବାବେଳେ ଓଡ଼ିଶା ହେଉଛି ଦ୍ୱିତୀୟ ସର୍ବାଧିକ ରାଜ୍ୟ ବୋଲି ବିଶିଷ୍ଟ ନ୍ୟୁରୋଲୋଜିଷ୍ଟ ଡା. ଶୁଭ୍ରାଂଶୁ ଶେଖର ଜେନା କହିଛନ୍ତି। ଆଇଏଫ୍‌ଆଇ ଫାଉଣ୍ଡେଶନ ପକ୍ଷରୁ ଓଡ଼ିଶାଲାଇଭ୍ ଓ ସ୍ୱାସ୍ଥ୍ୟପ୍ଲସର ମିଳିତ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ଏକ ହୋଟେଲରେ ରାଜ୍ୟସ୍ତରୀୟ ମିଡିଆ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଡା. ଜେନା ଏଥିରେ ଉପସ୍ଥିତ ରହି ଷ୍ଟ୍ରୋକ୍‌ର ଲକ୍ଷଣ, କାରଣ, ନିରାକାରଣ ସମ୍ପର୍କରେ ସୂଚନା ଦେଇଥିଲେ। ଅଧିକାଂଶ କ୍ଷେତ୍ରରେ ରୋଗୀଙ୍କୁ ବହୁ ବିଳମ୍ବରେ ଡାକ୍ତରଖାନାକୁ ନିଆଯାଉଥିବାରୁ ସେମାନଙ୍କ ଚିକିତ୍ସା ବିଶେଷ ପ୍ରଭାବଶାଳୀ ହୋଇପାରୁ ନାହିଁ। ଷ୍ଟ୍ରୋକ୍ ପାଇଁ ସାଢ଼େ୪ ଘଣ୍ଟା ହେଉଛି ଗୋଲ୍‌ଡେନ୍ ଆୱାର। କିନ୍ତୁ ୫୮% ରୋଗୀ ଏହି ସମୟ ମଧ୍ୟରେ ହସ୍ପିଟାଲରେ ପହଞ୍ଚିପାରନ୍ତି ନାହିଁ। ତେଣୁ କୌଣସି ବ୍ୟକ୍ତିଙ୍କ ଷ୍ଟ୍ରୋକ୍‌ର ସନ୍ଦେହ ହେଲେ ତାଙ୍କୁ ଚାରିରୁ ସାଢ଼େ ୪ ଘଣ୍ଟା ମଧ୍ୟରେ ଷ୍ଟ୍ରୋକ୍ ଚିକିତ୍ସା ଉପଲବ୍ଧ ଥିବା ଡାକ୍ତରଖାନାରେ ପହଞ୍ଚାଇବା ଜରୁରୀ ବୋଲି ଡା. ଜେନା କହିଛନ୍ତି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ ତଥା ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ପ୍ରଣବ କୁମାର ବେବର୍ତ୍ତା ପଟ୍ଟନାୟକ କହିଛନ୍ତି, ଅଣସଂକ୍ରାମକ ରୋଗ ମଧ୍ୟରେ ମଧୁମେହ, ଉଚ୍ଚରକ୍ତଚାପ, ହୃଦରୋଗ ଏବଂ ଷ୍ଟ୍ରୋକ ଆଜି ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଦେଖାଦେଇଛି। ତା' ଭିତରେ ଷ୍ଟ୍ରୋକ୍ ବର୍ତ୍ତମାନ ଲୋକଙ୍କ ଜୀବନକୁ ଅଧିକ ମାତ୍ରାରେ ପ୍ରଭାବିତ କରୁଛି। ଏଥିରୁ ବଞ୍ଚିବା ପାଇଁ ଲୋକଙ୍କୁ ନିଜର ଜୀବନଶୈଳୀରେ ପରିବର୍ତ୍ତନ କରିବାକୁ ପଡ଼ିବ। ଜନସାଧାରଣଙ୍କୁ ଏ ଦିଗରେ ସଚେତନ କରିବା ସହ ଷ୍ଟ୍ରୋକ୍ ମୁକାବିଲା ଲାଗି ଆବଶ୍ୟକ ନୀତି ନିର୍ଦ୍ଧାରଣ ପାଇଁ ଗଣମାଧ୍ୟମ ପ୍ରତିନିଧିମାନେ ବିଭିନ୍ନ ସମୟରେ ସରକାରଙ୍କୁ ସଜାଗ କରିବା ଦରକାର ବୋଲି ଡା. ପଟ୍ଟନାୟକ ଗୁରୁତ୍ୱାରୋପ କରିଛନ୍ତି।

ଅକ୍ଟୋବର ୨୯ ବିଶ୍ୱ ଷ୍ଟ୍ରୋକ୍ ଦିବସ ପାଇଁ ଫାଉଣ୍ଡେଶନ ପକ୍ଷରୁ ୧୬ରୁ ୩୧ ତାରିଖ ପର୍ଯ୍ୟନ୍ତ ବିଶେଷ ଜନସ୍ୱାସ୍ଥ୍ୟ ସଚେତନତା ଅଭିଯାନ କରାଯାଉଛି। ଏହି ଅବସରରେ ବିଭିନ୍ନ ସଚେତନତାମୂଳକ ଭିଡିଓ ଓଡ଼ିଶା ଲାଇଭ୍ ଏବଂ ସ୍ୱାସ୍ଥ୍ୟପ୍ଲସର ବିଭିନ୍ନ ସୋସିଆଲ ଚ୍ୟାନେଲରେ ପ୍ରସାରଣ କରାଯିବ। ଏହି ଅଭିଯାନ ଅଧୀନରେ ଆୟୋଜିତ ମିଡିଆ ସଚେତନତା କର୍ମଶାଳାରେ ଓଡ଼ିଶା ଲାଇଭ୍‌ର ମୁଖ୍ୟ ସମ୍ପାଦକ ଏବଂ ଷ୍ଟ୍ରୋକ୍ ସଚେତନତା ଅଭିଯାନର ଅଧ୍ୟକ୍ଷ ନୀଳାମ୍ବର ରଥ କହିଲେ, ଶତାଧିକ ବର୍ଷ ଧରି ମାନବ ସମାଜ ବିଭିନ୍ନ ସଂକ୍ରାମକ ରୋଗ ବିରୋଧରେ ଲଢ଼େଇ କରିଆସିଛି। କିନ୍ତୁ ଚଳିତ ଶତାବ୍ଦୀରେ ଅଣସଂକ୍ରାମକ ରୋଗ ଆମ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ବିଭିନ୍ନ ଅଣସଂକ୍ରାମକ ରୋଗ ମଧ୍ୟରେ ଷ୍ଟ୍ରୋକ୍ ଆଜି ମୃତ୍ୟୁ ଓ ଅକ୍ଷମତା ସୃଷ୍ଟିର ଏକ ପ୍ରମୁଖ କାରଣ ହୋଇଛି। ଏହା ଆଜି ସାରା ପୃଥିବୀ ପାଇଁ ବିରାଟ ଜନସ୍ୱାସ୍ଥ୍ୟ ଆହ୍ୱାନ ଭାବେ ଦେଖାଦେଇଛି। ତେଣୁ ଏ ସମ୍ପର୍କରେ ବ୍ୟାପକ ସଚେତନତା କରାଯାଇପାରିଲେ ଆମେ ଆଗାମୀ ଦିନରେ ଷ୍ଟ୍ରୋକ୍‌କୁ ନିୟନ୍ତ୍ରଣ କରିପାରିବା ବୋଲି ନିଳାମ୍ବର କହିଛନ୍ତି।




### ପୁରୁଣା ଜମି ସମସ୍ୟାର ...

ପ୍ରକଳ୍ପ ଯୋଗୁ ବାସଚ୍ୟୁତ ହୋଇଥିବା ସମ୍ବଲପୁର ଜିଲା ରେଙ୍ଗାଲି ତହସିଲ ଅନ୍ତର୍ଗତ କୁର୍ଲା, ଥୁଣ୍ଟିକତରବଗା, ଯୋଗୀପାଲି, ସପନେ ଗ୍ରାମରେ ହାଇଟେକ୍ ସର୍ଭେ ମାଧ୍ୟମରେ ପୁରୁଣା ଜମିଜମା ସମସ୍ୟାର ସମାଧାନ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ସର୍ଭେ କାର୍ଯ୍ୟକୁ ଯେତେଶୀଘ୍ର ସମ୍ଭବ ସମ୍ପୂର୍ଣ୍ଣ କରି ଜମି ସମସ୍ୟାର ସମାଧାନ କରିବାକୁ ପରାମର୍ଶ ଦିଆଯାଇଛି । ସେହିପରି ସିକିମ ରୟତମାନଙ୍କର ଜମି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ନୀତିଗତ ନିଷ୍ପତ୍ତି ନିଆଯାଇଛି । ଏହାଦ୍ୱାରା କଟକ, ପୁରୀ ଓ ବାଲେଶ୍ୱର ଜିଲାର ପ୍ରାୟ ୨ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହେବେ ।

ପୂର୍ବରୁ ଝାରସୁଗୁଡ଼ାର ହୀରାକୁଦ ବନ୍ଧ ବିସ୍ଥାପିତ, ଗଞ୍ଜାମ ସୋରଡ଼ା ବ୍ଲକ୍, ପୁରୀ ପୌରପାଳିକାରେ ଜମିଜମା ସମସ୍ୟାର ସମାଧାନ ପାଇଁ ନୀତିଗତ ନିଷ୍ପତ୍ତି ହୋଇଥିଲା। ଝାରସୁଗୁଡ଼ା ଜିଲାରେ ହୀରାକୁଦ ବନ୍ଧ ବିସ୍ଥାପିତମାନଙ୍କର ସମସ୍ୟା ୫୦ ବର୍ଷରୁ ଅଧିକ ସମୟର। ଲଖନପୁର ତହସିଲର ୧୮ଟି ଗାଁ ଏବଂ ଝାରସୁଗୁଡ଼ା ତହସିଲର ଗୋଟିଏ ଗାଁ ଏହିପରି ୧୯ଟି ଗାଁର ଜମି ସମସ୍ୟାର ସମାଧାନ ପାଇଁ ନିଷ୍ପତ୍ତି ହୋଇଥିଲା। ପ୍ରଥମ ପର୍ଯ୍ୟାୟ ପଟ୍ଟା ଲିମେଇତିକ୍ରା ଗ୍ରାମରୁ ବଣ୍ଟନ କରାଯିବ। ଗଞ୍ଜାମ ଜିଲା ସୋରଡ଼ାର ୨୨ଟି ଗାଁରେ ବହୁ ପୁରାତନ ଜମି ସମସ୍ୟାର ସମାଧାନ କରାଯାଇ ଉଭୟ ଘରବାଡ଼ି ଓ ଚାଷଜମି ପଟ୍ଟା ବଣ୍ଟନ ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି। ସେହିପରି ଜଟଣୀ ଖାସମାହାଲ ଜମି ସମସ୍ୟାର ସମାଧାନ କରାଯାଇ ଖୁବ୍‌ଶୀଘ୍ର ପ୍ରଥମ ପର୍ଯ୍ୟାୟ ପଟ୍ଟା ବଣ୍ଟନ କରାଯିବ।

ସେହିପରି ପୁରୀ ପୌରପାଳିକା ବହୁ ବର୍ଷ ଧରି ବିଭିନ୍ନ ଅନୁଷ୍ଠାନ ଓ ଲୋକଙ୍କୁ ଲିଜ୍ ସୂତ୍ରରେ ପ୍ରାୟ ୫୦୪ ଏକର ଜମି ଦେଇଛି। ବୈଠକରେ ଉପଯୁକ୍ତ ଲିଜ୍ ସର୍ତ୍ତାବଳୀ ଓ ପୌରପାଳିକା ନିୟମ ଅନୁସାରେ ଆବଣ୍ଟିତ ଲିଜ୍ ନିୟମିତ କରିବା ପାଇଁ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନମାନଙ୍କ ଉପରେ ଉପଯୁକ୍ତ ଦେୟ ଧାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଛି। ଲିଜ୍ ନିୟମିତ କରିବା ପାଇଁ ନିୟମାବଳୀ ଅନୁମୋଦନ ପରେ ଓଜିଏଲ୍‌ଏସ୍

## ପ୍ରଥମ ପୃଷ୍ଠାରୁ...

ନିୟମରେ ଆବଶ୍ୟକ ପରିବର୍ତ୍ତନ ଲାଗି ବୈଠକରେ ନିଷ୍ପତ୍ତି ହୋଇଛି। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ବିଭିନ୍ନ ଜିଲା ଗସ୍ତ ସମୟରେ ଜମିଜମା ସମ୍ପର୍କିତ ଅନେକ ଅଭିଯୋଗ ଲୋକଙ୍କଠାରୁ ପାଇଥିଲେ। ହୀରାକୁଦ ବନ୍ଧ ବିସ୍ଥାପିତମାନଙ୍କର ଦୀର୍ଘ ବର୍ଷର ସମସ୍ୟା, ଅନ୍ୟ ସ୍ଥାନରେ ସରକାରୀ ଜମିରେ ବହୁଦିନ ଧରି ରହୁଥିବା ଲୋକଙ୍କର ଜମି ଅଧିକାର ସମସ୍ୟା, ରୟତ ସମସ୍ୟା ସମ୍ପର୍କରେ ଲୋକମାନେ ୫-ଟି ସଚିବଙ୍କୁ ଜଣାଇଥିଲେ। ଏ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବା ପରେ ଲୋକଙ୍କ ବହୁ ବର୍ଷର ଜମି ସମସ୍ୟାର ସମାଧାନ ପାଇଁ ବାଟ ଫିଟିଛି।

ବୈଠକରେ ୫-ଟି ସଚିବଙ୍କ ସହିତ ଉନ୍ନୟନ କମିଶନର ଅନୁ ଗର୍ଗ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଆଇନ ସଚିବ ମାନସ ରଞ୍ଜନ ବାରିକ, ଗଞ୍ଜାମ, ସମ୍ବଲପୁର, ପୁରୀ, ଖୋର୍ଦ୍ଧା ଓ ଝାରସୁଗୁଡ଼ା ଜିଲାପାଳ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁ ମାର୍ଗଦର୍ଶକ ସାଜିବେ। କୃତ୍ତିକା ନକ୍ଷତ୍ରର ନିର୍ମାଣାଧୀନ କାମର ଶେଷ ପର୍ଯ୍ୟାୟରେ ପ୍ରତିବନ୍ଧକ ଦୂରହେବ। କାଳେ କିଛି ଦେବାକୁ ପଡ଼ିବ, ଏହି ଭାବନାରେ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ଆବଶ୍ୟକତା ପୂରଣ ସକାଶେ କରଜ କରି କାମ ଚଳାଇନେବାକୁ ଚେଷ୍ଟା କରିପାରନ୍ତି।

**ବୃଷ** ଆଜି କୌଣସି ସାମାଜିକ କାମରେ ବିଶେଷ ସମୟ ନେବାକୁ ବାଧହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବନାହିଁ। କର୍ମକ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ ଓ ଅଟକି ରହିଥିବା କାମକୁ ଶେଷ କରିପାରିବେ। ରୋହିଣୀ ନକ୍ଷତ୍ର ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ।

**ମିଥୁନ** ପାରିବାରିକ ସମସ୍ୟା ଥିଲେ ମଧ କାମଗୁଡ଼ିକୁ ସଫଳତାର ସହ ସମ୍ପନ୍ନ କରିବେ। କିଛି ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ବ୍ୟବସାୟରେ କ୍ରମଶଃ ସମସ୍ୟା ବଢ଼ି ବଢ଼ି ବଡ଼ଆକାର ଧାରଣ କରିବାର ସମ୍ଭାବନା ରହିଛି। ଆରଦ୍ରା ନକ୍ଷତ୍ରର ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ହୋଇପାରେ।

**କର୍କଟ** ଆଜି ଅଶ୍ଳେଷା ନକ୍ଷତ୍ର ସମସ୍ୟାଗୁଡ଼ିକର ସରଳ ସମାଧାନ କରିବାରେ ସଫଳ ହେବେ। ଅଫିସ୍‌ରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ପାରିବାରିକ କଳହକୁ କେନ୍ଦ୍ରକରି ସାୟାହ୍ନେ ଭାବପ୍ରବଣ ହୋଇପାରନ୍ତି। ବ୍ୟବସାୟ କିମ୍ବା ପରିବହନରେ ଲାଭ ହେବା ବଦଳରେ କ୍ଷତିରେ ହିଁ ପଡ଼ିବେ।

**ସିଂହ** କାମର ଚାପ ବୃଦ୍ଧି ପାଇବା କାରଣରୁ ସ୍ଥିରତା ରହିବ ନାହିଁ। ଗତକାଲି ପରି ଆଜି ମଧ ମଘା ନକ୍ଷତ୍ରର ପରିସ୍ଥିତି ଅପରିବର୍ତ୍ତିତ ରହିବ। କ୍ରନିକ୍ ରୋଗ, ଦୀର୍ଘଦିନର ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**କନ୍ୟା** ହସ୍ତା ନକ୍ଷତ୍ର ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। କଳା, ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନ ପାଇଁ ରାସ୍ତା ଖୋଜି ପାଇବେ। ଆଜିର ଅଧିକାଂଶ ସମୟ ବନ୍ଧୁଙ୍କ ସହଯୋଗ କାରଣରୁ ଭଲ ରହିବ। ଅଫିସ୍‌ରୁ ଆସିବା ବେଳକୁ ମନ ପସନ୍ଦର ଜିନିଷ କିଣିବାରେ ସମର୍ଥ ହେବେ।

**ତୁଳା** ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ବିଫଳ ହେବେନି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ଅବଶ୍ୟ ମିଳିବ। କେତେକ କ୍ଷେତ୍ରରେ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି। ଚିତ୍ରା ନକ୍ଷତ୍ର ସାଧାରଣ କଥାରେ ତର୍କ କାରଣରୁ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ।

**ବିଛା** ଗତକାଲିଠାରୁ ଯେଉଁ ବିଷୟ ସକାଶେ ଚିନ୍ତିତ ରହିଛନ୍ତି ସେଥିରେ କିଛି ଅସୁବିଧା ହେବନି। କର୍ମକ୍ଷେତ୍ରରେ ଅପୂର୍ବ ସାହସିକତା ପ୍ରଦର୍ଶନ କରି ପ୍ରଶଂସିତ ହୋଇପାରନ୍ତି। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ଅନୁରାଧା ନକ୍ଷତ୍ର ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିଙ୍କ ଦେଖାସାକ୍ଷାତ୍‌ରୁ ଉପକୃତ ହେବେ।

**ଧନୁ** ବେଖାତିର ଭାବରେ ସବୁକଥାକୁ ହାଲୁକା ଭାବେ ଗ୍ରହଣକଲେ କ୍ଷତିରେ ପଡ଼ିବେ। ଆଲୋଚନା ପରିସର, ସଭାସମିତି, ତର୍କ ଓ ବିବାଦରେ ସ୍ଥଗିତ କାମକୁ ପୂରା କରିବେ। ପୂର୍ବାଷାଢ଼ା ନକ୍ଷତ୍ର ଆଲୋଚନା, ଲେଖାପଢ଼ା କ୍ଷେତ୍ରରୁ ଶୁଭଫଳ ପାଇବେ।

**ମକର** ଯେତେ ଚେଷ୍ଟାକଲେ ମଧ ସବୁ କାମ ବିଳମ୍ବରେ ହିଁ ସମ୍ପନ୍ନ ହେବ। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ ଓ ସାମୟିକ ଅସୁବିଧାର ସମ୍ମୁଖୀନ ହେବେ। ଶ୍ରବଣା ନକ୍ଷତ୍ର ସକାଶେ ବିବାଦୀୟ ଘଟଣାର ପରିସ୍ଥିତି ହଠାତ୍ ବଦଳି ଯାଇପାରେ। କୌଣସି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାର ସୂଚନା ରହିଛି।

**କୁମ୍ଭ** ଆଜିର ଫେରନ୍ତା ବାଟରେ ହଠାତ୍ ମୂଲ୍ୟବାନ୍ ଦ୍ରବ୍ୟ ମିଳିପାରେ। ଶତଭିଷା ନକ୍ଷତ୍ର ସକାଶେ ଅସମୟରେ ପାଖପଡ଼ୋଶୀ ସହାନୁଭୂତି ପ୍ରଦର୍ଶନ କରିବେ। ଆପଣ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ଚେଷ୍ଟା କରୁଥିବା କାମ, କଚେରି ମାମଲା ଏବଂ ଜମିଜମା ବିବାଦରେ ଉପକୃତ ହେବେ।

**ମୀନ** ସମସ୍ୟାଗୁଡ଼ିକୁ ସାମ୍ନା କରି ନ ପାରି ବିବ୍ରତ ବୋଧ କରିପାରନ୍ତି। ହାତକୁ ନେଇଥିବା କାମଗୁଡ଼ିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବନାହିଁ। ରେବତୀ ନକ୍ଷତ୍ରର ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଜୀବନରେ ଅନାଦର ପାଇପାରନ୍ତି। ଦୋକାନ, ନିର୍ମାଣ, ଯାତ୍ରା, ବିବାଦ, ସଭାସମିତି ପ୍ରଭୃତିରୁ ଆଶ୍ୱସ୍ତି ଲାଭ କରିବେ।

ଆଜି ଆଶ୍ୱିନ ଶୁକ୍ଳ ୫ମୀ ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ଅକ୍ଟୋବର ୧୯ ତାରିଖ, ବିଶ୍ୱ ଶୌଚାଳୟ ଦିବସ, ରାଶି ନକ୍ଷତ୍ର- ଜ୍ୟେଷ୍ଠା/ବିଛା, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୪୬ମି. ଗତେ ଘ.୦୭।୧୮ମି. ମଧ୍ୟେ ଶୁଦ୍ଧ ଶୁଭବେଳା॥ ଦିବା ଘ.୧୨।୫୭ମି. ଗତେ ଘ.୦୨।୨୪ମି. ମଧ୍ୟେ ରାହୁକାଳ॥

# କୱାଲି କାର୍ଯ୍ୟକ୍ରମରେ ଟଙ୍କା ଉଡ଼ାଇ ଚର୍ଚ୍ଚାରେ ମନ୍ତ୍ରୀ ସାରଦା

ସୁନ୍ଦରଗଡ,୧୮।୧୦
(ଜୟ ନାରାୟଣ ମେଣ୍ଡୁଲି)



ଗତ କିଛିଦିନ ତଳେ ସୁନ୍ଦରଗଡ ସୁନାରୀପଡ଼ା ଗଣେଶ ପୂଜା କମିଟିର ଏକ ମେଲୋଡି କାର୍ଯ୍ୟକ୍ରମରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ନାଚ କରି ଚର୍ଚ୍ଚାକୁ ଆସିଥିଲେ। ଏବେ ଏକ କୱାଲି କାର୍ଯ୍ୟକ୍ରମରେ ଗାୟକଙ୍କ ଉପରକୁ ଟଙ୍କା ଫିଙ୍ଗି ସେ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ମନ୍ତ୍ରୀ ସାରଦାଙ୍କ ଏହି ଟଙ୍କା ଫିଙ୍ଗା ଦୃଶ୍ୟ ସୋସିଆଲ ମିଡିଆରେ ପ୍ରସାରିତ ହେବାରେ ଲାଗିଛି।

ମଙ୍ଗଳବାର ସନ୍ଧ୍ୟାରେ ସୁନ୍ଦରଗଡ଼ ସହରର ଏକ ହୋଟେଲ (ଜେଡିଆର)ରେ ସ୍ଥାନୀୟ ମୁସ୍‌ଲିମ ୟୁଥ୍ କମିଟି ପକ୍ଷରୁ ଆୟୋଜିତ ହୋଇଥିଲା କୱାଲି କାର୍ଯ୍ୟକ୍ରମ। ଏଥିରେ ବିଶିଷ୍ଟ କୱାଲି ଗାୟକ ରଇସ ଅନିସ୍ ସାବରୀ ଯୋଗଦେଇଥିଲେ। ଗାୟକଙ୍କ ଗୀତର ତାଳେ ତାଳେ ଝୁମି ଉଠିଥିଲେ ଦର୍ଶକ। ଏଥିରେ ବିଭିନ୍ନ ରାଜନୈତିକ ଦଳଠୁ ଆରମ୍ଭ କରି ବ୍ୟବସାୟୀ ଓ ବିଭିନ୍ନ ବର୍ଗର ଲୋକ ସାମିଲ ହୋଇଥିଲେ। ଦର୍ଶକଙ୍କ ମଧ୍ୟରୁ ଅନେକେ ଗାୟକଙ୍କ ଗୀତରେ ବିଭୋର ହୋଇ ତାଙ୍କ ଉପରକୁ ଟଙ୍କା ଫିଙ୍ଗି ଥିଲେ। କିଏ ୫୦୦ଟଙ୍କିଆ ତ କିଏ ୧୦୦ ଓ ୨୦୦ ଟଙ୍କିଆ ଉଡାଉଥିଲେ। ଆଉ କେହି କେହି ୧୦ଟଙ୍କିଆ ୨୦ ଟଙ୍କିଆ ଫିଙ୍ଗି ଥିଲେ। ଏଥିରେ ମନ୍ତ୍ରୀ ସାରଦା ମଧ୍ୟ ବାଦ୍ ପଡି ନ ଥିଲେ। ସେ କେତେବେଳେ ୫୦୦ ଟଙ୍କିଆ ଫିଙ୍ଗୁଥିଲେ ତ ଆଉ କେତେବେଳେ ବିଡା ଭିତରୁ ଗୋଟିଏ ଲେଖାଏ ୫୦୦ଟଙ୍କିଆ କାଢି ଗାୟକଙ୍କ ହାତକୁ ବଢ଼ାଇ ଦେଉଥିଲେ। 'ସାପ ଡସେ ତୋ ଦୋସ୍ତ ବଚାଏ, ଦୋସ୍ତ ଡସେ ତୋ କୌନ ବଚାଏ' ଗୀତରେ ପୁଳାପୁଳା ଟଙ୍କା ଉଡ଼ିଥିଲା। ଏ ସମ୍ପର୍କରେ ମନ୍ତ୍ରୀଙ୍କୁ ପଚାରିବାରୁ କୱାଲି ଗାୟକଙ୍କୁ ସମ୍ମାନିତ କରିବା ପାଇଁ ସେଠାକୁ ଜଣେ ଦର୍ଶକ ଭାବେ ଯାଇଥିଲେ ବୋଲି ସେ କହିଛନ୍ତି। କୱାଲି ଗାୟକ ଜଣକ ଭାରତର ବିଶ୍ୱକପରେ ବିଜୟକୁ ଶୁଭେଚ୍ଛା ଜଣାଇଥିଲେ। ଯେଉଁ ଟଙ୍କା ଉଡିଛି, ତାହା ମୋ ପକେଟରୁ ଯାଇ ନାହିଁ କି ତାହା କଳାଧନ ନୁହେଁ। ଏହି ଟଙ୍କା ଉଡାଇବାକୁ ଏକ ପ୍ରସଙ୍ଗ କରିବା ହାସ୍ୟାସ୍ପଦ। ଜଣେ ଦର୍ଶକ ଭାବେ ଜଣେ କଳାକାରଙ୍କ କଳାକୁ ସମ୍ମାନ ଜଣାଇ ଉତ୍ସାହିତ କରିବା ଛଡ଼ା ଏହା ଆଉ କିଛି ନୁହେଁ ବୋଲି ମନ୍ତ୍ରୀ ସାରଦା କହିଛନ୍ତି।

# କ୍ୟାପିଟାଲ ହସ୍ପିଟାଲରୁ ୫୦ ଲକ୍ଷର ଯନ୍ତ୍ରାଂଶ ନେଇଗଲେ ସଫେଇ କର୍ମଚାରୀ

ଭୁବନେଶ୍ୱର,୧୮।୧୦
(ସୂର୍ଯ୍ୟକାନ୍ତ ବେହେରା)

କ୍ୟାପିଟାଲ ହସ୍ପିଟାଲରୁ ମଙ୍ଗଳବାର ଭୋର୍ ସମୟରେ ବଡଧରଣର ଚୋରି ହୋଇଛି। ସଫେଇ କରିବା ଆଳରେ ସଫେଇ କର୍ମଚାରୀମାନେ ହସ୍ପିଟାଲର ତଳ ମହଲାରେ ଥିବା ଲାବରେଟୋରିରୁ ୫୦ ଲକ୍ଷରୁ ଅଧିକ ଟଙ୍କାର ମୂଲ୍ୟବାନ ଯନ୍ତ୍ରାଂଶ ନେଇଯାଇଛନ୍ତି। ସଫେଇ କର୍ମଚାରୀ ବାହାର ଲୋକଙ୍କୁ ଡକାଇ ଏପରି କାଣ୍ଡ କରିଥିବା ହସ୍ପିଟାଲର ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ କହିଛନ୍ତି। ଏହାର ପୂରା ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଏଥିରେ ହସ୍ପିଟାଲରେ ନିୟୋଜିତ ଥିବା ସଫେଇ କର୍ମଚାରୀ ଓ ସିକ୍ୟୁରିଟି ଗାର୍ଡଙ୍କ ସମ୍ପୃକ୍ତି ଥିବା ଜଣାପଡିଛି। ଏ ସଂକ୍ରାନ୍ତରେ କର୍ତ୍ତୃପକ୍ଷ କ୍ୟାପିଟାଲ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୬୧୮/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସିସିଟିଭିରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଧରିବାକୁ ଉଦ୍ୟମ ଚାଲିଛି। ତେବେ ସେମାନେ କାହିଁକି ଓ କେତେଦିନ ହେବ ଏମିତି ଚୋରି କରିଆସୁଥିଲେ, ଚୋରି ଯନ୍ତ୍ରାଂଶ କେଉଁଆଡେ ନେଲେ, କାହାକୁ ଦେଉଥିଲେ, ତାହାର ତଥ୍ୟ ଜାଣିବା ଲାଗି ପୋଲିସ ବିଭିନ୍ନ ଦିଗକୁ ନେଇ ଖୋଳତାଡ କରୁଥିବା କହିଛି।

ସିସିଟିଭିରୁ ଜଣାପଡିଛି ଯେ, ସୁରକ୍ଷା ଦାୟିତ୍ୱରେ ଥିବା ସିକ୍ୟୁରିଟି ଗାର୍ଡ ପ୍ରବେଶ ପଥରେ ଲୁହା ଚେୟାରରେ ବସି ମୋବାଇରେ ଗପୁଥିବାବେଳେ ସଫେଇ କର୍ମଚାରୀଙ୍କ ବେଶରେ ୩ଜଣ ହସ୍ପିଟାଲର ଉକ୍ତ ବିଭାଗକୁ ଯାଇଥିଲେ। ଜଣେ ମହିଳା ଝାଡୁ କରୁଥିବାବେଳେ ୨ଜଣ ପୁରୁଷ ହସ୍ପିଟାଲର ତଳ ମହଲାରେ ଥିବା ଲାବ୍‌ରେ ପଶି ଡେଙ୍ଗୁ, ରକ୍ତ, ସ୍ୱୋଟମ୍ ପ୍ରମୁଖ ଟେଷ୍ଟ ପାଇଁ ଆସିଥିବା ନୂଆ ଓ ପୁରୁଣା ଲାବ୍ ଯନ୍ତ୍ରାଂଶ ଚୋରି କରି ନେଇଥିଲେ। ସେମାନେ ପ୍ରଥମେ ଯନ୍ତ୍ରାଂଶକୁ ବଡ କଳା ଡଷ୍ଟବିନ୍ ପଲିଥିନରେ ଭର୍ତ୍ତି କରିଥିଲେ। ତା'ପରେ ସଫେଇ କର୍ମଚାରୀଙ୍କ ପରି କାନ୍ଧରେ ପକାଇ ପଳାଇ ଯାଇଥିଲେ। ଏପରିକି ହସ୍ପିଟାଲରୁ ବାହାରିବା ସମୟରେ ମଧ ସିକ୍ୟୁରିଟି ଗାର୍ଡ ଫୋନ୍‌ରେ କଥା ଜାରି ରଖିଥିଲେ। ଲାବ୍ ଯନ୍ତ୍ରାଂଶ ନ ଥିବା ଜଣାପଡିବା ପରେ ସିସିଟିଭିକୁ ଯାଞ୍ଚ କରାଯିବାରୁ ଚୋରି ସମ୍ପର୍କରେ ସ୍ପଷ୍ଟ ହୋଇଥିଲା। ଏନେଇ ଥାନାରେ ଲିଖିତ ଅଭିଯୋଗ ସହ ସଫେଇ କାର୍ଯ୍ୟର ଟେଣ୍ଡର ନେଇଥିବା ଠିକା ସଂସ୍ଥାକୁ ଅବଗତ କରାଯାଇଥିବା ହସ୍ପିଟାଲ ନିର୍ଦ୍ଦେଶକ ସାହୁ କହିଛନ୍ତି।


ସିସି ଟିଭିରେ କଏଦ ହୋଇଥିବା ଚୋରି ସମୟର ଦୃଶ୍ୟ।

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର୍, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
**ବିଶେଷ ସୂଚନା**
ମରାମତି କାର୍ଯ୍ୟ ପାଇଁ ଆଜି ବରମୁଣ୍ଡା ହାଉସିଂ ବୋର୍ଡ ଏଲଆଇଜି, ଏମଆଇଜି, ଏଚଆଇଜି କଲୋନୀ, ରୁଚିକା ମାର୍କେଟ ଓ ମହାବୀର ବସ୍ତି ଏବଂ ମଧୁପୁର ଗାଁ, ଆରଏମଆରସି ଓ ନାଲକୋ ଛକ ଅଞ୍ଚଳରେ ସକାଳ ୯ ଘଟିକାରୁ ଅପରାହ୍ଣ ୩ ଘଟିକା ଯାଏଁ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

# ନଭେମ୍ବର ୧୯ରେ ଓଡ଼ିଶା ପୌରପାଳିକା ପ୍ରଶାସନିକ ସେବା ପରୀକ୍ଷା

କଟକ,୧୮।୧୦
(ସୁପ୍ରିୟା ପ୍ରିୟଦର୍ଶିନୀ)

ନଭେମ୍ବର ୧୯ରେ ଓଡ଼ିଶା ପୌରପାଳିକା ପ୍ରଶାସନିକ ସେବା ୨୦୨୧ ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପରୀକ୍ଷା ସମ୍ପର୍କିତ ଅଧିକ ସୂଚନା ଓପିଏସ୍‌ସି ୱେବ୍‌ସାଇଟରେ ଉପଲବ୍ଧ ହେବ ବୋଲି କୁହାଯାଇଛି।




# ରାଷ୍ଟ୍ରପତିଙ୍କ ଗ୍ରାମକୁ ୩ ନୂଆ ଏକ୍ସପ୍ରେସ୍ ଟ୍ରେନ୍ ଚାଲିବ

ରାଇରଙ୍ଗପୁର,୧୮।୧୦
(ମାନସ ମହାନ୍ତି)

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାକୁ ୩ଟି ନୂଆ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରିବ। ନିକଟରେ ଦକ୍ଷିଣ ପୂର୍ବ ରେଳପଥ ଡିଭିଜନ ପକ୍ଷରୁ ଏନେଇ ମଞ୍ଜୁରୀ ମିଳିଥିବା ବୁଧବାର ସରକାରୀ ସୂତ୍ରରୁ ଜାଣିବାକୁ ମିଳିଛି। ଏହି ଟ୍ରେନ୍ ଚାଲିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗ୍ରାମଦେଇ ଏକ୍ସପ୍ରେସ ରେଳ ଗଡ଼ିବ। ବହୁଦିନର ଦାବି ପରେ ଏହା ଫଳପ୍ରଦ ହେବାକୁ ଯାଉଛି ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି।

ଏହି ୩ଟି ନୂଆ ରେଳ ଲାଇନ ହେଲା କୋଲ୍‌କାତା(ସାଲିମାର)-ବାଦାମପାହାଡ଼- କୋଲ୍‌କାତା (ସାଲିମାର) ସାପ୍ତାହିକ ଏକ୍ସପ୍ରେସ୍, ବାଦାମପାହାଡ଼-ରାଉରକେଲା-ବାଦାମପାହାଡ଼ ସାପ୍ତାହିକ ଏକ୍ସପ୍ରେସ୍, ରାଉରକେଲା-ଟାଟାନଗର-ରାଉରକେଲା (ସପ୍ତାହକୁ ୬ଦିନ) ଏବଂ ଟାଟା ନଗର-ବାଦାମପାହାଡ଼-ଟାଟାନଗର (ସାପ୍ତାହକୁ ୬ଦିନ)। ଟାଟା-

**ଦକ୍ଷିଣ ପୂର୍ବ ରେଳ ଡିଭିଜନର ମଞ୍ଜୁରୀ**

ବାଦାମପାହାଡ଼ ରୁଟ୍‌ରେ ପ୍ରଥମ ଥର ପାଇଁ ମେଲ୍/ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରିବ। ଫଳରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିଜ ଗ୍ରାମ ରାଇରଙ୍ଗପୁର ଏବଂ ବାଦାମପାହାଡ଼କୁ ପ୍ରଥମ ଏକ୍ସପ୍ରେସ୍ ଟ୍ରେନ୍ ଗଡ଼ିବ। ଏହି ୩ ଏକ୍ସପ୍ରେସ ଟ୍ରେନ୍ ଚଳାଚଳ ପାଇଁ ରାଇରଙ୍ଗପୁର ଅଞ୍ଚଳ ସମେତ କରଞ୍ଜିଆ ଏବଂ ଯଶିପୁର ଅଞ୍ଚଳବାସୀ ରାଷ୍ଟ୍ରପତିଙ୍କ ସମେତ ରେଳମନ୍ତ୍ରୀଙ୍କ ନିକଟରେ ଦୀର୍ଘଦିନ ଧରି ଦାବି କରିଆସୁଥିଲେ। ରେଳ ଡିଭିଜନ ପକ୍ଷରୁ ମଞ୍ଜୁରୀ ପରେ ରାଇରଙ୍ଗପୁର ଅଞ୍ଚଳର ଜନସାଧାରଣ ଖୁସିବ୍ୟକ୍ତ କରିବା ସହ ରାଷ୍ଟ୍ରପତି ମୁର୍ମୁ ଏବଂ ରେଳମନ୍ତ୍ରୀ ବୈଷ୍ଣବଙ୍କୁ କୃତଜ୍ଞତା ଜଣାଇଛନ୍ତି।




# ଏସ୍.ମୁରଲୀଧରଙ୍କୁ ବରିଷ୍ଠ ଆଇନଜୀବୀ ମାନ୍ୟତା

ନୂଆଦିଲ୍ଲୀ,୧୮।୧୦ (କୁଲ୍‌ଦୀପ ସିଂ)



ଓଡ଼ିଶା ହାଇକୋର୍ଟ ପୂର୍ବତନ ବିଚାରପତି ଏସ୍.ମୁରଲୀଧର ଏବେ ସୁପ୍ରିମକୋର୍ଟରେ ଓକିଲାତି କରିବେ। ଗତ ୧୬ତାରିଖରେ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଫୁଲ୍ କୋର୍ଟ ମିଟିଂରେ ଅବସରପ୍ରାପ୍ତ ବିଚାରପତି ମୁରଲୀଧରଙ୍କୁ ବରିଷ୍ଠ ଆଇନଜୀବର ମାନ୍ୟତା ପ୍ରଦାନ କରାଯାଇଛି।

୨୦୨୧ ଜାନୁୟାରୀ ୪ରେ ଜଷ୍ଟିସ୍ ମୁରଲୀଧର ଓଡ଼ିଶା ହାଇକୋର୍ଟର ୩୨ତମ ମୁଖ୍ୟ ବିଚାରପତିଭାବେ କାର୍ଯ୍ୟଭାର ଗ୍ରହଣ କରିବାସହ ଗତ ଅଗଷ୍ଟ ୭ରେ ପଦରୁ ଅବସର ନେଇଥିଲେ। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଥିବା ସମୟରେ ଭର୍ଚୁଆଲ୍ କୋର୍ଟ ସ୍ଥାପନ କରିଥିଲେ। ଗତ ଏପ୍ରିଲରେ ତାଙ୍କୁ ମାଡ୍ରାସ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ବଦଳି କରିବାକୁ ସୁପ୍ରିମକୋର୍ଟ କଲେଜିୟମ୍ ଅନୁମୋଦନ କରିଥିଲା। ହେଲେ ଉକ୍ତ ଅନୁମୋଦନକୁ କେନ୍ଦ୍ର ସରକାର ଗ୍ରହଣ କରି ନ ଥିଲେ। ଫଳରେ କଲେଜିୟମ ଉକ୍ତ ନାମକୁ ପ୍ରତ୍ୟାହାର କରିନେଇଥିଲା। ମୁରଲୀଧର ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ଏବଂ ପଞ୍ଜାବ-ହରିୟାଣା ହାଇକୋର୍ଟରେ ବିଚାରପତି ଭାବେ କାର୍ଯ୍ୟ କରିଛନ୍ତି। ଦିଲ୍ଲୀରେ ୨୦୨୦ ଦଙ୍ଗା ସମୟରେ ପୋଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ଦେଇଥିବା ଟିପ୍ପଣୀ ପରେ ମୁରଲୀଧରଙ୍କୁ ଦିଲ୍ଲୀ ହାଇକୋର୍ଟରୁ ପଞ୍ଜାବ-ହରିୟାଣା ଉଚ୍ଚ ନ୍ୟାୟାଳୟକୁ ବଦଳି କରାଯାଇଥିଲା।



ଅନ୍ୟମାନଙ୍କଠାରୁ ଯାହା ଆସେ –ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ– ଯେତେବେଳେ ଆମ୍ଭେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇ ରହୁ– ସେତେବେଳେ ଆଗେ ତାଙ୍କର ଅଦ୍‌ଭୂତ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ୍ୟ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା। **–ଶ୍ରୀମା**

# ନିଜ ଭିତରେ ଶକ୍ତି



ଦେବଦତ୍ତ ପଟ୍ଟନାୟକ

କମ୍ ସମୟ ଅବଧିର ଏକ ସୋସିଆଲ ମିଡିଆ ଭିଡିଓରେ ଜଣେ ଯୁବ ହାସ୍ୟ ଅଭିନେତା ଏକ ଆଇଫୋନ୍ କିଣିଥିବା କହିଛନ୍ତି। କାରଣ ଏହାର ବିଶେଷତ୍ୱ ହେଉଛି ଏହା ମନରେ ଆତ୍ମବିଶ୍ୱାସ ଭରିଦିଏ। ଆଇଫୋନ୍ ପାଇବା ମାତ୍ରେ ତାଙ୍କ ମଧ୍ୟରେ ଏତେ ଆତ୍ମବିଶ୍ୱାସ ବଢ଼ିଯାଇଛି ଯେ, ସେ ଏଭଳି ଫୋନ୍ ନ ଥିବା ନିଜ ବନ୍ଧୁ ଏବଂ ସହକର୍ମୀଙ୍କୁ ଦୁର୍ବ୍ୟବହାର କରିବାକୁ ପଛେଇନାହାନ୍ତି। ଆଇଫୋନ୍ ତାଙ୍କ ପାଇଁ ନୂଆ ପରିଚୟ ସୃଷ୍ଟିକଲା ଓ ତାହାକୁ ବ୍ୟବହାର କରି ସେ ଅଧିକ ଶକ୍ତି ହାସଲ କଲେ। ବାସ୍ତବରେ ଶକ୍ତି ଏହିପରି ଏକ ତତ୍ତ୍ୱ ଯାହାକୁ ଅନ୍ୟଠୁ ଅଣାଯାଇପାରିବ (ପରିଚୟ ମାଧ୍ୟମରେ) ଏବଂ ବଢ଼ାଯାଇପାରିବ (ଅପବ୍ୟବହାର ମାଧ୍ୟମରେ)। ଶକ୍ତି ଖାଦ୍ୟ ପରି ଦିଆଯାଇପାରେ, ନିଆଯାଇପାରେ ଏବଂ ଗ୍ରହଣ କରାଯାଇପାରେ।

ହିନ୍ଦୁ ପୁରାଣରେ ଶକ୍ତିଦେବୀଙ୍କ ଦ୍ୱାରା ଶକ୍ତିର ସୃଷ୍ଟି ହୋଇଛି। ସେହି ଶକ୍ତିଦେବୀ ଦୁର୍ଗା ନାମରେ ପରିଚିତ। କିନ୍ତୁ ଜଣେ ପ୍ରକୃତ ଗବେଷକଙ୍କ ଦୃଷ୍ଟିରେ ଶକ୍ତି ଦୁର୍ଗାଠାରୁ ଭିନ୍ନ। ପ୍ରତ୍ୟେକ ଦେବତାଙ୍କ ଭିତରେ ଶକ୍ତି ଅଛି। ଯେତେବେଳେ ଦେବତାମାନେ ସେମାନଙ୍କର ଭିତର ଥିବା ଶକ୍ତିକୁ ପ୍ରକାଶ କରନ୍ତି ସେତେବେଳେ ବାହାର ଜଗତରେ ଦୁର୍ଗା ସୃଷ୍ଟି ହୁଅନ୍ତି। ଅନ୍ୟ ଅର୍ଥରେ, ଶକ୍ତି ହେଉଛି କ୍ଷମତା ଯାହା ଆମ ଭିତରେ ଅଛି। ତାହା ହେଉଛି ଆମର ଅନ୍ତର୍ନିହିତ ଆତ୍ମବିଶ୍ୱାସ। ଦୁର୍ଗା ହେଉଛନ୍ତି ଶକ୍ତି ଯାହା ଆମ ବାହାରେ ଅଛନ୍ତି। ସେହି ଶକ୍ତି ପ୍ରଶଂସା, ସ୍ୱୀକୃତି, ସମ୍ମାନ, ସ୍ଥିତି, ପରିଚୟ, ଉପକରଣ ଏବଂ ଅସ୍ତ୍ର ଆକାରରେ ଆମ ନିକଟକୁ ଆସେ। ଅନ୍ତର୍ନିହିତ ଶକ୍ତି ଖୋଜିବା କଷ୍ଟସାଧ୍ୟ ହୋଇଥିବାରୁ ଆମେ ବାହ୍ୟ ଦୁର୍ଗାଙ୍କ ଠାରୁ ଏହା ପାଇବାକୁ ଆଶା କରିଥାଉ।

ଭାଷା ହେଉଛି ଦୁର୍ଗା(ବାହ୍ୟ ଶକ୍ତି)ଙ୍କର ଏକ ଶକ୍ତିଶାଳୀ ଉତ୍ସ। ଯେତେବେଳେ ଜଣେ ଆମର ପ୍ରଶଂସା କରିଥାନ୍ତି ସେତେବେଳେ ଆମେ ଶକ୍ତି ଅନୁଭବ କରିଥାଉ। ଜଣେ ଆମକୁ ନିନ୍ଦା ବା ଅପମାନ କଲେ ଆମେ ଶକ୍ତିହୀନ ମନେକରୁ। କେହି ଆମକୁ ପ୍ରଶଂସାକଲେ ଆମେ ନିଜକୁ ଗୁରୁତ୍ୱପୂର୍ଣ୍ଣ ଭାବୁ ଏବଂ ଅପମାନିତ କଲେ ଆମର ଗୁରୁତ୍ୱ ନ ଥିବା ଅନୁଭବ କରୁ। ତେଣୁ ଆମେ ପ୍ରଶଂସକଙ୍କଠାରୁ ପ୍ରେରଣା ପାଇବାକୁ ଇଚ୍ଛା କରୁ ଏବଂ ଯେଉଁମାନେ ଆମକୁ ସମାଲୋଚନା କରନ୍ତି ସେମାନଙ୍କଠାରୁ ଦୂରେଇ ରହୁ। ରାଜନେତାମାନେ ଏହାକୁ ଭଲ ଭାବରେ ବୁଝିଥାନ୍ତି। ଭାଷାର ଶକ୍ତି ବ୍ୟବହାର କରି ସେମାନେ ଲୋକମାନଙ୍କୁ ଭଲ କାମ କରିବାକୁ ପ୍ରେରଣା ଦେଇପାରନ୍ତି କିମ୍ବା ରାଜନୈତିକ ଗଡ଼ ଭାଙ୍ଗିବା ପାଇଁ ଜନଗହଳି ସୃଷ୍ଟି କରିପାରନ୍ତି। ବିରୋଧୀଙ୍କ ଶକ୍ତି କମ୍ କରିବା ପାଇଁ ସେମାନେ ମର୍ଯ୍ୟାଦା କ୍ଷୁଣ୍ଣ କରୁଥିବା ଶବ୍ଦ ବ୍ୟବହାର କରନ୍ତି। ଅନ୍ୟମାନଙ୍କର ଆତ୍ମ–ମୂଲ୍ୟବୋଧ ଏବଂ ଆତ୍ମବିଶ୍ୱାସକୁ ନଷ୍ଟ କରି ଜଣେ ରାଜନେତା ରାକ୍ଷସ ପରି ଶକ୍ତି ଧାରଣ କରିଥାନ୍ତି।



ଏକ ହିନ୍ଦୁ ରୀତିନୀତିରେ ଦେବତାଙ୍କୁ ପୂଜା କରାଯିବା ପୂର୍ବରୁ ଘଣ୍ଟିଠାରୁ ଆରମ୍ଭକରି ହାଣ୍ଡି, ପାତ୍ର, ପାତ୍ରୀ ପର୍ଯ୍ୟନ୍ତ ବ୍ୟବହୃତ ପ୍ରତ୍ୟେକ ଜିନିଷକୁ ସମ୍ମାନ ଦିଆଯାଏ। ଅନ୍ୟ ଅର୍ଥରେ ପ୍ରତ୍ୟେକ ବସ୍ତୁରେ ଶକ୍ତି ଥିବାରୁ ସେଗୁଡ଼ିକୁ ହେଉଛନ୍ତି ତଥାକଥିତ ଦୁର୍ଗା। ଫୁଲ, ଚନ୍ଦନ ଏବଂ ମନ୍ତ୍ର ଓ ଶ୍ରଦ୍ଧା ଭାବ ଦ୍ୱାରା ସେହି ଶକ୍ତିକୁ ପ୍ରକାଶ କରାଯାଇଥାଏ। ସେହିଭଳି କୌଣସି ଏକ କମ୍ପାନୀର ବରିଷ୍ଠ ଓ ମାଲିକ ସମ୍ମାନର ଯୋଗ୍ୟ ନୁହନ୍ତି ବରଂ କମ୍ପାନୀରେ ଥିବା ପ୍ରତ୍ୟେକ ବ୍ୟକ୍ତି – କର୍ମଚାରୀ, ଅଂଶୀଦାର, ବିକ୍ରେତା ଏବଂ ସହାୟକ କର୍ମଚାରୀମାନେ ସମ୍ମାନ ଚାହିଁଥାଆନ୍ତି। କିନ୍ତୁ ଏବେ ମନ୍ଦିର ରୀତିନୀତି ଭଳି ସଙ୍ଗଠନଗୁଡ଼ିକରେ, ଶକ୍ତି ମୁଖ୍ୟତଃ ଶକ୍ତିଶାଳୀ (ସିନିୟର)ଙ୍କ ଠାରୁ ଶକ୍ତିହୀନ (ଜୁନିୟର)ଙ୍କ ଆଡ଼କୁ ଗତି କରୁଥିବାର ଦେଖାଯାଏ, ଯାହା ଅଯୁକ୍ତିକର ମନେହୁଏ। ଯେଉଁମାନେ ଶକ୍ତି ଓ ପଦବୀ ପାଇଛନ୍ତି ସେମାନେ ସଂସ୍ଥାର ଅବଶିଷ୍ଟଙ୍କୁ ସଶକ୍ତ କରିବା ପରିବର୍ତ୍ତେ ଅଧିକ ଶକ୍ତି ପାଇଁ ଆତୁର ହୁଅନ୍ତି ଏବଂ ସେମାନଙ୍କ ଦାସତ୍ୱ ଦାବି କରନ୍ତି।

ବରିଷ୍ଠ ଏବଂ ଶିକ୍ଷକମାନଙ୍କୁ ସମ୍ମାନ ଦେବା ଆବଶ୍ୟକ ବୋଲି ଭାରତୀୟମାନେ ବିଶ୍ୱାସ କରନ୍ତି। ତେବେ ଏଭଳି ବିଶ୍ୱାସର ଶକ୍ତି ସହ କିଛି ସମ୍ପର୍କ ରହିଛି କି? ଏଥିରୁ ବୁଝିହେଉଛି ଯେ, ଯଦି ତୁମେ ଜଣେ ବରିଷ୍ଠ ନୁହଁ, କୌଣସି କ୍ଷମତାଶାଳୀ ପଦବୀରେ ନାହଁ କିମ୍ବା ଜଣେ ଶିକ୍ଷକ ନୁହଁ, ତେବେ ସମ୍ମାନ ପାଇବାକୁ ଅଯୋଗ୍ୟ। ସମ୍ମାନ ସେହିମାନଙ୍କୁ ମିଳେ ଯେଉଁମାନେ ଅଧିକ ଜ୍ଞାନୀ, ଯେଉଁମାନଙ୍କର ଅଧିକ ସମ୍ପଦ ଓ ସାମାଜିକ ସ୍ଥିତି ରହିଛି। କ୍ଷମତା ବା ଶକ୍ତି ମଧ୍ୟ ଜାତି ଓ ପଦବୀ ଆଧାରରେ ଆବଣ୍ଟିତ। ସାମାଜିକ ସ୍ତରରେ ଉଚ୍ଚରେ ରହିଲେ ତୁମେ ଅଧିକ ଶକ୍ତି ପାଇଁ ଯୋଗ୍ୟ ହେବ; ଅଧିକ ଶକ୍ତି ଦାବି କରିବ, ଯାହା ଏକ ସାମନ୍ତବାଦୀ ଢାଞ୍ଚା ସୃଷ୍ଟିକରେ।

ଭାରତରେ ଲୋକେ କହନ୍ତି, ଯଦି ତୁମେ ଲୋକମାନଙ୍କ ପାଇଁ ଭଲ ତେବେ ସେମାନେ ଆପଣଙ୍କଠାରୁ ଲାଭ ଉଠାଇବେ। କାରଣ ସେମାନେ ଭାବନ୍ତି ଯେ ଆପଣ ଶକ୍ତିହୀନ। ଅନ୍ୟ ଅର୍ଥରେ ଖରାପ ଲୋକ ଭାବେ ଲୋକଙ୍କୁ ଦୁର୍ବ୍ୟବହାର କରିବା, ଅପମାନ ଦେବା ଶକ୍ତିର ସୂଚକ ଭାବରେ ଦେଖାଯାଏ। ଏହା ସାଧାରଣତଃ ଧନୀ, ଶକ୍ତିଶାଳୀ, ପ୍ରତିଷ୍ଠିତ ବ୍ୟକ୍ତମାନଙ୍କଠାରେ ଦେଖାଯାଏ। ସେଲିବ୍ରିଟି, ରାଜନେତା ଏବଂ ଆଭିଜାତ୍ୟ ବର୍ଗ ବିଶେଷକରି ସେବା କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିବାକୁ ଏକ ଅଧିକାର ବୋଲି ମନେକରନ୍ତି। ଏହା ହିଁ ସେମାନଙ୍କର ସ୍ଥିତିକୁ ପ୍ରତିପାଦିତ କରେ। ଯେତେବେଳେ ଆମେ ବିଶ୍ୱାସ କରୁ ଯେ ଅସମ୍ମାନ କରି ଶକ୍ତି ଧାରଣ କରାଯାଇପାରିବ ସେତେବେଳେ ପରିଚିତି କିମ୍ବା ସ୍ଥିତିରେ ସନ୍ତୁଷ୍ଟ ହୋଇପାରୁ ନାହୁଁ। ନିଜକୁ ଶକ୍ତିଶାଳୀ ହେବା ଲାଗି ସ୍ଥିତି ନ ଥିବା ଲୋକମାନଙ୍କୁ ଦୁର୍ବ୍ୟବହାର କରିବା ଆବଶ୍ୟକ ବୋଲି ଭାବୁ।

ଲୋକଙ୍କୁ ନୀଚ ଭାବେ ଦେଖୁଥିବା ଅଶିଷ୍ଟ ଏବଂ ଖରାପ ବ୍ୟକ୍ତିମାନେ କିଭଳି ହଠାତ୍ ସେଲିବ୍ରିଟି ପାଲଟିଛନ୍ତି ତାହା ଆମେ ଟେଲିଭିଜନରୁ ଦେଖିବାକୁ ପାଉ। ସେମାନେ ଭଲ ପାଇଁ ଲଢ଼େଇ କରୁଛନ୍ତି, ସେମାନେ ପୀଡ଼ିତ–ଏହି ପୃଷ୍ଠଭୂମିକୁ ଆଧାରକରି ସେମାନଙ୍କ ଅସଭ୍ୟତାକୁ ଯୁକ୍ତିଯୁକ୍ତ ମନେକରନ୍ତି। ସେମାନେ ଭାବନ୍ତି, ଏପରି ଅଭଦ୍ରାମିରେ ବୀରତ୍ୱ ଅଛି। ଏହିପରି ଭାବେ ଆମେ ଧାର୍ମିକମାନଙ୍କୁ ବି ଅଭଦ୍ର ବ୍ୟବହାର କରିବାକୁ ଅନୁମତି ଦେଇଛୁ। ତେଣୁ ପୋଲିସ ଅପରାଧୀଙ୍କୁ ଅସଦାଚରଣ କରିବା, ତାଙ୍କୁ ମାନବିକତାରୁ ବଞ୍ଚିତ କରିବା ସେମାନଙ୍କ ଅଧିକାର ବୋଲି ଭାବନ୍ତି। ଶାନ୍ତ କିମ୍ବା ଭଦ୍ର ହେବାକୁ ଏକ ବୋଝ ଭାବେ ବିଚାରକରୁ , ଏହାକୁ ତ୍ୟାଗ ଭାବେ ଦେଖାଯାଏ। ଏଣୁ ଏଥିରେ କିଛି କ୍ଷତି ହେଉ ନ ଥିବାରୁ ଦୁର୍ଗା ଏସବୁ ଆମକୁ ଦେବାରେ ଏତେ କୃପଣତା କାହିଁକି।

ଶକ୍ତିହୀନ ଜୁନିୟର ଅଫିସର କିଛି ଗୋପନୀୟ ବିଷୟରେ ତାଙ୍କ ସିନିୟରମାନଙ୍କ ବିଷୟରେ ଆଲୋଚନା କରି ଶକ୍ତିଶାଳୀ ହୋଇଥାନ୍ତି। ଏବେ ଅସାମାଜିକ ବ୍ୟକ୍ତିମାନେ ନାମ ଓ ପରିଚୟ ଲୁକ୍କାୟିତ ରଖି ସୋସିଆଲ ମିଡିଆରେ କ୍ଷମତାରେ ଥିବା ଲୋକଙ୍କୁ ଦୁର୍ବ୍ୟବହାର କରି ନିଜକୁ ଶକ୍ତିଶାଳୀ ମଣୁଛନ୍ତି। ସମ୍ମାନର ସହ ସାରା ଜଗତକୁ ଶକ୍ତି ପ୍ରଦାନ କରୁଥିବା ଦେବତା ସୂର୍ଯ୍ୟ ଭଳି ହେବା ପରିବର୍ତ୍ତେ ଆମେ ଲୋକମାନଙ୍କୁ ଖଳ ବ୍ଲାକ୍‌ହୋଲ୍ ହେବାକୁ ଉତ୍ସାହିତ କରୁଛୁ, ଯେଉଁମାନେ ଅସଭ୍ୟ ଭାବେ ଚତୁର୍ଦ୍ଦିଗରେ ଥିବା ସମସ୍ତଙ୍କଠାରୁ ଶକ୍ତି ନିଅନ୍ତି ଏବଂ ଆତ୍ମସନ୍ତୁଷ୍ଟି ଲାଭ କରିଥାନ୍ତି।

–devduttofficial@gmail.com

## ଏଇ ଭାରତରେ

୩୫ ଝିଅଙ୍କ ପିତା ଜଣେ। ଏକଥା ବିଶ୍ୱାସ ହେଉ ନ ଥିଲେ ବି ସତ। ଝାଡ଼ଖଣ୍ଡର ଦେଓଗଡ଼ ନିବାସୀ ୬୬ ବର୍ଷୀୟ ହରେରାମ ପାଣ୍ଡେ ହେଉଛନ୍ତି ସେହି ପିତା, ଯିଏ ୩୫ ଝିଅଙ୍କୁ ଲାଳନପାଳନ କରି ବଢ଼ାଉଛନ୍ତି। ସମସ୍ତେ ତାଙ୍କୁ ବାବା(ବାପା) ଡାକୁଛନ୍ତି। ମାତାପିତା ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇ ଜନ୍ମ ପରେ ଝିଅମାନଙ୍କୁ ଜଙ୍ଗଲ ଓ ଟ୍ରେନ୍‌ରେ ଛାଡ଼ି ଚାଲିଯିବା ପରେ ସେମାନଙ୍କୁ ପାଣ୍ଡେ ଉଦ୍ଧାର କରିଛନ୍ତି। ସେ ନାରାୟଣ ସେବା ଆଶ୍ରମ ଗଠନ କରି ସେଠାରେ ଏମାନଙ୍କୁ ରଖିଛନ୍ତି। ସେ ପ୍ରଥମେ ତାପସୀ ନାମ୍ନୀ ଝିଅକୁ ଉଦ୍ଧାର କରିଥିଲେ। ତାକୁ ୨୧ ଦିନ ବ୍ୟାପୀ ଚିକିତ୍ସା ପରେ ସୁସ୍ଥ କରି ଘରକୁ ଆଣିଥିଲେ। ଏବେ ସେହି ଝିଅର ବୟସ ୧୯ । ତାପସୀର ଜନ୍ମଦିନରେ ସେ ଖୁସିଙ୍କୁ ଉଦ୍ଧାର କରିବା ପରେ ସେବାଶ୍ରମ ଗଠନ କରିଥିଲେ। ପାଣ୍ଡେ ଓ ତାଙ୍କ ସ୍ତ୍ରୀ ଏହି ଝିଅମାନଙ୍କ ଯତ୍ନ ନେଉଛନ୍ତି। ଦେଓଗଡ଼ ପୋଲିସ କିମ୍ବା ରେଲ୍‌ୱେ କର୍ମଚାରୀମାନେ କୌଣସି ପରିତ୍ୟକ୍ତ ସ୍ଥାନରେ ଝିଅଟିଏ ଦେଖିଲେ ତୁରନ୍ତ ପାଣ୍ଡେଙ୍କୁ ଖବର ଦେଉଛନ୍ତି। ପାଣ୍ଡେ ଏବେ ୩୫ ଝିଅଙ୍କ ସହ ୪୦ ସଦସ୍ୟ ବିଶିଷ୍ଟ ପରିବାର ପ୍ରତିପୋଷଣ କରୁଛନ୍ତି। ମାସକୁ ପାଖାପାଖି ୧.୫ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ଅନେକ ଝିଅଙ୍କୁ ସେ ଡିଏଭିରେ ନାମ ଲେଖାଇଛନ୍ତି। ଅନୁଦାନ ଓ ସ୍ୱରୋଜଗାରରେ ସେ ଆଶ୍ରମକୁ ଚଳାଉଥିଲେ ବି ଅର୍ଥାଭାବ ଦେଖାଯାଉଛି। ତଥାପି ଅବିଚଳିତ ଭାବେ ତାଙ୍କ ବଡ଼ ପରିବାରକୁ ଚଳାଇବାରେ ଅବହେଳା କରିନାହାନ୍ତି ପାଣ୍ଡେ।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଅକ୍ଟୋବର ୧୯୯୮

- ଆନ୍ଧ୍ରପ୍ରଦେଶ ଓ କର୍ନାଟକ ରାଜ୍ୟରେ ଘଟିଯାଇଥିବା ବନ୍ୟା ଓ ବର୍ଷାଜନିତ କ୍ଷୟକ୍ଷତି ନେଇ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଏହି ଦୁଇଟି ରାଜ୍ୟକୁ ଯଥାକ୍ରମେ ୨୦୦ କୋଟି ଓ ୫୦ କୋଟି ଟଙ୍କାର ମଧ୍ୟବର୍ତ୍ତିକାଳୀନ ସହାୟତା ଘୋଷଣା।
- ପାକିସ୍ତାନ କ୍ରିକେଟରେ ବେଟିଂ ଓ ମ୍ୟାଚ୍ ଫିକ୍ସିଂରେ ତଦନ୍ତ କରୁଥିବା ଗାୟୁମ ମଲିକ କମିଶନ ସମ୍ମୁଖରେ ହାଜର ହୋଇ ପୂର୍ବତନ ଅଧିନାୟକ ରଶିଦ ଲତିଫଙ୍କ ଗୁପ୍ତ ତଥ୍ୟପୂର୍ଣ୍ଣ ଏକ ଭିଡିଓ କ୍ୟାସେଟ ପ୍ରଦାନ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | 7 | | | | 9 | 5 |
| | | 6 | 5 | | | | | |
| | | | | | 3 | 6 | 4 | |
| | | | | 9 | | 7 | | |
| | | | | | | | | 4 |
| 5 | | | 8 | | | | | |
| 7 | 2 | | | | | 4 | | 1 |
| | 1 | | | 6 | | | | |
| 4 | | | | 3 | | 8 | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 2 | 5 | 9 | 1 | 7 | 8 | 3 |
| 9 | 7 | 8 | 2 | 3 | 4 | 5 | 1 | 6 |
| 3 | 1 | 5 | 6 | 8 | 7 | 2 | 4 | 9 |
| 4 | 8 | 9 | 3 | 2 | 6 | 1 | 5 | 7 |
| 5 | 3 | 7 | 1 | 4 | 8 | 6 | 9 | 2 |
| 1 | 2 | 6 | 7 | 5 | 9 | 4 | 3 | 8 |
| 2 | 6 | 3 | 8 | 1 | 5 | 9 | 7 | 4 |
| 8 | 9 | 1 | 4 | 7 | 2 | 3 | 6 | 5 |
| 7 | 5 | 4 | 9 | 6 | 3 | 8 | 2 | 1 |

ଗତକାଲିର ଉତ୍ତର

# କାହା ପାଇଁ ଯୁଦ୍ଧ



ଲଳିତେନ୍ଦୁ ପଲାଉରୀ

ରୁଷିଆ–ୟୁକ୍ରେନ ଯୁଦ୍ଧ ସହ ତାଳଦେଇ ମଧ୍ୟପ୍ରାଚ୍ୟର ରାଷ୍ଟ୍ର ଇସ୍ରାଏଲ୍ ଓ ହମାସ ମଧ୍ୟରେ ଚାଲିଛି ଆଉ ଏକ ଭୟଙ୍କର ଲଢ଼େଇ। ତେବେ ପ୍ରଶ୍ନ ଆସୁଛି– ଏ ଯୁଦ୍ଧ କାହା ପାଇଁ ଆଉ କ'ଣ ପାଇଁ ହେଉଛି ? ମାନବବାଦ ଓ ବିଶ୍ୱ ଭ୍ରାତୃର ପରିପନ୍ଥୀ ଏହି ଯୁଦ୍ଧର ଭୟାବହତା ପୂର୍ବରୁ ୨ଟି ବିଶ୍ୱଯୁଦ୍ଧ ମାଧ୍ୟମରେ ବିଶ୍ୱବାସୀ ଅନୁଭବ କରିସାରିଥିବା ବେଳେ ପୁଣି କାହିଁକି ଯୁଦ୍ଧ ରଚାଯାଉଛି। ପାଲେଷ୍ଟାଇନ୍ ଓ ଇସ୍ରାଏଲ୍ ମଧ୍ୟରେ ଯେଉଁ ଭୟଙ୍କର ଯୁଦ୍ଧ ସୂତ୍ରପାତ ହୋଇଛି ଏହା ଇତିହାସକୁ ନେଇ ଅନେକ ଦ୍ୱନ୍ଦ୍ୱ ରହିଛି। ପାଲେଷ୍ଟାଇନ୍, ହମାସ୍ ଆତଙ୍କୀ ସଙ୍ଗଠନ ଓ ଇସ୍ରାଏଲ୍ ମଧ୍ୟରେ ଏଭଳି ଯୁଦ୍ଧ ୧୦୦ବର୍ଷ ପୁରୁଣା ବୋଲି କୁହାଯାଉଥିବା ବେଳେ ଇତିହାସକାରମାନେ ଏହାକୁ ୧୦୦୦ବର୍ଷ ତଳ ସଂଘର୍ଷର ସୂତ୍ରପାତ ବୋଲି କହୁଛନ୍ତି। ଜେରୁଜେଲମର ୩୫ ଏକର ଅଞ୍ଚଳକୁ ନେଇ ଏହି ଯୁଦ୍ଧ ଲଢ଼ାଯାଉଛି। ୧୯୪୮ରେ ଇସ୍ରାଏଲକୁ ରାଷ୍ଟ୍ରର ମାନ୍ୟତା ମିଳିବା ପରେ ୭ଥର ଉଭୟ ପାଲେଷ୍ଟାଇନ୍ ଓ ଇସ୍ରାଏଲ୍ ମଧ୍ୟରେ ଏଭଳି ଯୁଦ୍ଧ ସଂଘଟିତ ହୋଇସାରିଲାଣି। ତେବେ ଜେରୁଜେଲମର ୩୫ ଏକର ବିବାଦୀୟ ସ୍ଥାନ ବର୍ତ୍ତମାନ ଜାତିସଂଘର ନିୟନ୍ତ୍ରଣାଧୀନରେ ରହିଥିବା ବେଳେ ଉକ୍ତ ପବିତ୍ର ସ୍ଥାନର ସମ୍ପର୍କ ୩ଟି ଧର୍ମ ସହ ରହିଥିବା ଦାବି କରାଯାଉଛି। ଏହାକୁ ନେଇ ମଧ୍ୟ ବିବାଦ ହେଉଛି। ଜେରୁଜେଲମର ଏହି ପବିତ୍ର ସ୍ଥାନକୁ ଇହୁଦୀମାନେ ହର ଇବାୟିୟତ ବା ଟେମ୍ପଲ ମାଉଣ୍ଟ କହୁଥିବା ବେଳେ ମୁସଲମାନ ସେମାନଙ୍କ ପବିତ୍ରସ୍ଥଳ ହରମ୍–ଅଲ୍–ସରିଫ୍ ବୋଲି କହୁଛନ୍ତି। ମୁସଲମାନଙ୍କ ବିଶ୍ୱାସ ସେମାନଙ୍କ ପବିତ୍ର ଧର୍ମସ୍ଥଳ ମକ୍କା ଓ ମଦିନା ପରେ ଏହି ହରମ୍–ଅଲ୍–ସରିଫ୍ ହେଉଛି ତୃତୀୟ ପବିତ୍ର ସ୍ଥାନ। ସେମାନଙ୍କ ବିଶ୍ୱାସ ପୈଗମ୍ବର ମହମ୍ମଦ ମକ୍କା,ମଦିନାରୁ ଉଡ଼ନ୍ତା ଘୋଡ଼ାରେ ଆସି ଏହି ହରମ୍–ଅଲ୍–ସରିଫ୍‌ରେ ପାଦ ଥାପିଥିଲେ ଓ ସେଠାରେ ହିଁ ପାର୍ଥିବ ଶରୀର ତ୍ୟାଗ କରିଥିଲେ। ଜେରୁଜେଲମରେ ଏହି ପବିତ୍ର ସ୍ଥାନରେ ଉକ୍ତ ମସ୍‌ଜିଦ ନିର୍ମାଣ ହୋଇଥିଲା। ଏଠାରେ ଥିବା ଡୋମ୍ ଅଫ୍ ସାଫ୍‌ରେ ଶେଷ ନିଃଶ୍ୱାସ ତ୍ୟାଗକରିଥିଲେ ପୈଗମ୍ବର ମହମ୍ମଦ। ତେବେ ଇହୁଦୀମାନଙ୍କ ବିଶ୍ୱାସ ଟେମ୍ପଲ ମାଉଣ୍ଟ ହେଉଛି ସେହି ପବିତ୍ର ସ୍ଥାନ ଯେଉଁଠି ସେମାନଙ୍କ ଈଶ୍ୱର ମାଟି ରଖିଥିଲେ,ଯେଉଁଠାରେ ପୃଥିବୀର ପ୍ରଥମ ମାନବ ଆଦାମ୍‌ଙ୍କର ଜନ୍ମ ହୋଇଥିଲା। ଏଭଳି ବିଶ୍ୱାସ ଓ ଦ୍ୱନ୍ଦ୍ୱକୁ ନେଇ ବାରମ୍ବାର ସଂଘର୍ଷ ଓ ରକ୍ତପାତ ମଧ୍ୟ ଘଟିଛି।

ତେବେ ୧୯୪୮ରୁ ଇସ୍ରାଏଲ୍‌ର ଆତ୍ମପ୍ରକାଶ ପରଠାରୁ ୱେଷ୍ଟବ୍ୟାଙ୍କ, ଗାଜା ଷ୍ଟ୍ରିପ୍ ଓ ଗୋଲନ ହାଇଟ୍ସକୁ ନେଇ ଉଭୟ ଦେଶ ମଧ୍ୟରେ ଦୀର୍ଘଦିନର ବିବାଦ ଲାଗି ରହିଥିବାରୁ ମଝିରେ ମଝିରେ ଏଭଳି ବିବାଦର ସୂତ୍ରପାତ ହେଉଛି। ପାଲେଷ୍ଟାଇନ୍ ଏହି ୩ ଅଞ୍ଚଳ ସମେତ ପୂର୍ବ ଇସ୍ରାଏଲ୍ ଉପରେ ନିଜର ଅଧିକାର ସାବ୍ୟସ୍ତ କରି ଆସୁଛି। ଅନ୍ୟପଟେ ଇସ୍ରାଏଲ ଜେରୁଜେଲମ ଉପରେ ନିଜର କର୍ତ୍ତୃତ୍ୱ ବଳବତ୍ତର ରଖିଛି। ଗାଜା ଷ୍ଟ୍ରିପ୍ ହେଉଛି ମିଶର ଓ ଇସ୍ରାଏଲ୍ ମଧ୍ୟସ୍ଥଳରେ ଥିବା ଏକ ସ୍ଥାନ, ଯାହାକି ପାଲେଷ୍ଟାଇନ୍ ସମର୍ଥିତ ହମାସ୍‌ମାନଙ୍କ କବ୍‌ଜାରେ ରହିଛି। ହମାସ୍ ନିଜକୁ ପାଲେଷ୍ଟିନୀୟ ମାନଙ୍କ ପ୍ରତିନିଧି କହି ଇସ୍ରାଏଲ୍‌କୁ ବିରୋଧକରି ଚାଲିଛି। ୨୦୦୫ରେ ଇସ୍ରାଏଲ୍ ଗାଜାରୁ ସୈନ୍ୟ ପ୍ରତ୍ୟାହର କରିବା ସହ ୨୦୦୭ରେ ଏହି ଅଞ୍ଚଳ ଉପରେ କିଛି ପ୍ରତିବନ୍ଧକ ଲଗାଇଛି। କିନ୍ତୁ ପାଲେଷ୍ଟାଇନ୍‌ର ଦାବି ୱେଷ୍ଟବ୍ୟାଙ୍କ ଓ ଗାଜା ଉପରେ ସ୍ୱତନ୍ତ୍ର ପାଲେଷ୍ଟ୍ରାଇନ୍ ରାଷ୍ଟ୍ର ଗଠନ ହେଉ। ଏହାକୁ ବିରୋଧ କରୁଛି ଇସ୍ରାଏଲ୍। ୩୬୫ ବର୍ଗକି.ମି. ଅଞ୍ଚଳ ପରିମିତ ଗାଜା ୧୯୪୯ରେ ସ୍ୱତନ୍ତ୍ର ପରିଚୟ ପାଇଥିବା ବେଳେ ୨୦୨୦ ଜନସଂଖ୍ୟା ଆଧାର ରିପୋର୍ଟ କହୁଛି ଗାଜାର ଲୋକସଂଖ୍ୟା ହେଉଛନ୍ତି ୨୦.୫ ଲକ୍ଷ। ଅଧିକାଂଶ ଲୋକ ସିଆ ମୁସଲମାନ ଓ ଅହମ୍ମଦୀ ମୁସଲମାନ ସମ୍ପ୍ରଦାୟର। ଗାଜାର ୩ ପାର୍ଶ୍ୱରେ ଇସ୍ରାଏଲ ଓ ଗୋଟିଏ ପାର୍ଶ୍ୱ (ଦକ୍ଷିଣ)ରେ ରହିଛି ଇଜିପ୍ଟ। ୨୦୦୭ରୁ ଏହା ହମାସ୍ ଦ୍ୱାରା ନିୟନ୍ତ୍ରିତ । ୨୦୦୬ ପରେ ଏଠାରେ କୌଣସି ନିର୍ବାଚନ ହୋଇନାହିଁ। ହମାସ୍ ଏଠାରେ ପାଲେଷ୍ଟାଇନ୍ ରାଷ୍ଟ୍ର ଓ ପାଲେଷ୍ଟାଇନ୍ ଲୋକଙ୍କ ପ୍ରତିନିଧିତ୍ୱ କରୁଥିବା କହି ଆସୁଛି। ୧୯୧୮ରୁ ୧୯୪୮ ପର୍ଯ୍ୟନ୍ତ ବ୍ରିଟେନ୍ ଓ ୧୯୪୮ରୁ ୧୯୬୭ ପର୍ଯ୍ୟନ୍ତ ଇଜିପ୍ଟ ନିୟନ୍ତ୍ରଣରେ ଥିବା ଗାଜା ପୂର୍ବରୁ ଅଟୋମାନ ସାମ୍ରାଜ୍ୟର ଅଂଶ ଥିଲା। ୧୯୬୭ରେ ଇସ୍ରାଏଲ ଇଜିପ୍ଟଠାରୁ ଗାଜା ଷ୍ଟ୍ରିପ୍ ଓ ଜୋର୍ଡାନଠାରୁ ୱେଷ୍ଟବ୍ୟାଙ୍କକୁ ଅଧିକାର କରି ନେଇଥିଲା। ପରେ ଇସ୍ରାଏଲ ଗାଜା ଉପରୁ ନିୟନ୍ତ୍ରଣ ପ୍ରତ୍ୟାହାର କରିନେଇଥିଲା।

ତେଣୁ ଏଭଳି ଅନେକ ବାଦବିବାଦ, ଧର୍ମ ଓ ବିଶ୍ୱାସକୁ ନେଇ ଯୁଦ୍ଧ ହୋଇଆସୁଛି। ଅକ୍ଟୋବର ୭ରେ ଇସ୍ରାଏଲ୍‌ର ବିଭିନ୍ନ ସହରକୁ ଟାର୍ଗେଟକରି ହମାସ୍ ଆତଙ୍କବାଦୀମାନେ ଯେମିତି ୫ହଜାରରୁ ଅଧିକ ରକେଟ ମାଡ଼ କଲା ତାହା ବିଶ୍ୱକୁ ସ୍ତବ୍ଧ କରିଦେଇଛି। ଏଭଳି ସ୍ଥିତିକୁ ଦେଖି ହମାସ୍‌କୁ ଗାଜା ଷ୍ଟ୍ରିପ୍‌ରୁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ କରିବାକୁ ଇସ୍ରାଏଲ୍ ଗାଜା ଉପରେ ଭୟଙ୍କର ଆକ୍ରମଣ କରିଚାଲିଛି।



ଇସ୍ରାଏଲ୍ ଓ ପାଲେଷ୍ଟାଇନ୍ ମଧ୍ୟରେ ଯୁଦ୍ଧକୁ ନେଇ ଏବେ ବିଶ୍ୱ ୨ଭାଗରେ ବିଭକ୍ତ ହୋଇ ସାରିଲାଣି। ଆମେରିକା ସିଧା ଇସ୍ରାଏଲ୍‌କୁ ସମର୍ଥନ କରୁଥିବା ବେଳେ ଯୁଦ୍ଧପୋତ ,ଯୁଦ୍ଧ ବିମାନ ପଠାଇଛି। ଗାଜାଷ୍ଟ୍ରିପ୍‌କୁ ପୂରା ମାଟିରେ ମିଶାଇଦେବାକୁ ପଣ କରିଥିବା ଇସ୍ରାଏଲ୍‌ର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଆମେରିକା, ଇଂଲଣ୍ଡ, ଫ୍ରାନ୍ସ, ଭାରତ ଭଳି ପ୍ରମୁଖ ଦେଶରୁ ସମର୍ଥନ ମିଳିଛି। ଏହି ଲଢ଼େଇରେ ଉଭୟ ଦେଶର ଜନସାଧାରଣଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଛି। ଗାଜାରେ ୨ଲକ୍ଷରୁ ଅଧିକ ଲୋକ ବେଘର ହୋଇଛନ୍ତି। ମୃତାହତଙ୍କ ସଂଖ୍ୟା ପ୍ରତିଦିନ ବଢୁଛି। ଜନବସତି, ମେଡିକାଲ,ବିଶ୍ୱବିଦ୍ୟାଳୟ ଉପରକୁ ମଧ୍ୟ ରକେଟ ଓ ବୋମାମାଡ଼ ହେଉଛି। ଅନେକ ସାଧାରଣ ଲୋକଙ୍କୁ ଅପହରଣକରି ବନ୍ଦୀକରି ରଖିଛନ୍ତି ହମାସ୍ ଆତଙ୍କବାଦୀ ମାନେ। ଲେବାନନ୍‌ର ହିଜବୁଲା ଆତଙ୍କବାଦୀ ସଙ୍ଗଠନ ହମାସ୍‌କୁ ସମର୍ଥନ ଜାରି ରଖି ଇସ୍ରାଏଲ୍ ଉପରେ ମୋର୍ଟାର ମାଡ଼ କରିଛି। ଯୁଦ୍ଧ ସମାଧାନ କ୍ଷେତ୍ରରେ ଜାତିସଂଘ ଭଳି ବିଶ୍ୱ ସଙ୍ଗଠନ ମଧ୍ୟ ଏକ ପ୍ରକାର ବିଫଳ ବୋଲି କୁହାଯାଉଛି। ପତିଆରା ଓ ପ୍ରଭୁତ୍ୱ ପାଇଁ ବିଶ୍ୱର ସଙ୍ଗଠିତ ହେଉଥିବା ଏଭଳି ଯୁଦ୍ଧ ପଛରେ କିଛି ଗୋଷ୍ଠୀ ବିଶ୍ୱକୁ ଗୋଳମାଳିଆ ସ୍ଥିତିରେ ରଖି ନିଜ ସ୍ୱାର୍ଥ ହାସଲ ପାଇଁ ବାରୁଦଗଦା ଭିତରକୁ ବିଶ୍ୱବାସୀଙ୍କୁ ଠେଲିଦେଇଛନ୍ତି,ଯାହାକି ସମସ୍ତଙ୍କ ପାଇଁ ସଙ୍କଟ ସ୍ଥିତି ଆଣିଦେଇଛି।


**ବାଲିପନ୍ତାଳ, ଅସ୍ତରଙ୍ଗ, ପୁରୀ**
**ମୋ–୯୭୭୮୬୯୭୦୩୬**


# ବ୍ୟକ୍ତିତ୍ୱର ଆକର୍ଷଣ



ମୀରା ବେଉରା

କେତେ ଘାତ ପ୍ରତିଘାତ ପଥ ଦେଇ ସାଧାରଣ ମଣିଷଟିଏ ଗୋଟିଏ ସଂଘର୍ଷପୂର୍ଣ୍ଣ ଜୀବନ ଜିଇଁବା ପରେ ତା'ର ପରିଚୟ ତିଆରି କରିଥାଏ। ସାଧାରଣତଃ ସମସ୍ତଙ୍କର ଧାରଣା ଯେ ପୋଷାକ ଆମ ସମସ୍ତଙ୍କର ପରିଚୟ। ବେଳେ ବେଳେ ଦେଖାଯାଏ ପୋଷାକ ବା ପଦପଦବୀ ମଣିଷକୁ ତା'ର ପ୍ରକୃତ ପରିଚୟ ଦିଏ ନାହିଁ। କେବଳ ବାହ୍ୟ ପୋଷାକ ପରିଚ୍ଛଦକୁ ବଦଳାଇ କେହି କେବେ ବଡ଼ମଣିଷ ବା ଉଦାର ମଣିଷ ହୋଇଯାଏ ନାହିଁ। ତା'ର ଆନ୍ତରିକ ବ୍ୟବହାର, ଚାଲିଚଳନ ତାକୁ ବଳିଷ୍ଠ ବ୍ୟକ୍ତିତ୍ୱର ପରିଚୟ ଦିଏ। ଯଦି ଦେଖିବା ସମାଜରେ ଏମିତି ଅନେକ ମଣିଷ ଅଛନ୍ତି ଯେଉଁମାନେ ଉପରେ ଯଦିଓ ଶୋଭନୀୟ ଗେରୁଆ ପୋଷାକ ପିନ୍ଧି, ଚନ୍ଦନ ତିଳକ ମଥାରେ ଲଗାଇ ମୁହଁରେ ବେଦମନ୍ତ୍ର ଉଚ୍ଚାରଣ କରନ୍ତି; ଭିତରେ କିନ୍ତୁ ସାଧାରଣ ମଣିଷର ଅସହାୟ ମାନସିକତା ପଣିଆକୁ ଅତି ନିଷ୍ଠୁର ଭାବେ ଲୁଟିବାକୁ ପଛାନ୍ତି ନାହିଁ। ସେହିଥିପାଇଁ କବିସୂର୍ଯ୍ୟ ବଳଦେବ ରଥ ଲେଖିଥିଲେ, 'ଦେହେ ମନ୍ଦାକିନୀ ରଜ ଲଗାଇ, ଗ୍ରାମ ଶୂକର କି ହୋଇବ ଗାଈ' । ଖନା ବଚନରେ ମଧ୍ୟ ଉଲ୍ଲେଖ ରହିଛି, 'ମଧୁର ବଚନ ତିଳକ ସରୁ, ଏସବୁ ଅଟନ୍ତି ଠକଙ୍କ ଗୁରୁ' ।

ଆମ ଭିତରେ ଏମିତି ଲୋକ ଅଛନ୍ତି ଦେଖିବାକୁ ସୁନ୍ଦର ନ ହେଲେ ବି ନିଜର ଆକର୍ଷଣୀୟ ଗୁଣ ବ୍ୟବହାର ଦ୍ୱାରା ସେମାନେ ସମସ୍ତଙ୍କୁ ଆପଣାର କରି ଇତିହାସରେ ଅମର ହୋଇଛନ୍ତି। ବେଳେ ବେଳେ ଏମିତି ବି ଦେଖାଯାଏ ଅନେକ ସୁନ୍ଦର ମଣିଷ ନିଜର କୁତ୍ସିତ ବ୍ୟବହାର ଦ୍ୱାରା ଅନ୍ୟ ଉପରେ ଅହଂକାରଜନିତ ଅଧିକାର ଜାହିରକରି ଅନ୍ୟକୁ ବାରମ୍ବାର ଅପମାନ ଦେଇ ପଦପଦବୀର ଗର୍ବରେ ନିଜକୁ ଅସୁନ୍ଦର ଓ କୁତ୍ସିତ କରି ଦେଇଥାନ୍ତି। ଇତିହାସ, ପୁରାଣରେ ଆମେ ଦେଖିବାକୁ ପାଇଥାଉ ଯେ ରାବଣ, କଂସ, ଦୁର୍ଯ୍ୟୋଧନ ଯଦିଓ ରାଜା ହୋଇ ହୀରାଲୀଳା ଖଚିତ ରାଜପୋଷାକ ପରିଧାନ କରିଥିଲେ, ତେବେ ଅହଂକାରପୂର୍ଣ୍ଣ ବ୍ୟକ୍ତିତ୍ୱ ହିଁ ତାଙ୍କ ପତନର କାରଣ ହୋଇଥିଲା। କିନ୍ତୁ ପ୍ରଭୁ ରାମଚନ୍ଦ୍ର ବନବାସୀ ହୋଇଥିଲେ ମଧ୍ୟ ତାଙ୍କର ଉଜ୍ଜ୍ୱଳ ବ୍ୟକ୍ତିତ୍ୱ ସେଦିନ ବଣରେ ଋଷିମୁନିମାନଙ୍କୁ ଆକର୍ଷିତ କରିଥିଲା। ଜାତିର ପିତା ମହାତ୍ମା ଗାନ୍ଧୀ, ମଦର ଟେରେସା, ଗୋପବନ୍ଧୁ, ରମାଦେବୀ ନିଜର ଅସାଧାରଣ ବ୍ୟକ୍ତିତ୍ୱ ଦ୍ୱାରା ସମଗ୍ର ବିଶ୍ୱକୁ ଚମକାଇ ଦେଇଥିଲେ। ଥରେ ଗାନ୍ଧିଜୀ ଜଣେ ଇଂରେଜ ଶାସକଙ୍କ ପାଖରୁ ନିମନ୍ତ୍ରଣ ପାଇ ତାଙ୍କ ନିକଟକୁ ଧୋତି ପିନ୍ଧି ଯାଇଥିଲେ। କିନ୍ତୁ ଦ୍ୱାରପାଳ ତାଙ୍କୁ ଭିତରକୁ ପ୍ରବେଶ କରିବାକୁ ଦେଲା ନାହିଁ। ଏହାପରେ ଗାନ୍ଧିଜୀ ନିଜର କୋଟ୍, ସୁଟ୍ ଓ ଟାଇକୁ ଅତି ସୁନ୍ଦର ଭାବରେ ଭାଙ୍ଗି ସେହି ଲାଟ୍ ସାହେବଙ୍କ ନିକଟକୁ ପଠାଇ ଦେଇଥିଲେ। ପରେ ଯେତେବେଳେ ଲାଟ୍ ସାହେବ ସବୁ ଜାଣିଲେ, ସେତେବେଳେ ସେ ଖୁବ୍ ଲଜ୍ଜିତ ହୋଇ ଗାନ୍ଧିଜୀଙ୍କୁ ସମ୍ମାନର ସହ ପାଛୋଟି ନେଇଥିଲେ। ସେଦିନ ଗାନ୍ଧୀ ପ୍ରମାଣକରି ଦେଇଥିଲେ ଯେ ଶୁଦ୍ଧ ଆଚରଣ, ବ୍ୟବହାର, ଅନ୍ତରର ସୁନ୍ଦରତା, ସତ୍ୟ, ଅହିଂସା, ପ୍ରେମ, ସ୍ନେହ, ସାଧାରଣ ମଣିଷଟିକୁ ମଧ୍ୟ ବିରାଟ ବ୍ୟକ୍ତିତ୍ୱରେ ପରିଣତ କରିଦେଇଥାଏ।

ସେହିଭଳି ଅବର୍ଣ୍ଣନୀୟ ବ୍ୟକ୍ତିତ୍ୱ ଥିଲେ ଗୋରା କଳା ଭେଦଭାବର ଉଚ୍ଛେଦକାରୀ ଆମେରିକାର ରାଷ୍ଟ୍ରପତି ଆବ୍ରାହମ ଲିଙ୍କନ୍ ଓ ରୁଜ୍ ଭେଲ୍ଟ। ଥରେ ଲିଙ୍କନ୍ ଜାହାଜରେ ଯାତ୍ରା କରିବାକୁ ଯାଇ ଦେଖିଲେ ଯେ ସମଗ୍ର ଜାହାଜଟି ଯାତ୍ରୀରେ ପରିପୂର୍ଣ୍ଣ। ଶୋଇବାକୁ ଜାଗାଟିଏ ନାହିଁ। ତେଣୁ ସେ ଷ୍ଟୋର ରୁମ୍‌ରେ ଲୁଗାଟିଏ ବିଛାଇ ଓ ତକିଆ କରି ଶୋଇପଡ଼ିଲେ। ଏହା ଦେଖି ବହୁ ଲୋକ ସେଦିନ ଲିଙ୍କନ୍‌ଙ୍କୁ ସାହାଯ୍ୟ କରିବାକୁ ଧାଇଁ ଆସିଥିଲେ। ଏହାର କାରଣ ଥିଲା ଲିଙ୍କନ୍‌ଙ୍କର ଭଲ ପାଇବା ଏବଂ ବଦାନ୍ୟତା। ନିଜ ଉପରେ ଯାହାଙ୍କର ଯେତେ ବେଶି ଆଧିପତ୍ୟ, କର୍ତ୍ତବ୍ୟର ଆହ୍ୱାନରେ ସର୍ବାଗ୍ରେ ଯିଏ ବିପଦ ସମ୍ମୁଖରେ ଠିଆହେବାରେ ଅଭ୍ୟସ୍ତ, ଯିଏ ଯେତେ ଉଦାର, ନିଃସ୍ୱାର୍ଥ, ସେବା ପରାୟଣ, ନିର୍ଭୀକ; ବାସ୍ତବରେ ସେ ସେତିକି ସୁନ୍ଦର ଭାବରେ ଅନ୍ୟମାନଙ୍କୁ ଅନୁପ୍ରାଣିତ ଓ ଆକର୍ଷିତ କରିବାରେ ସମର୍ଥ ହୋଇପାରିଥାନ୍ତି– ଯାହାକୁ ସେଦିନ ଲିଙ୍କନ୍ ପ୍ରମାଣ କରିଦେଇଥିଲେ। ଏଭଳି ବ୍ୟକ୍ତିମାନଙ୍କର ନା ଥାଏ ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ; ନା ଥାଏ ଅପର୍ଯ୍ୟାପ୍ତ ଧନସମ୍ପତ୍ତି ; ଅଧିକନ୍ତୁ ରହିଥାଏ କେବଳ ଗୋଟିଏ ସୁନ୍ଦର ବ୍ୟକ୍ତିତ୍ୱ। ସେହି ବ୍ୟକ୍ତିତ୍ୱ ବଳରେ ନିଜର ଦକ୍ଷତାନୁଯାୟୀ ସେମାନେ ସବୁବେଳେ ସଫଳତାର ପର୍ବତ ଆରୋହଣ କରିବାକୁ କ୍ଷମ ହୋଇଥାନ୍ତି।


**ରଘୁନାଥ ଜୀଉ ମହାବିଦ୍ୟାଳୟ**
**ଦେଉଳ ସାହି, କଟକ**
**ମୋ– ୯୮୫୩୩୫୦୩୮୪**


## ଚିରନ୍ତନୀ

ସବୁ ସ୍ମୃତି ସବୁ ସୁଖ ଭାବନାର ଢେଉ
ଦିନେ ଏ ଅନ୍ତର ଦେଶେ ବାଜିଥିଲା ଯେହୁ
ବନ୍ଧ ଏ ଦୁଆରେ ଆଜି
ଫେରିଯାଉ ବାଜି ବାଜି,
ଏ ତମିସ୍ର କୋଣୁଁ ମୋର ସମ୍ବାଦ ନ ଦେଉ
ସେ ଦିନ ଅନ୍ତର ଦେଶେ ବାଜିଥିଲା ଯେହୁ।
–(ବନ୍ଦୀର ବିଳାପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଡିଜେ ଗାଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉ

ମହାଶୟ,

ବିନା ଫିଟ୍‌ନେସ୍ ଓ ଅନୁମତିରେ ମାଳମାଳ ଡିଜେ ଗାଡ଼ି ବୁଲିବା ସହିତ କାନଫଟା ଗର୍ଜନ କରି ଜନସାଧାରଣଙ୍କୁ ଅତିଷ୍ଠ କରିଚାଲିଛନ୍ତି। ଠିକ୍ ସେହିଭଳି ସଂଶୋଧିତ ମୋଟରଯାନ ଆଇନ ୨୦୧୯ର ନିୟମ ଉଲ୍ଲଂଘନ କରି ମାଲିକଙ୍କ ଦ୍ୱାରା ନିୟମ ବହିର୍ଭୂତ ଭାବେ ଗାଡ଼ିର ପରିବର୍ତ୍ତନ କରାଯାଉଥିଲେ ମଧ୍ୟ ସଂଶୋଧିତ ଆଇନର ଦଫା ୧୮୨ (ଏ) (୪) ଅନୁଯାୟୀ ଜରିମାନା ଆଦାୟ କରାଯାଉ ନ ଥିବାରୁ ଡିଜେ ଗାଡ଼ିସଂଖ୍ୟା ବୃଦ୍ଧି ପାଉଛି। କେବଳ ସେତିକି ନୁହେଁ, ଶବ୍ଦକୁ ନେଇ କଟକଣା ରହିଥିଲେ ବି ଏଥିପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ। ଏନଭାଇରେନ୍‌ମେଣ୍ଟ ପ୍ରୋଟେକ୍ସନ ଆକ୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଡିଜେର ବିକଟାଳ ଶବ୍ଦ ପାଇଁ ଜଣଙ୍କ ପରେ ଜଣଙ୍କ ଜୀବନ ଅକାଳରେ ଚାଲିଯାଉଛି। ଏପରିକି ଏହି ଶବ୍ଦରେ ଛୋଟ ପିଲାଙ୍କ ସମେତ ହୃଦ୍‌ରୋଗୀ, ବୃଦ୍ଧ–ବୃଦ୍ଧାମାନେ ଅତିଷ୍ଠ ହେଉଥିବାବେଳେ ପୋଲିସ ପକ୍ଷରୁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ବିଶେଷକରି ଏ ସଂକ୍ରାନ୍ତରେ ଖବର ପ୍ରକାଶ ପାଉଥିଲେ ମଧ୍ୟ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଯାନବାହନରେ ବିକଟାଳ ହର୍ନ ସହିତ ଡିଜେ ଗାଡ଼ିର ବିକଟାଳ ଶବ୍ଦ ଥରହର କରିଦେଉଛି। ଏଣୁ ଓଡ଼ିଶାରେ ଡିଜେ ଗାଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇ ଆଇନ ମୁତାବକ ଜରିମାନା ଆଦାୟ କରାଗଲେ ଶବ୍ଦ ପ୍ରଦୂଷଣ ରୋକାଯାଇ ପାରିବ।

**–ବିଷ୍ଣୁପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## କାଠ ଫାଳିଆରେ ପିଟି ଆଈଙ୍କୁ ହତ୍ୟା

ହାଟଡ଼ିହୀ(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ସୋସୋ ଥାନା ସରଳପଶି ଗ୍ରାମର ଜଣେ ଯୁବକ ତାଙ୍କ ଆଈଙ୍କୁ କାଠଫାଳିଆରେ ପିଟି ହତ୍ୟା କରିଛନ୍ତି। ମୃତ ମହିଳା ହେଲେ ମିନି ମୁଣ୍ଡା (୬୫)। ଘଟଣାରେ ପୋଲିସ ଅଭିଯୁକ୍ତ ଅଭି ମୁଣ୍ଡାଙ୍କୁ ଗିରଫ କରି ତଦନ୍ତ କରୁଛି। ଘଟଣା ଗତ ମଙ୍ଗଳବାର ରାତିରେ ଘଟିଥିବା ବେଳେ ବୁଧବାର ଜଣାପଡ଼ିଥିଲା। ପ୍ରତିରୋଧ କରିବାକୁ ଯାଇ ମାଈଁ ମିନତୀ ମୁଣ୍ଡା ଓ ମାମୁ କାଳିଆ ମୁଣ୍ଡା ଆହତ ହୋଇଛନ୍ତି। ମୃତକଙ୍କ ପୁତୁରା ଚରଣ ମୁଣ୍ଡାଙ୍କ ଅଭିଯୋଗ କ୍ରମେ ଏକ ମାମଲା (ନଂ. ୧୬୧/୨୩) ରୁଜୁ ହୋଇଛି। ଘରୋଇ କଳହରୁ ହତ୍ୟାକାଣ୍ଡ ଘଟିଥିବା ଥାନା ଅଧିକାରୀ ବିଜୟ ବିହାରୀ କହିଛନ୍ତି।

## ନଭେମ୍ବର ୧ରୁ ଅଗ୍ନିପଥ ସେନା ନିଯୁକ୍ତି ରାଲି

### ଉପକୂଳ ୧୦ ଜିଲା ପାଇଁ ବାଲେଶ୍ୱରରେ ହେବ ପରୀକ୍ଷା

**କଟକ,୧୮।୧୦ (କାର୍ତ୍ତିକ ସାହୁ):** ଅଗ୍ନିପଥ ଯୋଜନାରେ ୧୦ଟି ଉପକୂଳ ଜିଲା ନିମନ୍ତେ ସେନା ନିଯୁକ୍ତି ରାଲି ନଭେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କଟକ, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ନୟାଗଡ଼, ବାଲେଶ୍ୱର, ଖୋର୍ଦ୍ଧା, ଯାଜପୁର, ପୁରୀ ଓ ଭଦ୍ରକ ଜିଲାର ତାଲିକାଭୁକ୍ତ ପ୍ରାର୍ଥୀମାନଙ୍କ ନିମନ୍ତେ ବାଲେଶ୍ୱର ରିଜର୍ଭ ପୋଲିସ ଲାଇନ୍ ପଡ଼ିଆଠାରେ ସେନା ନିଯୁକ୍ତି ରାଲି ପାଇଁ କାର୍ଯ୍ୟସୂଚୀ ସ୍ଥିର ହୋଇଛି। ଅନ୍‌ଲାଇନ୍ ସାଧାରଣ ପ୍ରବେଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନେ ଏହି ନିଯୁକ୍ତି ରାଲିରେ ଭାଗ ନେଇ ନିଜର ଶାରୀରିକ ସ୍ୱାସ୍ଥ୍ୟ ଓ ମେଡିକାଲ ପରୀକ୍ଷଣ କରାଇବା ନିମନ୍ତେ ଆହ୍ୱାନ କରାଯାଇଛି। ଉତ୍ତୀର୍ଣ୍ଣ ପ୍ରାର୍ଥୀମାନଙ୍କୁ ସେମାନଙ୍କ ପଞ୍ଜିକୃତ ଇ-ମେଲ୍ ଆଇଡି ଯୋଗେ ଆଡ୍‌ମିଟ୍ କାର୍ଡ ପଠାଇ ଦିଆଯାଇଛି। ଭାରତୀୟ ସେନାର ୱେବ୍‌ସାଇଟ୍ www.joinindianarmy.nic.in ଲଗ୍‌ଇନ୍ କରି ପ୍ରାର୍ଥୀମାନେ ନିଜ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ଏ ସମ୍ବନ୍ଧିତ କୌଣସି ଅନୁସନ୍ଧାନ ପାଇଁ ପ୍ରାର୍ଥୀମାନେ କଟକସ୍ଥିତ ଆର୍ମି ନିଯୁକ୍ତି କାର୍ଯ୍ୟାଳୟର ଟେଲିଫୋନ ନମ୍ବର ୦୬୭୧୨୩୦୫୨୮୦ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ନିଯୁକ୍ତି ପ୍ରକ୍ରିୟା ସମୟରେ କୌଣସି ଦଲାଲ ବା ଏଜେଣ୍ଟମାନଙ୍କର ଶିକାର ନ ହେବା ପାଇଁ ପ୍ରାର୍ଥୀମାନେ ସେମାନଙ୍କ ମୂଳ ପ୍ରମାଣପତ୍ର କୌଣସି ଅଜ୍ଞାତ ବ୍ୟକ୍ତିଙ୍କୁ ହସ୍ତାନ୍ତର ନ କରିବାକୁ ପରାମର୍ଶ ଦିଆଯାଇଛି। ଏଭଳି କୌଣସି ସମସ୍ୟା ସୃଷ୍ଟି ହେଲେ ତୁରନ୍ତ କଟକସ୍ଥିତ ପୋଲିସ ଓ ସେନା ନିଯୁକ୍ତି କାର୍ଯ୍ୟାଳୟର କର୍ମଚାରୀଙ୍କ ନଜରକୁ ଆଣିବାକୁ କୁହାଯାଇଛି।






ଭୁବନେଶ୍ୱର ଶହୀଦନଗରରେ ୫୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଅତ୍ୟାଧୁନିକ ଓପିଟିସିଏଲ୍ ଟେକ୍ ଟାୱାରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଲୋକାର୍ପଣ କରୁଛନ୍ତି।

# ଓପିଟିସିଏଲ୍ ଟେକ୍ ଟାୱାର ଉଦ୍‌ଘାଟିତ

## ବିଦ୍ୟୁତ୍ ପରିବହନ ଭିତ୍ତିଭୂମି ପାଇଁ ଓପିଟିସିଏଲ୍ ଭୂମିକା ଗୁରୁତ୍ୱପୂର୍ଣ୍ଣ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୮।୧୦(ଅନିଲ ଦାସ)** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଶହୀଦନଗରଠାରେ ଥିବା ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ (ଓପିଟିସିଏଲ୍) ଟେକ୍ ଟାୱାରକୁ ଉଦ୍‌ଘାଟନ କରିଛନ୍ତି। ୫୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ବହୁତଳ ପ୍ରାସାଦ ଓପିଟିସିଏଲ୍ କର୍ପୋରେଟ୍ ଅଫିସ ଭାବେ କାର୍ଯ୍ୟ କରିବ। ଏହି କୋଠା ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳରେ ନିର୍ମିତ। କୋଠାର କାର୍ଯ୍ୟସ୍ଥଳରେ ସୁରକ୍ଷା ସହିତ ଏନର୍ଜୀ ଏଫିସିଏଣ୍ଟ ବିଲ୍ଡିଂ ଭାବେ ନିର୍ମାଣ କରାଯାଇଛି। ଓପିଟିସିଏଲ୍ ରାଜ୍ୟବାସୀଙ୍କୁ ଉତ୍ତମ ମାନର ନିରନ୍ତର ବିଦ୍ୟୁତ୍ ସେବା ଯୋଗାଇ ଆସିଛି। ଶକ୍ତି କ୍ଷେତ୍ରର ବିକାଶରେ ଏହାର ବହୁତ ବଡ଼ ଭୂମିକା ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ବିଦ୍ୟୁତ୍ ପରିବହନ ଭିତ୍ତିଭୂମି କ୍ଷେତ୍ରରେ ଓପିଟିସିଏଲ୍‌ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି। ୨୦୦୦ ମସିହାରେ ରାଜ୍ୟରେ ମାତ୍ର ୧୬ ଲକ୍ଷ ବିଦ୍ୟୁତ୍ ଗ୍ରାହକ ଥିବାବେଳେ ଏବେ ଏହା ୯୭ ଲକ୍ଷରେ ପହଞ୍ଚିଛି। ସେହିପରି ରାଜ୍ୟରେ ମାତ୍ର ୮୦ଟି ଗ୍ରୀଡ୍ ସବ୍‌ଷ୍ଟେଶନ ଥିବାବେଳେ ଏବେ ତାହା ୧୯୪କୁ ବୃଦ୍ଧିପାଇଛି । ଅନ୍ୟପକ୍ଷରେ ଟ୍ରାନ୍ସଫର୍ମେଶନ କାପାସିଟି ୬,୧୨୫ ଏମ୍‌ଭିଏରୁ ୨୫,୮୦୦ ଏମ୍‌ଭିଏକୁ ବୃଦ୍ଧିପାଇଛି। ବିଦ୍ୟୁତ୍ ପରିବହନ ଲାଇନ ୯୪୦୦ ସର୍କିଟ କିଲୋମିଟର ଥିବାବେଳେ ଏବେ ତାହା ୧୬,୩୦୦ ସର୍କିଟ କିଲୋମିଟରରେ ପହଞ୍ଚିଛି। ଓପିଟିସିଏଲ୍ ଶକ୍ତି ପରିବହନ କ୍ଷେତ୍ରକୁ ମଜଭୁତ କରିବା ସହିତ ରାଜ୍ୟର ଯୁବଗୋଷ୍ଠୀଙ୍କ ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ୫-ଟି ସଚିବ ଭି.କେ.ପାଣ୍ଡିଆନ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ, ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଓପିଟିସିଏଲ୍ ସିଏମ୍‌ଡି ସଞ୍ଜୟ ମିଶ୍ର ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

### ହାବିଲଦାର, କନ୍‌ଷ୍ଟେବଲ, ସିପାହି ସଂଘ ନିର୍ବାଚନ ମାମଲା

# ମାସକ ମଧ୍ୟରେ ପଦକ୍ଷେପ ନେବାକୁ ଡିଜିପିଙ୍କୁ ନିର୍ଦ୍ଦେଶ

**କଟକ,୧୮।୧୦ (କାର୍ତ୍ତିକ ସାହୁ)** ଓଡ଼ିଶା ପୋଲିସ ହାବିଲଦାର, କନଷ୍ଟେବଲ୍ ଓ ସିପାହି ସଂଘର କର୍ମକର୍ତ୍ତା ନିର୍ବାଚନ ନିମନ୍ତେ ୧ ମାସ ମଧ୍ୟରେ ପଦକ୍ଷେପ ନେବାକୁ ଡିଜିପିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଡ. ଏସ୍. କେ. ପାଣିଗ୍ରାହୀ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେବା ସହ ମାମଲାର ଅନ୍ତ ଘଟାଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ଓଡ଼ିଶା ପୋଲିସ ହାବିଲଦାର, କନ୍‌ଷ୍ଟେବଲ ଓ ସିପାହି ସଂଘର କର୍ମକର୍ତ୍ତା ନିର୍ବାଚନ ପ୍ରତି ୨ ବର୍ଷରେ ଥରେ ହେବା କଥା। ହେଲେ ପ୍ରଶାସନିକ ନିଷ୍କ୍ରିୟତା କାରଣରୁ ୨୦୧୯ ଏପ୍ରିଲଠାରୁ ଉପରୋକ୍ତ ନିର୍ବାଚନ କରାଯାଉନାହିଁ। ନିର୍ବାଚନ କରାଇବା ନିମନ୍ତେ ଡିଜିପିଙ୍କୁ ଆବେଦନ କରାଯିବା ପରେ ବି ତାହା ସେମିତି ପଡ଼ିରହିଥିଲା। ଏହା ବିରୋଧରେ ଆବେଦନକାରୀ ବାବୁଲି ନାୟକ ଓ ଅନ୍ୟମାନଙ୍କ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ କରାଯାଇଥିଲା। ଆଇନଜୀବୀ ଗିରିଶ ଚନ୍ଦ୍ର ସାହୁ ମାମଲା ପରିଚାଳନା କରୁଥିଲେ।

# ପଶ୍ଚିମବଙ୍ଗକୁ ବିଷାକ୍ତ ସାପ ଚାଲାଣ

## ଜଳେଶ୍ୱର ଷ୍ଟେଶନରୁ ୪ ସାପ ଜବତ, ୨ ଗିରଫ

**ରାଇବଣିଆ, ୧୮।୧୦(ନବୀନ ସାହୁ)** ପଶ୍ଚିମବଙ୍ଗକୁ ବିଷାକ୍ତ ସାପ ଚୋରାଚାଲାଣ ବେଳେ ବୁଧବାର ଜଳେଶ୍ୱର ଷ୍ଟେଶନରୁ ୪ ସାପ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଆରପିଏଫ୍ ଧରି ବନ ବିଭାଗକୁ ହସ୍ତାନ୍ତର କରିଛି।

ଅପରାହ୍ନ ସମୟରେ ଜଳେଶ୍ୱର ଷ୍ଟେଶନର ୧ନଂ. ପ୍ଲାଟଫର୍ମରେ ୨ଜଣ ବ୍ୟକ୍ତି ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଦେଖି ରୂପ୍‌ସା ଆରପିଏଫ୍‌ଓ ସି କୁନ୍ଦନ କୁମାର ଝାଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ତଲାସୀ କରିଥିଲେ। ସେମାନଙ୍କ ନିକଟରୁ ୪ଟି ଝୁଡ଼ିରୁ ୪ଟି ସାପକୁ ଜବତ କରାଯାଇଥିଲା। ସେହି ବିଷାକ୍ତ ସାପକୁ ତୁରନ୍ତ ଜଳେଶ୍ୱର ରେଞ୍ଜ ଅଫିସର ଜୟଶ୍ରୀ ମୁର୍ମୁଙ୍କୁ ହସ୍ତାନ୍ତର କରିଥିଲେ। ପରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗିରଫ ୨ଜଣ ହେଲେ ପଶ୍ଚିମବଙ୍ଗ ରାଜ୍ୟ ପଶ୍ଚିମ ମେଦିନୀପୁର ଜିଲାର ଡାବ୍ରା ଥାନା ଅଧୀନ ହରିଚରଣ ଗ୍ରାମର ଶଙ୍କର ଲାଏକ (୪୭) ଓ ମାନିକ ଲାଏକ (୩୫)।



ଜବତ ସାପ ସହ ଗିରଫ ଅଭିଯୁକ୍ତ।

# ଝୁଡ଼ୀ ହତ୍ୟାକାରୀ ପୁତୁରାଙ୍କୁ ଆଜୀବନ ଜେଲ

**ରାଇରଙ୍ଗପୁର,୧୮।୧୦ (ମାନସ ମହାନ୍ତି)** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ବୁଧବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଦୀପକ କୁମାର ଏହାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୫ ବର୍ଷ କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଗୋରୁମହିଷାଣି ଥାନା ଅଧୀନ ଆମ୍ବଡ଼ା ଡାହି ଗ୍ରାମର ଧ୍ରୁବ କାଳନ୍ଦି।

ମାମଲାର ବିବରଣୀ ଅନୁଯାୟୀ, ଜମିଜମା ବିବାଦକୁ କେନ୍ଦ୍ରକରି ୨୦୧୯ ମାର୍ଚ୍ଚ ୧୬ ତାରିଖରେ ଅଭିଯୁକ୍ତ ଧ୍ରୁବ ତାଙ୍କ ଝୁଡ଼ୀ ରାଇମଣି କାଳନ୍ଦିଙ୍କୁ ଏକ ଖଣ୍ଡାରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଗୋରୁମହିଷାଣି ପୋଲିସ ଏକ ମାମଲା(ନଂ.୧୬/୧୯) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଏପିପି ପଙ୍କଜ ଦାସ ମାମଲା ପରିଚାଳନା କରୁଥିଲେ।


**PARADIP PORT AUTHORITY**
**e-TENDER CALL NOTICE**
FILE NO. -CE/R&B/ACCTS-72/19(Pt-III)/349 Date: 11.10.2023
Name of the Work: Construction of 350qtrs. for Port employees and also to facilitate and reserve land for the future expansion of the Port in Nuabazar area-1st Phase (91qtrs), Estimated Cost: Rs. 61,69,64,158/-
Last date & time of submission of bid: 05.12.2023 up to 18:00 hrs, Refer our Website for details https://eprocure.gov.in/eprocure/app
Sd/-Executive Engineer
Roads & building Division, PPA
PPA/PR/54/2023-24 dtd.16.10.2023


# ବାସ୍ତବ ଇଣ୍ଡିଆ ପ୍ରୋଜେକ୍ଟ ଇନ୍‌ଚାର୍ଜ, ଫିଲ୍ଡ ଅଫିସର ଗିରଫ

- ରାଞ୍ଚିରୁ ଗିରଫ ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ଅଣାଗଲା
- ପୂର୍ବରୁ ଗିରଫ ହୋଇଥିଲେ ସଭାପତି ଓ ସମ୍ପାଦକ

### ମେଧାବୃତ୍ତି, ସୋଲାର ନାଁରେ ୪ କୋଟି ଠକେଇ

**ଭୁବନେଶ୍ୱର,୧୮।୧୦ (ସତ୍ୟଜିତ୍ ରାଉତ)** 'ବାସ୍ତବ ଇଣ୍ଡିଆ ଟ୍ରଷ୍ଟ' ଛାତ୍ରୀଛାତ୍ରଙ୍କୁ ପ୍ରି-ମାଟ୍ରିକ୍ ସ୍କଲାରଶିପ୍ (ମେଧାବୃତ୍ତି) ଓ ଲୋକଙ୍କୁ ସୋଲାର ସଚେତନତା କାର୍ଯ୍ୟକ୍ରମ ଜରିଆରେ ଏଲ୍‌ଇଡି ବଲ୍‌ବ ଯୋଗାଇବା ଆଳରେ ୪ କୋଟି ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଖୋଳତାଡ଼ ଜାରି ରଖିଛି। ଏହି ମାମଲାରେ ସଂସ୍ଥାର ପ୍ରୋଜେକ୍ଟ ଇନ୍‌ଚାର୍ଜ ଅମର ଦାନିଶ୍ ଓ ଷ୍ଟେଟ୍ ଫିଲ୍ଡ ଅଫିସର ନିଶାନ୍ତ ପ୍ରକାଶ ଜୟସ୍ୱାଲଙ୍କୁ ଇଓଡବ୍ଲ୍ୟୁ ଝାଡ଼ଖଣ୍ଡ ରାଞ୍ଚିରୁ ଗିରଫ କରିଛି। ଉଭୟଙ୍କଠାରୁ କେତେକ ଆପତ୍ତିଜନକ ଦସ୍ତାବିଜ୍ ଓ ମୋବାଇଲ ଫୋନ୍ ଜବତ ହୋଇଛି। ମଙ୍ଗଳବାର ଗିରଫ ପରେ ଉଭୟଙ୍କୁ ରାଞ୍ଚି ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ଇଓଡବ୍ଲ୍ୟୁ ଅଭିଯୁକ୍ତଦ୍ୱୟଙ୍କୁ ୪୩ ଘଣ୍ଟାର ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣି ବୁଧବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରିଛି। ଏହାପୂର୍ବରୁ ୨୦୨୨ ଡିସେମ୍ବର ଦ୍ୱିତୀୟ ସପ୍ତାହରେ ସଂସ୍ଥାର ସଭାପତି ତନ୍‌ବିର୍ ନାଜିର୍ ଓ ସମ୍ପାଦକ ଅବଦୁଲ ହାସନାଇନ୍‌ଙ୍କୁ ମଧ୍ୟ ଇଓଡବ୍ଲ୍ୟୁ ରାଞ୍ଚିରୁ ଗିରଫ କରିଥିବାବେଳେ ଉଭୟ ଏବେ ଜେଲରେ ଅଛନ୍ତି।

୨୦୨୨ ମାର୍ଚ୍ଚରେ ଅଭିଯୁକ୍ତମାନେ ଭୁବନେଶ୍ୱର ପଳାଶୁଣିରେ ସଂସ୍ଥାର ଅଫିସ ଖୋଲି ସୁନ୍ଦରଗଡ଼, ଭଦ୍ରକ, ନବରଙ୍ଗପୁର, କନ୍ଧମାଳ ଆଦି ଜିଲାରେ ଜିଲା ଓ ବ୍ଲକ୍ କୋର୍ଡିନେଟର ଭାବେ ଲୋକଙ୍କୁ ନିଯୁକ୍ତି ଦେଇଥିଲେ। ପରବର୍ତ୍ତୀ ସମୟରେ କର୍ମଚାରୀଙ୍କ ମାଧ୍ୟମରେ 'ସୋଲାର୍ ଆୱାର୍‌ନେସ' ଓ 'ଛୁଲୋ ଆସ୍‌ମାନ୍' ନାମରେ ପ୍ରି-ମାଟ୍ରିକ୍ ସ୍କଲାରଶିପ୍ କ୍ୟାମ୍ପେନ କରି ଠକେଇ ଜାଲ ବିଛାଇଥିଲେ। 'ସୋଲାର୍ ଆୱାର୍‌ନେସ' ଜରିଆରେ ମାଗଣାରେ ଏଲ୍‌ଇଡି ବଲ୍‌ବ ଯୋଗାଇଦେବାକୁ କହି ଲୋକଙ୍କଠାରୁ ମେମ୍ବରଶିପ୍ ଫି' ବାବଦକୁ ୧୬୫୦ଟଙ୍କା ଲେଖାଏ ନେଇଥିଲେ। ସେହିପରି 'ଛୁଲୋ ଆସମାନ୍' ନାଁରେ ପ୍ରି-ମାଟ୍ରିକ୍ ସ୍କଲାରଶିପ୍ କ୍ୟାମ୍ପେନ କରି ଅଭିଭାବକଙ୍କୁ ଫସାଇ ୩ ହଜାର ଟଙ୍କାରେ ମେମ୍ବରଶିପ୍ କରାଇଥିଲେ। ଏହା ପରିବର୍ତ୍ତେ ୨୪ ମାସ ପାଇଁ ପିଲାମାନଙ୍କୁ ମାସକୁ ୧ହଜାର ଟଙ୍କା ମିଳିବ ବୋଲି କହିଥିଲେ। ଏପରିକି ବିଶ୍ୱାସ ଜନ୍ମାଇବା ପାଇଁ ୧୦୦ ଜଣ ପିଲାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧ ହଜାର ଟଙ୍କା ଲେଖାଏ ପଠାଇଥିଲେ। ମାର୍ଚ୍ଚରୁ ସେପ୍ଟେମ୍ବର ମଧ୍ୟରେ ୩୫୦୦ ଲୋକଙ୍କଠାରୁ ମୋଟ ୪ କୋଟି ଟଙ୍କା ଠକି ନେଇଥିଲେ। ଏନେଇ ସେବତୀ ମହନ୍ତଙ୍କ ସମେତ ଠକେଇର ଶିକାର ବହୁ ଲୋକଙ୍କ ଏତଲାକ୍ରମେ ଗତବର୍ଷ ନଭେମ୍ବର ୩୦ରେ ଇଓଡବ୍ଲ୍ୟୁ ଏକ ମାମଲା (ନଂ.୨୧/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ସଂସ୍ଥା ଝାଡ଼ଖଣ୍ଡ, ଦିଲ୍ଲୀ, ବିହାର ଆଦି ରାଜ୍ୟରେ ମଧ୍ୟ ଏପରି ଠକେଇ କରିଥିଲା। ତେବେ ତଦନ୍ତରୁ ଜଣାପଡ଼ିଛି ଯେ, ସଂସ୍ଥା ଆକାଉଣ୍ଟରୁ ଷ୍ଟେଟ୍ ଫିଲ୍ଡ ଅଫିସର ନିଶାନ୍ତଙ୍କ ଆକାଉଣ୍ଟକୁ ୧୦ ଲକ୍ଷ ଓ ତାଙ୍କ ସ୍ତ୍ରୀଙ୍କ ଆକାଉଣ୍ଟକୁ ୧୧ ଲକ୍ଷ ଟଙ୍କା ଯାଇଛି। ସେହିଭଳି ସଂସ୍ଥାର ପ୍ରୋଜେକ୍ଟ ଇନ୍‌ଚାର୍ଜ ଅମରଙ୍କ ଆକାଉଣ୍ଟକୁ ସଂସ୍ଥାରୁ ୪.୭ ଲକ୍ଷ ଯାଇଥିବା ବେଳେ ଠକେଇର ଶିକାର ଲୋକେ ତାଙ୍କୁ ଲକ୍ଷାଧିକ ଟଙ୍କା ଟ୍ରାନ୍ସଫର୍ କରିଛନ୍ତି। ଏହି ମାମଲାରେ ଫେରାର ଅନ୍ୟମାନଙ୍କୁ ଗିରଫ କରିବାକୁ ଇଓଡବ୍ଲ୍ୟୁ ଅଧିକ ତଦନ୍ତ କରୁଛି।




ରାଜ୍ୟ ସରକାରଙ୍କ କେତେକ କାର୍ଯ୍ୟକ୍ରମ ବିରୋଧରେ ଅକ୍ଷୟ କୁମାରଙ୍କ ନେତୃତ୍ୱରେ ମୋ ଦଳ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ନିକଟରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।


**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST-346ETER, ତା.12.10.2023ରିଖ
କାର୍ଯ୍ୟର ନାମ : ତାଳଚେର-ବିମଳାଗଡ଼ ନୂଆ ରେଳ ଲିଙ୍କ୍ ପ୍ରକଳ୍ପର ନିର୍ମାଣ ସମ୍ବନ୍ଧୀୟ ସୁନାଖଣି-ସମଲ ସେକ୍ସନ ମଧ୍ୟରେ 1 ଗୋଟି ଟନେଲର ଜେନେରାଲ ବିଦ୍ୟୁତୀକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 92.04 ଲକ୍ଷ, EMD : ₹ 1,84,100/-, କାର୍ଯ୍ୟ ଶେଷ ହେବା ଅବଧି : 03 (ତିନି) ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.02.11.2023ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉକ୍ତ ଆକାଉଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G & G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରୁ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-I)
PR-76/CG/23-24 ଭୁବନେଶ୍ୱର



**cmpdi** A Miniratna Company
**CENTRAL MINE PLANNING AND DESIGN INSTITUTE LIMITED**
(A Subsidiary of Coal India Limited)
Gondwana Place, Kanke Road, Ranchi - 834031, Jharkhand, India
**NOTICE**
"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in/respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in. In addition, procurement is also done through GeM Portal https://gem.gov.in."



**OFFICE OF THE MUNICIPAL COUNCIL, NAYAGARH**
No.3299, Dt.17.10.2023
**1st CORRIGENDUM NOTICE**
**No.C-1657:** Due to Some Un-avoidable Circumstances, the Quotation Call Notice No. 2810, Dt.04.09.2023 is hereby cancelled.
Sd./- Executive Officer
Nayagarh Municipality
OIPR-13134/11/0017/2324



**TENDER CALL NOTICE FOR HIRING OF VEHICLES**
No. E-484: Sealed proposals as per the prescribed RFP document are invited from interested eligible bidders (Private Individuals/Tour Operators/Travel Agency) for hiring & empanelment of vehicles for Mobile Health Team (MHT) at Block CHCs level on a monthly basis for implementation of the Rashtriya Bal Swasthya Karyakram (RBSK). The eligibility criteria, terms of reference and the formats for submission of bid are set forth in the RFP document, which can be downloaded from the website **www.dhenkanal.nic.in**. Interested bidders fulfilling the eligibility criteria may submit their proposals with EMD & documents as per RFP to the MO I/C of this CHC. The bidders have to submit their proposals with all required documents to the MO I/C, CHC Beltikiri, P.O.: Beltikiri, Dist.: Dhenkanal on or before Dt.09.11.2023 by 4 P.M. through Speed Post/Regd. Post/Courier only. The opening date of tenders will be on 10.11.2023 at 12 Noon at CHC. The undersigned reserves the right to reject any or all the proposals without assigning any reason thereof and is not responsible for any postal delay.
**Medical Officer I/C, CHC, Beltikiri, Dhenkanal**
OIPR-10236/11/0001/2324



**कार्यपालक अभियंता का कार्यालय ग्रामीण विकास विशेष प्रमंडल, बोकारो।**
ई–निविदा आमंत्रण सूचना
ई– निविदा सूचना संख्या – RDD/SD/BOKARO/10/2023-24/RE

1.कार्य की विस्तृत विवरणी:

| क्र०सं० | कार्य का नाम | प्राक्कलित राषि | अग्रधन की राषि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | बोकारो जिला के कसमार प्रखण्ड अंतर्गत बेन्दोटांड एवं पुरबटांड के बीच खांजो नदी पर उच्चस्तरीय पुल निर्माण।(लम्बाई 77.48 मी०) | 37075600.00 | 742000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 01.11.2023
3. ई–निविदा प्राप्ति की तिथि एवं समय – दिनांक 01.11.2023 से दिनांक 08.11.2023 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, बोकारो।
5. ई–निविदा खोलने की तिथि एवं समय – 09.11.2023 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, बोकारो।
7. ई–निविदा प्रकोष्ठ का दूरभाष सं० – 9431174800 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।
कार्यपालक अभियंता
ग्रामीण विकास विशेष प्रमंडल,
बोकारो।
PR 309501 Rural Development(23-24)D



**କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା, ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଫୋନ୍ ନଂ.- ୦୬୧୨-୨୨୨୫୯୪୯ ଇ-ମେଲ୍: rmpat@cewacor.nic.in
ନଂ.: ସିଡବ୍ଲ୍ୟୁସି/ଆର୍‌ଓ ପିଏଟି/ଇଏନ୍‌ଜିଜି/ପିଏନ୍/୨୦୨୩-୨୪
**ପ୍ରେସ୍ ବିଜ୍ଞପ୍ତି**
(ନଂ. ସିଡବ୍ଲ୍ୟୁସି/ଆର୍‌ଓ-ପିଏଟି/ଇଏନ୍‌ଜିଜି/୨୩-୨୪/୧୯)
ସିଡବ୍ଲ୍ୟୁସି ନିମ୍ନଲିଖିତ କାର୍ଯ୍ୟ ପାଇଁ ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଟେଣ୍ଡର ଆହ୍ୱାନ କରୁଛି:

| କ୍ର. ସଂ. | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ (ଟ. ଲକ୍ଷରେ) | ଅନ୍‌ଲାଇନ୍ ଦାଖଲର ଶେଷ ତାରିଖ |
|---|---|---|---|
| ୧ | ସିଡବ୍ଲ୍ୟୁ, ରାୟଗଡ଼ା (ଓଡ଼ିଶା)ଠାରେ ଅଫିସ୍ ଏବଂ ବୈଦ୍ୟୁତିକ କାର୍ଯ୍ୟ ସମେତ ଗୋଦାମ ୧୭୦୦ଏମ୍‌ଟିସିର ନିର୍ମାଣ ସମ୍ବନ୍ଧୀୟ ଅବଶିଷ୍ଟ କାର୍ଯ୍ୟ । | ୬୧.୧୬ | ୨୫।୧୦।୨୦୨୩ |

ସବିଶେଷ ଟେଣ୍ଡର ବିଜ୍ଞପ୍ତି ସମେତ ଠିକାର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି ସିଡବ୍ଲ୍ୟୁସିର ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.cwceprocure.com କିମ୍ବା ସିପିପି ପୋର୍ଟାଲ http://eprocure.gov.in/epublish/appରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ ।
ଏହି ଟେଣ୍ଡର ବାବଦରେ ପରବର୍ତ୍ତୀ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ଉପରଦର୍ଶିତ ୱେବ୍‌ସାଇଟ୍‌ରେ ପ୍ରକାଶିତ କରାଯିବ । ଏଥିପାଇଁ ଖବରକାଗଜରେ ପ୍ରେସ୍ ବିଜ୍ଞପ୍ତି ଜାରି କରାଯିବ ନାହିଁ । **ନିର୍ବାହୀ ଯନ୍ତ୍ରୀ**



**STEEL AUTHORITY OF INDIA LIMITED**
**Rourkela Steel Plant**
Rourkela - 769 011, Odisha, India

CIRCULAR NO. CSR/2023-24/337, DTD. 28/09/2023
LAST DATE FOR SUBMISSION OF APPLICATION – 30/11/2023
SUB: FINANCIAL ASSISTANCE TO STUDENTS FOR PURSUING PROFESSIONAL STUDIES (2023-24 JOINING).

Applications in the prescribed format are invited for grant of the above financial assistance from the eligible students as per details given below.

Eligibility criteria for application:
- The student should belong to either Scheduled Caste or Scheduled Tribe / other, and should be a resident of Sundargarh district, Odisha.
- The applicant should have taken admission in academic year 2023-24 :
  - Graduation course in Engineering, Medical or Agriculture (including integrated/dual degree M.Tech. Course), OR
  - Post Graduation course of at least two years duration in Engineering/ Medical/ Agriculture/ Business Administration.
- Details of professional course, in the academic year 2023-24 in a recognized institution should be as follows –
  - i. For Graduation Courses of at least four years duration (B.Tech./ B.Sc(Engg.)/ B.Sc(Ag) etc.).
  - ii. For Graduation Courses of less than 4-years duration (e.g. Lateral entry in B.Tech./B.Sc(Engg.) after Diploma in Engg.).
  - iii. For Graduation courses of more than 4-years duration (e.g. 5 yrs MBBS 5-yr integrated/dual degree M.Tech.). OR
  - iv. For Post Graduate course of at least two years duration (e.g. M.Tech./MD/ MS/M.Sc.(Ag)/MBA etc.)
- The student, whose parents (taken together) are having annual income from all sources not exceeding Rs.2,50,000/- (Rupees Two Lakhs Fifty Thousand), shall be eligible for the financial assistance.

Basis of Selection: The best twenty students (10 boys and 10 girls) separately for the graduation courses including 5-yr MBBS/5-yr integrated/dual degree M.Tech.) and best 10 students (5 boys and 5 girls) for Post-graduation courses will be selected from amongst the eligible applicants. In case there is a shortfall in number of selected candidates in either of the categories i.e., Boys or Girls for which merit lists are prepared separately, then the applicants from the merit list of the other category may be additionally selected for the scholarship keeping the total number of scholarships as 20 in case of Graduation courses and 10 in case of Post-Graduation courses.

Financial assistance amount: The amount of financial assistance is Rs.1,20,000/- (Rupees One Lakh Twenty Thousand Only) for the graduation courses of 4-yr duration, Rs.90,000/- (Rupees Ninety Thousand only) for the graduation courses of less than 4 years (e.g. lateral entry in B. Tech./B Sc (Engg.) after Diploma in Engg., Rs.1,50,000/- (Rupees One Lakh Fifty Thousand Only) for courses of 5-yr duration and Rs.60,000/- (Rupees Sixty Thousand Only) for the post-graduation courses, per student for entire duration of the course. The amount will be released in equal yearly installments @ Rs.30000/- (Rupees Thirty Thousand Only) per Academic Year based on documentary evidence of admission and continuation in the course.

For further details on the basis of selection, financial assistance amount and mode of payment, application format etc., the main circular as referred above may be referred to. The duly completed application along with required documents are to be submitted in a sealed envelope at the Institute for Peripheral Development (CSR Department), Sector-20, Rourkela-769005 latest by 30/11/2023 (5.30 PM).

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
*There's a little bit of SAIL in everybody's life*

## ମଦ ଜବତ, ଜଣେ ଗିରଫ

ମୁରିବାହାଲ,(ଶ୍ରୀବସ୍ତ ବେହେରା): ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଚାଲକୀ ଗ୍ରାମରେ ବୁଧବାର ପୋଲିସ ଚଢ଼ାଉ କରି ୨୨ଲିଟର ମଦ ଜବତ କରିଛି। ମଦ କାରବାରରେ ସମ୍ପୃକ୍ତ ଚାଲକୀ ଗ୍ରାମର ଚତୁର୍ଭୁଜ ନାଗ (୨୩)ଙ୍କୁ ଗିରଫ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା(୨୬୨/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ମୁରିବାହାଲ ଥାନା ଏସଆଇ ଦନାର୍ଦନ ଓରାମଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା।

## ସଂକ୍ଷେପରେ

### ୧୧ଦାଦନ ଶ୍ରମିକ ଉଦ୍ଧାର, ୩ ସର୍ଦ୍ଦାର ଗିରଫ



ବେଲପଡ଼ା,୧୮।୧୦(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ଥାନା ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ୧୧ଜଣ ଦାଦନ ଶ୍ରମିକଙ୍କୁ ଚାଲାଣ ବେଳେ ଉଦ୍ଧାର କରିଛି। ଖଲିପଥର ଓ ବଙ୍ଗୋମୁଣ୍ଡାବାହାଲ ଗାଁରୁ ଏହି ଶ୍ରମିକମାନଙ୍କୁ ବୋଲେରୋ ଓ ଅଟୋରେ ବାଙ୍ଗାଲୁରକୁ ଚାଲାଣ କରାଯାଇଥାନ୍ତା। ଖବର ପାଇ ପୋଲିସ ବନମାଳୀ ପେଟ୍ରୋଲ ପମ୍ପ ପାଖରେ ଛକି ରହିଥିଲେ। ମିଳିଥିବା ସୂଚନା ଅନୁଯାଇ ଏକ ବୋଲେରୋ ଓ ଅଟୋ ସେଇ ରାସ୍ତା ଦେଇ ଯାଉଥିବା ସମୟରେ ଗାଡିକୁ ପୋଲିସ ଚେକ କରିଥିଲା। ଉଭୟ ଗାଡ଼ିରୁ ୬ ଜଣ ପୁରୁଷ, ୫ ଜଣ ମହିଳାଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କ ସହ ୪ ଜଣ ଶିଶୁ ଥିଲେ। ସେମାନଙ୍କୁ ଚାଲାଣ କରୁଥିବା ଦାଦନ ସର୍ଦାର ସଦାନନ୍ଦ ଭୋଇ(୩୯), ଯୁଗେଶ୍ୱର ନାୟକ (୩୦) ଓ ରାଜକୁମାର ନାଗ (୩୨)ଙ୍କୁ ପୋଲିସ ଗିରଫ କରିଥିଲା। ଏ ନେଇ ଦଫା ୩୭୦, ୩୭୪, ୪୨୦, ୩୪ରେ ଏକ ମାମଲା(୨୬୩/୨୩) ରୁଜୁ କରି ୩ସର୍ଦ୍ଦାରଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଲପଡ଼ା ଥାନା ଆଇଆଇସି ସୁଶାନ୍ତ କୁମର ଦାସ ସୂଚନା ଦେଇଛନ୍ତି।

### ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଟିଟିଲାଗଡ଼,୧୮।୧୦ (ଶରତ ମିଶ୍ର)

ବଲାଙ୍ଗୀର ଜିଲ ଟିଟିଲାଗଡ ଥାନା ଅନ୍ତର୍ଗତ ବାଞ୍ଜିଖାଲ ଗ୍ରାମର ଜଣେ ଯୁବକଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଛି। ମୃତକ ହେଲେ ନର୍ଫଲା ମାଝି(୨୯) । ବୁଧବାର ପୂର୍ବାହ୍ନରେ ସ୍ଥାନୀୟ ବାଞ୍ଜିମୁଣ୍ଡା ଡ୍ୟାମକୁ ସେ ଗାଧୋଇବା ପାଇଁ ଯାଇଥିବାବେଳେ ପାଣିରେ ବୁଡି ଯାଇଥିଲେ। ଖବର ପାଇ ଗାଁଲୋକେ ଡ୍ୟାମ ପାଣିରେ ଖୋଜାଖୋଜି ପରେ ତାଙ୍କ ମୃତଦେହ ଠାବ ହୋଇଥିଲା। ଟିଟିଲାଗଡ ପୋଲିସ ମୃତଦେହ ଜବତ କରିଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ହେବ। ୬ ମାସ ତଳେ ନର୍ଫଲା ବିବାହ କରିଥିଲେ। ଗରିବ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ହେଉଛି।

### ସମସ୍ୟାରେ ୧୨ପରିବାର

**ରେଲୱେ ଜମିରୁ ଉଚ୍ଛେଦ ହୋଇଥିଲେ**

ଲାଠୋର,୧୮।୧୦(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମର ୧୨ ବିସ୍ଥାପିତ ପରିବାର ଦୀର୍ଘଦିନ ହେଲା ସମସ୍ୟା ଘେରରେ ରହିଛନ୍ତି। ହେଲେ ପ୍ରଶାସନ ସେମାନଙ୍କ ନିକଟରେ ପହଞ୍ଚି ନଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ଗତ ସୋମବାର ପଞ୍ଚାୟତ ପଡ଼ା ନିକଟ ରେଲୱେ ଜମିରେ ଦୀର୍ଘବର୍ଷ ଧରି କୁଡିଆ କରି ରହିଥିବା ୧୨ଦଳିତ ପରିବାରକୁ ବିଭାଗ ପକ୍ଷରୁ ହଟା ଯାଇଥିଲା। ବୁଲଡୋଜର ଲାଗାଇ ସେମାନଙ୍କ ଘରକୁ ଭାଙ୍ଗି ଦିଆଯିବା ପରେ ଏବେ ସେମାନେ ଗୋଷ୍ଠୀକେନ୍ଦ୍ରରେ ଆଶ୍ରୟ ନେଇଛନ୍ତି। ଗୋଷ୍ଠୀ କେନ୍ଦ୍ରରେ ଶୌଚାଳୟ ବ୍ୟବହାର ଉପଯୋଗୀ ହେଉ ନ ଥିବାରୁ ବୃଦ୍ଧାବୃଦ୍ଧମାନେ ଶୌଚାଦି ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଇତିମଧ୍ୟରେ ତିନି ଦିନ ବିତି ଯାଇଥିଲେ ବି କୌଣସି ପ୍ରଶାସନିକ ଅଧିକାରୀ ବିସ୍ଥାପିତଙ୍କ ନିକଟରେ ପହଞ୍ଚି ନାହାନ୍ତି। ଏପରିକି ସରକାରୀଭାବେ କୌଣସି ରିଲିଫ ଦିଆଯାଇ ନାହିଁ। ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଷାଲ ବିସ୍ଥାପିତଙ୍କୁ ଚାଉଳ, ଡ଼ାଲି ବ୍ୟକ୍ତିଗତଭାବେ ଦେଇଛନ୍ତି। ଏ ନେଇ ଖପ୍ରାଖୋଲ ବିଡିଓ ଆକାଶ ରଞ୍ଜନ ସାହୁଙ୍କୁ ପଚାରିବାରୁ ସେମାନଙ୍କୁ ଯେଉଁମାନେ ବିସ୍ଥାପିତ କରିଛନ୍ତି ସେମାନେ ବୁଝିବେ। ତେବେ ଯେଉଁମାନେ ବିସ୍ଥାପିତ ହୋଇଛନ୍ତି ତାହାର ତାଲିକା ମିଳିଲେ ରେଳ ବିଭାଗ ସହ ଯୋଗାଯୋଗ କରାଯିବ ବୋଲି କହିଛନ୍ତି।

# କେଦାରନାଥ ତୋରଣ, ରାବଣ ପୋଡ଼ି ମୁଖ୍ୟ ଆକର୍ଷଣ

ବଲାଙ୍ଗୀର,୧୮।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ଚଳିତବର୍ଷ ବଲାଙ୍ଗୀର ପ୍ୟାଲେସ ଲାଇନ୍ ସଂସ୍କୃତି ସଂସଦ ଦୁର୍ଗାପୂଜା କମିଟି ପକ୍ଷରୁ ୩୪ତମ ନବରାତ୍ର ଦୁର୍ଗା ପୂଜା ଅନୁଷ୍ଠିତ ହେଉଛି। ହିମାଳୟର ସୁପ୍ରସିଦ୍ଧ କେଦାରନାଥ ମନ୍ଦିର ଢାଞ୍ଚାରେ ଏଠାରେ ତିଆରି ହୋଇଥିବା ସୁଦୃଶ ତୋରଣ ଏବଂ ରାବଣ ପୋଡି ଚଳିତବର୍ଷର ମୁଖ୍ୟ ଆକର୍ଷଣ ରହିଛି। ପ୍ରତିମା ଟେଣ୍ଟ ହାଉସ ପକ୍ଷରୁ ନିର୍ମିତ ଏହି କେଦାରନାଥ ମନ୍ଦିର ଢ଼ାଞ୍ଚାର ତୋରଣକୁ ଫୁଲବାଣୀର ଶିଳ୍ପୀ ଭାସ୍କର ପାତ୍ର ଏବଂ ତାଙ୍କ ସାଥୀମାନେ ଡିଜାଇନ୍ କରିଛନ୍ତି। ତୋରଣ ସମ୍ମୁଖରେ ଏକ ବିରାଟକାୟ ନନ୍ଦୀ ଏବଂ ଦେବୀ କାଳୀଙ୍କ ପ୍ରତିମୂର୍ତ୍ତି ତିଆରି କରାଯାଇଛି। ଏହା ଦର୍ଶକ ଏବଂ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରୁଛି। ଠିକାଦାରପଡା-କୁମ୍ଭାରପଡାର ଶିଳ୍ପୀ ସନ୍ତୋଷ ମହାରଣା ଓ ତାଙ୍କ ସାଥୀ ଆକର୍ଷଣୀୟ ମେଢ଼ ଓ ତୋରଣ ସହ କାରୁକାର୍ଯ୍ୟପୂର୍ଣ୍ଣ ମୃଣ୍ମୟୀ ମୂର୍ତ୍ତି ତିଆରି କରିଛନ୍ତି। ପିପିଲି ଗାଁର ନୀଳାଚଳ ମିଶ୍ର ମୁଖ୍ୟ ପୂଜକ ଭାବେ ପୂଜା ସମ୍ପାଦନ କରୁଛନ୍ତି। ସହଯୋଗୀ ପୂଜକ ଭାବେ ବ୍ୟାସଦେବ ମିଶ୍ର, ନେତ୍ର ଉଚ୍ଛବ ଶତପଥି ସହଯୋଗ କରୁଛନ୍ତି। କର୍ତ୍ତାଭାବେ ସର୍ଜନ ଆଚାର୍ଯ୍ୟ ଓ ରଶ୍ମି ଆଚାର୍ଯ୍ୟ ପୂଜା ଦାୟିତ୍ୱ ନିର୍ବାହ କରୁଛନ୍ତି ।

ଗତ ୧୪ ତାରିଖଠାରୁ ବିଲ୍ୱବରଣ ପରେ ୧୫ ରୁ କଳସ ଅଧିବାସ ଏବଂ ପୂଜାରମ୍ଭ ହୋଇଛି। ସୋମବାର ବ୍ରହ୍ମଚାରିଣୀ ପୂଜା, ମଙ୍ଗଳବାର ଚନ୍ଦ୍ରଘଣ୍ଟା ପୂଜା, ବୁଧବାର କୁଷ୍ମାଣ୍ଡା ପୂଜା ଅନୁଷ୍ଠିତ ହୋଇଛି। ଗୁରୁବାର ସ୍କନ୍ଦମାତା ପୂଜା, ଶୁକ୍ରବାର କାତ୍ୟାୟନୀ ପୂଜା ଓ ଶନିବାର ମହାସପ୍ତମୀ ତିଥିରେ କାଳରାତ୍ରୀ ପୂଜା ଅନୁଷ୍ଠିତ ହେବ। ଏହିଦିନ ଭାଇଜୀଉଁଣ୍ଠିଆ ପୂଜା ମଧ୍ୟ କରାଯିବ। ରବିବାର ମହାଷ୍ଟମୀ ତିଥିରେ ମହାଗୌରୀ ଓ ସନ୍ଧିପୂଜା, ସୋମବାର ମହାନବମୀ ତିଥିରେ ସିଦ୍ଧିଦାତ୍ରୀ ପୂଜା ଓ ନବକୁମାରୀ ପୂଜା, ମଙ୍ଗଳବାର ଦଶହରା ଦିନ ପୂର୍ଣ୍ଣାହୁତି ଓ ଅପରାଜିତା ପୂଜା ସମ୍ପନ୍ନ ହେବ। ଚଳିତବର୍ଷ ମୁଖ୍ୟ ଆକର୍ଷଣ ହେଉଛି ରାବଣ ପୋଡି। ପ୍ୟାଲେସଲାଇନ୍ ପଡିଆରେ ଏହି ରାବଣ ପୋଡି ଅନୁଷ୍ଠିତ ହେବ। ଏଥି ସକାଶେ ସମସ୍ତ ପ୍ରସ୍ତୁତି ସରିଛି। ପୂଜା ଉପଲକ୍ଷେ ଭଜନ ସନ୍ଧ୍ୟା ଆୟୋଜନ କରାଯିବ। ପୂଜା କମିଟି ସଭାପତି ଭୀମସେନ ବେହେରା, ଉପସଭାପତି ବୁଲୁ ବିଶୋୟୀ, ସମ୍ପାଦକ ସରୋଜ କୁମାର ପଣ୍ଡା, କ୍ଲବ୍ କୋଷାଧ୍ୟକ୍ଷ ଗଜାନ୍ଦ୍ର ବାଗ, ପୂଜା କମିଟି କୋଷାଧ୍ୟକ୍ଷ ସନ୍ତୋଷ ପାଣିଗ୍ରାହୀ, କ୍ଲବ ସାଧାରଣ ସମ୍ପାଦକ ଗ୍ଲେଡଷ୍ଟୋନ୍ ତାଣ୍ଡି, ଶିଳାଜିତ ସିଂଦେଓ, ଭବାନୀ ଶଙ୍କର ପଟ୍ଟନାୟକ, ରମେଶ ବେହେରା, ସଞ୍ଜୟ ଶେଖର ଦେଓ, ଚିନ୍ମୟ ପ୍ରଧାନ, ସୁରେନ୍ଦ୍ର ସିଂ, ସଲିଲ, ସିଲୁଙ୍କ ତତ୍ତ୍ୱାବଧାନରେ ପୂଜା ପରିଚାଳନା ହେଉଛି । ପୂଜା କମିଟି ସଦସ୍ୟ ନରେଶ ବେହେରା, ଗଜିନ୍ ବାଗ, ଆଡଭୋକେଟ ଓଙ୍କାର ନାୟକ, ଦେବାଶିଷ ଲେଙ୍କା ସକ୍ରିୟ ସହଯୋଗ କରୁଛନ୍ତି।

**ପ୍ୟାଲେସଲାଇନ ୩୪ତମ ସାର୍ବଜନୀନ ନବରାତ୍ର ଦୁର୍ଗାପୂଜା**



ପ୍ୟାଲେସ ଲାଇନ୍ ନବରାତ୍ରି ଦୁର୍ଗାପୂଜାରେ ମା' ଦୁର୍ଗା ପୂଜା ପାଉଛନ୍ତି।



କେଦାରନାଥ ମନ୍ଦିର ଢାଞ୍ଚାରେ ତିଆରି ତୋରଣ।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଖପ୍ରାଖୋଲ, ୧୮।୧୦(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ପ୍ରାଖୋଲ ବ୍ଲକ ଘୁନସର ପ୍ରଗତୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଐଶର୍ଯ୍ୟ ଶେଖର ଦେବତା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପାଟଣାଗଡ ବିଧାୟକ ସରୋଜ କୁମାର ମେହେର, ସମ୍ମାନୀତ ଅତିଥି ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୂପମା ପଟେଲ, ବ୍ଲକ ଶିକ୍ଷା ଅଧିକାରୀ ପ୍ରବୀଣ କୁମାର ପଣ୍ଡା, ବିଧାୟକଙ୍କ ପ୍ରତିନିଧି ରମେଶ ପ୍ରଧାନ, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ନିନିକେତନ ବରିହା, ସତ୍ୟ ନାରାୟଣ ମଟାରି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିକାଶ ଦାଶ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭା ଏହି ସୁରଭୀ କାର୍ଯ୍ୟକ୍ରମ ମାଧ୍ୟମରେ ପରିପ୍ରକାଶ ହୋଇଥାଏ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ନାଚ, ଗୀତ, ଚିତ୍ରାଙ୍କନ, ହସ୍ତକଳା, ବକ୍ତୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ପ୍ରତିଯୋଗୀ କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସଚେତନ ଧର୍ମୀ କ୍ଷୁଦ୍ର ନାଟିକା ପରିବେଶିତ ହୋଇଥିଲା। କାର୍ଯ୍ୟକ୍ରମକୁ ମୁରଲୀଧର ମେହେର, ସତ୍ୟବ୍ରତ ବେହେରା ପରିଚାଳନା କରିଥିଲେ। ଶ୍ରୀପତି କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ।

# କଂଗ୍ରେସର ନୂଆଁଖାଇ ଭେଟ୍‌ଘାଟ୍



ଅନୁଷ୍ଠିତ ଭେଟ୍‌ଘାଟରେ ଉପସ୍ଥିତ କଂଗ୍ରେସ ନେତୃବର୍ଗ।

ଦେଓଗାଁ,୧୮।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

■ ଆଗାମୀ ନିର୍ବାଚନ ଲଢ଼ିବିନି:ନରସିଂହ ମିଶ୍ର
■ ସମରେନ୍ଦ୍ରଙ୍କ ପାଇଁ ସମର୍ଥନ ମାଗିଲେ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ରାମଚନ୍ଦ୍ରପୁର ଖେଳପଡିଆରେ ରାମଚନ୍ଦ୍ରପୁର ଓ ଡୁମେରପିଟା ପଞ୍ଚାୟତ କଂଗ୍ରେସ କର୍ମୀଙ୍କୁ ନେଇ ନୂଆଁଖାଇ ଭେଟଘାଟ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ନରସିଂହ ମିଶ୍ର, ସମ୍ମାନୀତ ଅତିଥିଭାବେ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସମରେନ୍ଦ୍ର ମିଶ୍ର, ଜିଲା କଂଗ୍ରେସ କମିଟି ସମ୍ପାଦକ ବିଶ୍ୱଜିତ ପାତ୍ର, ସ୍ଥାନୀୟ ସରପଞ୍ଚ ପଦ୍ମିନୀ ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡି, ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ, ଡୁମେରପିଟା ସମିତି ସଭ୍ୟ ସଂକୀର୍ତ୍ତନ ବାଗ, ସ୍ଥାନୀୟ ପାକ୍ସ ସଭାପତି ଶୁକ୍ରୁ ଛତ୍ରିଆ, ଆଦିବାସୀ ନେତା ମୟ ପ୍ରଧାନୀ ମଞ୍ଚାସୀନ ଥିଲେ ।

ବିଧାୟକ ମିଶ୍ର ଏହି ଅବସରରେ ଉଦ୍‌ବୋଧନ ଦେଇ ରାଜ୍ୟ ସରକାରଙ୍କ ବିଫଳତା ଓ ନାରୀ ସୁରକ୍ଷାକୁ ନେଇ କଡା ସମାଲୋଚନା କରିଥିଲେ । ଏହାସହ ବିଗତ ୯ବର୍ଷ ମଧ୍ୟରେ ବଲାଙ୍ଗୀର ବିଧାନସଭା କ୍ଷେତ୍ରର ବିକାଶଧାରା ଉପରେ ଅବଗତ କରିଥିଲେ। ବଲାଙ୍ଗୀରରେ ଭୀମ ଭୋଇ ମେଡିକାଲ କଲେଜ, ପର୍ଯ୍ୟଟନସ୍ଥଳୀ ଭୀମପାହାଡର ବିକାଶ, ରାମଚନ୍ଦ୍ରପୁର କନ୍ୟାଶ୍ରମଠାରେ ବାଳିକାମାନଙ୍କ ପାଇଁ ଯୁକ୍ତ ୨ ଆବାସିକ କଲେଜ, ଜରାସିଂହା ମିନି ଷ୍ଟାଡିୟମର ଉନ୍ନତୀକରଣ କରାଯାଇଛି। ଜରାସିଂହା, ସିଲେଜକାନୀ ଓ ସିକୁଆଁଠାରେ ବ୍ୟାରେଜ ନିର୍ମାଣ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା କହିଥିଲେ। ତେବେ ବ୍ଲକର ଜଣେ ତୁଙ୍ଗନେତା କଂଗ୍ରେସରୁ ବିଜେଡିକୁ ଡିଆଁ ମାରି ଏସବୁ କାମ ନିଜେ କରିଥିବା ନେଇ ବାହାବା ନେଉଛନ୍ତି ବୋଲି କଟାକ୍ଷ କରିଥିଲେ ।

ତେବେ ଆଗାମୀ ସାଧାରଣ ନିର୍ବାଚନରେ ମୁଁ ଆଉ ଲଢ଼ିବିନାହିଁ। ମୋ ପୁଅ ସମରେନ୍ଦ୍ରଙ୍କୁ ମୋଭଳି ଆପଣମାନେ ସମର୍ଥନ ଦେବେ ଓ ଏହି ବିକାଶଧାରାକୁ ବଜାୟ ରଖିବେ ବୋଲି କହିଥିଲେ। ଜୀବନାନନ୍ଦ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଦେବଦତ୍ତ ମିଶ୍ର, ମନବୋଧ ହରପାଲ, ଗୌର ଚନ୍ଦନ, ଜୁଗୁନୁ ପଧାନ, ବୃଷଭ ସାହୁ, ସଞ୍ଜୟ ପ୍ରକାଶ ପଟେଲ, ବିନୋଦ ସାହୁ, ରାଏଧର ଗଡତ୍ୟା, ନୟନ ମିର୍ଦ୍ଧା, ଧନୁଞ୍ଜୟ ମଲ୍ଲିକ, ସନ୍ତୋଷ ପଟେଲ ସହଯୋଗ କରିଥିଲେ।

## ଉପଯୁକ୍ତ ଚିକିତ୍ସା ମିଳିଲାନି, ଚାଷୀଙ୍କ ମୃତ୍ୟୁ ଅଭିଯୋଗ

ଟିଟିଲାଗଡ଼, ୧୮।୧୦(ଶରତ ମିଶ୍ର)

ଟିଟିଲାଗଡ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନାକୁ ଉପଚାର ପାଇଁ ଆସିଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟିଟିଲାଗଡ ଥାନା ଅନ୍ତର୍ଗତ ମହଦା ଗ୍ରାମର ଚୁଡାମଣୀ ଭୋଇ (୪୫)। ବୁଧବାର ସକାଳେ ହଠାତ୍ ସେ ଅସୁସ୍ଥତା ଅନୁଭବ କଲେ। ତାଙ୍କୁ ପରିବାର ଲୋକେ ଟିଟିଲାଗଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ତାଙ୍କୁ ତୁରନ୍ତ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ମିଳି ନ ଥିବା ଅଭିଯୋଗ ହୋଇଛି। ଆଦିବାସୀ ବର୍ଗର ଚୂଡାମଣୀ ଚାଷ କରି ପରିବାରର ପରିପୋଷଣ କରୁଥିଲେ। ତାଙ୍କ ତିନି ଛୋଟ ପିଲା ରହିଛନ୍ତି। ତାଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଟିଟିଲାଗଡ ବ୍ଲକ ଆଦିବାସୀ ସଂଘ ସଂଗଠକ ଜଗନ୍ନାଥ ମାଝି ଦାବି କରିଛନ୍ତି।

## ହନୁମାନ ମନ୍ଦିରରେ ସୁନ୍ଦରାକାଣ୍ଡ ପଠନ

ବେଲପଡ଼ା, ୧୮।୧୦(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ହନୁମାନ ମନ୍ଦିରରେ ବୁଧବାର ତୁଳା ସଂକ୍ରାନ୍ତି ଅବସରରେ ସୁନ୍ଦରାକାଣ୍ଡ ପଠନ କରାଯାଇଥିଲା। ସନ୍ଧ୍ୟାରେ ସହସ୍ର ଆଳତି ସହ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ପୂଜକ ପଣ୍ଡିତ ମିଲୁ ପାଣିଗ୍ରାହୀ ଦାୟିତ୍ୱ ନିର୍ବାହ କରିଥିଲେ। ଏହିଅବସରରେ ଶତାଧିକ ଶ୍ରଦ୍ଧାଳୁ ଏକତ୍ରିତ ହୋଇଥିଲେ।

## କରମସାନୀ ମହୋତ୍ସବ ଉଦ୍‌ଯାପିତ

ଲୋଇସିଂହା, ୧୮।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରଗାଡ ଗ୍ରାମରେ ୧୯ତମ କରମସାନୀ ପୂଜା ମହୋତ୍ସବ ପାଳିତ ହୋଇଯାଇଛି । ଜଗନ୍ନାଥ ଯୁବ ପରିଷଦ ଆନୁକୂଲ୍ୟରେ ଗ୍ରାମ ଜଗନ୍ନାଥ ପଡାରେ ଆୟୋଜିତ ମହୋତ୍ସବରେ ବୁରୋମାଲ, ସିନ୍ଧିବାହାଲ, ଫାସଡ, ଗଞ୍ଜାଉଡାର ଓ ସରଗାଡ କରମସାନୀ ଦଳ ଭାଗ ନେଇଥିଲେ। ପୂଜାରେ କୃଷ୍ଣଚନ୍ଦ୍ର ପଧାନ ଓ ଜୁଳି ପଧାନ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ରାଜକିଶୋର ବାରିକ, ନାରାୟଣ ବାରିକ, ମନୋଜ ପଟେଲ, କୈବର୍ତ୍ତ ପଧାନ, କୁଳମଣୀ ସାହୁ, କ୍ରିଷ୍ଣା ବେହେରା, ରବି ବଗର୍ତ୍ତି, ଚୈତନ୍ୟ ପଧାନ, ଦିନ ପଧାନ, ବୀରେନ୍ଦ୍ର ବାରିକ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

## ମୁରିବାହାଲ ସିଏଚ୍‌ସିକୁ ମିଳିଲା ଅକ୍ସିଜେନ ସିଲିଣ୍ଡର




ତହସିଲଦାର, ସିଏଚ୍‌ସି ଅଧିକାରୀଙ୍କ ଉପସ୍ଥିତିରେ ସଂଘ ପକ୍ଷରୁ ଅକ୍ସିଜେନ ସିଲିଣ୍ଡର ପ୍ରଦାନ କରାଯାଉଛି।

ମୁରିବାହାଲ ୧୮।୧୦(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)କୁ ସ୍ଥାନୀୟ ସାମ୍ବାଦିକ ସଂଘ ତରଫରୁ ବୁଧବାର ଏକ ଅକ୍ସିଜେନ ସିଲିଣ୍ଡର ପ୍ରଦାନ କରାଯାଇଛି। ସଂଘ ସଭାପତି ସୁବ୍ରତ କୁମାର ମହକୁରଙ୍କ ନେତୃତ୍ୱରେ ସିଏଚ୍‌ସି କର୍ତ୍ତୃପକ୍ଷଙ୍କୁ ଅକ୍ସିଜେନ ସିଲିଣ୍ଡର ଦିଆଯାଇଥିଲା। ତହସିଲଦାର ସୋନାଲି ପାତ୍ର ଯୋଗଦେଇ ସାମ୍ବାଦିକ ସଂଘର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସମ୍ମାନୀତ ଅତିଥି ସ୍ଥାନୀୟ ଡିଗ୍ରୀ କଲେଜ ଅଧ୍ୟକ୍ଷ ସରୋଜ କୁମାର ନାୟକ, ଓକିଲ ସଂଘ ସଭାପତି ଜୟଦେବ ପୁରୋହିତ, ସିଏଚ୍‌ସି ଅଧିକାରୀ ଥବୀର ମେହେର ଉପସ୍ଥିତ ଥିଲେ। ସିଏଚ୍‌ସି ସଭାଗୃହରେ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସଂଘ ମୁଖ୍ୟ ଉପଦେଷ୍ଟା ଶ୍ରୀବସ୍ତ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଇନ ପରାମର୍ଶଦାତା ଶମ୍ଭୁପ୍ରସାଦ ଭୋଇ, ଉପସଭାପତି କେଦାର ବଡ଼ଜେନା, ସାଧାରଣ ସମ୍ପାଦକ ସୁଦାମ ଚରଣ ବଘାର, ସଭ୍ୟ ପ୍ରଫୁଲ୍ଲ କୁମାର ବଘାର, ଶଙ୍କର ମାଝି, କୋଷାଧ୍ୟକ୍ଷ ଶିବ କର ଉପସ୍ଥିତ ଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା




ଦଳୀୟ କର୍ମୀଙ୍କ ସହ ଜନ ସମ୍ପର୍କ ପଦଯାତ୍ରାରେ ବିଧାୟକ ସରୋଜ ମେହେର।

ଖପ୍ରାଖୋଲ,୧୮।୧୦(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ଗାଁରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରାରେ ପାଟଣାଗଡ ବିଧାୟକ ତଥା ବିଧାନ ସଭାରେ ସରକାରୀ ଦଳର ଉପ ମୁଖ୍ୟ ସଚେତକ ସରୋଜ କୁମାର ମେହେର ଯୋଗ ଦେଇଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୂପମା ପଟେଲ, ଉପାଧ୍ୟକ୍ଷ ସୁଖିରାମ ସାଣ୍ଡ, ବିଧାୟକ ପ୍ରତିନିଧି ରମେଶ ପ୍ରଧାନ, ସାଧାରଣ ସମ୍ପାଦକ ପବିତ୍ର ପଟେଲଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଯୋଗଦେଇଥିଲେ। ନାନ୍ଦୁପଲା ଛକରୁ ବାହାରିଥିବା ପଦଯାତ୍ରା ଗାଁ ପରିକ୍ରମା କରି ହରିଶଙ୍କର ଯାଏ ଯାଇଥିଲା। ଏହି ଅବସରରେ ବିଜୁ ଜନତା ଦଳ ସହିତ ଯୋଡ଼ି ହେବା ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ପଥପ୍ରାନ୍ତ ସଭା ମାଧ୍ୟମରେ ଲୋକଙ୍କୁ ବୁଝା ଯାଇଥିଲା।

# ମରାମତି ହେଲା, ସିଞ୍ଚନ ହେଲା ପାଣି

ଲୋଇସିଂହା,୧୮।୧୦(ସୁଶାନ୍ତ ବାରିକ)





ରାସ୍ତା ମରାମତି କରାଯାଉଛି(ବାମ), ଟ୍ୟାଙ୍କର ମାଧ୍ୟମରେ ପାଣି ସିଞ୍ଚନ କରାଯାଉଛି।

**୨୬ ନଂ ରାଜପଥ ସମସ୍ୟା**

■ ପଦକ୍ଷେପ ନେବାକୁ ଦାବି କରିଥିଲା ବଣିକ ସଂଘ

ବଲାଙ୍ଗୀର ଜିଲା ଲୋଇସିଂହାରେ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ବିପର୍ଯ୍ୟସ୍ତ ହୋଇପଡିଛି। ହେଲେ ଏହି ରାସ୍ତା ମରାମତି ଦିଗରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଉଦାସୀନ ମନୋଭାବ ପୋଷଣ କରୁଥିଲେ। ଏ ନେଇ ଜିଲାପାଳଙ୍କୁ ଫେରାଦ ହୋଇଥିଲା ସ୍ଥାନୀୟ ବଣିକ ସଂଘ । ଶେଷରେ ବଣିକ ସଂଘ ସଂଘର୍ଷ ଦାବି ମାନି ନେଇନ୍ତେ ଏନ୍‌ଏଚ୍ କର୍ତ୍ତୃପକ୍ଷ। ବୁଧବାର କ୍ରଶରଗୁଣ୍ଡ ପଡିଥିବା ରାସ୍ତାରେ ପାଣି ସଞ୍ଚନ କରାଯାଇଛି। ଖାଲଖମା ରସ୍ତାରେ ପିଚୁଢାଳି ମରାମତି କରାଯାଇଛି। ଏହାବ୍ୟତୀତ ରାମ ମନ୍ଦିର ଆଗରେ ପିଚୁ କାମ ମଧ୍ୟ କରାଯାଇଛି। ରାସ୍ତା ମରାମତି ପରେ ବଣିକ ସଂଘ ଖୁସିବ୍ୟକ୍ତ କରିଥିବାବେଳେ ସାଧାରଣ ଜନତାଙ୍କୁ ଆଶ୍ୱସ୍ତି ମିଳିଛି।

ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ପକ୍ଷରୁ ପ୍ରାୟ ୨ ବର୍ଷ ହେବ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ପ୍ରଶସ୍ତୀକରଣ କାମ ହାତକୁ ନିଆଯାଇଛି । ଧୂଳିଗୁଣ୍ଡ ଓ ବାୟୁ ପ୍ରଦୂଷଣକୁ ସୁରକ୍ଷା ଦେଉଥିବା ରାସ୍ତାପାର୍ଶ୍ୱରେ ଥିବା ପୁରାତନ ବଡ ଗଛ ସବୁ କାଟି ଦିଆଯାଇଛି। ଅପରପକ୍ଷରେ ରାସ୍ତା ପ୍ରଶସ୍ତୀକରଣ କାମ ମନ୍ଥରଗତିରେ କରାଯାଉଛି। ଲୋଇସିଂହା କଲେଜ ଛକରୁ ଲାଇନଜୁରୀ ପୋଲ ପର୍ଯ୍ୟନ୍ତ ରାସ୍ତା କାମ ବାକି ରହିଛି। ସମ୍ପୃକ୍ତ ଅଞ୍ଚଳର ରାସ୍ତାର ଅନେକ ସ୍ଥାନରେ ପିଚୁ ଉଠି ଯାଇ ଗର୍ତ୍ତ ସୃଷ୍ଟି ହୋଇଛି । ବସ୍‌ଷ୍ଟାଣ୍ଡ ନିକଟରେ ଏକ କଲଭର୍ଟ ନିର୍ମାଣ ଯୋଗୁ ରାସ୍ତା ଅଧିକ ଶୋଚନୀୟ ହୋଇପଡିଥିଲା । ଉକ୍ତ ସ୍ଥାନରେ ଏବଂ ପଦ୍ମପୁର ଚାରିଛକରେ କ୍ରଶର ଗୁଣ୍ଡ ଦେଇ ଠିକାସଂସ୍ଥା ପକ୍ଷରୁ ରାସ୍ତା ମରାମତି ହେଉଛି। ଖରା ହେଲେ କ୍ରଶରଗୁଣ୍ଡ ଉଡି ବାୟୁ ପ୍ରଦୂଷଣ ସୃଷ୍ଟି କରୁଛି। ଧୂଳିଗୁଣ୍ଡ ଯୋଗୁ ଶ୍ୱାସ ଜନିତ ସମସ୍ୟା ଦେଖାଦେଉଥିବାରୁ ବଣିକ ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ବଲାଙ୍ଗୀର ଏନ୍‌ଏଚ୍ ନିର୍ବାହୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା ସୁଫଳ ମିଳି ନ ଥିଲା।

## ସଂକ୍ଷେପରେ

### କୁକୁର କାମୁଡ଼ାରେ ୧୧ ଆହତ

ଅମରପାଲି,୧୮।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ମୁଖ୍ୟ ଛକରେ ବୁଧବାର ବୁଲା କୁକୁର କାମୁଡ଼ାରେ ୧୧ଜଣ ଆହତ ହୋଇଛନ୍ତି। କୁକୁର କାମୁଡ଼ାରେ ଆହତ ହୋଇଥିବା ବ୍ୟକ୍ତିମାନେ ହେଲେ ଚମ୍ପାପୁରର ନରସିଂହ ତାଣ୍ଡିଆ, ଟାଙ୍ଗରସାହିର ବିଦେଶୀ ମେହେର, ଟେଭାପଦର ପୂର୍ଣ୍ଣଚନ୍ଦ୍ର ଡାଙ୍ଗ, ବୀରମହାରାଜପୁରର ଶ୍ରବଣ ଅଗ୍ରୱାଲା ଓ ସତ୍ୟନାରାୟଣ ସାହୁ, ଟିଠୀପାଲିର ସ୍ନେହମୟୀ ମହାକୁଡ, ଉଫୁଲାର ବିଲନ୍ତା ଅମାତ, ନବଘନ ଗୁଦୁରିଆ ଓ ବିକାଶ ଭୋଇ, ଝାରକୁମୁଣ୍ଡାର ଦିଲିପ କୁମାର ଦଳାଇ ଓ ଚମ୍ପାପୁରର କୃଷ୍ଣ ମେହେର। ସମସ୍ତେ ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟକୁ ଯାଇ ଚିକିତ୍ସିତ ହୋଇଛନ୍ତି। ୨ଜଣଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ବୀରମହାରାଜପୁର ମୁଖ୍ୟ ଛକ ଓ ବିଭିନ୍ନ ସ୍ଥାନରେ ଦଳ ଦଳ ହୋଇ ବୁଲା କୁକୁର ବୁଲୁଥିବା ଦେଖିବାକୁ ମିଳୁଛି।

### ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

ଘଣ୍ଟାପଡ଼ା,୧୮।୧୦(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା ନେହେରୁ ଯୁବକେନ୍ଦ୍ର ଦ୍ୱାରା ଆୟୋଜିତ ତଥା କନ୍ଧମାଳ ନେହେରୁ ଯୁବକେନ୍ଦ୍ରର ସଂଯୋଜକ ଧରଣୀଧର ବିଭାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଘଣ୍ଟାପଡ଼ା ସମଲେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳପଡ଼ିଆରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୌଦ୍ଧ ଜିଲାର କେନ୍ଦ୍ର ଯୁବ ଅଧିକାରୀ ନବନୀତ କୁମାରଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ ହୋଇଥିଲା। ସଭାରେ ମୁଖ୍ୟଅତିଥି ଭାବେ କନ୍ଧମାଳ ବିଧାୟକ ତଥା ଜିଲା ଯୋଜନା ବୋର୍ଡର ଅଧକ୍ଷ ମହୀଧର ରଣା ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ୧ନଂ ଜୋନର ଜିଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ, ଯୁବନେତା ଓମ ପ୍ରକାଶ ମିଶ୍ର, ସ୍ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ପୀତବାସ ପଣ୍ଡା, ଡିଗ୍ରୀ କଲେଜର ଅଧକ୍ଷ ଗିରିଧର ଦେହୁରୀ, କନ୍ଧମାଳ କଲେଜର ଅଧ୍ୟାପକ ସମିର ମେହେର, ଘଣ୍ଟାପଡ଼ା ଥାନା ଏସଆଇ ବିଶ୍ୱାମିତ୍ର ଲୋଇ, ପ୍ରଭାତ କୁମାର ସାହୁ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ, ସହିଦ ଯବାନ ଏବଂ କାର୍ଯ୍ୟରତ ବୀର ଯବାନଙ୍କ ଉଦ୍ଦେଶ୍ୟରେ ହେଉଥିବା ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଉପରେ ବକ୍ତବ୍ୟ ରଖିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶାତ୍ମବୋଧକ ଗୀତର ଆସର ଜମିଥିଲା।

# ପାରମ୍ପରିକ ପୂଜା, ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ

ଅମରପାଲି,୧୮।୧୦ (ପୀତାମ୍ବର ସାହୁ)



ଖଣ୍ଡହତା ଶାରଦୀୟ ଦୁର୍ଗାପୂଜା




ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତାରେ ଚଳିତବର୍ଷ ହେବ ପ୍ରଥମ ଥର ଶାରଦୀୟ ଦୁର୍ଗାପୂଜା। ଏଥିପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମୂର୍ତ୍ତି ତିଆରି ସହିତ ସାଜସଜ୍ଜା କାମ ସରି ଆସିଲାଣି। ବିଭିନ୍ନ ସାଂସ୍କୃତିକ ଦଳର କାର୍ଯ୍ୟକ୍ରମ ଚୂଡାନ୍ତ ହୋଇସାରିଛି। ପୂଜା ପରିଚାଳନା ପାଇଁ ପୂର୍ବରୁ ଏକ ପରିଚାଳନା କମିଟି ଗଠନ ହୋଇଛି। ସର୍ବସମ୍ମତିକ୍ରମେ ସୁଶିଲ ପାଣ୍ଡେଙ୍କୁ ସଭାପତି, ବିପିନ ଚୌଧୁରୀଙ୍କୁ ସମ୍ପାଦକ ଏବଂ ସନାତନ ମହାପାତ୍ରଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ଏହାସହିତ ମନୋଜ ନାଏକ, ଲିପୁନ ମିଶ୍ର, ସୁଶାନ୍ତ ରଣା, ମୋତିରଞ୍ଜନ ସାହୁ, ସୁଶାନ୍ତ ମେହେର, ଦେବାଶିଷ ପ୍ରଧାନ, ଦୀନକୃଷ୍ଣ ଶଙ୍ଖୁଆ ଓ ମଣ୍ଟୁ ପ୍ରଧାନଙ୍କୁ ପରିଚାଳନା କମିଟିରେ ସଦସ୍ୟ ଭାବେ ମନୋନୀତ କରାଯାଇଛି। ପୂଜାରେ ହେମକାନ୍ତୀ ନାଏକ ଓ ସମାରୁ ନାଏକ ସପତ୍ନିକ କର୍ତ୍ତା କାର୍ଯ୍ୟ ତୁଲାଇବେ। ପୂଜା ପାଇଁ ହୋଇଥିବା କାର୍ଯ୍ୟସୂଚୀ ମତେ ୨୦ ତାରିଖ ଶୁକ୍ରବାର ଦିନ କଳସ ଶୋଭାଯାତ୍ରା କରାଯାଇ ପୂଜା ମଣ୍ଡପରେ କଳସ ସ୍ଥାପନ କରାଯିବ। ୨୧ ତାରିଖ ଶନିବାର ଦିନ ମା'ଙ୍କ ପୂଜା ଆରମ୍ଭ ହେବ। ଏହିଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ପାଇଁ ସାନ୍ଧ୍ୟଦର୍ଶନର ବ୍ୟବସ୍ଥା କରାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ୨୧ ତାରିଖ ରାତିରେ ମା' ନାରାୟଣୀ ମହିଳା ଦଣ୍ଡ ନୃତ୍ୟ ପରିବେଷଣ କରାଯିବ। ୨୨ତାରିଖ ଦିନବେଳା ସୁନ୍ଦରାକାଣ୍ଡ ପରାୟଣ ଓ ଭଜନ ପରିବେଷଣ କରାଯିବ। ବ୍ରଜଗୋପାଳ ମହାପାତ୍ର ବ୍ୟାସ ଭାବେ ଯୋଗଦେଇ ପାରାୟଣ ଗାନ କରିବେ। ୨୩ ତାରିଖ ସନ୍ଧ୍ୟାରେ ବୀରମହାରାଜପୁରର ଭୀମଭୋଇ କଳା ପରିଷଦ ଦ୍ୱାରା ସମ୍ବଲପୁରୀ ଅର୍କେଷ୍ଟ୍ରା ପରିବେଷଣ ହେବ। ୨୪ ତାରିଖ ସନ୍ଧ୍ୟାରେ ଡାଲଖାଇ, ରସରକେଲି, ମାଇଲାଜାଡ ଆଦି ପରିବେଷଣ ହେବ। ୨୫ ତାରିଖ ଦିନ ଭସାଣି ହେବ। ଏଥିରେ ପାରମ୍ପରିକ ନୃତ୍ୟ ଓ ଦୁଲଦୁଲି, ଘଣ୍ଟ ବାଦ୍ୟ ଆଦି ସାମିଲ ହେବ। ତେବେ ପ୍ରଥମ ଥର ଖଣ୍ଡହତାରେ ଦୁର୍ଗାପୂଜା ହେଉଥିବାରୁ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି।

### ସେମାନେ କହନ୍ତି...



"ଚଳିତବର୍ଷ ପ୍ରଥମ କରି ଦୁର୍ଗାପୂଜା କରୁଛୁ। ଏଥିପାଇଁ ବେଶ ଉତ୍ସାହିତ ଅଛୁ। ପ୍ରସ୍ତୁତି ପ୍ରାୟତଃ ସରିଗଲାଣି। ଦିନବେଳା ପୂଜାର୍ଚ୍ଚନା ସହିତ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଛୁ।

**ସୁଶିଲ ପାଣ୍ଡେ (ସଭାପତି)**



"କମ୍ ବଜେଟରେ ପୂଜା କରୁଥିଲେ ମଧ ପାରମ୍ପରିକ ପୂଜାର୍ଚ୍ଚନା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଛୁ। ସନ୍ଧ୍ୟା ଆଳତି ସହ ଶ୍ରଦ୍ଧାଳୁଙ୍କ ପାଇଁ ସନ୍ଧ୍ୟା ଦର୍ଶନର ବ୍ୟବସ୍ଥା ରଖିଛୁ।

**ବିପିନ ଚୌଧୁରୀ(ସମ୍ପାଦକ)**



"ପ୍ରଥମ କରି ଦୁର୍ଗାପୂଜା ହେଉଥିବାରୁ ଅଞ୍ଚଳର ଲୋକେ ବେଶ ଉତ୍ସାହିତ ଅଛନ୍ତି। ସମସ୍ତଙ୍କ ସହଯୋଗରେ ପୂଜା ହେଉଥିବାରୁ ଏହା ସୁଚାରୁ ଭାବେ ହେବ ବୋଲି ଆଶା କରୁଛୁ। ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିବାକୁ ସମସ୍ତ କର୍ମକର୍ତ୍ତା ଉଦ୍ୟମ କରୁଛୁ।

**ସନାତନ ମହାପାତ୍ର(କୋଷାଧ୍ୟକ୍ଷ)**



"ପ୍ରଥମ କରି ହେଉଥିବା ଏଠାକାର ଦୁର୍ଗାପୂଜାରେ ଆମେ ପତି ପତ୍ନୀ କର୍ତ୍ତା ହେବାର ସୁଯୋଗ ପାଇଛୁ। ଏଥିପାଇଁ ଆମେ ବେଶ ଉତ୍ସାହିତ ଅଛୁ।

**ସମାରୁ ନାଏକ(ପୂଜାକର୍ତ୍ତା)**



ସୁବର୍ଣ୍ଣପୁର ଜିଲାର ଇଷ୍ଟଦେବୀ ମା' ସୁରେଶ୍ୱରୀ ବୁଧବାର ଭୈରବୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ।

# ଅଭିଯୋଗ ପରେ ସ୍ଥିତି ନିରୀକ୍ଷଣ କଲେ ଜିଲାପାଳ

ଅମରପାଲି,୧୮।୧୦(ପୀତାମ୍ବର ସାହୁ)

**ବିପଦସଙ୍କୁଳ ଅବସ୍ଥାରେ ନୂଆପଡ଼ା ପ୍ରାଥମିକ ବିଦ୍ୟାଳୟ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ପଞ୍ଚାୟତର ନୂଆପଡ଼ା ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହ ବିପଦସଙ୍କୁଳ ଅବସ୍ଥାରେ ଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ନିକଟରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଯୁଗିନ୍ଦ୍ର ବାରିକଙ୍କ ନେତୃତ୍ୱରେ କମିଟି ସଦସ୍ୟାସଦସ୍ୟମାନେ ସୁବର୍ଣ୍ଣପୁର ଯାଇ ଏହି ଅଭିଯୋଗ କରିଥିଲେ। ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏଠାରେ ୨୦ ଜଣ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ୨ଜଣ ଶିକ୍ଷକ ରହିଛନ୍ତି। ବିଦ୍ୟାଳୟର ଦୁଇଗୋଟି କୋଠରୀର ତଳ ଛାତ ଭାଙ୍ଗିଯାଇ ବଡ ବଡ ଖଣ୍ଡ ସିମେଣ୍ଟ ପଲସ୍ତରା ଖସୁଥିବାରୁ ପିଲାମାନେ ବାହାରେ ଦରିରେ ବସି ପାଠ ପଢୁଛନ୍ତି। ଏନେଇ ଜିଲାପାଳଙ୍କ ଠାରେ ଅଭିଯୋଗ ହେବ ।ପରେ ମଙ୍ଗଳବାର ଦିନ ଜିଲାପାଳ ବିମଳେନ୍ଦୁ ରାୟ ନୂଆପଡ଼ା ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟ ଛାତରୁ ସିମେଣ୍ଟ ପଲସ୍ତରା ଖଣ୍ଡ ଖସୁଥିବା ଦେଖି ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ କହିଥିଲେ। ଜିଲାପାଳଙ୍କ ସହିତ ଡିଇଓ ଲକ୍ଷ୍ମଣ ଭୋଇ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ନାରାୟଣ ଲୁହା ବିଦ୍ୟାଳୟ ପରିଦର୍ଶନ କରିଥିଲେ।

# ଶିଶୁ ପ୍ରତିଭା ପ୍ରସ୍ଫୁଟିତ କରିବା ମାଧ୍ୟମ ହେଉଛି ସୁରଭି

ଡୁଙ୍ଗୁରିପାଲି,୧୮।୧୦(ଦୀନବନ୍ଧୁ ସୁନା)




ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

**ବ୍ଲକସ୍ତରୀୟ ସୁରଭି ମହୋତ୍ସବ**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ବ୍ଲକସ୍ତରୀୟ ସୁରଭି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡୁଙ୍ଗୁରିପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋହିତ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ଅନ୍ତର୍ନିହିତ ସୃଜନଶୀଳତାର ବିକାଶ ପାଇଁ ସୁରଭି ଏକ ପ୍ରକୃଷ୍ଟ ମଞ୍ଚ ବୋଲି କହିଥିଲେ ।

ସମ୍ମାନିତ ଅତିଥି ଭାବେ ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା ଯୋଗଦେଇ ଶିଶୁ ପ୍ରତିଭା ପ୍ରସ୍ଫୁଟିତ କରିବାର ଉପଯୁକ୍ତ ମାଧ୍ୟମ ସୁରଭି ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷା କ୍ଷେତ୍ରରେ ଯୁଗାନ୍ତକାରୀ ବିକାଶ ପାଇଁ ରାଜ୍ୟ ସରକାର ବିଦ୍ୟାଳୟଗୁଡ଼ିକୁ ୫-ଟି ରୂପାନ୍ତରଣ କରି ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ ଆଦି ନୂତନ ବ୍ୟବସ୍ଥା ପ୍ରଚଳନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶିକ୍ଷକ ସମାଜ ତଥା ଅଭିଭାବକଙ୍କ ସହଯୋଗ ସାଙ୍ଗକୁ ଛାତ୍ରୀଛାତ୍ର ନିଜ ଭବିଷ୍ୟତ ଗଠନ ନେଇ ଅଧିକ ନିଷ୍ଠାବାନ ହୋଇ ସରକାରଙ୍କ ଉଦ୍ୟମକୁ ସାକାର କରିବାକୁ ତହସିଲଦାର ମିର୍ଦ୍ଧା ଆହ୍ୱାନ କରିଥିଲେ। ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଷାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସୁବର୍ଣ୍ଣପୁର ଜିଲା ସହ ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡତିଆ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଶିଶୁମାନଙ୍କ ସାମଗ୍ରିକ ବିକାଶରେ ସୁରଭିର ଭୂମିକା ବିଷୟରେ ଆଲୋଚନା କରିଥିଲେ । ଅନ୍ୟତମ ଅତିଥି ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ବାଟକୃଷ୍ଣ ପାଢ଼ୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସିଆରସିସି ଦିଲୀପ ପଧାନ ଓ ଶିକ୍ଷକ ସୁଧୀର ଗଡତିଆ ସ୍ୱାଗତ ଭାଷଣ ଦେବା ସହ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ଉଦ୍‌ଯାପନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଷାନ ସଭାପତିତ୍ୱ କରିଥିଲେ । ସୁବର୍ଣ୍ଣପୁର ଜିଲା ପରିଷଦ ଅଧକ୍ଷା ସୁପାର ଠେଲା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଡୁଙ୍ଗୁରିପାଲି ଗ୍ରାମ ପଞ୍ଚାୟତ ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ସାମାଜିକ କର୍ମୀ ତଥା କୋଶଲ ସାମ୍ବାଦିକ ସଂଘର ସଭାପତି ବିପ୍ରଚରଣ ସାହୁ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ଭାବେ କୃଷି ଅଧିକାରୀ ଗୋବିନ୍ଦ ତ୍ରିପାଠୀ ଯୋଗଦେଇ ମିଲେଟ ମିଶନରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ବ୍ଲକର ୧୫ଟି କ୍ଲଷ୍ଟରର ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ମିଲେଟ କୁଇଜ, ଗୀତ, ବକ୍ତୃତା, ପ୍ରବନ୍ଧ, ସୃଜନାତ୍ମକ ଲିଖନ, ଚିତ୍ରାଙ୍କନ, ହସ୍ତଶିଳ୍ପୀ, ଶ୍ରୁତଲିଖନ, ଦଳଗତ ନୃତ୍ୟ, ଏକକ ନୃତ୍ୟ ଆଦି ପ୍ରତିଯୋଗିତାର ବରିଷ୍ଠ ଓ କନିଷ୍ଠ ବିଭାଗରେ ଭାଗ ନେଇଥିଲେ । କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ଦେଇ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଡୁଙ୍ଗୁରିପାଲି ବ୍ଲକର ୧୫ଟି କ୍ଲଷ୍ଟରରୁ ସିଆରସିସି, ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ ସହଯୋଗ କରିଥିଲେ। ଶେଷରେ ସହ ଶିକ୍ଷା ଅଧିକାରୀ ଅଖିଳ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ସମସ୍ତ ପ୍ରତିଯୋଗୀ ଜିଲାସ୍ତରୀୟ ସୁରଭିରେ ଭାଗ ନେବେ ବୋଲି ସୂଚନା ମିଳିଛି।

# ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ



କାର୍ଯ୍ୟକ୍ରମରେ ପୋଲିସ ଓ ବରିଷ୍ଠ ନାଗରିକ।

ତରଭା,୧୮।୧୦(ମାନଭଞ୍ଜନ ମିଶ୍ର)

ଭାରତୀୟ ସଂସ୍କୃତିରେ ବରିଷ୍ଠ ନାଗରିକ ହେଉଛନ୍ତି ଅମୂଲ୍ୟ ସମ୍ପଦ। ବରିଷ୍ଠ ନାଗରିକଙ୍କ ଜ୍ଞାନ ଓ ଅଭିଜ୍ଞତା ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଓ ରାଜ୍ୟ ସରକାର ବରିଷ୍ଠ ନାଗରିକଙ୍କ ପାଇଁ ଅନେକ ଯୋଜନା ପ୍ରଣୟନ କରୁଛନ୍ତି ବୋଲି ବୁଧବାର ତରଭା ଥାନାରେ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସୋନପୁର ଏସ୍‌ଡିପିଓ ପ୍ରତାପ ରଣା କହିଛନ୍ତି। ଆଇଆଇସି ଅନିତା କିଡୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସ୍‌ଆଇ ଆରତୀ କହଁର, ଏଏସଆଇ ନିମାଇଁ ଚରଣ ବାରିକ ଓ ଶୁଭେନ୍ଦୁ ସିଂ ବାବୁଙ୍କ ସମେତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ଏସଡିପିଓ ରଣା ପରିଚୟ ପତ୍ରର ଉପଯୋଗ କିଭଳି କରାଯିବ ସେ ସମ୍ବନ୍ଧରେ ବୁଝାଇ ଥିଲେ। ଆଇଆଇସି କିଡୋ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିନିକା ବାଳକ ହାଇସ୍କୁଲରେ ସୁରଭି କାର୍ଯ୍ୟକ୍ରମ

ବିନିକା,୧୮।୧୦(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବାଳକ ହାଇସ୍କୁଲରେ ବୁଧବାର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବସନ୍ତ କୁମାର ଭୁଏଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୩ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ମୁଖ୍ୟଅତିଥି ଭାବେ ସିଦ୍ଧାର୍ଥ କଲେଜର ଅଧକ୍ଷା ରେଖା ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ କବି ସୁରେଶ ଦାସ, ଦଣ୍ଡ ସମ୍ରାଟ ରସିକ ସାହୁ, ପ୍ରଧାନଶିକ୍ଷକ ନୀଳାଚଳ ମେହେର, କଂସ ମହାରାଜ ଗୋପାଳ ପଣ୍ଡା ଯୋଗଦେଇ ସୁରଭି ମହୋତ୍ସବ ବିଷୟରେ ଆଲୋକପାତ କରିଥିଲେ। ଶିକ୍ଷାବିତ ହିମାଂଶୁ ଶେଖର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ । ଏବିଓ ହେମସାଗର କାଲସେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅଭିନେତା ଜିତେନ୍ଦ୍ରୀୟ ହୋତା, ଶ୍ରଦ୍ଧାଞ୍ଜଳି ମିଶ୍ର, ତାରାକାନ୍ତ ବଗର୍ତ୍ତି, ସୁରେଶ ଦାସ, ଶିବାନୀ ମହାନ୍ତି, ଲଳିତ ଜାଲଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିଶୁ କଳାକାରମାନେ ନାଚ ଗୀତ ପରିବେଷଣ କରିଥିଲେ । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ନିର୍ମଳ ସାଣ୍ଢ, ଏନଏସି ଉପାଧ୍ୟକ୍ଷା ତପସ୍ୱିନୀ ମେହେର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ଛାତ୍ରୀଛାତ୍ର ଯୋଗ ଦେଇଥିବା ବେଳେ ହାଇସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।




ମହୋତ୍ସବରେ ଯୋଗ ଦେଇଥିବା ଅତିଥି।

# ୨୭ରୁ ବୀରମହାରାଜପୁରରେ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା

ଅମରପାଲି,୧୮।୧୦(ପୀତାମ୍ବର ସାହୁ)।

**ଜିଲା ତୀରନ୍ଦାଜ ସଂଘର ଖବରଦାତା ସମ୍ମିଳନୀ**

- ଅଂଶଗ୍ରହଣ କରିବେ ୫୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ
- ଜିଲା ସାରା ପରିକ୍ରମା କରିବ ଧନୁ ରଥ



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା ସୂଚନା ପ୍ରଦାନ କରୁଛନ୍ତି ।

ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁରରେ ହେବ ୨୪ତମ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା। ଆସନ୍ତା ୨୭ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ବୀରମହାରାଜପୁର ଉପକଣ୍ଠ ପଣ୍ଡିଆପାଲିସ୍ଥିତ ଖେଳପଡିଆରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୧ ହଜାର ପ୍ରତିଯୋଗୀ ଏବଂ ପରିଚାଳନା ସଦସ୍ୟ ଯୋଗ ଦେବେ। ଏନେଇ ବୀରମହାରାଜପୁର ଉପଖଣ୍ଡ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ସୁବର୍ଣ୍ଣପୁର ଜିଲା ତୀରନ୍ଦାଜ ସଂଘର ସମ୍ପାଦକ ପଙ୍କଜ ଖମାରୀ। ଏଥିରେ ସମଗ୍ର ଓଡ଼ିଶାରୁ ୫୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଓ ୫ ଶହ ଅଫିସିଆଲ ଅଂଶଗ୍ରହଣ କରିବେ। ୯ ବର୍ଷରୁ ଉର୍ଦ୍ଧ୍ୱ ବାଳିକା ଓ ବାଳକ ବିଭାଗର ୪ଟି ବିଭାଗରେ ୮ଟି ବର୍ଗରେ ବିଭିନ୍ନ ପ୍ରତିଯୋଗିତା ହେବ। ଭାରତୀୟ, ରିକର୍ଭ ଓ କମ୍ପାଉଣ୍ଡ ରାଉଣ୍ଡ ପାଇଁ ପ୍ରତିଯୋଗିତା ହେବ।

ଖେଳକୁ ପରିଚାଳନା କରିବା ପାଇଁ ୪୨ ଜଣ ଦକ୍ଷ କ୍ରୀଡା ନିରୀକ୍ଷକ ରାଜ୍ୟ ତୀରନ୍ଦାଜ ସଂଘ ପକ୍ଷରୁ ଚୟନ କରାଯାଇଛି। ପ୍ରତିଯୋଗିତାକୁ ଆସୁଥିବା କ୍ରୀଡାବିତ୍‌ଙ୍କ ଆବାସ ପାଇଁ କଳାପଥରସ୍ଥିତ ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାପୀଠ, ବୀରମହାରାଜପୁର ସ୍ଥିତ ଗାୟତ୍ରୀ ଆବାସିକ ଶିକ୍ଷା ନିକେତନ, ରଠପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କାନପୁରର ମାହେଶ୍ୱରୀ ଉଚ୍ଚ ବିଦ୍ୟାପୀଠ, ବୀରମହାରାଜପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ବୀରମହାରାଜପୁର କଲେଜରେ ଜିଲା ପ୍ରଶାସନ ତରଫରୁ ବ୍ୟବସ୍ଥା କରା ଯାଇଛି। ପାଞ୍ଚଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଶେଷଦିନ ଅଲମ୍ପିକ୍ସ ରାଉଣ୍ଡର ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା ହେବ। ଯେଉଁମାନେ ଏଥିରେ ଚୟନ ହେବେ ଆସନ୍ତା ନଭେମ୍ବର ୨୩ ରୁ ୩୦ ପର୍ଯ୍ୟନ୍ତ ଅଯୋଧାରେ ହେବାକୁ ଥିବା ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

ପ୍ରଥମ ଦିନ ୨୭ ତାରିଖରେ ସ୍ଥାନୀୟ ଅଞ୍ଚଳର ୨୦୦ରୁ ଉର୍ଦ୍ଧ୍ୱ କଳାକାରଙ୍କୁ ନେଇ ଏକ ଧନୁ ଶୋଭାଯାତ୍ରା ବାହାରିବାକୁ ଅଛି। ଏହାଛଡା ପ୍ରତ୍ୟେକ ଦିନ ତୀରନ୍ଦାଜ ପ୍ରତିଯୋଗିତା ପରେ ପାତାଳୀ ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ଗ୍ରୁପ ଦ୍ୱାରା ଭଜନ ପରିବେଷଣ ଓ କ୍ରୀଡାବିତ୍‌ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ଆସନ୍ତା ୨୫ ତାରିଖରୁ ଜିଲାର ୬ ଟି ଯାକ ବ୍ଲକରେ ଧନୁ ରଥ ପରିକ୍ରମା କରିବ। ୨୮ ତାରିଖ ଉଦ୍‌ଘାଟନୀ ଉତ୍ସବରେ ଏକ କୋଦଣ୍ଡ ନାମରେ ସ୍ମରଣିକା ଉନ୍ମୋଚନ ହେବ। ଓଡ଼ିଶା ସରକାରଙ୍କ କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତ, ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା, କନ୍ଧମାଳ ବିଧାୟକ ମହିଧର ରଣା, ପୂର୍ବତନ ଶାସନ ସଚିବ ଗୋକୁଳ ଚନ୍ଦ୍ର ପତି, ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ, ଜିଲା ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ଭୋଇ, ଉପ ଜିଲାପାଳ ଲଲାଟେନ୍ଦୁ ସି ପ୍ରମୁଖ ବିଭିନ୍ନ ଦିବସରେ ଅତିଥି ଭାବରେ ଯୋଗଦାନ କରିବା ପାଇଁ ସ୍ଥିରୀକୃତ ହୋଇଛି। ଖବରଦତା ସମ୍ମିଳନୀରେ ରାଜ୍ୟ ତୀରନ୍ଦାଜ ସଂଘର ଯୁଗ୍ମ ସମ୍ପାଦକ କୃଷ୍ଣଚନ୍ଦ୍ର ସେଠୀ, ଜିଲା ତୀରନ୍ଦାଜ ସଂଘର ସମ୍ପାଦକ ପଙ୍କଜ ଖମାରୀ, ସଂଘ ର ସହ ସଂପାଦକ ରବୀନ୍ଦ୍ର ହୋତା, କୋଷାଧ୍ୟକ୍ଷ ଯୁଧିଷ୍ଠିର ଖମାରୀ ଓ ଉପ ସଭାପତି ଗୋପାଳ ପାତ୍ରଙ୍କ ସମେତ ସୁଦର୍ଶନ ବିଶ୍ୱାଳ, ଲକ୍ଷ୍ମଣ ମହାନ୍ତି, ସୁକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ବଡ଼ଗାଁ,୧୮।୧୦( ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ କୁସୁନା ଛକ(ରାଜ୍ୟ ରାଜପଥ) ନିକଟରେ ମଙ୍ଗଳବାର ରାତି ୯ ଟାରେ କୌଣସି ଏକ ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରଘୁନାଥପାଲୀ ଥାନା ପାନପୋଷର ଆଶିଷ କୁମାର୍ ସେଠୀ (୨୯)। ସେ ବୀମା କମ୍ପାନୀରେ କାମ କରନ୍ତି। ମଙ୍ଗଳବାର ରାତିରେ କାମସାରି ବାଇକ୍‌ରେ ଘରକୁ ଫେରୁଥିବାବେଳେ ଅଜଣା ଗାଡ଼ି ଧକ୍କା ଦେଇଥିଲା। ତାଙ୍କୁ ସୁନ୍ଦରଗଡ଼ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଲୁହା ସ୍ପଞ୍ଜ କାରଖାନାରେ ବିସ୍ଫୋରଣ, ଶ୍ରମିକ ଗୁରୁତର

**କୁଆଁରମୁଣ୍ଡା,୧୮।୧୦(ମହେନ୍ଦ୍ର କୁମାର ସାହୁ):** କୁଆଁରମୁଣ୍ଡା ନାଇକେନବାହାଲ ନିକଟରେ ଥିବା ଏକ ଲୁହା ସ୍ପଞ୍ଜ କାରଖାନାରେ ମଙ୍ଗଳବାର ରାତିରେ କାମ କଲା ବେଳେ ହଠାତ୍ ବିସ୍ଫୋରଣ ହେବାରୁ ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ସେ ହେଲେ କୁଆଁରମୁଣ୍ଡା ଅଞ୍ଚଳର ବଳଭଦ୍ର ସା। ତାଙ୍କର ଶରୀରର ଅର୍ଦ୍ଧାଧିକ ଅଂଶ ଜଳି ଯାଇଥିବା ବେଳେ କାରଖାନା ପକ୍ଷରୁ ତାଙ୍କୁ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଏବେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡିଛି। ଖବର ଲେଖା ହେବା ସୁଦ୍ଧା( ରାତି୮ଟା) କାରଖାନା ବିରୋଧରେ ଶ୍ରମିକଙ୍କ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

### ଜଳୁନି ଷ୍ଟ୍ରିଟ୍ ଲାଇଟ, ପ୍ରଶାସନ ଦୃଷ୍ଟି ଦେବାକୁ ଦାବି



**ବିଶ୍ରା,୧୮।୧୦(ବଟକୃଷ୍ଣ ସ୍ୱାଇଁ):** ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଓ ଛକ ଜାଗାରେ ଷ୍ଟ୍ରିଟ ଲାଇଟ୍ ଲଗାଯାଇଛି। କିନ୍ତୁ ତାହା କାର୍ଯ୍ୟକାରୀ ହେବାର ବର୍ଷେ ପରେ ଜଳୁନାହିଁ। ଯାହାର ଉଦାହାରଣ ଦେଖିବାକୁ ମିଳିଛି ଦାରେଇଲେଲା ଛକରେ। ଗତ ୫ ବର୍ଷ ତଳେ ପିଆଇଟିଏ ପକ୍ଷରୁ ଲାଇଟ୍ ଲଗାଯାଇଥିଲା। ହେଲେ ମରାମତି ଅଭାବରୁ ସେଗୁଡିକ ବନ୍ଦ ହୋଇଗଲା। ସନ୍ଧ୍ୟା ହେଲେ ସେଠାରେ ଅସାମାଜିକ କାର୍ଯ୍ୟକଳାପ ବଢୁଛି। ଲୋକମାନେ ସେହି ରାସ୍ତା ଦେଇ ଯା' ଆସ କରିବାକୁ ସୁରକ୍ଷିତ ମଣୁ ନାହାଁନ୍ତି। ତେବେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ପ୍ରତିଭା ବିକାଶ କରିବ ସୁରଭି

**ନୂଆଗାଁ,୧୮।୧୦(ବିଜୟ ତ୍ରିପାଠୀ)**

ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶ ଦିଗରେ ସୁରଭି ଏକ ନିଆରା କାର୍ଯ୍ୟକ୍ରମ। ଏହା ଛାତ୍ରୀଛାତ୍ରଙ୍କ ଲୁକାୟିତ ପ୍ରତିଭାକୁ ବିକଶିତ କରିବା ସହ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା ମୂଳକ ଚିନ୍ତା ଧାରା ଜାଗ୍ରତ କରାଏ ବୋଲି ବୁଧବାର ପୁରୁଣାପାଣି ହାଇ ସ୍କୁଲଠାରେ ଅନୁଷ୍ଠିତ ନୂଆଗାଁ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ପ୍ରକାଶ କରିଛନ୍ତି। ନୂଆଗାଁ ବ୍ଲକ ଶିକ୍ଷା ଅଧିକାରୀ ସସ୍ମିତା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସୁରଭି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ କ ଜିଲାପରିଷଦ ସଭ୍ୟା ଯୋତି ଦଲରୋସା ଟେଟେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ହାତୀ ବାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡ. ଏମ୍.ଡି ହାଲିମ ସୁରଭି କାର୍ଯ୍ୟକ୍ରମ ଶିଶୁଙ୍କ ମାନସିକ, ଶାରୀରିକ ବିକାଶରେ ସହଯୋଗ ହେବା ସହ ଏହା ଛାତ୍ରୀଛାତ୍ରଙ୍କ ପ୍ରତିଭାକୁ ବିକାଶ କରିଥାଏ ବୋଲି ପ୍ରକାଶ କରିଥିଲେ।




ମଞ୍ଚାସୀନ ଅତିଥି ବୃନ୍ଦ।

ଅନ୍ୟତମ ସମ୍ମାନିତ ଅତିଥି ଭାବେ କୁଆଁରମୁଣ୍ଡା ପ୍ରଶିକ୍ଷଣ ବିଦ୍ୟାଳୟର ପ୍ରଶିକ୍ଷକ ସୋନାଲି ପଟ୍ଟନାୟକ,ନୂଆଗାଁ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ବାନେ କେଚ୍ଛୁଆ, ବନମାଳି ମଲିକ ପ୍ରମୁଖ ଶିଶୁ ମାନଙ୍କର ପ୍ରତିଭା ଉପରେ ନିଜନିଜ ମତ ବ୍ୟକ୍ତ କରିଥିଲେ । ବ୍ଲକର ବରିଷ୍ଠ ଶିକ୍ଷକ ଦିଲୀପ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ମଙ୍ଗଲ କେର କେଟା ତାଙ୍କୁ ସହଯୋଗ କରିଥିଲେ। ବ୍ଲକର ଅନ୍ୟ ତମ ବରିଷ୍ଠ ଶିକ୍ଷକ ଅନଦା ଶଙ୍କର ପାଢ଼ୀ, ଅରୁଣ କୁମାର ବେହେରା, ମଧୁ ସୁଦନ କରିଆଲି, ବାସୁଦେବ ତ୍ରିପାଠୀ, ସିଆର୍‌ସିସି ଅଜୟ ସେଠି, ପ୍ରଶାନ୍ତ କେରକେଟ୍ଟା, ଶିକ୍ଷକ ଦିଲୀପ ମାଲୁଆ, ସଞ୍ଜୟ ରୋଥ, ରଞ୍ଜିତ ଏକା ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ବ୍ଲକରେ ମୋଟ ୧୩ଟି କ୍ଲଷ୍ଟରୁ ୪୬୫ ଜଣ ପ୍ରତିଯୋଗୀ ବିଭିନ୍ନ ପ୍ରତି ଯୋଗୀତାରେ ଭାଗ ନେଇ ପୁରସ୍କୃତ ହୋଇଥିଲେ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ

**ବଣାଇଁ,୧୮।୧୦(ପ୍ରଦୀପ ତ୍ରିପାଠୀ)**

ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ– ୨୦୨୩ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଭାପତି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ସୁନୀଲ କୁମାର ମୁଣ୍ଡୁ ଯୋଗଦେଇ ମହୋତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ସେହିଭଳି ରାଜା ଧରଣୀଧର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା କିଷାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେଇଥିଲେ। ଅବସର ପ୍ରାପ୍ତ ଶିକ୍ଷାବିତ ଗୌରାଙ୍ଗ ଚରଣ ସିଂ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଶିଶୁ ମହୋତ୍ସବର ଉଦ୍ଦେଶ୍ୟ ତଥା ମାଣ୍ଡିଆର ଉପକାରିତା ସମ୍ପର୍କରେ



ଉପସ୍ଥିତ ଅତିଥି ବୃନ୍ଦ।

ବିସ୍ତୃତ ଭାବେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହାପରେ ସୁରଭି – ୨୦୨୩ ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାଶୀନାଥ ବେହେରା, କରେଇପୁଟ ପ୍ରଧାନ ଶିକ୍ଷକ ଛନ୍ଦା ଚରଣ ଡଗରା, ରୁଗୁଡା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ମୁରଲୀଧର ବାଙ୍କଙ୍କ ସମେତ ପ୍ରଶାନ୍ତ କୁମାର ସାହୁ, ମାନସ ରଞ୍ଜନ ସାହୁ, ଭୀମସେନ ଖମାରି, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

**ବଡ଼ଗାଁ,୧୮।୧୦(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅଞ୍ଚଳର ଜଣେ ନାବାଳିକା(୧୭)ଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣା ଅନୁଯାୟୀ, ବଡ଼ଗାଁ ଥାନା ଅଞ୍ଚଳର ପୀଡ଼ିତା ତାଙ୍କ ମାଉସୀ ଘରେ ରହି କମ୍ପ୍ୟୁଟର ତାଲିମ ନେଉଥିଲେ। ରାଏବଗା ଥାନା ଦଲକି ଗ୍ରାମର ବାପି ବୁଡ଼ା (୨୦)ଙ୍କ ସହିତ ତାଙ୍କର ସଂପର୍କ ସୃଷ୍ଟି ହୋଇଥିଲା। ନାବାଳିକା ୮ ମାସର ଗର୍ଭବତୀ ଅଛନ୍ତି। ତାଙ୍କୁ ପ୍ରତାରଣା କରି ଦୁଷ୍କର୍ମ କରାଯାଇଥିବା ଥାନାରେ ଅଭିଯୋଗ ପରେ ଆଇଆଇସି ବନ୍ଦନା ପାତ୍ର ଅଭିଯୁକ୍ତଙ୍କୁ ଗିରଫ କରି ୩୭୬/ଏନ୍, ୩୨ ଏସସି ଏସଟି ଆକ୍ଟ, ପସ୍କୋ ଆକ୍ଟରେ କୋର୍ଟ ଚାଲାଣ କରିଛନ୍ତି।

# ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣ

**ଲହୁଣୀପଡ଼ା,୧୮।୧୦(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ମହୁଲପଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ମହୁଲପଦା ସରପଞ୍ଚ ସୌଭାଗ୍ୟ ନାଏକ, ସମ୍ମାନିତ ଅତିଥିଭାବେ ସମିତି ସଭ୍ୟ ନୀଳାମ୍ବର ନାଏକ, କ୍ଷେତ୍ର ମୋହନ ମାହାନ୍ତ, ନିରଞ୍ଜନ ଅଟି ଯୋଗଦେଇଥିବା ବେଳେ ଯଦୁପତି ମହାବିଦ୍ୟାଳୟର ଅଧ୍ୟାପକ ପ୍ରଶାନ୍ତ କିଶୋର ଚଇନି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଶିଶୁଙ୍କ ଭିତରେ ଲୁକ୍କାୟିତ ଥିବା ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପାଇଁ କହିଥିଲେ। ବିଇଓ ଭଗବାନ ବାଙ୍କୀରାଙ୍କ ଅଧ୍ୟକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଏବିଇଓ ନରହରି କିଷାନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

ପରିଚୟ ପ୍ରଦାନ କରିଥିବା ବେଳେ ହରିପ୍ରଦ ଜେନା ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଛାତ୍ରୀମାନେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଅତିଥିମାନେ କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକ ଅନ୍ତର୍ଗତ ୧୬ଟି କ୍ଲଷ୍ଟରର ପ୍ରାୟ ୪ଶହ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ୪ଟି ବିଭାଗରେ କନିଷ୍ଠ ବର୍ଗ, ବରିଷ୍ଠ ବର୍ଗ, ଯୁକ୍ତ ୨, ଭିନ୍ନକ୍ଷମ ବର୍ଗରେ ପ୍ରତିଯୋଗିତା କରାଯାଇ ଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହୁଲପଦା ଥାନା ଅଧିକାରୀ ଶୁରେଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଦୁର୍ଯ୍ୟୋଧନ କିଷାନ ଯୋଗଦେଇ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାର ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଜିଲା ସ୍ତରୀୟ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରି ପାରିବେ ବୋଲି ସୂଚନା ଦିଆଯାଇଥିଲା। ସଭା ଶେଷରେ ଦୀନକୃଷ୍ଣ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସିଆର୍‌ସିସି ଓ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକମାନେ ସମସ୍ତ ପ୍ରତିଯୋଗିତା ପରିଚାଳନା କରିଥିବା ଜଣାପଡ଼ିଛି।

# ଗାଡ଼ି ଉପରକୁ ଗୁଳିମାଡ଼, ୩ ଗିରଫ

**ଟେନ୍‌ସା,୧୮।୧୦(ସମୀର କୁମାର ପାଢୀ)**

ସୁନ୍ଦରଗଡ ଜିଲା କୋଇଡା ବ୍ଲକ କେ.ବଲାଙ୍ଗ ଥାନା ଅନ୍ତର୍ଗତ ପାଟାସାହି ରେଲୱେ ସାଇଡିଂକୁ ରେଲୁଏ ଲୋଡିଙ୍ଗ କଣ୍ଟ୍ରାକଟର ବିକି ସାହୁ ଦୈନନ୍ଦିନ ଭଳି ନିଜ କାର୍ଯ୍ୟସ୍ଥଳକୁ ସ୍କରପିଓ ଯୋଗେ ଯାଉଥିଲେ। ପାଟାସାହି ରେଲୱେ ଫାଟକ ନିକଟରେ ବୁଧବାର ସକାଳେ ୩ଟି ବାଇକ୍ ଯୋଗେ ୬ ଜଣ ଦୁର୍ବୃତ୍ତ ତାଙ୍କ ଗାଡି ଅଟକାଇବାକୁ ଚେଷ୍ଟା କରିଥିଲେ। ଏହା ଦେଖି ବିକି ଖସିଯିବାକୁ ଉଦ୍ୟମ କରି ଗାଡିକୁ ଦ୍ରୁତ ଗତିରେ ନେବାକୁ ଚେଷ୍ଟା କରିଥିଲେ। ହେଲେ ଦୁର୍ବୃତ୍ତ ମାନେ ତାଙ୍କ ଉପରକୁ ଗୁଳିମାଡ଼ ଆରମ୍ଭ କରିଥିଲେ। ଏଥିରେ ବିକି ଅଳ୍ପକେ ବର୍ତ୍ତି ଯିବା ସହ ଗୁଳି ସବୁ ତାଙ୍କ ଗାଡି ଉପରକୁ ବାଜିଥିଲା। ସ୍ଥାନୀୟ ଲୋକେ ପହଞ୍ଚିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ବିକି ସଙ୍ଗେ ସଙ୍ଗେ ସ୍ଥାନୀୟ ପୋଲିସକୁ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ପୋଲିସ୍ ଘଟଣାସ୍ଥଳରେ ପହଞ୍ଚିବା ସହ ଦୁର୍ବୃତ୍ତଙ୍କୁ ଧରିବାକୁ ଚେଷ୍ଟା ଚଳାଇଥିଲା। ଚାନ୍ଦିପୋଷ ଅଞ୍ଚଳରୁ ୩ ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିବା ବେଳେ ୩ ଜଣ ଏବେବି ଫେରାର୍ ଅଛନ୍ତି। ଏଥିସହ ଅଭିଯୁକ୍ତଙ୍କ ୩ ଟି ବାଇକ୍‌କୁ ପୋଲିସ ଜବତ କରିଛି। ଅନ୍ୟ ଦୃର୍ବତ୍ତଙ୍କୁ ଧରିବାକୁ ଉଦ୍ୟମ ଚାଲିଛି ବୋଲି କେ. ବଲାଙ୍ଗ ପୋଲିସ ଅଧିକାରୀ ସ୍ମୃତି ରଞ୍ଜନ ନାୟକ କହିଛନ୍ତି।

# ସର୍ଭେ ପାଇଁ ଜିଲାପାଳଙ୍କ ନିକଟରେ ଦାବି



**ହେମଗିର,୧୮।୧୦ (ଚୈତନ୍ୟ ପଟେଲ)**

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଗିରିସିମା ଗ୍ରାମର ଲୋକେ ବିସ୍ଥାପିତ ହେଉଥିବା ବେଳେ ୨୦୦୮ରେ ହୋଇଥିବା ସର୍ଭେକୁ ତ୍ରୁଟିପୂର୍ଣ୍ଣ ହୋଇଥିବା ଅଭିଯୋଗ କରିଛନ୍ତି। ନୂତନ ଭାବେ ସର୍ଭେ କରିବା ପାଇ ଜିଲାପାଳ ଓ ଉପଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅବସରରେ ସୁରେନ୍ଦ୍ର କିଷାନ, ମନୋଜ ମାଝି, ସମଜିତ କିଷାନ,ବିଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ



**କୁତ୍ରା,୧୮।୧୦(ଦେବାଶିଷ ସାହୁ)**

କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ୨ ଦିନିଆ ଜିଲା ସ୍ତରୀୟ ଦୈଡକୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତି ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଫଳ କ୍ରୀଡାବିତ ହେବାପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଡିଓ ରବୀନ୍ଦ୍ର କୁମାର ସେଠୀ ଯୋଗଦେଇ ଅନ୍ୟ ଛାତ୍ରୀଛାତ୍ରଙ୍କ ଅପେକ୍ଷା କ୍ରୀଡ଼ାବିତମାନେ ମାନସିକ ଓ ଶାରୀରିକ ସ୍ତରରେ ବେଶ ଆଗରେ ଥାନ୍ତି ବୋଲି ପ୍ରକାଶ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜେଏସ ଡବ୍ଲୁ ସିଏସ୍‌ଆର ମୁଖ୍ୟ ସଂଗ୍ରାମ ରାଉତ, ମ୍ୟାନେଜର ଅଲେଖ ଦଳେଇ, ସମାଜିକ କର୍ମୀ କମଲ ଅଗ୍ରୱାଲ, ବିଇଓ ସରତ କୁମାର ପତି, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରଏନୁ ସିଂ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଶିକେଶନ ସାହୁ, ସରପଞ୍ଚ ଭୁବନ କୁଜୁର, ଏସ୍‌ଏମ୍‌ସି ସଭାପତି ମହେନ୍ଦ୍ର କୁଜୁର, ମୋସ୍କୁଲ ଅଭିଯାନ ସଭାପତି ଶଙ୍କରପ୍ରଶାଦ ଟପ୍ପୋ ଯୋଗଦେଇ ଥିଲେ। ଶିକ୍ଷକ ବିଭୀଷଣ ବାରିକ ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ କ୍ରୀଡା ଶିକ୍ଷକ ପ୍ରଫୁଲ୍ଲ ନାଏକ, ଆସିସ ପ୍ରଧାନ, ପ୍ରଭାତ ସ୍ୱାଇଁ, ଗିରିସ ସାହୁ, ବିଦ୍ୟାଧର ସେଠୀ, ଲବଣିଧର ଗର୍ଡିଆ, ସୁଦିପ୍ତା କାଲୋ, ବିଜୟ ଲକ୍ଷ୍ମୀ ପଟେଲ, ସରୋଜୀନୀ କୁଜୁର, ବିନିତା ପଟେଲ ପ୍ରମୁଖ ଖଳ ପରିଚାଳନା କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ସୁନ୍ଦରଗଡ,୧୮।୧୦(ଜୟ ନାରାୟଣ ମେଣ୍ଡୁଲି)**

ଜୀବନ ଜୀବିକାର ସୁରକ୍ଷା ଓ ରାସ୍ତା ସମସ୍ୟାର ସମାଧାନ ଦାବି ନେଇ ବୁଧବାର ଭାରତୀୟ କମ୍ୟୁନିଟ ପାର୍ଟି (ସିପିଆଇ) ଓ ଅଖିଳ ଭାରତ ଯୁବ ସଂଘ ପକ୍ଷରୁ ଉଜ୍ଜ୍ୱଳପୁର ପାର୍ଟି ଅଫିସ ଠାରୁ ଦୀର୍ଘ ୧୪ କିଲୋମିଟର ବ୍ୟାପୀ ସୁନ୍ଦରଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ପଦଯାତ୍ରାରେ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୫ଦଫା ଦାବି ସମ୍ବଳିତ ଏକ ଦାବି ପତ୍ର ଜିଲାପାଳ ଡା. ପରାଗ ହର୍ଷଦ ଗାଭାଲିଙ୍କୁ ପ୍ରଦାନ କରିଥିଲେ। ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ସୁନ୍ଦରଗଡବାସୀ ୨୫ବର୍ଷ ହେଲା ପ୍ରତିଦିନ ମରଣଯନ୍ତା ମଧ୍ୟରେ ଯାତାୟାତ କରୁଛନ୍ତି, ଦିନକୁ ଦିନ ଖଣି ସଂଖ୍ୟା ଓ କୋଇଲା ପରିବହନ ଟ୍ରକ ସଂଖ୍ୟା ବଢିଚାଲିଛି। ହେଲେ ରାସ୍ତା ମରାମତି ପ୍ରତି କେହି ଧ୍ୟାନ ଦେଉନାହାଁନ୍ତି। ସହରବାସୀଙ୍କୁ କୋଲ କରିଡରର ସ୍ୱପ୍ନ ଦେଖାଇ ଆରମ୍ଭ ହୋଇଥିବା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ଫଳରେ



ଢୁଢୁକାଠାରୁ ସୁନ୍ଦରଗଡ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହେବା ସହ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଉଛି। ଏଥିସହ ଦୁର୍ଘଟଣା ମଧ୍ୟ ବଢୁଛି। ତେଣୁ ୭ଦିନ ମଧ୍ୟରେ ରାସ୍ତା ମରାମତି, ଡିଏମଏଫ ପାଣ୍ଠିରୁ ରାସ୍ତାକୁ ୪ ଥାକିଆ କରିବା, ଯଥାଶୀଘ୍ର କୋଲ କରିଡର ନିର୍ମାଣ ସମ୍ପୂର୍ଣ୍ଣ କରିବା, ପୂର୍ତ୍ତ ବିଭାଗ ରାସ୍ତାରେ କୋଇଲା ପରିବହନ ବନ୍ଦ କରିବା, ରାସ୍ତା କଡ ଧାନଚାଷର କ୍ଷତି ପୂରଣ, ସିସିଟିଭି ଲଗାଯିବା, ରାସ୍ତା ସାରା ଆଲୋକ ବ୍ୟବସ୍ଥା, ରାସ୍ତାର ୨ଟି ପାର୍ଶ୍ୱରେ ଟ୍ରାଫିକ ସଙ୍କେତ ଫଳକ ଲଗାଯିବା ଆଦି ୧୫ ଦଫା ଦାବି ରହିଛି। ଦାବି ପୂରଣ ଦିଗରେ ଯଥାଶୀଘ୍ର ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ସିପିଆଇ ପକ୍ଷରୁ ତୀବ୍ର ଗଣ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସିପିଆଇ ରାଜ୍ୟ ପରିଷଦ ସଭ୍ୟ ତଥା ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ ଦାଶ, ସିପିଆଇ ସୁନ୍ଦରଗଡ ଜିଲା ସହସମ୍ପାଦକ ସୁନୀଲ ନାଏକ, ଟାଙ୍ଗରପାଲି ଜୋନ ସମ୍ପାଦକ ସନ୍ତୋଷ ଆଚାର୍ଯ୍ୟ, ସହସମ୍ପାଦକ ଶୁକଦେବ ପ୍ରଧାନ, ରାଜେନ୍ଦ୍ର ନାଏକ, ଏଆଇଟିୟୁସି ଜିଲା ସମ୍ପାଦକ କମଳ ଷଣ୍ଡ, ଗୋପାଳପୁର ସମ୍ପାଦକ ପୂରବୀ ନାଏକ, ବସୁନ୍ଧରା ଜୋନାଲ ସମ୍ପାଦକ ରାଧେଶ୍ୟାମ ଗର୍ଡିଆ, ନରେଶ ମେହେର ପ୍ରମୁଖ ସାମିଲ ଥିଲେ।

# କୁତ୍ରାରେ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**କୁତ୍ରା,୧୮।୧୦(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ସିଆଲଯୋରସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଆଶ୍ରମ ବିଦ୍ୟାଳୟ ପରିସରରେ ଶିଶୁ ମହୋତ୍ସବ ସୁରଭି ଓ ମିଲେଟ ମିଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ କୁମାର ପତିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ତାଙ୍କ ବକ୍ତବ୍ୟ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ଗୁଡିକୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବାହାର କରିବା ପାଇଁ ଉପଦେଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବୀର୍ସା ମୁଣ୍ଡା କଲେଜ ଅଧ୍ୟକ୍ଷ ପ୍ରସନ୍ନ କୁମାର ଧଳ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଡାଲମିଆ



ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀ ଓ ଅନ୍ୟମାନେ ।

ସିମେଣ୍ଟ ଭାରତ ସିମେଣ୍ଟ ଲାଞ୍ଜିବେର୍ଣା ଖଣି ଏଚଆର ମୁଖ୍ୟ ଦିଲ୍ଲୀପ ପାଣିଗ୍ରାହୀ, ସରପଞ୍ଚ ତରଣୀସେନ ବରିହା, ସମିତି ସଭ୍ୟ କାରଦୁଲା ମିଞ୍ଜ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଶିବା ସିମେଣ୍ଟ କାରଖାନାର ଅପରେସନ ମୁଖ୍ୟ ଅନିଲ ସିଂହ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଶିବା ସିମେଣ୍ଟ ସିଏସଆର ବିଭାଗ ମୁଖ୍ୟ ସଂଗ୍ରାମ କେଶରୀ ରାଉତ, କୁଆଁରମୁଣ୍ଡା ବିଇଓ ସଦାନନ୍ଦ ପ୍ରଧାନ, ଲାଠିକଟା ବିଇଓ ଦେବେନ୍ଦ୍ର ସା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିବାରେ ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅରକ୍ଷିତ ବେହେରା, ନିତ୍ୟାନନ୍ଦ ବେହେରା, ବିପିନ ବିହାରୀ ସାହୁ, ଅମରେଶ ସାହୁ, ମହେନ୍ଦ୍ର ସିଂ, ଜତିନ୍ଦ୍ର ବେହେରା, ପ୍ରଣତୀ ପଣ୍ଡା, ପ୍ରିୟଦର୍ଶିନୀ ପାଢ଼ୀ, କୃଷ୍ଣ ଟପ୍ପୋ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ, ଏବିଇଓ ଲକ୍ଷଣ ଜାମୁଣ୍ଡା, ବିଭିନ୍ନ ସିଆର୍‌ସିସି ସହଯୋଗ କରିଥିଲେ।

## ସଂକ୍ଷେପରେ

### ୨୩ ଲକ୍ଷ ଟଙ୍କାର ମୁଦ୍ରା ବିନିମୟ ଓ ବଦଳ

ସମ୍ବଲପୁର,୧୮।୧୦(ବି.ଶଙ୍କର)

ଭାରତୀୟ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶାନୁଯାୟୀ ସମ୍ବଲପୁର ୟୁକୋ ବ୍ୟାଙ୍କ ମୁଖ୍ୟ ଶାଖା ପକ୍ଷରୁ ପୁରଣାନୋଟ ଓ ମୁଦ୍ରା ବିନିମୟ ମେଳା ଆୟୋଜିତ ହୋଇଯାଇଛି। ସ୍ଥାନୀୟ ଗୋଲବଜାର ଛକଠାରେ ଆୟୋଜିତ ମେଳାକୁ ୟୁକୋ ବ୍ୟାଙ୍କ ସମ୍ବଲପୁର ମଣ୍ଡଳ ମୁଖ୍ୟ ରାଜେଶ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ଗ୍ରାହକମାନଙ୍କ ସମେତ ସାଧାରଣ ଲୋକେ ଅଂଶଗ୍ରହଣ କରି ପୁରୁଣା, ଫଟା ଓ ଖରାପ ହୋଇଯାଇଥିବା ନୋଟ୍ ଏବଂ ମୁଦ୍ରା ବଦଳାଇଥିଲେ। ପୂର୍ବାହ୍ନ ସାଢ଼େ ୧୦ଟାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଜାରି ରହିଥିଲା । ଏହି ମେଳାରେ ୨୩ଲକ୍ଷ ଟଙ୍କାର ମୁଦ୍ରା ବିନିମୟ ଓ ବଦଳ କରାଯାଇଥିଲା।

### ଏନ୍‌ଏସ୍‌ଏସ୍ ପକ୍ଷରୁ ୭ଦିନିଆ ଶିବିର

ଜମନକିରା,୧୮।୧୦(ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ମହାବିଦ୍ୟାଳୟର ପକ୍ଷରୁ ବୁଧବାର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଆନୁକୂଲ୍ୟରେ ୭ଦିନିଆ ଶିବିର ଉଦ୍‌ଘାଟନୀ ଉତ୍ସବ ଦୁର୍ଗାଡିହିଠାରେ ଅନୁଷ୍ଠିତ ହୋଇଯାଇଛି। ଜମନକିରା କଲେଜ ଅଧକ୍ଷ ଅରୁଣ କୁମାର ପଟେଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ କୁଚିଣ୍ଡା ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ଅଧିକାରୀଣି ବେଳମତି କୁମୁରା ଯୋଗଦେଇ ସଂସ୍ଥାର ଉପଯୋଗିତା ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ସମ୍ମାନୀୟ ଅତିଥି ଭାବେ ବରିଷ୍ଠ ନାଗରିକ ନୂଆସ ସାମାଦ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ଅଧ୍ୟାପକ ପ୍ରଦୀପ କୁମାର ପଣ୍ଡା ଓ ଅଧ୍ୟାପିକା ସୁଜାତା ପ୍ରଧାନ ଜାତୀୟ ସେବା ସଂସ୍ଥାର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜମନକିରା ମହାବିଦ୍ୟାଳୟର ଜାତୀୟ ସେବାସଂସ୍ଥା ଅଧିକାରୀ ମନମୋହନ ଜୟବିକାଶ ବାଘ ପରିଚାଳନା କରିଥିଲେ।

### ସମଲପୁରୀ ଐତିହ୍ୟ କେନ୍ଦ୍ର ନିର୍ମାଣ ଦାବି

ସମ୍ବଲପୁର,୧୮।୧୦(ବି.ଶଙ୍କର)

ପଶ୍ଚିମ ଓଡ଼ିଶାର ୧୧ ଜିଲାରେ ସମଲପୁରୀ ଭାଷା ସଂସ୍କୃତିର ସ୍ୱତନ୍ତ୍ରତା ରହିଛି। ଏହାକୁ ଦୃଷ୍ଟି ରାଜ୍ୟ ସରକାର ସମ୍ବଲପୁରରେ ସମ୍ବଲପୁରୀ ଐତିହ୍ୟ କେନ୍ଦ୍ର ନିର୍ମାଣ କରିବାକୁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଦାବି କରିଛି। ବୁଧବାର ଗୁରୁ ସତ୍ୟନାରାୟଣ ଉଦ୍ୟାନଠାରେ ମଞ୍ଚର ଜରୁରୀ ବୈଠକ ହୋଇଥିଲା। ଏଥିରେ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଐତିହ୍ୟ ନିର୍ମାଣ ସକାଶେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଆଗାମୀ ଦିନରେ ଗୁରୁ ସତ୍ୟନାରାୟଣ ସ୍ମୃତି ଉଦ୍ୟାନ ସଂଲଗ୍ନ ଅଞ୍ଚଳରେ ସମ୍ବଲପୁରୀର ପ୍ରଚାରପ୍ରସାର ପାଇଁ ସମ୍ବଲପୁରୀ କପଡା ବିକ୍ରୟ କେନ୍ଦ୍ର, କଳା ସଂସ୍କୃତି ମଞ୍ଚ ନିର୍ମାଣ, ସଂଗ୍ରହାଳୟ ଓ ମଣ୍ଡପ ନିର୍ମାଣ, ନିୟମିତ ପ୍ରଦର୍ଶନୀ ପାଇଁ ସ୍ଥାୟୀ ଷ୍ଟଲର ବ୍ୟବସ୍ଥା ଲାଗି ବୈଠକରେ ଆଲୋଚନା ହୋଇଥିଲା। ଏ ସଂକ୍ରାନ୍ତରେ ମହାନଗର ନିଗମ, ସମ୍ବଲପୁର ପ୍ରଶାସନ, ରାଜ୍ୟ ସରକାରଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରାଯିବାକୁ ସ୍ଥିର ହୋଇଛି। ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆବାହକ ଭବାନୀଶ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମଞ୍ଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ନିଶିକାନ୍ତ ବିଶ୍ୱାଳ, ସୁରେନ୍ଦ୍ର ବଗର୍ତ୍ତି, ରାଜେଶ ସ୍ୱାଇଁ, ରାହୁଲ ଗୁପ୍ତା, ଶରତ ବହିଦାର, ଝୁନୁ ତ୍ରିପାଠୀ, ସୁଷମା ପ୍ରଧାନ, କୃଷ୍ଣଚନ୍ଦ୍ର ବାଗ, ଅମିତାଭ ମାଝୀ, ଦେବାଶିଷ ବେହେରା ଆଲୋଚନାରେ ଭାଗ ନେଇଥିଲେ ।

# ଆଦିବାସୀଙ୍କ ଜମି ଉନ୍ନତି ନାମରେ ଦୁର୍ନୀତି ଅଭିଯୋଗ

କୁଚିଣ୍ଡା,୧୮।୧୦(ବିରଞ୍ଚି ଦର୍ବା)

### କୁଚିଣ୍ଡା ଆଇଟିଡିଏ

କୁଚିଣ୍ଡା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ମାଧ୍ୟମରେ ଆଦିବାସୀଙ୍କ ଜମି ଉନ୍ନତି ନାମରେ ଲକ୍ଷାଧିକ ଟଙ୍କାର ଦୁର୍ନୀତି ଅଭିଯୋଗ ହୋଇଛି। ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ସୋମବାର କୁଚିଣ୍ଡା ବ୍ଲକକୁ ଅଭିଯୋଗ ଶୁଣାଣି ପାଇଁ ଆସିଥିବା ବେଳେ ବକ୍ସମା ପଞ୍ଚାୟତ ବାଲିପଟା ଗ୍ରାମର ସଞ୍ଜିତ ପିଙ୍ଗ ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ୨୦୨୧-୨୨ ଆର୍ଥିକ ବର୍ଷରେ ବକ୍ସମା ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଆଦିବାସୀଙ୍କ ଜମି ଉନ୍ନତି ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅର୍ଥ ମଞ୍ଜୁର ହୋଇଥିଲା। ଏହି ଯୋଜନାରେ ବାଲିପଟା ଗ୍ରାମର ସଞ୍ଜିତଙ୍କ ଜମି ଉନ୍ନତି ପାଇଁ ୧ଲକ୍ଷ ୨୪ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଶ୍ରମିକମାନେ କାମ କରିବାର ନିୟମ ଥିବାବେଳେ ଆଇଟିଡିଏର ଜୀବିକା ବିଶେଷଜ୍ଞ ସୁଶାନ୍ତ ପ୍ରଧାନ ସେହି ଗ୍ରାମର ଜଣେ ଦଲାଲଙ୍କ ମାଧ୍ୟମରେ ଜେସିବି ସାହାଯ୍ୟରେ ଜମି ସମତଳ କରି ୧ଲକ୍ଷ ୧୧ହଜାର ୪୪୪ଟଙ୍କା ନିଜ ନିଜ ଲୋକଙ୍କ ଆକାଉଣ୍ଟରେ ଶ୍ରମିକ ଟଙ୍କା ପକାଇ ପରବର୍ତ୍ତୀ ସମୟରେ ତାଙ୍କଠାରୁ ଉଠାଇ ନେଇଥିବା ପିଙ୍ଗ ଅଭିଯୋଗରେ ଦର୍ଶାଇଛନ୍ତି। କଟୁନଗର ଗ୍ରାମର ୯ ହିତାଧିକାରୀ ଓ କୁଇଲେରଡୁଡା ଗ୍ରାମର ୬ ହିତାଧିକାରୀଙ୍କ କ୍ଷେତ୍ରରେ ମଧ୍ୟ ଅନୁରୂପ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏହି ପଞ୍ଚାୟତରେ ଆଦିବାସୀଙ୍କ ଜମି ଉନ୍ନତି ନାମରେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡପ କରାଯାଇଥିବା ଜଣାଯାଇଛି। ଜିଲାପାଳ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ଆଇଟିଡିଏ ପ୍ରକଳ୍ପ ପ୍ରଶାସକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜୀବିକା ବିଶେଷଜ୍ଞ ସୁଶାନ୍ତ ପ୍ରଧାନଙ୍କୁ ଅଭିଯୋଗ ସମ୍ପର୍କରେ ପଚାରିବାରେ ଏହା ସମ୍ପୂର୍ଣ୍ଣ ମିଥ୍ୟା ଅଭିଯୋଗ କହି ମେଶିନରେ କାମ ହୋଇଥିବା କଥାକୁ ସ୍ୱୀକାର କରିଥିଲେ। ସେହିପରି ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇଙ୍କୁ ପଚାରିବାରୁ ସେ ଏହାର ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।


ଦେବଗଡ ମଠ ସାହିସ୍ଥିତ ମା' କନକ ଦୁର୍ଗା ମନ୍ଦିରରେ ନବରାତ୍ର ପୂଜା ଚତୁର୍ଥ ଦିବସରେ ମା'ଙ୍କ କୁଷ୍ମାଣ୍ଡା ବେଶ।

# ବିଜ୍ଞାନମେଳାରେ ୪୫ ପ୍ରକଳ୍ପ ପ୍ରଦର୍ଶିତ


ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନ ମେଳା।

ସମ୍ବଲପୁର,୧୮।୧୦(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଭୀମଭୋଇ ପାର୍କ ନିକଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନମେଳା-୨୦୨୩ ବୁଧବାର ଅନୁଷ୍ଠିତ ହୋଇଯାଇଛି। କନିଷ୍ଠ ବର୍ଗରେ ୨୩ ଓ ବରିଷ୍ଠ ବର୍ଗରେ ୨୨ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ବିଜ୍ଞାନ ଗବେଷଣା ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ରଥ, ରୋଶନ ବାରିକ, ଦୀପକ ସାହୁ ଓ ନିମାଇଁ ଚରଣ ଭୋଇ ବିଚାରକ ଥିଲେ। କନିଷ୍ଠ ବର୍ଗରେ ପ୍ରିୟଙ୍କା ସାହୁ ପ୍ରଥମ, ଲବଲି ଜଗତ ଦ୍ୱିତୀୟ ଓ କ୍ରିଷ୍ଣା ଯାଦବ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବରିଷ୍ଠ ବର୍ଗରେ ନିକିତା ସାହୁ ପ୍ରଥମ, ଚିନ୍ମୟୀ ସାହୁ ଦ୍ୱିତୀୟ ଓ ତନୁ ଯାଦବ, ରନକ ସାହୁ ତୃତୀୟ ସ୍ଥାନ ହାସଲ କରିଛନ୍ତି। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ହେମନ୍ତ କୁମାର ପଣ୍ଡା, ସନ୍ତୋଷ ମିଶ୍ର, ଆରତି ସାହୁ, ଗୀତାଞ୍ଜଳି ମିର୍ଦ୍ଧା, ଅଙ୍କିତା ବେହେରା, ଶୁଭଶ୍ରୀ ବଡ଼ପଣ୍ଡା, ହସ୍ୟମୟୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଦେବଗଡ଼ ଜିଲାରେ ଏକ୍ସପ୍ରେସ୍ ବୁଟକ୍ୟାମ୍ପ

ଦେବଗଡ଼,୧୭।୧୦(ଶଶାଙ୍କ ଶେଖର ଝାଙ୍କର)

ଜିଲା ସ୍ତରରେ ଷ୍ଟାର୍ଟଅପ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ଲାଗି ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଓଡ଼ିଶା ଷ୍ଟାର୍ଟଅପ ଯାତ୍ରା ଓ ଷ୍ଟାର୍ଟଅପ ଏକ୍ସପ୍ରେସ୍‌କୁ ବିଭିନ୍ନ ସ୍କୁଲ ଏବଂ କଲେଜ ଛାତ୍ରୀଛାତ୍ରଙ୍କ ଠାରୁ ବେଶ ଭଲ ପ୍ରତିକ୍ରିୟା ମିଳୁଛି। ଏହି ପ୍ରୟାସକୁ ଆଗକୁ ବଢ଼ାଇ ଛାତ୍ରୀଛାତ୍ରଙ୍କୁ ଉଦ୍ୟୋଗୀତା ଓ ସୃଜନଶୀଳତାର ବ୍ୟାପକ ଧାରଣା ଦେବା ଉଦ୍ଦେଶ୍ୟରେ ଅକ୍ଟୋବର ୧୬ରେ ଶ୍ରୀ ଅରୋବିନ୍ଦ ଶିକ୍ଷା କେନ୍ଦ୍ରରେ ଏକ୍ସପ୍ରେସ ବୁଟକ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଯେଉଁଠାରେ ସମୁଦାୟ ୧୧ଟି ନୂଆ ଆଇଡିଆ ସଂଗ୍ରହ କରାଯାଇଥିବାବେଳେ ମୋଟ ୪୫ ବିଦ୍ୟାର୍ଥୀ ଏଥିରେ ଅଂଶଗ୍ରହଣ କରିଥିଲେ। ସେହିଭଳି ଅକ୍ଟୋବର ୧୭ରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଏହି ଏକ୍ସପ୍ରେସ ବୁଟକ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଏହି କ୍ୟାମ୍ପରେ ସମୁଦାୟ ୧୧ଟି ନୂଆ ଆଇଡିଆ ସଂଗ୍ରହ ହୋଇଥିବାବେଳେ ମୋଟ ୮୧ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ଓଡ଼ିଶା ଷ୍ଟାର୍ଟଅପ୍ ଯାତ୍ରା ଓ ଷ୍ଟାର୍ଟଅପ୍ ଏକ୍ସପ୍ରେସ୍ ୨୦୨୩ର ଲକ୍ଷ୍ୟ ହେଉଛି ତୃଣମୂଳ ସ୍ତରରେ ନବସୃଜନକାରୀଙ୍କୁ ଉତ୍ସାହିତ କରିବା ଏବଂ ସେମାନଙ୍କ ଭିତରେ ଉଦ୍ୟମିତାର ଭାବ ଜାଗ୍ରତ କରିବା। ଯାତ୍ରାର ୨୦୨୩ ସଂସ୍କରଣରେ ୪ ଟି ଭ୍ୟାନ୍ ସମସ୍ତ ୩୦ ଜିଲା ପରିଦର୍ଶନ କରିବେ। ଏହା ୨୦୨୫ ସୁଦ୍ଧା ରାଜ୍ୟ ସରକାରଙ୍କ ୫୦୦୦ ଷ୍ଟାର୍ଟଅପ୍ ସୃଷ୍ଟି କରିବା ଲକ୍ଷ୍ୟ ପାଇଁ ଭିତ୍ତିଭୂମି ତିଆରି କରିପାରିଛି।

# ଜିଏମ୍‌ୟୁକୁ ୨୦ଲକ୍ଷ ଟଙ୍କା ଦାନ


ଜିଏମ୍‌ୟୁ କୁଳପତି ଚେକ୍ ଗ୍ରହଣ କରୁଛନ୍ତି।

ସମ୍ବଲପୁର,୧୮।୧୦(ବି.ଶଙ୍କର)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)କୁ ଅପର୍ଣ୍ଣା ମହାପାତ୍ର ୨୦ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଏହି ଅର୍ଥ ରାଶିକୁ ବିଶ୍ୱବିଦ୍ୟାଳୟର ଏକ ନିର୍ଦ୍ଦିଷ୍ଟ ଆକାଉଣ୍ଟରେ ଜମା କରାଯିବ। ସୁଧ ରାଶିକୁ ବିଶ୍ୱବିଦ୍ୟାଳୟରେ ପଢୁଥିବା ଦୁଇଜଣ ପିଏଚ୍‌ଡି ଛାତ୍ରୀଛାତ୍ରଙ୍କୁ ଫେଲୋଶିପ ପ୍ରଦାନ କରାଯିବା ଯୋଜନା ରହିଛି। କାର୍ଯ୍ୟକ୍ରମରେ ଜିଏମ୍‌ୟୁ କୁଳପତି ପ୍ରଫେସର ଏନ୍ ନାଗାରାଜୁ, କୁଳସଚିବ ଯୁଗଳେଶ୍ୱରୀ ଦାଶ, ଉପକୁଳସଚିବ ଡ. ଉମାଚରଣ ପତି, ଅର୍ଥ ନିୟନ୍ତ୍ରକ ଜଗନ୍ନାଥ ରାଉତ, ପ୍ରଫେସର ବିଜୟଲକ୍ଷ୍ମୀ ମିଶ୍ର, ଡ. ଅମ୍ବରିଶ ପାଢ଼ୀ, ରବିନାରାୟଣ ମହାପାତ୍ର ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ବିତରଣ କମ୍ପାନୀ ବିରୋଧରେ କଂଗ୍ରେସର ବିକ୍ଷୋଭ



କଂଗ୍ରେସ ପକ୍ଷରୁ ବାହାରିଥିବା ରାଲି।

ଦେବଗଡ଼,୧୮।୧୦
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାରେ ବିଦ୍ୟୁତ୍ ବିତରଣ ସଂସ୍ଥା ମନୋମୁଖି କାମ କରୁଥିବା କଂଗ୍ରେସ ଅଭିଯୋଗ କରିବା ସହ ବୁଧବାର ଜିଲାପାଳ ଏବଂ ବିଦ୍ୟୁତ୍ ବିତରଣ କମ୍ପାନୀ କାର୍ଯ୍ୟାଳୟ ଘେରାଉ କରିଛି। ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ଦଳର ଅନେକ କର୍ମୀ ଓ ସମର୍ଥକ ଗୋପାଳଜି ମନ୍ଦିରରୁ ଏକ ବିରାଟ ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନ ଦେଇ ଜିଲାପାଳ ଏବଂ ବିଦ୍ୟୁତ୍ ବିତରଣ କମ୍ପାନୀ କାର୍ଯ୍ୟାଳୟକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଗାଁରେ ଟ୍ରାନ୍ସଫର୍ମର ପୋଡିଯାଇଥିବାରୁ ଲୋକ ଅନ୍ଧାରରେ ରହୁଛନ୍ତି। ବିନା କାରଣରେ ବିଦ୍ୟୁତ୍ ଦେୟ ବୃଦ୍ଧି କରାଯାଉଛି। ଭିଜିଲାନ୍ସ ଦ୍ୱାରା ଅହେତୁକ ଜେରିମାନା ଆଦାୟ କରାଯାଉଛି। ସ୍ମାର୍ଟ ମିଟର ନାଁରେ ଲୋକଙ୍କ ଉପରେ ବିଦ୍ୟୁତ ବିଭାଗ ଜୁଲୁମ କରିବାର ଉଦ୍ୟମ କରୁଛି। ଏନେଇ କଂଗ୍ରେସ ପକ୍ଷରୁ ବାରମ୍ବାର ଦାବି ହୋଇଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସ ସଭାପତିଙ୍କ ନେତୃତ୍ୱରେ କମ୍ପାନୀର ନିର୍ବାହୀ ଯନ୍ତ୍ରୀଙ୍କୁ ବୁଧବାର ଦରଖାସ୍ତ ପ୍ରଦାନ କରାଯାଇଥିବା ବେଳେ ଆସନ୍ତା ୧୫ ଦିନ ମଧ୍ୟରେ ସମାଧାନ ନ ହେଲେ ଜିଲା ବନ୍ଦ ପାଳନ କରାଯିବ ବୋଲି ସଭାପତି ସେମ ହେମ୍ବ୍ରମ ଚେତାବନୀ ଦେଇଛନ୍ତି। ଏଥିରେ ଉପ ସଭାପତି ମଞ୍ଜୁଳ ନାୟକ, ସୁବାସ ଭୋଇ, ନଗର ସଭାପତି ରେବତୀ ପଟ୍ଟନାୟକ, ରିଆମାଳ ବ୍ଲକ ସଭାପତି ସୁଶାନ୍ତ ସ୍ୱାଇଁ, ବରକୋଟ ବ୍ଲକ ସଭାପତି ଯଶୋବନ୍ତ ସାହୁ , ଜିଲା ଯୁବ ସଭାପତି ସଲମନ ହେନେଜ, ଛାତ୍ର ସଭାପତି ଆନନ୍ଦ କୁଲା, ଗାନ୍ଧୀ ଚରଣ ସାହୁ , ଅନନ୍ତ ଦାସ, ରମେଶ ପାତ୍ର ଓ ଅନୀଲ ଲାକ୍ରା ପ୍ରମୁଖ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ।

### ଦୁର୍ଗାପୂଜା ପାଇଁ ଖଣ୍ଡାଧୁଆ ଯାତ୍ରା

ବେଲପଡ଼ା, ୧୮।୧୦(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ସାର୍ବଜନୀନ ଦୁର୍ଗାପୂଜା ୮୦ବର୍ଷରେ ପଦାର୍ପଣ କରିଛି। ବୁଧବାର ମା'ଙ୍କ ପୂଜା ପାଇଁ ଖଣ୍ଡାଧୁଆ ଯାତ୍ରା ଅନୁଷ୍ଠିତ ହୋଇଥିଲା। ବେଲପଡ଼ା ସିଂ ପରିବାରରୁ ଦୁର୍ଗାଖଣ୍ଡା, ଗୌଣ୍ଟିଆଘର ଖଣ୍ଡା, ପାଟନେଶ୍ୱରି ମନ୍ଦିରରୁ ପାଟଖଣ୍ଡା, ଲାଣ୍ଡାଗୁଡ଼ିରୁ ପର୍ସୁ ଖଣ୍ଡା ବାହାରି ଶ୍ରଦ୍ଧାଳୁଙ୍କ ଗହଣରେ ସ୍ଥାନୀୟ ଲନ୍ଥନଦୀକୁ ଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପୂଜାକର୍ତ୍ତା ଦେବାର୍ଚ୍ଚନ ପଟେଲ ଓ ତାଙ୍କ ଧର୍ମପତ୍ନୀ ଯଶୋଦା ପୁଟେଲ ଖଣ୍ଡା ପୂଜାର୍ଚ୍ଚନା କରିଥିଲେ। ପରେ ଏକ ଶୋଭାଯାତ୍ରାରେ ଖଣ୍ଡାକୁ ପୂଜାସ୍ଥଳକୁ ଅଣାଯାଇ ସ୍ଥାପନ କରାଯାଇଥିଲା। ଖଣ୍ଡା ସ୍ଥାପନ ପରେ ଅଧିବାସ ଆରମ୍ଭ ହୋଇଥିଲା। ପୂଜା କମିଟି ସଭାପତି ମଧୁସୂଦନ ଦାସ, ଉପସଭାପତି ଶଙ୍କର ପ୍ରସାଦ ଜୈନ, ଜନାର୍ଦ୍ଦନ ସିଂ, ସମ୍ପାଦକ ପୃଥ୍ୱୀରାଜ ଅଗ୍ରୱାଲ, ଆନନ୍ଦ ମେହେର, ହରିବନ୍ଧୁ ମେହେର ଓ କମିଟି ସଦସ୍ୟଙ୍କ ତତ୍ତ୍ୱାବଧାନରେ ସାତଦିନ ଧରି ପୂଜା ଅନୁଷ୍ଠିତ ହେବ। ପ୍ରତ୍ୟହ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ସୂତ୍ରରୁ ପ୍ରକାଶ ।

# ଶିଶୁ ମହୋତ୍ସବ ସୁରଭି, ମିଲେଟସ ପ୍ରତିଯୋଗିତା

ଦେବଗଡ, ୧୮।୧୦
(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ଓଡିଶା ମିଲେଟସ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ତିଲେଇବଣୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ପ୍ରିୟଦର୍ଶିନୀ ମିର୍ଦ୍ଧା ଯୋଗଦେଇ ଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ମୁଖ୍ୟବକ୍ତା ଭାବେ ବୁଢାପାଳ ମହାବିଦ୍ୟାଳୟ ଓଡିଆ ଅଧ୍ୟାପକ ଡ. ଭାରତ ଭୂଷଣ ନନ୍ଦ ଏବଂ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମାଡ, ବିଦ୍ୟାଧର ସାହୁ, ସୁଶାନ୍ତ କୁମାର ସାହୁ, ତିଲେଇବଣି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ପ୍ରଧାନ ମଞ୍ଚାସୀନ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ତିଲେଇବଣି ବ୍ଲକର ସମସ୍ତ କ୍ଲଷ୍ଟର ସ୍ତରରୁ ମନୋନୀତ ହୋଇ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ହୋଇଥିଲା। ସନ୍ଧ୍ୟାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ତିଲେଇବଣି ବ୍ଲକ ଅଧକ୍ଷା ବୃନ୍ଦାବତୀ ଭୋଇ, ଜିଲା ପରିଷଦ ସଭ୍ୟା ପୁଷ୍ପାଞ୍ଜଳୀ ସାମଲ, ସରପଞ୍ଚ ସସ୍ମିତା ଏକ୍କା, ସମିତିସଭ୍ୟ ଶୁକ୍ରୁ ମୁଣ୍ଡା, ନାରାୟଣ ସିଂ ସାମାଡ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ସୁଗୁଡା ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଶାନ୍ତନୁ କୁମାର ନାଥ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ, ଶିକ୍ଷକ ସକ୍ରିୟ ସହଯୋଗ କରିଥିଲେ।

# କୁଚିଣ୍ଡା କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗରେ ସେମିନାର

କୁଚିଣ୍ଡା,୧୮।୧୦(ବିରଞ୍ଚି ଦର୍ବା)

କୁଚିଣ୍ଡା ମହାବିଦ୍ୟାଳୟର ଉଦ୍ଭିଦବିଜ୍ଞାନ ବିଭାଗ ପକ୍ଷରୁ ଦୁଇଦିନ ଧରି ସେମିନାର (ସମ୍ମାନ) ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷା ସୁଚିତ୍ରା ମିଶ୍ର ଅଧକ୍ଷତା କରି ସେମିନାର ଓ ଏଦିଗରେ ଗବେଷଣାର ଆବଶ୍ୟକତା ଉପରେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ବିଭାଗୀୟ ମୁଖ୍ୟ ପ୍ରାଧାପିକା ସୁଭଦ୍ରା ଦାସ ସ୍ୱାଗତ ଭାଷଣ ଦେଇ ସେମିନାର ଆବଶ୍ୟକତା ସମ୍ବନ୍ଧରେ ସୂଚନା ଦେଇଥିଲେ। ଅଧ୍ୟାପକ ଦେବଦତ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବିଶ୍ୱସଂଗ୍ରାମ ବେହେରା, ଜୟନ୍ତୀ ପ୍ରଧାନ, ସ୍ମିତାରାଣୀ ଦଣ୍ଡିଆ, ଯସ୍ମିନ ହଂସ, ମନିଷା ପଟେଲ, ପ୍ରକାଶ କୁମାର ମାଝି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଛାତ୍ରୀ ଡଲି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମାନ ସମ୍ପାଦକ ନବଜ୍ୟୋତି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀ ଡଲି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




# ଅନ୍ତର୍ନିହିତ ପ୍ରତିଭା ବିକାଶର ମାଧ୍ୟମ ସୁରଭି

କୁଚିଣ୍ଡା,୧୮।୧୦(ବିରଞ୍ଚି ଦର୍ବା)

ସମ୍ବଲପୁର ଜିଲାର ହୀରାଧର ଯୁବକ ସଂଘ ହାଇସ୍କୁଲରେ ବୁଧବାର କୁଚିଣ୍ଡା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ମିଲେଟ ମିଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଅତିରିକ୍ତ ଜିଲା ଶିକ୍ଷାଅଧିକାରୀ ଡ. ମୁରଲୀଧର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସୁରଭି କାର୍ଯ୍ୟକ୍ରମ ଦ୍ୱାରା ପିଲାଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ହୋଇଥାଏ ବୋଲି ମୁଖ୍ୟଅତିଥି କହିଥିଲେ। ବିଇଓ ଗୀତା ପଧାନଙ୍କ ଅଧକ୍ଷତାରେ ହୋଇଥିବା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହାଇସ୍କୁଲ ପରିଚାଳନା କମିଟି ସଭାପତି ଉଷତରାମ ପଟେଲ, ଏବିଇଓ ଗୌରାଙ୍ଗ କୁସୁମ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ହାଇସ୍କୁଲ ପ୍ରଧାନ ଶିକ୍ଷକ କମଳଲୋଚନ ବେହେରା ସ୍ୱାଗତ ଭାଷଣ ଓ ଉଚ୍ଚପ୍ରାଥମିକ ସ୍କୁଲ ପ୍ରଧାନ ଶିକ୍ଷକ ଭୁବନେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କୁଚିଣ୍ଡା ବ୍ଲକର ୧୩ କ୍ଲଷ୍ଟରରୁ ୩୧୮ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ କୁଚିଣ୍ଡା ବିଡିଓ ଆରୁଗୁଲା ସ୍ନେହା (ଆଇଏଏସ୍) ମୁଖ୍ୟଅତିଥି ଓ ଜଗତରାମ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ପ୍ରତିଯୋଗୀ ନଭେମ୍ବର ୧ରେ ହେବାକୁ ଥିବା ଜିଲାସ୍ତରୀୟ ସୁରଭି ମହୋତ୍ସବରେ ଅଂଶଗ୍ରହଣ କରିବେ।



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୯ ଅକ୍ଟୋବର, ୨୦୨୩



## ସଂକ୍ଷେପରେ

### ବୁଢ଼ାରଜା ମନ୍ଦିରରୁ ପଡ଼ି ରଙ୍ଗ କାରିଗର ମୃତ

କୋକସରା,୧୮।୧୦(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ବୁଢ଼ାରଜା ମନ୍ଦିର ଉପରୁ ଖସି ପଡି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ଧର୍ମଗଡ଼ ବ୍ଲକ ଛିଲିପା ପଞ୍ଚାୟତ ଅନ୍ତର୍ଗତ ବିକ୍ରମଗୁଡ଼ା ଗ୍ରାମର ଟଙ୍କଧର ନାଏକ (୪୦)। ମନ୍ଦିର କମିଟି ପକ୍ଷରୁ ସ୍ଥାନୀୟ ଆମପାଣି ପୋଲିସକୁ ଖବର ଦେବାସହ ମୃତକଙ୍କ ପରିବାରକୁ ସୂଚନା ଦେଇଥିଲେ। ମୃତକଙ୍କ ପରିବାର ପହଞ୍ଚି ୫ ଲକ୍ଷ କ୍ଷତିପୂରଣ ଦାବି କରି ମୃତଦେହ ନେବାକୁ ମନା କରିଥିଲେ। ମନ୍ଦିର କମିଟି କର୍ମକର୍ତ୍ତା ଓ ପୋଲିସ ବୁଝାଶୁଝା ପରେ ମଧ୍ୟ କୌଣସି ସମାଧାନ ହୋଇ ନ ଥିଲା। ଘଟଣାସ୍ଥଳରେ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ସମେତ ଭାଜପା ନେତା ଲକ୍ଷ୍ମୀକାନ୍ତ ବାଗ ପରିବାରଙ୍କ ସହ ଆଲୋଚନା କରିଥିଲେ। କ୍ଷତିପୂରଣ ବାବଦରେ ମନ୍ଦିର କମିଟି ପକ୍ଷରୁ ୧ ଲକ୍ଷ ୩୦ ହଜାର ଟଙ୍କା ଓ ବ୍ଲକ ଉପାଧ୍ୟକ୍ଷଙ୍କ ଉପ ଜିଲାପାଳଙ୍କ ସହ ଆଲୋଚନା ପରେ ରେଡ଼କ୍ରସରୁ ୩୦ ହଜାର ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ମିଳିବା ପରେ ପରିବାର ମୃତଦେହ ନେବାକୁ ରାଜି ହୋଇଥିଲେ। ବ୍ୟବଚ୍ଛେଦ ପାଇଁ କୋକସରା ହସ୍ପିଟାଲକୁ ପଠାଯାଇଛି। ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ। ଏ ନେଇ ଆମପାଣି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୮/୨୩) ରୁଜୁ ହୋଇଛି।

### ୭୯ ଦିନରେ ଏକ୍ସ କ୍ୟାଡ଼ର ଶିକ୍ଷକଙ୍କ ଆନ୍ଦୋଳନ

ଖଡ଼ିଆଳ,୧୮।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲାର ଏକ୍ସକ୍ୟାଡ଼ର ଶିକ୍ଷକ ସଂଘ ଜିଲା ସାଧାରଣ ସମ୍ପାଦକ ତଥା ରାଜ୍ୟ କାର୍ଯ୍ୟକାରୀ ସଭାପତି ଅଲେଖ ସାହୁଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷକ ଉପସ୍ଥିତ ରହି ଭୁବନେଶ୍ୱର ପିଏମଜିଠାରେ ପ୍ରତୀକ ଗଣଧାରଣରେ ସାମିଲ ହୋଇଛନ୍ତି। ସୂଚନା ଥାଉକି ରାଜ୍ୟ ଏକ୍ସ କ୍ୟାଡ଼ର ମହାସଂଘଙ୍କ ଡାକରାକ୍ରମେ ୭୯ ଦିନ ହେଲା ୫ ଦଫା ଦାବି ଏକ୍ସ କ୍ୟାଡ଼ର ଉଚ୍ଛେଦ, ଇଂକ୍ରିମେଣ୍ଟ ପ୍ରଦାନ ଇତ୍ୟାଦି ରାଜଧାନୀରେ ପ୍ରତୀକ ଧାରଣା ଚାଲୁ ରହିଛି। କିନ୍ତୁ ସରକାର ଦାବିଉପରେ ଠୋସ ପଦକ୍ଷେପ ନେଇ ନ ଥିବାରୁ ସଂଘ କ୍ଷୁବ୍ଧପ୍ରକାଶ କରିଛି। ସରକାର ସମସ୍ୟାର ସମାଧାନ ପାଇଁ ମିନିଷ୍ଟ୍ରିଆଲ ସବ କମିଟି ଗଠନ କରିଛନ୍ତି। କମିଟି ୩ଥର ବୈଠକ ବସି ମଧ୍ୟ ସମାଧାନ କରିବାରେ ବିଳମ୍ବ କରୁଛନ୍ତି ଏଣୁ ସଂଘ ମୁଖ୍ୟ ମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କରି ଶୀଘ୍ର ସମାଧାନ ପାଇଁ ଅନୁରୋଧ କରିଛନ୍ତି।

# ମାଠିଆପଦରକୁ ସମ୍ପୂର୍ଣ୍ଣ ବୁଡ଼ି ଅଞ୍ଚଳ ଘୋଷଣା କର

ନୂଆପଡ଼ା,୧୮।୧୦(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ରଜନା ପଞ୍ଚାୟତ ମାଠିଆପଦର ଗାଁକୁ ସମ୍ପୂର୍ଣ୍ଣ ବୁଡ଼ି ଅଞ୍ଚଳ ଘୋଷଣା କରିବା ପାଇଁ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ଜିଲାପାଳ ହେମକାନ୍ତ ସାଏଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅକ୍ଟୋବର ୩୧ ସୁଦ୍ଧା ଦାବି ପୂରଣ ନ ହେଲେ ନଭେମ୍ବର ୧ରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବୁ ବୋଲି ମାଠିଆପଦର ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ସୂଚନା ଯେ, ଖଡିଆଳ ଓ କୋମନା ମଧ୍ୟ ଭାଗରେ ନିର୍ମିତ ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ତିଆରିରେ ମାଠିଆପଦର ଗାଁର ଅଧିକାଂଶ ଲୋକଙ୍କ ଜମି ବୁଡି ଯାଇଥିବା ବେଳେ ଗାଁ ଚାରି ପାର୍ଶ୍ୱରେ ଏଫଆରଏଲ ଖୁଣ୍ଟା ଲାଗି ରହିଛି। ଗାଁର ଚାରି ଦିଗରେ ପ୍ରକଳ୍ପ ପାଣି ଭରିବାରେ ଲାଗିଛି। ଆଉ ଏକ ବର୍ଷା ହେଲେ ଗାଁ ମଧ୍ୟ ବୁଡି ଯିବାର ସମ୍ଭାବନା ରହିଛି। ପ୍ରକଳ୍ପ ପାଣି ଭର୍ତ୍ତି



ଦାବିପତ୍ର ଦେବା ପାଇଁ ଆସିଥିବା ମାଠିଆପଦର ଗ୍ରାମବାସୀ।

**୩୧ ସୁଦ୍ଧା ଦାବି ପୂରଣ ନ ହେଲେ ୧ରୁ ଅନିର୍ଦ୍ଦିଷ୍ଟକାଳ ଧାରଣା**

ହୋଇ ଗଲେ ଆମକୁ ଯିବା ପାଇଁ ରାସ୍ତା ମଧ୍ୟ ମିଳିବ ନାହିଁ। ଗାଁର ସମସ୍ତଙ୍କ ଜମି ପ୍ରକଳ୍ପରେ ବୁଡି ଯାଇଛି। ଆମେ ସେଠାରେ କ'ଣ ଖାଇ ରହିବୁ। ଚାଷ ଜମି ଚାଲି ଗଲା, ବର୍ତ୍ତମାନ ବେସାହାରା ହୋଇ ରହିଛୁ। ଗାଁକୁ ସମ୍ପୂର୍ଣ୍ଣ ବୁଡି ଘୋଷଣା କରି ଆମକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉ ବୋଲି ଅନେକ ଥର ଗ୍ରାମବାସୀ ପ୍ରଶାସନଠାରେ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ପୁଣି ଥରେ ଜିଲା ପ୍ରଶାସନଠାରେ ଗୁହାରି କରିଛନ୍ତି। ଦାବିପତ୍ର ପ୍ରଦାନରେ ଗରିବ ସେନା ଆବାହାକ ରବି ମଙ୍ଗରାଜ, ସାଗର କରୁଆ, ସୁନ୍ଦର ଚିନ୍ଦା, ଶଶିକପୁର ବନଛୋର, ପଦ୍ମା ଶଗରିଆ, ଦିଗାମ୍ବର ଶଗରିଆ, ଚୂଡାମଣି କରୁଆ, ଜଳନ୍ଧର କଟା, ସନ୍ତୋଷ ବନଛୋର, ସୁବାଷ କଟା, କୈଳାସ କଟା, ଅଭି କଟା, ଲିଳାମ୍ବର ବନଛୋର, ଖୋବା କଟା, ଭଜନ ଶଗରିଆ, ସୁଦେ କଟା ପ୍ରମୁଖ ସାମିଲ ହୋଇଛନ୍ତି।

# ତଳମୁଣ୍ଡକୁ ପହଞ୍ଚି ପାରୁନି କେନାଲ ପାଣି, ଚିନ୍ତାରେ ଚାଷୀ


କେନାଲ ପାଣି ତଳ ମୁଣ୍ଡକୁ ପହଞ୍ଚୁ ନ ଥିବା ଅଭିଯୋଗ ଆଣିଥିବା ଚାଷୀ।

ଭବାନୀପାଟଣା,୧୮।୧୦(ଉତ୍ତମ କୁମାର ଦାଶ)

କେବେ ସରିବ ଚାଷୀଙ୍କ ଦୁଃଖ। ଚଳିତବର୍ଷ ନିଅଣ୍ଟିଆ ବର୍ଷା ଯୋଗୁ ଚାଷୀଙ୍କୁ ମରୁଡି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିଥିଲା। ଏଭଳି ପରିସ୍ଥିତିରେ ଇନ୍ଦ୍ରାବତୀ ଜଳ ସେଚନକୁ ଚାଷୀ ଆଶା ବାନ୍ଧିଥିଲେ। ହେଲେ ଜଳଭଣ୍ଡାରର ଜଳସ୍ତର ଆବଶ୍ୟକଠାରୁ କମ ଥିବାରୁ ଚିନ୍ତାରେ ପଡିଯାଇଥିଲେ ଚାଷୀ। ସେପ୍ଟେମ୍ବରରେ ବର୍ଷା ବୃଦ୍ଧି ଯୋଗୁ ଚାଷୀଙ୍କୁ ସାମାନ୍ୟ ଆସ୍ୱସ୍ତି ମିଳିଥିବା ବେଳେ ଏବେ ବି ଚିନ୍ତାରେ କଳାହାଣ୍ଡି ଜିଲା କଲମପୁର ବ୍ଲକ ମିନଗୁର ପଞ୍ଚାୟତର ଚାଷୀ ରହିଛନ୍ତି। ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲ ଗୁନଗୁନିଆ ଡିଷ୍ଟ୍ରିବ୍ୟୁଟାରୀ। ଏଠାରେ ୧୨.୬ କିଲୋମିଟର ମଧ୍ୟରେ ରହିଛି ୧୧ଟି ମାଇନର ଓ ସବମାଇନର କେନାଲ। ଏଥିରୁ ୩ ହଜାର ହେକ୍ଟର ଚାଷ ଜମିକୁ ଜଳ ସେଚନ ଯୋଗାଇବା ପାଇଁ ଆକଳନ କରାଯାଇଥିଲା। ହେଲେ କେନାଲ ନିର୍ମାଣର ୨୦ ବର୍ଷ ପରେ ମଧ କେନାଲର ତଳ ମୁଣ୍ଡରେ ଥିବା ମିନଗୁର ପଞ୍ଚାୟତର ଦେର୍ଲାପଡା ଅଞ୍ଚଳ ଚାଷଜମିକୁ ଜଳ ସେଚନର ସୁବିଧା ମିଳିପାରିଲା ନାହିଁ। ବହୁ କଷ୍ଟରେ ଚାଷୀଙ୍କ ଉଦ୍ୟମରେ ୧୧ କିଲୋମିଟର ମଧ୍ୟରେ ହିଁ ଜଳ ସେଚନ ସିମିତ ରହୁଛି। ବର୍ଷା ଅଭାବ ସହ କେନାଲ ଜଳ ସେଚନରେ ଅନିୟମିତତା ଭଳି ପରିସ୍ଥିତିରୁ ନିଜ ଚାଷକୁ ବଞ୍ଚାଇବା ପାଇଁ ଚାଷୀ କିଛି ନାଳରେ ଉଠା ଜଳ ସେଚନର ବ୍ୟବସ୍ଥା କରିଥିଲେ। ହେଲେ ୪ଟି ମୋଟର ପାଇପ ଚୋରି ହୋଇଯିବା ଯୋଗୁ ଚାଷୀ ଅସହାୟ ହୋଇପଡିଛନ୍ତି। ଗୁନଗୁନିଆ ଡିଷ୍ଟ୍ରିବ୍ୟୁଟାରୀ କେନାଲ ଓ ତାହାର ମାଇନର ସବମାଇନର କେନାଲର ଅବସ୍ଥା ଅତ୍ୟନ୍ତ ଦୟନିୟ ହୋଇପଡିଛି। ବାରମ୍ବାର ଚାଷୀ କେନାଲର ମରାମତି ପାଇଁ ଦାବି ମଧ୍ୟ କରିଆସୁଛନ୍ତି। ହେଲେ କୌଣସି ସୁଫଳ ମିଳୁନାହିଁ। ବର୍ତ୍ତମାନ ଚାଷୀ ଅମଳ କରିଥିବା ଧାନ ସବୁ ଗର୍ଭିଣୀ ଅବସ୍ଥାରେ ରହିଛି। ଏଭଳି ସ୍ଥିତିରେ ଜଳ ସେଚନର ଆବଶ୍ୟକତା ରହିଥାଏ। କିନ୍ତୁ ଜଳସେଚନରେ ବାଧକ ଯୋଗୁ ଧାନ ଚାଷ ସବୁ ସୁଖିବାରେ ଲାଗିଲାଣି। ବହୁ କଷ୍ଟରେ ଋଣ କରଜ କରି ଚାଷୀ ଚାଷ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଚାଷର ଶେଷ ପର୍ଯ୍ୟାୟରେ ଜଳ ସେଚନ ପାଇଁ ଚାଷ ନଷ୍ଟ ହେବାକୁ ବସିଲାଣି। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଆଗାମି ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ବ୍ଲକସ୍ତରୀୟ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

କର୍ଲାମୁଣ୍ଡା,୧୮।୧୦(ପ୍ରଦୀପ କୁମାର ସାହୁ)

ଭାରତ ସରକାର ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯୋରାଡବରା ପଞ୍ଚାୟତ କୁଶୁର୍ଲା ହରଗୌରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅମର ଯୁକ୍ତ ୩ ମହାବିଦ୍ୟାଳୟ ମିଳିତ ସହଯୋଗରେ ବ୍ଲକସ୍ତରୀୟ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପଦଯାତ୍ରା,ପଞ୍ଚ ପ୍ରାଣ ଶପଥ ଗ୍ରହଣ, ମାଟି ସଂଗ୍ରହ, ମାଟି କୋ ନମନ ବିରୋ କା ବନ୍ଦନ କରାଯାଇଥିଲା। ଜାତୀୟ ଯୁବ ସ୍ୱେଚ୍ଛାସେବୀ ସନତ କୁମାର ସାହୁଙ୍କ ନେତୃତ୍ୱରେ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ହରଗୌରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୁଶୁର୍ଲା ଅଧ୍ୟକ୍ଷ ସୁବୋଧ କୁମାର ଶତପଥି, ସମ୍ମାନିତ ଅତିଥି ଇଂଲିଶ ଅଧ୍ୟାପକ ଗଗନ ବିହାରୀ ମହାପାତ୍ର, ଇତିହାସ ଅଧ୍ୟାପକ ଲମ୍ବୋଦର ସାହୁକାର, ଭାଜପା ନେତା ରାଜେନ୍ଦ୍ର ନାରାୟଣ ମିଶ୍ର, ୱାର୍ଡମେମ୍ବର ବନିତା ସାହୁ, ହଜାରିପଡା ଗଉନ୍ତିଆ କୈଳାଶ ସାହୁ, ଅଧ୍ୟାପକ ବୀରେନ୍ଦ୍ର ସାହୁ, ଧ୍ରୁବଚରଣ ସାହୁ, ଚୂଡ଼ାମଣି ସାହୁ, ଅଧ୍ୟାପକ ରାଜେନ୍ଦ୍ର ଗହୀର କର୍ଲାମୁଣ୍ଡା ଭି.ଆର.ପି ସଭାନେତ୍ରୀ ଲୋଚନା ମାଝି, ରୋମାଞ୍ଚଳ ସାହୁ, ଦୁଷ୍ମନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ହରଗୌରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଅମର ଯୁକ୍ତ ତିନି ମହାବିଦ୍ୟାଳୟ କୁଶୁର୍ଲା ଛାତ୍ରୀଛାତ୍ରମାନେ ତଥା ଭିଆରପି ଏବଂ ସିଆରପି ସହଯୋଗ କରିଥିଲେ।

# କଳ୍ପିତା ଜିତିଲେ ରୌପ୍ୟ, କାଂସ୍ୟ ପଦକ

ଲାଞ୍ଜିଗଡ଼,୧୮।୧୦(ରମେଶ ଚନ୍ଦ୍ର ନାୟକ)

**ସିବିଏସଇ ଜୋନାଲସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା**

କଳାହାଣ୍ଡି ଜିଲା ଲାଞ୍ଜିଗଡ ଡିଏଭି ବେଦାନ୍ତ ଆନ୍ତର୍ଜାତୀୟ ବିଦ୍ୟାଳୟର କଳ୍ପିତା ପ୍ରଧାନ ସିବିଏସଇ ଜୋନାଲସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତାରେ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରି ଜିଲା ପାଇଁ ଗୌରବ ଅର୍ଜନ କରିଛନ୍ତି। କଳ୍ପିତା ୨ଟି ପଦକ ହାସଲ କରି ନଭେମ୍ବର ୬ରେ ଡେରାଡୁନଠାରେ ହେବାକୁ ଥିବା ସିବିଏସଇ ଜାତୀୟସ୍ତର ପାଇଁ ମନୋନୀତ ହୋଇଛନ୍ତି। ପଶ୍ଚିମବଙ୍ଗ ରାଜ୍ୟ କୋଲକତା ଅନ୍ତର୍ଗତ ନଦିଆ ଜିଲା ଖରଦାପଡାସ୍ଥିତ ଚେଟର୍ଜି ନୋବେଲେ ସ୍କୁଲରେ ୧୫ରୁ ୧୬ ତାରିଖ ପର୍ଯ୍ୟନ୍ତ ସିବିଏସଇ ଜୋନସ୍ତରୀୟ ତୀରନ୍ଦାଜ ପ୍ରତିଯୋଗୀତା ଆୟୋଜିତ ହୋଇଥିଲା। ଏଥିରେ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଆନ୍ତର୍ଜାତୀୟ ବିଦ୍ୟାଳୟର ୬ଜଣ ପ୍ରତିଯୋଗୀ ହିତେଶ କୁମାର ମହାଖୁଡ, କ୍ଷୀରୋଦ କୁମାର, ସଙ୍ଗୀତା ମାଝି ଓ ପିଭି ପୁଜିତା, ଓମକାର ମାଝି ଓ କଳ୍ପିତା ପ୍ରଧାନ ଭାଗ ନେଇଥିଲେ। ଏମାନଙ୍କ ମଧ୍ୟରୁ କଳ୍ପିତା ୧୪ ବର୍ଷରୁ କମ ବର୍ଗରେ ୨୦ ମିଟର ପ୍ରତିଯୋଗିତାରେ ରୌପ୍ୟ ଓ ୩୦ ମିଟର ପ୍ରତିଯୋଗିତାରେ କାଂସ୍ୟ ପଦକ ହାସଲ କରି ସ୍କୁଲ ଓ ଜିଲା ପାଇଁ ଗୌରବ ଆଣିଛନ୍ତି। ଏହି ଖେଳାଳିମାନେ କୋଚ ସୀମାଞ୍ଚଳ କାତ୍ରାକା ଓ ଟିମ ମ୍ୟାନେଜର ଶିକ୍ଷକ ପଲାସ ଚାଟର୍ଜୀଙ୍କ ନେତୃତ୍ୱରେ କୋଲକତା ଗସ୍ତ କରିଥିଲେ। ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିଥିବା ବେଳେ ବେଦାନ୍ତ ଆଲୁମିନା ଡେପୁଟି ସିଇଓ ଜି.ଜି ପାଲ, ସ୍କୁଲ ଅଧ୍ୟକ୍ଷ ସଦାନନ୍ଦ ହୋତା, ବେଦାନ୍ତ ସିଏସଆର ମୁଖ୍ୟ ବିଭେଦେନ୍ଦୁ ପଣ୍ଡା, ସ୍କୁଲ ଖେଳ ଶିକ୍ଷକ ଦୁଷ୍ମନ୍ତ ମାଝି, ବେଦାନ୍ତ ସିଏସଆର ଅଭିନଭ ପ୍ରତାପ, ଡିଏଭି ଆନ୍ତର୍ଜାତୀୟ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ତଥା ବେଦାନ୍ତ ଲିମିଟେଡ଼ କର୍ମଚାରୀମାନେ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।



ପଦକ ହାସଲ କରିଥିବା କଳ୍ପିତା ପ୍ରଧାନଙ୍କ ସହ ଅନ୍ୟମାନେ।

# ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

କୋକସରା,୧୮।୧୦(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ବଙ୍ଗୋମୁଣ୍ଡା ଫାର୍ମଠାରେ କଳାହାଣ୍ଡି ଉଦ୍ୟାନ କୃଷି ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୌରଭ ପାଣିଗ୍ରାହୀଙ୍କ ପରିଚାଳନାରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୋଷଧି ବାଗ ଯୋଗଦେଇ ଚାଷୀଙ୍କୁ କେବଳ ଧାନ ଚାଷରେ ସୀମିତ ନ ରହି ଉଦ୍ୟାନ କୃଷି ପ୍ରତି ଆଗଭର ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆତ୍ମା ଅଧ୍ୟକ୍ଷ ଋତୁରାଜ ମାଝି, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଧର୍ମଗଡ଼ ଉପଖଣ୍ଡ ମଳୟ କୁମାର ସିଂ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଗୋଲାମୁଣ୍ଡା ନିହାରିକା ସାହୁ, ସହକାରୀ ମତ୍ସ୍ୟ ଅଧିକାରୀ ଲଳିତ କୁମାର ମହାନନ୍ଦ, ସିଡିଓ ରଞ୍ଜନ କୁମାର ଦାସ, ଏମଡି ତ୍ରିଲୋକେଶ୍ୱର ଯୋଗଦେଇଥିବା ପୁରୁଷ ଓ ମହିଳା ଚାଷୀଙ୍କୁ ଉଦ୍ୟାନ କୃଷିର ବିଭିନ୍ନ ଚାଷ ଉପରେ ସୂଚନା ଦେବା ସହ ସରକାରୀସ୍ତରରେ ରହିଥିବା ଯୋଜନା ବିଷୟରେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ଉଦ୍ୟାନ କୃଷି କର୍ମଚାରୀ ବାସନ୍ତୀ ଭତ୍ରା ପରିଚାଳନା କରିଥିଲେ।


ଉଦ୍ୟାନ କୃଷି କର୍ମଶାଳାରେ ଯୋଗଦେଇଥିବା ଅତିଥି।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ କାର୍ଯ୍ୟକ୍ରମ

ସିନାପାଲି,୧୮।୧୦(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସ୍ଥାନୀୟ ଓ ଆଦର୍ଶ ବିଦ୍ୟାଳୟ ଟିମନପୁରରେ ଅନୁଷ୍ଠିତ ହୋଇଯାଇଛି। ଏବିଇଓ ପ୍ରଭାତ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଉଦଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ବିଇଓ ଯତୀନ୍ଦ୍ର କୁମାର ସେଠ ଓ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ.ସଞ୍ଜୟ ମିଶ୍ର ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ମିଥୁନ ବାଗ, ଓଏଭି ଅଧ୍ୟକ୍ଷ ବିଜୟ କୁମାର କର୍ମୀ ଓ ଶିକ୍ଷକ ସଂଘ ସଭାପତି ପ୍ରସନ୍ନ ମାଝି ଉପସ୍ଥିତ ଥିଲେ। ବୈଷ୍ଣବ ମେହେର ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭା କାର୍ଯ୍ୟ ମହେଶ୍ୱର ଗୁଆଲ ପରିଚାଳନା କରିଥିବା ବେଳେ ଅତୁଳ କୁମାର ସୁପକାର ଧନ୍ୟବାଦ ଦେଇଥିଲେ। ବରିଷ୍ଠ ଓ କନିଷ୍ଠ ବିଭାଗସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ କ୍ଲଷ୍ଟରରୁ ଶତାଧିକ ପ୍ରତିଭାଗୀ ଅଂଶ ଗ୍ରହଣ କରିଥିଲେ। ଅପରାହ୍ନରେ ବିଇଓ ଯତୀନ୍ଦ୍ର କୁମାର ସେଠଙ୍କ ଅଧ୍ୟକ୍ଷତାରେ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମାଧୁରୀ ମାଝି, ବ୍ଲକ ଉପାଧ୍ୟକ୍ଷା ମୀନା ଘିଭେଲା, ଜିଲା ପରିଷଦ ସଭ୍ୟା ଯାଜ୍ଞସେନୀ କଟା, ଆଶା ଜୈନ, ପୁଷ୍ପାଞ୍ଜଳି ଗୁଆଲ, ଏବିଇଓ ପ୍ରଭାତ କୁମାର ପାତ୍ର, ଓଏଭି ଅଧ୍ୟକ୍ଷ ବିଜୟ ରଞ୍ଜନ କର୍ମୀ, ଶିକ୍ଷକ ପଞ୍ଚାନନ ଖମାରୀ, ଶିକ୍ଷକ ସଂଘ ସଭାପତି ପ୍ରସନ୍ନ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାର ଉନ୍ମୋଚନ କରିବାରେ ସୁରଭି ଏକ ପ୍ରଶସ୍ତ କ୍ଷେତ୍ର ବୋଲି ଅତିଥିମାନେ କହିଥିଲେ। ଉଦ୍‌ଯାପନୀ ସଭା ପ୍ରାରମ୍ଭରେ ନରେନ୍ଦ୍ର ନାଏକ ସ୍ୱାଗତ କରିଥିବା ବେଳେ ପରେଶନାଥ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ଆଦର୍ଶ ବିଦ୍ୟାଳୟ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ରାକେଶ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। କୁନି କଳାକାରଙ୍କ ଦ୍ୱାରା ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ଥିଲା। କାର୍ଯ୍ୟକ୍ରମ ସଫଳତାରେ ବ୍ଲକ ଅନ୍ତର୍ଗତ ସମସ୍ତ ସିଆରସିସି, ଶିକ୍ଷକ, ବିଇଓ ଅଫିସ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।


ଶିଶୁ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବ ଶିଶୁ ମହୋତ୍ସବ ସୁରଭି

କର୍ଲାମୁଣ୍ଡା,୧୮।୧୦(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ମିଲେଟ୍ସ ପ୍ରତିଯୋଗୀତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବକ୍ତୃତା, ଚିତାଙ୍କନ, ଗୀତ, କନିଷ୍ଠ ଓ ବରିଷ୍ଠ ବର୍ଗର ଦଳଗତ ସାଂସ୍କୃତିକ, ହସ୍ତାକ୍ଷର, ସୃଜନ ଶୀଳ ଲିଖନ, ପ୍ରବନ୍ଧ ଲିଖନ, ବିତର୍କ, ମିଲେଟ୍ସ ସମ୍ବନ୍ଧୀୟ କୁଇଜ, ପ୍ରବନ୍ଧ ଲିଖନ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ ବ୍ଲକ ଶିକ୍ଷା ବିଭାଗ କର୍ମଚାରୀ କ୍ଷୀରୋଦ ବଡ ମାଲି, ପ୍ରଫୁଲ୍ଲ କୁମାର ପାଠୀ, ମନୋଜ କୁମାର ସାହୁ, ପ୍ରଦୀପ କୁମାର ବେହେରା, ସନ୍ତୋଷ କୁମାର, ଶିଶିର କୁମାର ଦାସ ଏବଂ ସମସ୍ତ ସିଆରସିସି ଯୋଗଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ବିଜୟ ଲକ୍ଷ୍ମୀ ନାଗଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ମୁଖ୍ୟବକ୍ତା ଭାବେ ଏବିଇଓ ରାମ ଚନ୍ଦ୍ର ସା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କୁନି ସାହୁ, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା ଓ ସୁରେଶ ଚୌଧୁରୀ, ଭାରପ୍ରାପ୍ତ ଏବିଇଓ ଗୋପମଣି ସାହୁ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରୋହିତ କୁମାର ରଣା ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ସଭା କାର୍ଯ୍ୟ ଶିକ୍ଷକ ଦୁର୍ଗା ପ୍ରସାଦ ସାହୁ, ଉଜ୍ଜ୍ୱଳ କୁମାର ସାହୁ ସଂଯୋଜନା କରିଥିବା ବେଳେ ଶିକ୍ଷକ ସୋମ ନାଥ




କୋକସରାରେ ସୁରଭିରେ ଜଣେ କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଉଛି (ବାମ), କର୍ଲାମୁଣ୍ଡା ବ୍ଲକ ସଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ର ଓ ଅତିଥି ବୃନ୍ଦ।

ସାହୁ, ହେମନ୍ତ ନାଏକ, ସଞ୍ଜୟ ଦାସ ପରିଚାଳନାରେ ସହଯୋଗ କରିଥିଲେ।

**କେସିଙ୍ଗା,(ଡୁମେଶ୍ୱର ସାହୁ):** କେସିଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଏବଂ ଓଡ଼ିଶା ମିଲେଟ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କେସିଙ୍ଗା ଗୋଷ୍ଠି ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଡ଼ିଓ ପଦ୍ମନାଭ ପୁରୋହିତ ଯୋଗଦେଇଥିଲେ। ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବି. ମୁରଲୀ ଧର ଆଚରି, ଏବିଇଓ ନଳିନୀ ପ୍ରଭା ଦେଇ, ସୁରେନ୍ଦ୍ର କୁମାର ଦାଶ ମଞ୍ଚାସୀନ ଥିଲେ। ସନ୍ଧ୍ୟା ଅଧିବେଶନରେ ମୁଖ୍ୟଅତିଥି ଭାବେ ତହସିଲଦାର ଯୋଗେଶ୍ୱର ସାହୁ, ବିଶିଷ୍ଟ ଅତିଥି ଭାବେ ନଗରପାଳ ନୃପରାଜ ଯାଦବ, ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ଦାଶ, ନଳିନୀ ପ୍ରଭା ଦେଇ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଚନ୍ଦ୍ରଧଜ ନାଗ ସିଆରସି ଧନ୍ୟବାଦ ଦେଇଥିଲେ।

**କୋକସରା,(ଦୁଷ୍ମନ୍ତ କୁମାର ପାଟଯୋଶୀ):** କୋକସରା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ କାର୍ଯ୍ୟକ୍ରମ ସୁରଭି କୋକସରା ଗୋଷ୍ଠି ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କୋକସରା ନୋଡାଲ ସିଆରସିସି ବୈକୁଣ୍ଠ ଜାଲ, ପ୍ରଧାନ ଶିକ୍ଷକ ସଞ୍ଜୀବ କୁମାର ପାଢୀ ଓ ପ୍ରଶାନ୍ତ ଶବରଙ୍କ ମଞ୍ଚ ପରିଚାଳନାରେ ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ରଶ୍ମିତା ନେତମ, ମୁଖ୍ୟବକ୍ତା ଭାବେ ବିଆରସିସି ତୋଫାନ ମାଝି, ସମ୍ମାନିତ ଅତିଥି ଭାବେ ଏବିଇଓ ଦୟାନିଧି ପାଢ଼ୀ, ଆଲୋରାଣୀ ହଲଦାର ଯୋଗଦେଇଥିଲେ। ସୁରଭି କାର୍ଯ୍ୟକ୍ରମ ହେଉଛି ଛାତ୍ରୀଛାତ୍ରଙ୍କ ମଧ୍ୟରେ ରହିଥିବା ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ କହିଛନ୍ତି। ଦ୍ୱିତୀୟ ଅଧିବେଶନରେ ବିଇଓ ରଶ୍ମିତା ନେତମଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୋଷଧି ବାଗ, ସମ୍ମାନିତ ଅତିଥି ଭାବେ ବିଆରସିସି ତୋଫାନ ମାଝି, ଗୋଡୋମୁଣ୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ସଞ୍ଜୀବ ପାଢ଼ୀ ଉପସ୍ଥିତ ଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ।

**ଲାଞ୍ଜିଗଡ଼,(ରମେଶ ଚନ୍ଦ୍ର ନାୟକ)** ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ଓଡିଶା ମିଲେଟସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦ୍ରୋଣ ରଣାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ ଏବଂ ସମ୍ମାନିତ ଅତିଥି ଭାବେ ବିଶ୍ୱନାଥପୁର ସରପଞ୍ଚ ସୁରଥ ମାଝି ଯୋଗ ଦେଇଥିଲେ। ଉଦ୍‌ଯାପନୀରେ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ନମିତାରାଣୀ ଭୋଇଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ସମ୍ମାନିତ ଅତିଥି ଭାବେ ବିଶ୍ୱନାଥପୁର ମେଡିକାଲ ଅଫିସର ତତେଶ୍ୱର ନାଏକ, ଲାଞ୍ଜିଗଡ ଓଡିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ କ୍ଷୀରେଶ୍ୱର ପ୍ରଧାନ, ବିଶ୍ୱନାଥପୁର ସମିତି ସଭ୍ୟ, ଅଜିତ କୁମାର ପ୍ରଧାନୀ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ସଂକ୍ଷେପରେ

### ସମଲେଶ୍ୱରୀଙ୍କ କୁଷ୍ମାଣ୍ଡା ବେଶ



**ବରଗଡ଼,୧୮।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ବୁଧବାର କୁଷ୍ମାଣ୍ଡା ବେଶରେ ଦର୍ଶନ ଦେଇଥିଲେ। ଆଶ୍ୱିନ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ଦେବୀଙ୍କୁ ଏହି ବେଶରେ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଶ୍ରଦ୍ଧାଳୁମାନେ ଫୁଲ, ଧୂପ, ଦୀପ ଆଦି ପୂଜା ସାମଗ୍ରୀ ଧରି ଦେବୀଙ୍କ ମନ୍ଦିରକୁ ପହଞ୍ଚିଥିଲେ। ଦେବୀଙ୍କୁ ଦର୍ଶନ ସହିତ ପୂଜାର୍ଚ୍ଚନା କରି ଶ୍ରଦ୍ଧାଳୁମାନେ ସୌଭାଗ୍ୟ ମଣିଥିଲେ। ମନ୍ଦିର ପୂଜକ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ।

### ସଡ଼କ ଦୁର୍ଘଟଣାରେ ବାଇକ ଆରୋହୀ ମୃତ

**ସରଣ୍ଡା,୧୮।୧୦(ଯୁଧିଷ୍ଠିର ମହାପାତ୍ର):** ବରଗଡ ଜିଲା ଅତାବିରା କୁବେଟା ଶୋରୁମ ସମ୍ମୁଖରେ ବୁଧବାର ମଧ୍ୟାହ୍ନରେ ସଡକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସମ୍ବଲପୁର ଜିଲା ମାନେଶର ଭୋଇପାଲି ଗ୍ରାମର ଡି.ଲକ୍ଷ୍ମୀନାରାୟଣ(୪୫) ବୋଲି ଜଣାପଡିଛି। ସେ ଅତାବିରା ଆନନ୍ଦ କଲ୍ୟାଣ ମଣ୍ଡପରେ ଆୟୋଜିତ ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ଆସିଥିଲେ। ସେଠାରୁ ସେ ବାଇକ ନଂ.ଓଡି୧୫ସି୯୭୩୮ରେ ଘରକୁ ଫେରୁଥିବା ବେଳେ କୁବେଟା ଶୋରୁମ ସମ୍ମୁଖରେ ପଛପଟୁ ଏକ କଣ୍ଟେନର ତାଙ୍କୁ ଧକ୍କା ଦେଇ ଦ୍ରୁତଗତିରେ ପଳାଇଥିଲା। ଘଟଣାସ୍ଥଳରେ ହିଁ ଉକ୍ତ ବ୍ୟକ୍ତିଙ୍କର ମୃତ ଘଟିଥିଲା। ଅତାବିରା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନାରେ ଏକ ମାମଲା(୩୬୬/୨୩) ରୁଜୁ ହୋଇଛି।

### ଲୋକମହୋତ୍ସବ ପାର୍ବଣ ଉଦ୍‌ଘାଟିତ

**ସୋହେଲା, ୧୮।୧୦(ଅଶ୍ୱିନୀ କୁମାର୍ ପାତ୍ର):** ମଙ୍ଗଳବାର ସନ୍ଧ୍ୟାରେ ସାର୍ବଜନୀନ ଶାରଦୀୟ ନବରାତ୍ର ଦୁର୍ଗାପୂଜା ଉପଲକ୍ଷେ ବରଗଡ଼ ଜିଲା ସୋହେଲାରେ ଲୋକମହୋତ୍ସବ ପାର୍ବଣ ଉଦ୍‌ଘାଟିତ ହୋଇଯାଇଛି। ଦୁର୍ଗାପୂଜା କମିଟିର ସଭାପତି ପ୍ରକାଶ ଚନ୍ଦ୍ର ଦେବତା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମହମ୍ମଦ ରଫିକ, ଟଙ୍କଧର ଝାଙ୍କର, ଗୋବିନ୍ଦ ସାହୁ ମଞ୍ଚାସୀନ ଥିଲେ। ସୁବର୍ଣ୍ଣପୁରର ଶାଶ୍ୱତ ତ୍ରିପାଠୀ ଗ୍ରୁପ ନଚନିଆଁ, ବଜନିଆଁ, ମାଏଲାଜ ଆଦି ନୃତ୍ୟ ସହ ବହୁ ନୂତନ ଏବଂ ପୁରାତନ ସମ୍ବଲପୁରୀ ଗୀତ ଗାଇଥିଲେ। ଏହା ପରେ କୁରେଫୁଲ ସାଂସ୍କୃତିକ ଅନୁଷ୍ଠାନ ଅତାବିରାର କଳାକାରମାନେ ରସରକେଲି, ପଞ୍ଚରସି, ଡାଲଖାଇ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିପକାଇଥିଲେ। ଛୋଟ ପରଦାର ପରିଚିତ ମଞ୍ଚ ଉପସ୍ଥାପକ ଅଞ୍ଜନ ପଧାନ ମଞ୍ଚ ସଂଯୋଜନା କରିଥିଲେ। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଲୋକମହୋତ୍ସବରେ ରାଜ୍ୟର ଶହଶହ କଳାକାର ଯୋଗ ଦେବେ ବୋଲି ଆୟୋଜକ କମିଟି ସୂଚନା ଦେଇଛନ୍ତି।

### ଫୁଟବଲ୍ ପ୍ରତିଯୋଗିତା: ଅତାବିରା ଫାଇନାଲରେ

**ସୋହେଲା, ୧୮।୧୦(ଅଶ୍ୱିନୀ କୁମାର ପାତ୍ର):** ବରଗଡ଼ ଜିଲା ସୋହେଲା ଦୁର୍ଗାପୂଜା ଅବସରରେ ସାର୍ବଜନୀନ ଦୁର୍ଗାପୂଜା କମିଟି ଦ୍ୱାରା ଆୟୋଜିତ ଫୁଟବଲ ପ୍ରତିଯୋଗିତାରେ ବୁଧବାର ପ୍ରଥମ ସେମିଫାଇନାଲ ଖେଳାଯାଇଥିଲା। ଏଥିରେ ସୋହେଲା ଏବଂ ଅତାବିରା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ଅତାବିରା ଦଳ ସୋହେଲା ଦଳକୁ ୨-୦ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧରେ ଅତାବିରା ଦଳର ପପୁ ଗୋଟିଏ ଗୋଲ କରିଥିଲେ। ଏହି ଦଳର ଟୁକୁଲୁ ଦ୍ୱିତୀୟାର୍ଦ୍ଧରେ ଆଉ ଗୋଟିଏ ଗୋଲ କରି ନିଜ ଫାଇନାଲରେ ପହଞ୍ଚାଇ ଥିଲେ। ଗୁରୁବାର ଶରଧାପାଲି ବରଗଡ଼ ମୁଣ୍ଡାପଡ଼ା ମଧ୍ୟରେ ମ୍ୟାଚ୍ ହେବ। ମ୍ୟାଚକୁ ପଞ୍ଚାନନ ପାତ୍ର, ନିରଞ୍ଜନ ମହାକୁର୍, ଶ୍ରୀନିବାସ ରାଓ, ସଞ୍ଜୟ ଦାସ ପରିଚାଳନା କରିଥିଲେ। ପୂର୍ବତନ ବିଧାୟକ ମହମ୍ମଦ ରଫିକ ଅତିଥି ଭାବେ ଯୋଗଦେଇଥିଲେ।

# ଚାଷୀଙ୍କୁ ମିଳିନି ରବିଧାନ କ୍ଷତିପୂରଣ

## ଅମଳ ପୂର୍ବରୁ ଧାନ ହୋଇଥିଲା ଅଗାଡ଼ି

**ବରଗଡ଼,୧୮।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଇଁଲାପାଲି ପଞ୍ଚାୟତର ଚାଷୀମାନେ ଗତ ରବି ଫସଲରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲେ। ଧାନ ସେତେବେଳେ ଅଗାଡ଼ି ହୋଇଯାଇଥିଲା। ରାଜସ୍ୱ ନିରୀକ୍ଷକ କ୍ଷୟକ୍ଷତି ଆକଳନ କରିଥିଲେ। ଚାଷୀମାନେ କ୍ଷତିପୂରଣ ସହାୟତା ପାଇବେ ବୋଲି ମନରେ ଆଶା ବାନ୍ଧିଥିଲେ। ଆଉ କିଛିଦିନ ପରେ ଖରିଫ ଧାନ ଅମଳ ହେବ କିନ୍ତୁ, ଏପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ରବି ଫସଲ କ୍ଷୟକ୍ଷତିର କ୍ଷତିପୂରଣ ସହାୟତା ମିଳିନାହିଁ। ଫଳରେ ଅଞ୍ଚଳର ଚାଷୀମାନେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

ଗତ ରବି ଫସଲ ଆରମ୍ଭରୁ ଅଇଁଲାପାଲି ପଞ୍ଚାୟତରେ ଧାନ ଫସଲ ଭଲ ହୋଇଥିଲା। ଚାଷୀମାନେ ମଧ୍ୟ ଭଲ ଅମଳ ହେବ ବୋଲି ଆଶା ରଖିଥିଲେ। କିନ୍ତୁ ଧାନ ଅମଳ ସମୟ ପାଖେଇ ଆସିବା ବେଳକୁ ଫସଲ ନଷ୍ଟ ହେବାରେ ଲାଗିଥିଲା। ଧାନ ବାହାରିବା ସମୟରେ ସେସବୁ ଅଗାଡ଼ି ହୋଇଯାଇଥିଲା। ଏହାକୁ ନେଇ ଚାଷୀମାନେ ଚିନ୍ତିତ ହୋଇ ପଡ଼ିଥିଲେ। ବ୍ୟାପକ ଅଞ୍ଚଳରେ ଧାନ ଫସଲ ସେଭଳି ଧୂଳିସାତ୍ ହେବାରୁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ କ୍ଷୟକ୍ଷତି ଆକଳନ କରିଥିଲେ। କ୍ଷୟକ୍ଷତି ଆକଳନ ରିପୋର୍ଟ ଜିଲା ପ୍ରଶାସନ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଦିଆଯିବ ଏବଂ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ସହାୟତା(ଇନପୁଟ୍ ସବସିଡ଼ି) ମିଳିବ ବୋଲି ସେତେବେଳେ ବିଭାଗୀୟ ଅଧିକାରୀମାନେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ବୋଲି ଚାଷୀମାନେ କହିଛନ୍ତି। ହେଲେ ଏ ପର୍ଯ୍ୟନ୍ତ କୌଣସି କ୍ଷତିଗ୍ରସ୍ତ ଚାଷୀଙ୍କୁ ସେ ବାବଦକୁ କ୍ଷତିପୂରଣ ସହାୟତା ମିଳିନାହିଁ। ଫଳରେ ଫସଲରେ କ୍ଷତି ସହିଥିବା ଚାଷୀଙ୍କ ଆର୍ଥିକ ସମସ୍ୟା ଦ୍ୱିଗୁଣିତ ହୋଇପଡ଼ିଛି। ଏହି ଦୃଷ୍ଟିରୁ ସେମାନଙ୍କୁ ତୁରନ୍ତ କ୍ଷତିପୂରଣ ସହାୟତା ଯୋଗାଇବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ କ୍ଷତିଗ୍ରସ୍ତ ଚାଷୀମାନେ ସ୍ମାରକପତ୍ରରେ ନିବେଦନ କରିଛନ୍ତି। ଦେବରାଜ ପଧାନ, ଶତପଥି ଭୋଇ, ଶୁରୁବାବୁ ପ୍ରଧାନ, ମହାଦେବ ପ୍ରଧାନ, ଜପ ଦୀପ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳ ଅଫିସକୁ ଆସିଥିଲେ।



କ୍ଷତିପୂରଣ ସହାୟତା ପାଇଁ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ।

**ଜିଲାପାଳଙ୍କୁ ଫେରାଦ ହେଲେ କ୍ଷତିଗ୍ରସ୍ତ**

# ଏଟିଏମ୍ ଲୁଟ୍ ଉଦ୍ୟମ, ୨ ଆନ୍ତଃରାଜ୍ୟ ଲୁଟେରା ଅଟକ

**ବରଗଡ଼,୧୮।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ରୁକ୍ମିଣୀ ଟକିଜ ପାଖରେ ରହିଥିବା ଷ୍ଟେଟବ୍ୟାଙ୍କ ଏଟିଏମରୁ ବୁଧବାର ଦ୍ୱିପ୍ରହରରେ ଏଟିଏମ ଲୁଟ୍ ଉଦ୍ୟମ ହୋଇଥିଲା। ମାତ୍ର ସ୍ଥାନୀୟ ଟାଉନ ଥାନା ପୋଲିସର ତତ୍ପରତା ଯୋଗୁ ଲୁଟ୍ ଉଦ୍ୟମ ବ୍ୟର୍ଥ ହୋଇଛି। ଅନ୍ୟପକ୍ଷେ ପୋଲିସ ୨ଆନ୍ତଃରାଜ୍ୟ ଲୁଟେରାଙ୍କୁ ଧରିଛି। ସେମାନେ ବିହାର ରାଜ୍ୟର ବୋଲି ଜଣାପଡ଼ିଛି। ସେମାନଙ୍କ ପାଖରୁ ବ୍ୟବହୃତ ଏକ କାର ଜବତ ହୋଇଛି। ଜବତ କାର୍‌ର ରେଜିଷ୍ଟ୍ରେଶନ ନଂ-ଜେଏଚ୦୧ଡି୦୫୪୩୦ ଲେଖାହୋଇଛି। ପୋଲିସ ୨ଅଭିଯୁକ୍ତଙ୍କୁ ଅଟକ ରଖି ଅଧିକ ତଦନ୍ତ କରୁଛି। ତଦନ୍ତ ଜାରି ରହିଥିବା ଯୋଗୁ ପୋଲିସ ଅଧିକ ସୂଚନା ଦେଇନାହିଁ। ତେବେ ଅଭିଯୁକ୍ତମାନେ ବରଗଡ଼ ସମେତ ଜିଲା ବାହାରେ ଘଟିଥିବା ବିଭିନ୍ନ ଏଟିଏମ ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ଅନୁମାନ କରାଯାଉଛି। ପୂର୍ବାହ୍ନ ପ୍ରାୟ ୧୧ଟାରେ ଗୋଡ଼ଭଗା ଅଞ୍ଚଳର ଜଣେ ଉକ୍ତ ଏଟିଏମରୁ ଟଙ୍କା କାଢ଼ିବାକୁ ଉଦ୍ୟମ କରିଥିଲେ। ତେବେ ଏଟିଏମରୁ ଟଙ୍କା ବାହାରି ନଥିବାବେଳେ ତାଙ୍କ ଆକାଉଣ୍ଟରୁ ଟଙ୍କା କଟିଥିବା ନେଇ ତାଙ୍କ ମୋବାଇଲରେ ମେସେଜ୍(ଏସଏମଏସ୍) ଆସିଥିଲା। ଫଳରେ ସମ୍ପୃକ୍ତ ଉପଭୋକ୍ତା ବ୍ୟାଙ୍କ ଏବଂ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଏବଂ ବ୍ୟାଙ୍କ କର୍ମଚାରୀମାନେ ସେଠାକୁ ପହଞ୍ଚି ଖୋଳତାଡ଼ କରିଥିଲେ ଏବଂ ଅଭିଯୁକ୍ତମାନେ ଜାମର୍ ବ୍ୟବହାର କରି ଉପଭୋକ୍ତାମାନେ କାଢୁଥିବା ଟଙ୍କା ପରବର୍ତ୍ତୀ ସମୟରେ ନେଇ ଯାଉଥିବା ଜାଣିବାକୁ ପାଇଥିଲେ। ଅଭିଯୁକ୍ତମାନେ ଧରାପଡ଼ିବା ପରେ ପୋଲିସ ଆଗରେ ଏଟିଏମରୁ ଟଙ୍କା ଲୁଟ୍ ଘଟଣାର ଡେମୋ ମଧ୍ୟ ଦେଖାଇଥିଲେ। ଘଟଣାସ୍ଥଳକୁ ବରଗଡ଼ ଏସଡ଼ିପିଓ ପଦରାବିନ୍ଦ ତ୍ରିପାଠୀ, ଟାଉନ ଥାନା ଆଇଆଇସି ସତ୍ୟଜିତ କଣ୍ଡାନକେଲ ପ୍ରମୁଖ ପହଞ୍ଚିଥିଲେ।

# ଜିଲାପାଳ ଅଫିସ ଆଗରେ ଅନଶନ

**ବରଗଡ଼,୧୮।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ହଲଦୀପାଲି ଗ୍ରାମର ରାଧାକୃଷ୍ଣ ମହାପ୍ରଭୁ ବିଜେ ନାମରେ ରେକର୍ଡ଼ଭୁକ୍ତ ଜମିକୁ ଦେବୋତ୍ତର କମିଶନରଙ୍କ ବିନା ଆଦେଶରେ କେତେଜଣ ଲୋକ ଜବରଦଖଲ କରୁଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ମହାପ୍ରଭୁଙ୍କ ପୂଜାର୍ଚ୍ଚନା ବ୍ୟୟ ଅଟକଳ ନିମନ୍ତେ ଆର୍ଥିକ ସମସ୍ୟା ସୃଷ୍ଟି ହେଉଛି। ଏଭଳି ଅଭିଯୋଗ କରି ହଲଦୀପାଲି ଗ୍ରାମର ନିରଞ୍ଜନ ପୂଜାରୀ ଜିଲାପାଳ ଅଫିସ ଆଗରେ ଆମରଣ ଅନଶନରେ ବସିଛନ୍ତି। ଅନଶନସ୍ଥଳରେ ତାଙ୍କ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହିଛନ୍ତି। ମହାପ୍ରଭୁଙ୍କ ନାମରେ ରହିଥିବା ଜମିକୁ ଜବରଦଖଲମୁକ୍ତ କରିବାକୁ ପୂଜାରୀ ନିବେଦନ କରିଛନ୍ତି। ଗତ ୯ତାରିଖରୁ ପୂଜାରୀ ଏ ନେଇ ଜିଲା ପ୍ରଶାସନରୁ ଅବଗତ କରିଥିଲେ। ମାତ୍ର ତାଙ୍କ ଦାବି ନେଇ କିଛି ପଦକ୍ଷେପ ନିଆ ନଯିବାରୁ ସେ ଅନଶନରେ ବସିଥିବା କହିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ପାଇଁ ସ୍ଥାନୀୟ ସରକାରୀ ଡାକ୍ତରଖାନାର ଡାକ୍ତର ପହଞ୍ଚି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅପରପକ୍ଷେ ଖବର ଲେଖା ହେବା ସୁଦ୍ଧା(ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ) ପୂଜାରୀଙ୍କ ଅନଶନ ଜାରି ରହିଥିବା ସୂଚନା ମିଳିଛି।



ଜିଲାପାଳ ଅଫିସ ଆଗରେ ଅନଶନ ଚାଲିଛି।

## କଫ୍ ସିରଫ ଜବତ: ଜଣେ ଗିରଫ

**ପଦ୍ମପୁର, ୧୮।୧୦ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ଆଦର୍ଶ ଥାନା ପକ୍ଷରୁ ବେଆଇନ ନିଶାଦ୍ରବ୍ୟ ବ୍ୟବସାୟକୁ ବନ୍ଦ କରିବାକୁ ପ୍ରୟାସ ଜାରି ରହିଛି। ସବ ଇନ୍ସପେକ୍ଟର ଏ ଖେସ ଓ ସହକର୍ମୀ ପାଟ୍ରୋଲିଂ କରୁଥିବା ବେଳେ କଟଙ୍ଗପାଲି ଗ୍ରାମର ଅଶୋକ ଚାନ୍ଦକୁ ଅଟକ ରଖିଥିଲେ। ତାଙ୍କ ପାଖରୁ ୨୭ବୋତଲ ଏସକଫ ସିରଫ, ୫ ଷ୍ଟ୍ରିପ ନାଇଟ୍ରୋସେନ ବଟିକା, ୫ ଲିଟର କଫସିରଫ ମିଶ୍ରଣ ଜବତ କରିଥିଲେ। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ରେଳ ସଂଘର୍ଷ ସମିତିର ସମ୍ବର୍ଦ୍ଧନା ସମାରୋହ



ସମ୍ବର୍ଦ୍ଧନା ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

**ବରଗଡ଼,୧୮।୧୦(ପ୍ରେମାନନ୍ଦ ଖମାରୀ)**

ରାୟପୁର-ବରଗଡ଼ ରେଳପଥ ନିର୍ମାଣ ପାଇଁ ବରଗଡ଼ କଟାପାଲି ଗ୍ରାମ ନିକଟରେ ଡ୍ରୋନ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ସମ୍ବର୍ଦ୍ଧନା ସଭାରେ ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗଦେଇ କହିଥିଲେ ଛତିଶଗଡ଼ ଏବଂ ଓଡ଼ିଶା ମଧ୍ୟରେ ନିବିଡ଼ ସମ୍ପର୍କ ରହିଛି। ବରଗଡ଼, ରାୟପୁର ଭାୟା ସୋହେଲା, ସରେଇପାଲି ଦେଇ ଟ୍ରେନ ଚଳାଚଳ କଲେ ଦୁଇ ରାଜ୍ୟର ବ୍ୟବସାୟିକ, ସାମାଜିକ ଏବଂ ପାରିବାରିକ ସମ୍ପର୍କ ଅଭିବୃଦ୍ଧି ଘଟିବ। ବରଗଡ଼ ରେଳ ଉପଭୋକ୍ତା ସଂଘ ଏବଂ ବରିଷ୍ଠ ନାଗରିକ ସଂଘ ଏହି ବିକାଶମୁଖୀ କାର୍ଯ୍ୟରେ ଅଗ୍ରଣୀ ଭୂମିକା ଗ୍ରହଣ କରିବେ ବୋଲି ତାଙ୍କ ଦୃଢ଼ ବିଶ୍ୱାସ ରହିଛି ବୋଲି ବିଧାୟକ ଆଚାର୍ଯ୍ୟ କହିଥିଲେ। ଉତ୍ସବରେ ବିଧାୟକ ଆଚାର୍ଯ୍ୟ ଏବଂ ସାଂସଦ ଚୁନିଲାଲ ସାହୁ(ମହାସମୁନ୍ଦ)ଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କେନ୍ଦ୍ରୀୟ କମିଟି ସଂଯୋଜକ ଦିଲ୍ଲୀପ ଗୁପ୍ତା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସାଂସଦ ସାହୁ କହିଥିଲେ ପଶ୍ଚିମ ଓଡ଼ିଶା ସହିତ ବରଗଡ଼ର ଐତିହାସିକ ପୃଷ୍ଠଭୂମିକୁ ଯୋଡ଼ି ଛତିଶଗଡ଼ର ସାଂସ୍କୃତିକ ଏବଂ ସାମାଜିକ କାର୍ଯ୍ୟକଳାପରେ ସେ ପୂର୍ଣ୍ଣ ସମ୍ପୃକ୍ତ ଅଛନ୍ତି। ଏଣୁ ଏ ମାଟି ଚିର ନମସ୍ୟ ଏବଂ ବରଗଡ଼ ରେଳ ସଂଘର୍ଷ ସମିତି କର୍ମକର୍ତ୍ତାଙ୍କ କର୍ମଠ, ଉତ୍ସାହିତ ଉଦ୍ୟମ ସମସ୍ତଙ୍କୁ ପ୍ରେରଣା ଯୋଗାଇବ ବୋଲି ସେ କହିଥିଲେ।

କେନ୍ଦ୍ରୀୟ କମିଟି ସଂଯୋଜକ ଅଭିଜିତ ପ୍ରତିହାର ନୂତନ ଗଠିତ ବରଗଡ଼ ଶାଖାର ମୁଖ୍ୟ ସଂଯୋଜକ ଗୋବିନ୍ଦ ଦାଶ ଏବଂ ସଂଯୋଜକ କେଦାର ମିଶ୍ରଙ୍କ ସମେତ ଅନ୍ୟ ସଭ୍ୟଙ୍କ ନାମ ଘୋଷଣା କରିଥିଲେ। ସଭାରେ ବରଗଡ଼ ରେଳ ଉପଭୋକ୍ତା ସଂଘ, ବରିଷ୍ଠ ନାଗରିକ ସଂଘ, ସୋହେଲା ଶାଖା, ସରେଇପାଲି ଶାଖା ଏବଂ କଟାପାଲି ଗ୍ରାମର ପ୍ରାୟ ୮୦ଜଣ ସଭ୍ୟ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରମୋଦ ଝାଙ୍କର ମଞ୍ଚାସୀନ ଅତିଥିଭାବେ ଯୋଗଦେଇ ଥିବାବେଳେ ମୁକ୍ତା ସାହୁ, ଭାରତ ଦାଶ, ନିର୍ମଳ କର, ଦେବୀ ପଟ୍ଟନାୟକ, ତୁଳସୀ ଚରଣ ଦାଶ, ସ୍ୱାଧୀନ ମହାରଣା, ପବିତ୍ର ସରାଫ, ହରଦୀପ ସିଂ, ଗିରିଜେଶ ଖାଡ଼ାଙ୍ଗା, ଅଚ୍ୟୁତାନନ୍ଦ ଭୋଇ, ବଲବୀର ସିଂ, ହଲଧର ସାହୁ, ଅନୀଲ ଅଗ୍ରୱାଲ, ମହେନ୍ଦ୍ର ପ୍ରଧାନ, ଶେଷଦେବ ମହାପାତ୍ର, ପପୁନ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ରୀୟ କମିଟିର ଉପାଧ୍ୟକ୍ଷ ସର୍ଦ୍ଦାର ପ୍ରୀତମ ସିଂ ଧନ୍ୟବାଦ ଦେଇଥିଲେ।

# ଅମ୍ବାଭୋନାରେ ସୁରଭି କାର୍ଯ୍ୟକ୍ରମ

**ଅମ୍ବାଭୋନା,୧୮।୧୦(ଛନ୍ଦାଚରଣ ପ୍ରଧାନ)**

ବରଗଡ଼ ଜିଲା ଅମ୍ବାଭୋନା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସୁରଭି ଓଡ଼ିଶା ମିଲେଟ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅମ୍ବାଭୋନା ପଞ୍ଚାୟତ ସମିତି ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଆୟୋଜିତ ସଭାରେ ଅମ୍ବାଭୋନା ବ୍ଲକ ଶିକ୍ଷା ଅଧିକାରୀ ଭାବନା ସାହୁ ଅଧ୍ୟକ୍ଷତା କରିଥିଲେ। ବ୍ଲକ କଲୋନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସଭାପତି ମୋହନ ସିଂ ପଟେଲ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଭୁକ୍ତା ସରପଞ୍ଚ ବଲରାମ ଦିଶର, ବ୍ଲକ କୃଷି ଅଧିକାରୀ ବନମାଳୀ ସାହୁ, ମିଲେଟ୍ସ ବ୍ଲକ ସଂଯୋଜକ ଅମିନ ପାଣିଗ୍ରାହୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଲାଲମୋହନ ସିଂ, ଶିକ୍ଷଣ ପ୍ରଶିକ୍ଷଣ ଓ ପ୍ରତିଷ୍ଠାନର ଜନକ ସେଟ୍ ପ୍ରମୁଖ ମଞ୍ଚାସୀନ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ଭୁକ୍ତ ସରପଞ୍ଚ ଦିଶର, ଜିଲା ପରିଷଦ ସଭ୍ୟା ନୀଲକୁମାରୀ ନାୟକ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସିଂ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ବ୍ଲକର ୯କ୍ଲଷ୍ଟରରୁ ମନୋନୀତ ପ୍ରତିଯୋଗୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।





ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

# ମହିଳା କର୍ମଚାରୀଙ୍କ ସୁରକ୍ଷାକୁ ଗୁରୁତ୍ୱ

**ବରଗଡ଼,୧୮।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ବୁଧବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବିଭୁ କଲ୍ୟାଣ ପାଢ଼ିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମହିଳାମାନଙ୍କୁ କାର୍ଯ୍ୟସ୍ଥଳୀରେ ଯୌନ ଶୋଷଣ ବିରୋଧରେ ସୁରକ୍ଷା ଦେବା ଉପରେ ଗୁରୁତ୍ୱାରୋପ କରାଯିବ ସହିତ ପିଓଏସଏଚ୍ ଆକ୍ଟ ଉପରେ ଆଲୋକପାତ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା, ବିଚାରପତି ସୁଶ୍ରୀ ମଧୁସ୍ମିତା, ଆର୍ଯ୍ୟା ଐଶ୍ୱର୍ଯ୍ୟା ଆଚାର୍ଯ୍ୟ, ରିମାଣ୍ଡ୍ ଆଡ଼ଭୋକେଟ୍ କିରଣ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ୧୦ରୁ ଅଧିକ କର୍ମଚାରୀ ଥିବା ପ୍ରତ୍ୟେକ ସରକାରୀ, ବେସରକାରୀ କାର୍ଯ୍ୟାଳୟରେ ପିଓଏସଏଚ୍ ଆକ୍ଟ ଅନୁଯାୟୀ ଇଣ୍ଟରନାଲ କମ୍ପ୍ଲେନ କମିଟି(ଆଇସିସି) ଗଠନ ପାଇଁ ଏବଂ ଏହାଠାରୁ କମ୍ ଥିବା କାର୍ଯ୍ୟସ୍ଥଳୀରେ ଲୋକାଲ କମ୍ପ୍ଲେନ କମିଟି(ଏଲସିସି) ନିକଟରେ ଅଭିଯୋଗ କରିବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ପାଢ଼ୀ ପରାମର୍ଶ ଦେଇଥିଲେ। କୌଣସି ଅଭିଯୋଗ ଆସିଲେ କମିଟି ୯୦ଦିନ ମଧ୍ୟରେ ଏହାର ଅନୁସନ୍ଧାନ କରି ଦୋଷୀ ପ୍ରମାଣିତ ହେଲେ ୬୦ଦିନ ମଧ୍ୟରେ ଦଣ୍ଡ ବିଧାନ ବ୍ୟବସ୍ଥା ରହିଥିବା ସୂଚନା ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କୌଣସି କାର୍ଯ୍ୟାଳୟରେ ମହିଳା କର୍ମଚାରୀ ଯୌନ ଶୋଷଣର ଶିକାର ହେଲେ ଡରି ନ ଯାଇ ସଚେତନଭାବେ ଅଭିଯୋଗ କରିବା ଏବଂ ସୁରକ୍ଷିତଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା।



ସଚେତନତା କାର୍ଯ୍ୟକ୍ରମରେ ବିଚାରପତି, ଅଧିକାରୀବୃନ୍ଦ।

# ପ୍ରତିଭା ବିକାଶରେ ସୁରଭି ଅଭିନବ ପ୍ରୟାସ

**ବରଗଡ଼,୧୮।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଏବଂ ସ୍ଥାନୀୟ ପୌରାଞ୍ଚଳ ପାଇଁ ସ୍ଥାନୀୟ ବାଳିକା ଉଚ୍ଚବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସୋହେଲା ବ୍ଲକ ଶିକ୍ଷା ଅଧିକାରୀ ଅମୃତା ସାହୁ, ଜର୍ଜ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା, ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କପିଳେଶ୍ୱର ରଥ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଦିଲ୍ଲୀପ ମେହେର, ଲଳିତା ପ୍ରଧାନ ପ୍ରମୁଖ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ବରଗଡ଼ ବ୍ଲକର ବିଭିନ୍ନ କ୍ଲଷ୍ଟରରେ ଆୟୋଜିତ ସୁରଭି ପ୍ରତିଯୋଗିତାରେ ମନୋନୀତ ପ୍ରତିଯୋଗୀ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ଉଦ୍‌ଯାପନୀ ସମାରୋହରେ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସୁରଭି ଏକ ଅଭିନବ କାର୍ଯ୍ୟକ୍ରମ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ପୌରାଧ୍ୟକ୍ଷା କଳ୍ପନା ମାଝୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ।



ବିଜେପୁରରେ ଆୟୋଜିତ ସୁରଭି କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରିଥିବା ଛାତ୍ରୀମାନେ।

ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ନମିତା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଲଳିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ବିଜେପୁର ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ମିଲେଟ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଏନଏସି ଅଧ୍ୟକ୍ଷତା ସୀତା ବାରିକ ମୁଖ୍ୟ ଅତିଥି, ଭାଜପା କୃଷକ ମୋର୍ଚ୍ଚା ପୂର୍ବତନ ସଭାପତି ହଳପାଣି ମାଝୀ, ବିଆରସିସି ଦିବାକର ବରିହା, ମିଲେଟ୍ସ ମିଶନର ବ୍ଲକ ସଂଯୋଜକ ରବି ରଣା, ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ମନୋଜ ବେହେରା ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ସିଆରସିସି ସୁଧାଂଶୁ ଶେଖର ଜାଲ ଅତିଥି ପରିଚୟ, ସିଆରସିସି ବାସୁଦେବ ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆୟୋଜିତ ସୁରଭି, ମିଲେଟ୍ସର ୨୮ବିଭାଗରେ ଆୟୋଜିତ ପ୍ରତିଯୋଗିତାରେ ବ୍ଲକର ୧୨କ୍ଲଷ୍ଟରର ଶ୍ରେଷ୍ଠ ପ୍ରତିଯୋଗୀମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ବିଇଓ ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ହସ୍ତତନ୍ତ ଓ ବୟନ ଶିଳ୍ପମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ମୋତିରାମ ସାହୁ, ବ୍ଲକ କୃଷି ଅଧିକାରୀ ପ୍ରାଣବନ୍ଧୁ ସାହୁ, ବିଆରସିସି ଦିବାକର ବରିହା, ସୁଶାନ୍ତ କୁମାର ପାଣ୍ଡେ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବ୍ଲକରେ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ତଥା ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଁ ମନୋନୀତ ୪ଛାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ବିଜେପୁର ନିର୍ବାଚନ ମଣ୍ଡଳୀର ୧୬୦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୫-ଟି ସ୍କୁଲରେ ରୂପାନ୍ତରିତ କରାଯିବ ବୋଲି ମନ୍ତ୍ରୀ ସାହୁ ଘୋଷଣା କରିଥିଲେ ।

## ସଂକ୍ଷେପରେ

### ଚୋରି ପ୍ରତିକାର ପାଇଁ ଜଗଦାବାସୀଙ୍କ ପଦକ୍ଷେପ

ରାଉରକେଲା,୧୮।୧୦(ସଙ୍ଗୀତା ଜେନା): ଗତ ୨ ମାସ ମଧ୍ୟରେ ଝିରପାଣି ଥାନା ଅନ୍ତର୍ଗତ ଜଗଦା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚୋରି ଉଦ୍ୟମ ଜାରି ରହିଛି। ଜଗଦାସ୍ଥିତ ଉତ୍କଳ ବିହାର ମାର୍ଗ ଅଞ୍ଚଳରେ ଗ୍ରୀଲ କାଟି ଏବଂ ବନ୍ଦ ଘରୁ ଚୋରି ହୋଇଥିବା ଅନେକ ଏତଲା ଥାନାରେ ହୋଇଛି। ଏପରିକି ଥାନାରେ ଏହାର ସ୍ଥାୟୀ ପ୍ରତିକାର ଗ୍ରହଣ କରିବାକୁ ଦାବି ମଧ୍ୟ କରାଯାଇଥିଲା। ଝାଡ଼ଖଣ୍ଡ ଓ ଓଡ଼ିଶା ସୀମାବର୍ତ୍ତୀ ଅଞ୍ଚଳ ଜଗଦାରେ ବାରମ୍ବାର ଝାଡ଼ଖଣ୍ଡର ଚୋରଙ୍କ ଉତ୍ପାତ ଦେଖିବାକୁ ମିଳୁଛି। ଉକ୍ତ ଅପରାଧିକ ଘଟଣାକୁ ନିୟନ୍ତ୍ରଣ କରିବାକୁ ଉତ୍କଳ ବିହାର ମାର୍ଗର ୯୦ଟି ଘରର ଲୋକେ ଏକ କମିଟି ଗଠନ କରି ସୁରକ୍ଷା ଭାର ଉଠାଇଛନ୍ତି। ଏହି କମିଟିର ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ଘରୁ ଚାନ୍ଦା ସଂଗ୍ରହ କରି ୨ଜଣ ଜଗୁଆଳି ଅଞ୍ଚଳର ତଦାରଖ କରିବେ। ରାତି ୧୧ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ୨ଜଣ ଜଗୁଆଳି ନିରନ୍ତର ପହରା ଦେବେ। ଅଞ୍ଚଳବାସୀ ଘରମାନଙ୍କରେ ସିସିଟିଭି ଓ ଅନ୍ୟ ସୁରକ୍ଷା ସାମଗ୍ରୀ ସହ ସଜାଗ ରହିବେ। ଜନଶୂନ୍ୟ ଓ ବିଳମ୍ବିତ ରାତିରେ ଘରର ଲୋକମାନେ ତଦାରଖ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଏହା ସହ ସ୍ଥାନୀୟ ପୋଲିସ ସହ ସମନ୍ୱୟ ରକ୍ଷା କରି ସମସ୍ତ ସନ୍ଦେହଜନକ ଘଟଣା ପରିପ୍ରକାଶ କରିବେ ଆଦି ଅନ୍ତର୍ଭୁକ୍ତ ରହିଛି। ଉକ୍ତ କମିଟିର ଆବାହିକା ହରପ୍ରିୟା ପଟ୍ଟନାୟକ, ଆଦିତ୍ୟ ତ୍ରିପାଠୀ, ରୋଜଲିନ୍ ରାଉତ, ମମତା ତ୍ରିପାଠୀ, ସବିତା ମହାରଣା, ବବିତା ସ୍ୱାଇଁ, ପ୍ରଶାନ୍ତ ପଣ୍ଡା, ବ୍ରହ୍ମାନନ୍ଦ ମିଶ୍ର, ଦୀପକ ସାହୁ, ଆଲୋକ ରାଉତରାୟ, କେସି ବାରିକ ସମେତ ଅନ୍ୟମାନେ ଏହାର ସୁରକ୍ଷା ଦାୟିତ୍ୱ ନିର୍ବାହ କରୁଛନ୍ତି।

### ବନ୍ଧମୁଣ୍ଡା ଉପଡ଼ାକଘରୁ ଚୋରି ମାମଲା, ଜଣେ ଗିରଫ

ରାଉରକେଲା,୧୮।୧୦(ସଙ୍ଗୀତା ଜେନା): ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ବନ୍ଧମୁଣ୍ଡାସ୍ଥିତ ଉପଡାକଘରୁ ଗତ ୪ ତାରିଖ ମଧ୍ୟ ରାତ୍ରିରେ କେହି ଦୁର୍ବୃତ୍ତ ଆଜବେଷ୍ଟସ ଭାଙ୍ଗି ମୋବାଇଲ ଓ ଅନ୍ୟ କିଛି ସାମଗ୍ରୀ ଚୋରି କରି ନେଇଥିଲେ। ଏ ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରି ବୁଧବାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ଛତିଶଗଡ଼ ଦିମାପୁରର ପାପି ଚୌହାନ୍(୩୭)। ତାଙ୍କଠାରୁ ଚୋରି ୩ଟି ମୋବାଇଲ ଜବତ ହୋଇଛି।

### ଝାଡ଼ଖଣ୍ଡ ମାର୍କେଟରୁ ମୋବାଇଲ୍ ଚୋରି ଉଦ୍ୟମ, ଜଣେ ଗିରଫ

ରାଉରକେଲା,୧୮।୧୦(ସଙ୍ଗୀତା ଜେନା): ସେକ୍ଟର-୧୯ ଥାନା ଅନ୍ତର୍ଗତ ଝାଡ଼ଖଣ୍ଡ ମାର୍କେଟରେ ବୁଧବାର ସକାଳେ ଜଣେ ଯୁବକ ମୋବାଇଲ ଚୋରି କରୁଥିବା ବେଳେ ଧରାପଡ଼ି ନିସ୍ଥୁକ ମାଡ଼ ଖାଇଥିଲେ। ତାଙ୍କଠାରୁ ମୋବାଇଲ ଜବତ କରାଯାଇଥିଲା। ଥାନା ଜିମାରେ ଉକ୍ତ ଯୁବକଙ୍କୁ ଲୋକେ ଦେଇଥିଲେ। ଅଭିଯୁକ୍ତ ହେଉଛନ୍ତି ମହମ୍ମଦ ରିଜୱାନ।



ମୁକ୍ତା ଯୋଜନାର କାର୍ଯ୍ୟାଦେଶ ଲାଭ କରିଥିବା ଏସ୍ଏଚ୍‌ଜି ମହିଳାଙ୍କ ସହିତ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ।

# ତୃଣମୂଳସ୍ତରରେ ଶ୍ରମିକଙ୍କ ହେବ ଆର୍ଥିକ ସମୃଦ୍ଧି

**ମୁକ୍ତା ଯୋଜନାଭୁକ୍ତ ୧୬୧ ପ୍ରକଳ୍ପ ମହିଳାଙ୍କ ହାତମୁଠାକୁ କରିବ ଟାଣ**

ରାଉରକେଲା,୧୮।୧୦(ବିପ୍ଳବରଞ୍ଜନ ଦାଶ)

ଓଡ଼ିଶା ସହାରାଞ୍ଚଳ ସର୍ବାଙ୍ଗୀନ ବିକାଶ ଓ ଉନ୍ନତି ସହିତ ସହରାଞ୍ଚଳ ଶ୍ରମିକମାନଙ୍କୁ ଆତ୍ମନିର୍ଭରଶୀଳ କରାଇବାର ମହତ ଉଦ୍ଦେଶ୍ୟ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାରା ରାଜ୍ୟର ସମସ୍ତ ସହରାଞ୍ଚଳରେ କର୍ମ ତତ୍ପର ଅଭିଯାନ ମୁତାବକ ମୁକ୍ତା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏ ପରିପ୍ରେକ୍ଷୀରେ ରାଉରକେଲା ସହରରେ ମହତ ଯୋଜନାକୁ ଅଧିକ ବ୍ୟାପ୍ତ କରିବା ନେଇ ଯୋଜନାରେ ୧୬୧ଟି ପ୍ରକଳ୍ପକୁ ସାମିଲ କରିବା ସହ ପ୍ରକଳ୍ପରେ ସ୍ଥାନୀୟ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀମାନଙ୍କୁ ସାମିଲ କରି ସମସ୍ତଙ୍କୁ ଅଧିକ ଆର୍ଥିକ ସ୍ୱାବଲମ୍ବୀ କରିବାର ପଥ ଉନ୍ମୁକ୍ତ କରିଛନ୍ତି। ମଙ୍ଗଳବାର କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଶ୍ରମ ଓ କର୍ମଚାରୀ ବୀମା ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଯୋଜନା କେବଳ ରାଉରକେଲା ଶ୍ରମିକଙ୍କ ପାଇଁ ନିଶ୍ଚିତ କର୍ମନିଯୁକ୍ତି ସୃଷ୍ଟି କରିଛି ତା'ନୁହେଁ, ତତ୍‌ସହିତ ମିଶନ ଶକ୍ତି ମହିଳାମାନଙ୍କ ହାତମୁଠାକୁ ଟାଣ କରିଛି ବୋଲି କହିଥିଲେ। ତୃଣମୂଳସ୍ତରରେ ଶ୍ରମିକଙ୍କ ହେବ ଆର୍ଥିକ ସମୃଦ୍ଧି। ତେବେ ୧୬୧ ପ୍ରକଳ୍ପ ପାଇଁ ମୋଟ ୧୨କୋଟି ୫୦ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ଏଥିରେ ସହର ସୌନ୍ଦର୍ଯ୍ୟକର, ଡ୍ରେନ, ପାର୍କ, ଶିଶୁ କ୍ରୀଡା ଉଦ୍ୟାନ, ବୃକ୍ଷରୋପଣ, ପରିସ୍ରାଗାର, ସ୍ମାର୍ଟସ୍କୁଲର ରୂପାନ୍ତରଣ, କମ୍ୟୁନିଟି ସେଣ୍ଟର, ଖୋଲା ସ୍ଥାନର ଉନ୍ନତିକରଣ, ଜଳାଶୟ ପୁନରୁଦ୍ଧାର,ପବ୍ଲିକ ଜିମ, ଭେଣ୍ଡିଙ୍ଗ ଜୋନ ପ୍ରମୁଖ ଲୋକକଲ୍ୟାଣ ପ୍ରକଳ୍ପ ଅନ୍ତର୍ଭୁକ୍ତ ରହିଛି। ଏହି ୧୬୧ଟି ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟ ସ୍ୱୟଂ ସହାୟକ ମହିଳା ଏବଂ ବସ୍ତି ଉନ୍ନୟନ ସଂଘ ମାଧ୍ୟମରେ କାର୍ଯ୍ୟକାରୀ ହେବା ନିର୍ଦ୍ଧାରିତ କରିଛନ୍ତି ଓଡିଶା ସରକାର। ତେବେ ମଙ୍ଗଳବାର ଏହି କାର୍ଯ୍ୟାଦେଶ ପ୍ରଦାନ କାର୍ଯ୍ୟକ୍ରମରେ ରାଉରକେଲା ଅତିରିକ୍ତ ଜିଲାପାଳ ତଥା ଆରଏମ୍‌ସି ଆୟୁକ୍ତ ଡା. ଶୁଭଙ୍କର ମହାପାତ୍ରଙ୍କ ସହିତ ଆରଏମସି ଉପାୟୁକ୍ତ ସୁଧାଂଶୁ ଭୋଇ, ସୀତାଦେବୀ ମାଝୀ, ରୋନିତ କୁମାର, ସୁକାନ୍ତ କୁମାର ବେହୁରୀଆ, ସହକାରୀ ଆୟୁକ୍ତ ନରେନ୍ଦ୍ର ପ୍ରଧାନ, ନିର୍ବାହୀ ଯନ୍ତ୍ରୀ ଅଜୟ ବେହେରାଙ୍କ ସମେତ ଆରଏମ୍‌ସି କର୍ମଚାରୀ ଓ ଶତାଧିକ ଏସଏଚଜି ମହିଳା ସମ୍ମିଳିତ ହୋଇଥିଲେ।

## ଏନ୍‌ଆଇଟିରେ ରୋବୋଟିକ୍ସ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ କର୍ମଶାଳା



ଛାତ୍ରୀଛାତ୍ରଙ୍କ ଗହଣରେ ଏନ୍‌ଆଇଟି ନିର୍ଦ୍ଦେଶକ ଓ ଅନ୍ୟ ଅତିଥିବୃନ୍ଦ।

ରାଉରକେଲା,୧୮।୧୦(ସଙ୍ଗୀତା ଜେନା)

ବୁଧବାର ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ଓ କେନ୍ଦ୍ରୀୟ ଅନୁସନ୍ଧାନ ସୁବିଧା(ସିଆର୍‌ଏଫ୍) ମିଳିତ ଆନୁକୂଲ୍ୟରେ ରୋବୋଟିକ୍ସ, କୃତ୍ରିମ ବୁଦ୍ଧିମତା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଉଚ୍ଚ ଯନ୍ତ୍ରପାତି ପ୍ରଦର୍ଶିତ ଓ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଦିଲ୍ଲୀ ପବ୍ଲିକ ସ୍କୁଲ, ଦୀପିକା ଇଂରାଜୀ ସ୍କୁଲ, ଇସ୍ପାତ ଇଂରାଜୀ ସ୍କୁଲ, ଚିନ୍ମୟ ସ୍କୁଲ ରାଉରକେଲାର ପ୍ରାୟ ୮୮ ଛାତ୍ରୀଛାତ୍ର ରୋବୋଟିକ୍ସ, ୩ଡି ପ୍ରିଂଟିଙ୍ଗ ମେସିନ୍ ଓ ସେମାନଙ୍କର ମେକାନିଜିମ୍ ବିଷୟରେ ଅବଗତ ହେବା ପାଇଁ ଏହି କର୍ମଶାଳାରେ ଯୋଗ ଦେଇଥିଲେ। ସିଆରଏଫ୍‌ର ସଂଯୋଜକ ପ୍ରଫେସର ଦୟାଲ ରଞ୍ଜନ ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏନ୍‌ଆଇଟି ରାଉରକେଲା ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ୍ , ସଂଯୋଜକ ରୁଦ୍ରନାରାୟଣ କାଣ୍ଡି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହ ସମସ୍ତ ଆଧୁନିକ ବିଜ୍ଞାନ ଉପକରଣ ଦେଖିବା ସୁଯୋଗ ମିଳିଥିବା କହିଥିଲେ। ଏନ୍‌ଆଇଟି ରାଉରକେଲା ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଏହି ପରିପ୍ରେକ୍ଷୀରେ କହିଲେ, ଏନ୍‌ଆଇଟି ରାଉରକେଲାର ବିଶେଷଜ୍ଞ କର୍ମଚାରୀଙ୍କ ମାର୍ଗଦର୍ଶନରେ ଛାତ୍ରୀଛାତ୍ର ପ୍ରକୃତ ବିଜ୍ଞାନଭିତ୍ତିକ ପରୀକ୍ଷଣ କରିବାର ସୁଯୋଗ ଲାଭ କରିପାରିବେ। ଉଦ୍‌ଘାଟନୀ ଅଧିବେଶନରେ ସଂଯୋଜକ ପ୍ରଫେସର ପ୍ରୀତି ଖତ୍ରୀ, ଅମୃତା ସିଂ, ଇରୁବ ନାଥ, ଅର୍ଣ୍ଣବ ସରକାର, ତୁଷାର ଗୁପ୍ତା, ଭରତ କୁମାର, ବିମଳେନ୍ଦୁ ଅଧିକାରୀ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସହସଂଯୋଜିକା ସ୍ମୃତିଶିଖା ବଳ ଧନ୍ୟବାଦ ପ୍ରଦାନ କରିଥିଲେ। ରୋବୋଟିକ୍ସ ରିସର୍ଚ୍ଚ ଲ୍ୟାବ ପରିଦର୍ଶନ ଓ ମଲ୍‌ଟିପ୍ରପୋଜ୍ ଏକ୍ସରେ, ଡିଫ୍ରାକ୍ସନ ସିଷ୍ଟମ, ମାଇକ୍ରୋ ର୍ୟାମନ ସ୍ପେକ୍ଟ୍ରୋମିଟର, ସ୍କାନିଂ ଇଲେକଟ୍ରୋନ ମାଇକ୍ରୋସ୍କୋପ, ତରଳ ନାଇଟ୍ରୋଜେନ୍ ଉତ୍ପାଦନ ସିଷ୍ଟମ ଏବଂ ପରମାଣୁ ଅବଶୋଷ ସ୍ପେକ୍ଟ୍ରୋମେରେଟ୍ ଭଳି ଉଚ୍ଚ ଯନ୍ତ୍ରପାତିର ଏକ୍ସପୋଜର ଅନ୍ତର୍ଭୁକ୍ତ ହୋଇଥିଲା ଉକ୍ତ ପ୍ରଦର୍ଶନରେ।

## କଦମ୍ବମୁଣ୍ଡା ଶ୍ମଶାନ ଜମି ଜବରଦଖଲ ମାମଲାରେ ଗ୍ରାମବାସୀ-ଉପଜିଲାପାଳ ଆଲୋଚନା

ରାଉରକେଲା,୧୮।୧୦(ବିପ୍ଳବରଞ୍ଜନ ଦାଶ)

କଦମ୍ବମୁଣ୍ଡା ଗ୍ରାମ ଶ୍ମଶାନ ଜମି ବିବାଦ ମାମଲା ନେଇ ରାଉରକେଲା ପାନପୋଷ ଉପଜିଲାପାଳଙ୍କ ସହିତ ବିଚାର ବିମର୍ଶ କରିଛନ୍ତି କଦମ୍ବମୁଣ୍ଡା ଗ୍ରାମବାସୀ। କୁଆଁରମୁଣ୍ଡା ବ୍ଲକ ଟୁନସୁର ଗ୍ରାମପଞ୍ଚାୟତ ଅଧିନସ୍ଥ କଦମ୍ବମୁଣ୍ଡା ଗ୍ରାମବାସୀଙ୍କ କହିବା ମତେ ଶ୍ମଶାନ ଜମିକୁ ଗ୍ରାମର ଜନୈକ ବ୍ୟକ୍ତି ଓ ତାଙ୍କର ଭାଇମାନେ ମିଶି ଜବରଦଖଲ କରିଛନ୍ତି। ଏନେଇ ଗ୍ରାମବାସୀ ଥାନା, ତହସିଲ କାର୍ଯ୍ୟାଳୟ ଏବଂ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ। ଏହା ସହିତ ଗ୍ରାମୀଣ ଶ୍ମସାନ ଜମିକୁ ଅକ୍ତିଆର କରୁଥିବା ବ୍ୟକ୍ତି ବିଶେଷଙ୍କ ସହିତ ବିଚାର ବିମର୍ଷ ମଧ ହେଲା। ହେଲେ ଫଳ କିଛି ହୋଇ ନ ଥିଲା। ତେବେ ଉପଜିଲାପାଳଙ୍କ ନିକଟରେ ସ୍ଥାନୀୟ କଦମ୍ବମୁଣ୍ଡା ଗ୍ରାମବାସୀ ସାକ୍ଷାତ କରିବା ସହିତ ସମସ୍ତ ତଥ୍ୟ ସହ ନିଜର ବିଚାର ଉପସ୍ଥାପନ କରିଥିବାବେଳେ ଆସନ୍ତା ୧୭ତାରିଖ କଦମ୍ବମୁଣ୍ଡା ଶ୍ମସାନ ଭୂଇଁ ଜମି ବିବାଦ ମାମଲାର ଅନ୍ତିମ ବିଚାର ହେବ ବୋଲି ଉପଜିଲାପାଳ ଦର୍ଶାଇଥିବା କଦମ୍ବମୁଣ୍ଡା ଗ୍ରାମବାସୀ ଉଲ୍ଲେଖ କରିଛନ୍ତି।

## ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀବାସୀ ଆରଏମ୍‌ସି ଦ୍ୱାରସ୍ଥ

ରାଉରକେଲା,୧୮।୧୦(ବିପ୍ଳବରଞ୍ଜନ ଦାଶ)

ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀରେ ରହୁଥିବା ଲୋକଙ୍କୁ ସରକାରୀ ଯୋଜନାରେ ସାମିଲ କରାଯିବା ନେଇ ବୁଧବାର ସ୍ଥାନୀୟ ନିର୍ବାଚନ ମଣ୍ଡଳୀର ଜନସାଧାରଣ ଆରଏମ୍‌ସିର ଦ୍ୱାରସ୍ଥ ହୋଇଛନ୍ତି। ଏଥି ସହିତ ରାଉରକେଲା ମହାନଗର ନିଗମର ଉପାୟୁକ୍ତ ସୁଧାଂଶୁ ଭୋଇଙ୍କୁ ସାକ୍ଷାତ କରିବା ସହିତ ସରକାରଙ୍କ ଦ୍ୱାରା ପାରିତ ହୋଇଥିବା ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ଥିବା ଦର୍ଶାଇଛନ୍ତି। ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀବାସୀଙ୍କର ହକ ଦାବିକୁ ନେଇ ରଘୁନାଥପାଲ୍ଲୀ ପ୍ରାକ୍ତନ ବିଧାୟକ ପ୍ରାର୍ଥି ପ୍ରଶାନ୍ତ ସେଠୀ ଲୋକଙ୍କ ସହିତ ସାମିଲ ହୋଇ ଏନେଇ ବିଭାଗୀୟ ଅବହେଳାକୁ ଦାୟୀ କରିଥିଲେ। ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀର ଲକ୍ଷ୍ମୀ ଶତପଥି, ସବିତା ମୁଦୁଲୀ, ସରସ୍ୱତୀ ବାରିକ, ବନିତା ପାଲ, ଲକ୍ଷ୍ମୀ ପ୍ରୀୟା ବେହେରା, ଅନ୍ନପୂର୍ଣ୍ଣା ଦଳାଇ, ଅଳି ପାଲ, ଚନ୍ଦ୍ର ମଣ୍ଡଳ, ଉଷାରାଣୀ କୁମ୍ଭାର, ରୁକ୍ମଣୀ ପ୍ରଧାନ, ବିଜୟୀ ନାଗ, ରିଙ୍କି ନାୟକ ପ୍ରମୁଖ ମହିଳାଙ୍କ ସହିତ ବାବୁ ମହାନ୍ତି, ସରୋଜ ନାୟକ, ବିଶ୍ୱରଞ୍ଜନ ରାଉତ ପ୍ରମୁଖ ସରକାରୀ ଯୋଜନାରେ ତୁରନ୍ତ ସାମିଲ କରିବାକୁ ଦାବି ଉଠାଇଛନ୍ତି।

## ଆପୋଲୋ ସହ ରାଉରକେଲା ଇସ୍ପାତ ଟ୍ରଷ୍ଟର ସହଭାଗିତା ସ୍ୱାକ୍ଷର



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ରାଉରକେଲା,୧୮।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ଇସ୍ପାତ ଟ୍ରଷ୍ଟ ଏବଂ ଆପୋଲୋ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ବୁଧବାର ହସ୍ପିଟାଲର ପ୍ରେକ୍ଷାଳୟଠାରେ ଅତ୍ୟାଧୁନିକ ଇସ୍ପାତ ପୋଷ୍ଟ ଗ୍ରାଜୁଏଟ ଇନଷ୍ଟିଚ୍ୟୁଟ ଏବଂ ସୁପର ସ୍ପେଶାଲିଟି ହସ୍ପିଟାଲ କାର୍ଯ୍ୟକାରିତାକୁ ନେଇ ଆରଆଇଟି (ରାଉରକେଲା ଇସ୍ପାତ ଟ୍ରଷ୍ଟ) ଏବଂ ଆପୋଲୋ ମଧ୍ୟରେ ସହଭାଗିତା ସ୍ୱାକ୍ଷରିତ ହୋଇଯାଇଛି। ଏଥିରେ ରାଉରକେଲା ଇସ୍ପାତ କାରଖାନା ଏବଂ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ତଥା ଆରଆଇଟିର ପରିଚାଳନା ବୋର୍ଡର ଅଧକ୍ଷ ଅତନୁ ଭୌମିକ, ରାଉରକେଲା ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ଆପୋଲୋ ହସ୍ପିଟାଲ ଗ୍ରୁପ ସ୍ୱାସ୍ଥ୍ୟସେବା ବରିଷ୍ଠ ଉପସଭାପତି ଡକ୍ଟର ରୋହିଣୀ ଶ୍ରୀଧର, ଆପୋଲୋ ହସ୍ପିଟାଲ ଗ୍ରୁପର ବିତ ଓ ଲେଖା ବିଭାଗ ବରିଷ୍ଠ ଉପସଭାପତି ଡକ୍ଟର ଆର କୃଷ୍ଣ କୁମାର, ସୁନ୍ଦରଗଡ଼ ମୁଖ୍ୟ ଜିଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ଧରଣୀ ରଞ୍ଜନ ଶତପଥିଙ୍କ ସହିତ ଆପୋଲୋ ହସ୍ପିଟାଲ ଆଇପିଜିଆଇ ଓ ଏସଏସଏଚର ସିଓଓ ,ଅବସରପ୍ରାପ୍ତ କର୍ଣ୍ଣେଲ ଡକ୍ଟର ସଜଲ ସେନ ସମ୍ମିଳିତ ଥିଲେ। ସହଭାଗୀତା ସ୍ୱାକ୍ଷର କାର୍ଯ୍ୟକ୍ରମ ଅବସରରେ ଭୌମିକ କହିଥିଲେ ଯେ,ଆରଏସ୍‌ପି ସ୍ଥାପନା ହେବା ଦିନ ଠାରୁ ହିତାଧିକାରୀଙ୍କର ସ୍ୱାସ୍ଥ୍ୟ ଦିଗରେ ସର୍ବଦା ପ୍ରତିବଦ୍ଧତା ସହକାରେ ସେବା ପ୍ରଦାନ କରିଆସୁଛି। ଅତ୍ୟାଧୁନିକ ସେବା ପ୍ରଦାନ କରୁଥିବା ଆପୋଲୋ ହସ୍ପିଟାଲ ଇଣ୍ଟରପ୍ରାଇଜେସ ଲିମିଟେଡ ଉପରୋକ୍ତ ଡାକ୍ତରଖାନା ପରିଚାଳନା ଭାର ନ୍ୟସ୍ତ ହୋଇଛି ଯାହା ଅଞ୍ଚଳ ପାଇଁ ଆଶୀର୍ବାଦ ସଦୃଶ ସାବ୍ୟସ୍ତ ହେବ। ସୁପର ସ୍ପେଶାଲିଟି ଚିକିତ୍ସା ନିମନ୍ତେ ରୋଗୀମାନଙ୍କୁ ଆଗକୁ ଦୂରଦୂରାନ୍ତ ସ୍ଥାନକୁ ଯିବାର ଆବଶ୍ୟକତା ପଡ଼ିବ ନାହିଁ। ସୁଲଭ, ସୁଗମ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଡାକ୍ତରଖାନା ଏକ ଉତ୍କୃଷ୍ଟ ଉଦାହରଣ ସୃଷ୍ଟି କରିବ ବୋଲି ଦର୍ଶାଇଥିଲେ। ତେବେ ଆପୋଲୋ ହସ୍ପିଟାଲ ଇଣ୍ଟରପ୍ରାଇଜ ଲିମିଟେଡ ଦ୍ୱାରା ପରିଚାଳିତ ହେବାକୁ ଥିବା ୨୯୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶାଲିଟି ହସ୍ପିଟାଲ ମଧ୍ୟରେ ଏକାଧିକ ସୁପର ସ୍ପେଶାଲିଟି ଯଥା--କାର୍ଡିଆକ ସାଇନ୍ସ, ନ୍ୟୁରୋ ସାଇନ୍ସ, ଆଡଭାନ୍ସ ଅର୍ଥୋପେଡିକ୍ସ, ଅଙ୍କୋଲୋଜୀ ଓ ୟୁରୋଲୋଜୀ, ନେଫ୍ରୋଲୋଜୀ, କ୍ରିଟିକାଲ କେୟାର ଇତ୍ୟାଦି ସୁଲଭ ସେବା ଉପଲବ୍ଧ ହେବ। ୨୫ଜଣ ପୂର୍ଣ୍ଣକାଳୀନ କ୍ଲିନିକାଲ ବିଶେଷଜ୍ଞ ଟିମ୍ ରହିବେ। ବିଶେଷଜ୍ଞ ଦଳକୁ ସହଯୋଗ କରିବେ ଦକ୍ଷଶୀଳ ଡାକ୍ତର ଓ କୁଶଳୀ ନର୍ସିଙ୍ଗ କର୍ମଚାରୀ। ଏଥିସହିତ ଆୟୁଷ୍ମାନ ଭାରତ ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆଦି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବହୁମୁଖି ସ୍ୱାସ୍ଥ୍ୟ ଯୋଜନାର ସମ୍ପୂର୍ଣ୍ଣ ଲାଭ ପାଇବେ। ଏହା ବ୍ୟତିରେକ ସ୍ମାର୍ଟ ଡାକ୍ତରଖାନା ଓ ଉନ୍ନତ ଜରୁରୀକାଳୀନ ସେବା ମାଧ୍ୟମରେ ରୋଗୀଙ୍କୁ ତ୍ୱରିତ ଚିକିତ୍ସା ସେବା ପ୍ରଦାନ ନେଇ ଜିପିଏସ ଓ ସକ୍ଷମ ଉନ୍ନତତର ଲାଇଫ ସପୋର୍ଟ ଆମ୍ବୁଲାନ୍ସ ଅନ୍ତର୍ଭୁକ୍ତ ରହିଛି। ଯାହା ଆପୋଲୋ କେନ୍ଦ୍ରୀୟ ଜରୁରୀକାଳୀନ ନମ୍ବର--୧୦୬୬ ମାଧ୍ୟମରେ ବୁକ କରାଯିବା ନିର୍ଦ୍ଧାରିତ ଅଛି ବୋଲି କାର୍ଯ୍ୟକ୍ରମର ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଡାକ୍ତର ସଜଲ ସେଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଭ୍ୟନ୍ତରୀଣ ଅଡିଟ ବିଭାଗର ସିଜିଏମ ତଥା ପରିଚାଳନା ବୋର୍ଡ ସଦସ୍ୟ ଏନକେ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଆପୋଲୋ ହସ୍ପିଟାଲ ଏବଂ ଏହାର ଅତ୍ୟାଧୁନିକ ସ୍ୱାସ୍ଥ୍ୟସୁବିଧା ଉପରେ ଏକ କ୍ଷୁଦ୍ର ଭିଡିଓ ପ୍ରଦର୍ଶିତ ହୋଇଥିଲା।

## ରାଉରକେଲା ଏସ୍‌ସି,ଏସ୍‌ଟି ଅନୁଷ୍ଠାନ ପକ୍ଷରୁ ନୂଆଁଖାଇ ଜୁହାର ଉତ୍ସବ

ରାଉରକେଲା,୧୮।୧୦(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଏସ୍‌ସି/ଏସ୍‌ଟି ଯୁବ ଅନୁଷ୍ଠାନ ପକ୍ଷରୁ ସେକ୍ଟର-୬ ସି-ବ୍ଲକ ଅନୁଷ୍ଠାନ କାର୍ଯ୍ୟାଳୟ ପରିସରରେ ନୂଆଁଖାଇ ଜୁହାର ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାସ୍ତା ଓ ଗୃହ ବିଭାଗୀୟ ମୁଖ୍ୟନିର୍ବାହୀ ଯନ୍ତ୍ରୀ ମନୋଜ ମହାନନ୍ଦ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ରାଉରକେଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରବିକାନ୍ତ ସୁନା, ଉଦିତନଗର ଥାନା ଅଧିକାରୀ ରାମପ୍ରସାଦ ନାଗ, ସମାସେବୀ ପ୍ରଶାନ୍ତ ସେଠୀ, ଗୌରାଙ୍ଗ ନାଗ ଓ ମୁଖ୍ୟବକ୍ତା ଭାବରେ ସହରର ବରିଷ୍ଠ ସମାଜସେବୀ ଦିଲ୍ଲୀପ ଦୀପ ଯୋଗ ଦେଇଥିଲେ। ନୂଆଁଖାଇ ଜୁହାର ଉତ୍ସବ ଅବସରରେ ଅତିଥିମାନେ ଜାତି ବର୍ଣ୍ଣ ନିର୍ବିଶେଷରେ ନୂଆଁଖାଇର ମୁଖ୍ୟ ଉଦ୍ଦେଶ୍ୟ ଏକତାର ସୂତ୍ର ଓ ପଶ୍ଚିମ ଓଡିଶାର କଳା ସଂସ୍କୃତିର ବିକାଶ କ୍ଷେତ୍ରରେ ଯୁବବର୍ଗଙ୍କୁ ବ୍ରତୀ ହେବାକୁ ଦିଗଦର୍ଶନ ଦେଇଥିଲେ। ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ବିଶେଷ ଆକର୍ଷଣ ସାଜିଥିଲେ ଉଦୀୟମାନ ସୁନାମଧନ୍ୟ ସମ୍ବଲପୁରୀ କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢୀ। ଏଥିସହିତ ଆଶିଷ କୁମ୍ଭାର, ଆଶୀର୍ବାଦ ମହାନ୍ତି, ପ୍ରଫୁଲ୍ଲ ତାଣ୍ଡିଙ୍କ ସହିତ ମା' ଦୁର୍ଗା ମେଲୋଡି ଓ ରାଧେ ଗ୍ରୁପ ମେଲୋଡି ଗ୍ରୁପ କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ସଙ୍ଗୀତ ଭିତ୍ତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉତ୍ସବକୁ ଅନୁଷ୍ଠାନର ସାଧାରଣ ସମ୍ପାଦକ ମହେନ୍ଦ୍ର କୁମ୍ଭାର ପରିଚାଳନା କରିଥିଲେ।



ନୂଆଁଖାଇ ଜୁହାର ଉତ୍ସବରେ ସମ୍ବଲପୁରୀ କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢୀ ଓ ଅନ୍ୟମାନେ।

# ଚାଇନାର ମୈଟାନ ଟି ମ୍ୟୁଜିୟମରେ ଶୋଭାପାଇବେ ମା'




- ଇସ୍ପାତ ସହରରେ ଶାରଦୀୟ ଦଶହରାର ଧୁମ୍
- ଛେଣ୍ଡ୍ ଆର୍‌ଡିଏ କଲୋନୀ ଦୁର୍ଗାପୂଜା

ରାଉରକେଲା,୧୮।୧୦(ସଙ୍ଗୀତା ଜେନା)

ଶାରଦୀୟ ପାର୍ବଣରତୁର ଆଗମନ ହୋଇଛି। ଇସ୍ପାତ ସହର ଚଳଚଞ୍ଚଳ ହୋଇ ଉଠିଛି। ଭବ୍ୟ ତୋରଣ ଓ ଆକର୍ଷଣୀୟ ଆଲୋକମାଳାରେ ଚମକୁଛି ସହର। ସହରରେ କେନ୍ଦ୍ରୀୟ ପୂଜା କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୦୮ଟି ସ୍ଥାନରେ ମା'ଦୁର୍ଗତୀନାଶିନୀଙ୍କ ପୂଜା ଆୟୋଜିତ ହେଉଛି। ଷ୍ଟିଲ ଟାଉନଶିପ ଅନ୍ତର୍ଗତ ଛେଣ୍ଡ ଅଞ୍ଚଳରେ ପୂଜା ଆୟୋଜନ କରାଯାଉଛି। ସେଥିମଧ୍ୟରୁ ଛେଣ୍ଡ ଆର୍‌ଡିଏ କଲୋନୀ ମାର୍କେଟରେ ପୂଜା ୩୬ ବର୍ଷରେ ପଦାର୍ପଣ କରିଛି। ଏଠାରେ ଚାଇନାର ମୈଟାନ ଟି ମ୍ୟୁଜିୟମ ଆକୃତିର ତୋରଣରେ ମା' ପୂଜା ପାଇବେ। ପ୍ରାୟ ୮ଲକ୍ଷ ଟଙ୍କା ବଜେଟରେ ପୂଜା କରାଯାଉଛି। ହେଲେ ପୂଜାରେ ସବୁଠାରୁ ମୁଖ୍ୟ ପ୍ରତିବନ୍ଧକ ସାଜିଛି ଗହଳି ନିୟନ୍ତ୍ରଣ। ଏହା ସହରର ପ୍ରମୁଖ ସ୍ଥାନ ଓ ବିଶାଳ ମାର୍କେଟ ହୋଇଥିବାରୁ ପ୍ରବଳ ଗହଳି ହୋଇଥାଏ। ୨ଥର ସାପ୍ତାହିକ ହାଟ ଯୋଗୁ ଗହଳିକୁ ନିୟନ୍ତ୍ରଣ ପାଇଁ ପ୍ରଶାସନ ନିକଟରେ କୁହାଯାଇଥିଲା। ପେଣ୍ଡାଲ ଓ ଆଖାପାଖ ଅଞ୍ଚଳରେ ଅତିରିକ୍ତ ପ୍ରବେଶ ଦ୍ୱାର ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତ ମିଳିଛି ବୋଲି କମିଟି ପକ୍ଷରୁ କୁହାଯାଇଛି। ଦୁର୍ଗାପୂଜା କମିଟିର ଚିଫ୍ ପ୍ୟାଟର୍ଣ୍ଣ ଶ୍ରମମନ୍ତ୍ରୀ ଶାରଦା ନାୟକ, ପ୍ୟାଟର୍ଣ୍ଣ କାଶୀନାଥ ଲେଙ୍କା, ଅଭୟ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଅଞ୍ଜନ ବେହେରା, ଉପସଭାପତି ଗୟାଧର ନାୟକ, ଅକ୍ଷୟ ଜେନା, ସୁଶାନ୍ତ ସାହୁ, ଯୁଗ୍ମ ସମ୍ପାଦକ ମହେଶ୍ୱର ସାହୁ, ପ୍ରଦ୍ୟମ୍ନ ପଲେଇ, ବିବେକ ସ୍ୱାଇଁ, ରାହୁଲ ଦଲେଇ, ସଞ୍ଜୟ ନାୟମ, ଶ୍ରୀକାନ୍ତ ଦାସ, ପ୍ରହ୍ଲାଦ ମଣ୍ଡଳଙ୍କ ସମେତ ଅନ୍ୟମାନେ ପୂଜା ପରିଚାଳନା କରୁଛନ୍ତି।



ଛେଣ୍ଡ୍ ମାର୍କେଟରେ ନିର୍ମାଣାଧିନ ମୈଟାନ ଟି ମ୍ୟୁଜିୟମ ଆକୃତିର ଭବ୍ୟ ତୋରଣ।

### ଏମାନେ ଯାହା କୁହନ୍ତି...



"ଛେଣ୍ଡରେ ମାର୍କେଟ ସ୍ଥାପିତ ହେବା ପୂର୍ବରୁ ମା'ଙ୍କ ପୂଜା କରାଯାଇ ଆସୁଛି। ଚଳିତ ଥର କ୍ଲାସିକାଲ ୧୫ ଫୁଟ୍ ମୂର୍ତ୍ତିକୁ ଭରତ ଚନ୍ଦ୍ର ଘଡେଇ ନିର୍ମାଣ କରୁଥିବାବେଳେ ତୋରଣକୁ କିଶୋର ଦୁବେ ଓ ଅନ୍ୟମାନେ ସ୍ୱରୂପ ପ୍ରଦାନ କରୁଛନ୍ତି। ୭୫ ଫୁଟ୍ ଉଚ୍ଚ ତୋରଣକୁ ପ୍ରାୟ ଏକ ମାସରୁ ନିର୍ମାଣ ଜାରି ରହିଛି।

**ସଞ୍ଜୀବ ରାୟ ମହାପାତ୍ର, ସଭାପତି**



"ପୂଜାର ସ୍ୱତନ୍ତ୍ରତା ରହିଛି। ଭକ୍ତଙ୍କ ପାଇଁ ବିଭିନ୍ନ ଦିନରେ ବିଭିନ୍ନ ପ୍ରକାର ପ୍ରସାଦ ବ୍ୟବସ୍ଥା କରାଯାଇଛି। ଏଠାରେ ମାର୍କେଟ ଥିବାରୁ ପୂଜା ପେଣ୍ଡାଲ ସଙ୍କୁଚିତ ହେଉଛି। ନିଆରା ଥିମ୍‌ରେ କାମ କରିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ।

**ନିହାର ସାମନ୍ତରାୟ, ସାଧାରଣ ସମ୍ପାଦକ**

## ସଂକ୍ଷେପରେ

### ଦେଶୀ ମଦ ଜବତ, ୨ ମହିଳା ଗିରଫ

ସମ୍ବଲପୁର,୧୮।୧୦(ବି.ଶଙ୍କର)

ସମ୍ବଲପୁର ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ଧନୁପାଲି ଥାନା ଚାରଭାଟି ଓ ଅଇଁଠାପାଲି ଥାନା ଦେହେରିପାଲିରେ ଚଢାଉ କରାଯାଇଥିଲା । ଏହି ସମୟରେ ୪୫ ଲିଟର ଦେଶୀମଦ ଜବତ ସହ ସମ୍ପୃକ୍ତ ୨ ମହିଳାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ସେମାନେ ହେଲେ ଚାରଭାଟିର ଏସ୍ ଓରାମ (୩୨) ଓ ଦେହେରିପାଲିର ପି ମୁଣ୍ଡା(୪୦) । ଏସ୍ ଓରାମଙ୍କଠାରୁ ୨୦ ଲିଟର ଓ ପି ମୁଣ୍ଡାଙ୍କଠାରୁ ୨୫ ଲିଟର ଦେଶୀମଦ ଜବତ ହୋଇଛି ।

### ୯୬୦ ବୋତଲ କଫ୍ ସିରପ୍ ଜବତ, ୩ ଗିରଫ

ସମ୍ବଲପୁର,୧୮।୧୦(ବି.ଶଙ୍କର)

ସମ୍ବଲପୁର ଅବକାରୀ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ଅଇଁଠାପାଲି ଛକରେ ଚଢାଉ କରାଯାଇ ୯୬୦ ବୋତଲ କଫ୍ ସିରପ ଜବତ କରାଯାଇଛି । ଏଥିରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି । ସେମାନେ ହେଲେ ହସନ ଅଖତର, ତାରକନାଥ ଦେ ଓ ରାଜେନ୍ଦ୍ର ବାଗ । ଅଭିଯୁକ୍ତମାନେ ଏକ ସ୍କୁଟି ଓ ବାଇକ୍‌ରେ କଫ୍ ସିରପ ଲୋଡ କରି ନେବାବେଳେ ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ଟିମ୍ ଚଢାଉକରି ସେମାନଙ୍କୁ କାବୁ କରିଥିଲା ।

### ଜେଲରୁ ବାହାରିଲେ ହନୁମାନ ଜୟନ୍ତୀ ସମନ୍ୱୟ ସମିତି କର୍ମକର୍ତ୍ତା

ସମ୍ବଲପୁର,୧୮।୧୦(ବି.ଶଙ୍କର)

ହନୁମାନ ଜୟନ୍ତୀ ସମନ୍ୱୟ ସମିତି କର୍ମକର୍ତ୍ତାଙ୍କୁ ବୁଧବାର ଜାମିନ ମିଳିଛି । ଫଳରେ ସମିତି ସମ୍ପାଦକ ସମିର ରଞ୍ଜନ ବାବୁ ଓ ଶିଶିର ରଞ୍ଜନ ବହିଦାର ସମ୍ବଲପୁର ମଣ୍ଡଳ କାରାଗାରରୁ ବାହାରିଛନ୍ତି । ସେମାନଙ୍କୁ ସମନ୍ୱୟ ସମିତି, ଜିଲା ଭାଜପା, ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ପୁଷ୍ପମାଲ୍ୟ ଦିଆଯାଇ ସ୍ୱାଗତ କରାଯାଇଥିଲା । ସୂଚନାଯୋଗ୍ୟ, ଗତ ଏପ୍ରିଲ ମାସରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ଘଟିଥିବା ହିଂସାକାଣ୍ଡ ଘଟଣାରେ ଏମାନଙ୍କୁ ଗିରଫ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ଏମାନେ ସମ୍ବଲପୁର ମଣ୍ଡଳ କାରାଗାରରେ ଥିଲେ ।

### ଝୁଝୁମୁରା ବ୍ଲକର ସମସ୍ୟା ନେଇ ଜିଲା ପରିଷଦ ଅଧ୍ୟକ୍ଷାଙ୍କ ଦୃଷ୍ଟି ଆକର୍ଷଣ

ସମ୍ବଲପୁର,୧୮।୧୦(ବି.ଶଙ୍କର)

ଝୁଝୁମୁରା ବ୍ଲକର ବିଭିନ୍ନ ସମସ୍ୟା ନେଇ ଜିଲା ପରିଷଦ ଅଧ୍ୟକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଏ ନେଇ ଜିଲା ପରିଷଦ ଉପାଧ୍ୟକ୍ଷ ମାଧବ ମିର୍ଦ୍ଧା ବୁଧବାର ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଆଲୋଚନା କରିଛନ୍ତି । ବ୍ଲକର ଅନେକ ଶ୍ରମିକଙ୍କ ଶ୍ରମିକ କାର୍ଡ ହୋଇନାହିଁ । ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ବିଭିନ୍ନ ପ୍ରକଳ୍ପ ଠିକ୍ ସମୟରେ ଶେଷ କରିବା ଉପରେ ଆଲୋଚନା ହୋଇଥିଲା । ସେଠାରେ ଉପସ୍ଥିତ ଥିବା ଜିଲା ଶ୍ରମ ଅଧିକାରୀ ଶ୍ରମିକ କାର୍ଡ ସମସ୍ୟାର ଯଥାଶୀଘ୍ର ସମାଧାନ କରାଯିବ ବୋଲି କହିଥିଲେ । ଅନ୍ୟସବୁ ସମସ୍ୟା ସମାଧାନ ନେଇ ପଦକ୍ଷେପ ନିଆଯିବ ବୋଲି ପରିଷଦ ସଭାପତି ପ୍ରତିଶ୍ରୁତି ଦେଇଥିଲେ ।

# ଫାଟକରେ ତାଲା ପକାଇ ଆନ୍ଦୋଳନ



ସ୍କୁଲ ଆଗରେ ଧାରଣାରେ ବସିଛନ୍ତି ଛାତ୍ରୀଛାତ୍ର, ଅଭିଭାବକ ।

### ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି

ନାକଟିଦେଉଳ,୧୮।୧୦(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଶିମିଳିପାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ବୁଧବାର ଅଭିଭାବକ ଓ ଛାତ୍ରୀଛାତ୍ର ଫାଟକରେ ତାଲା ପକାଇ ଆନ୍ଦୋଳନ କରିଛନ୍ତି ।

ସୂଚନା ଅନୁସାରେ ଏହି ବିଦ୍ୟାଳୟରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ସମୁଦାୟ ୧୭୬ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ବର୍ତ୍ତମାନ ଏଠାରେ ସମୁଦାୟ ୬ଜଣ ଶିକ୍ଷୟିତ୍ରୀଶିକ୍ଷକ ଅଛନ୍ତି । ପ୍ରଧାନ ଶିକ୍ଷୟିତ୍ରୀ ସମେତ ୫ଜଣ ନିୟମିତ ଓ ଜଣେ ଡ଼େପୁଟେସନ ଶିକ୍ଷକ ନିଯୁକ୍ତ ଅଛନ୍ତି । ପୂର୍ବରୁ ଏଠାରେ ୮ଜଣ ଶିକ୍ଷକ ଥିବାବେଳେ ଗତ ୩ମାସ ପୂର୍ବେ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ଡ଼େପୁଟେସନରେ ପଠାଇ ଦିଆଯାଇଥିବା ବେଳେ ମଙ୍ଗଳବାର ଆଉ ଜଣେ ଶିକ୍ଷୟିତ୍ରୀଙ୍କୁ ଅନ୍ୟ ସ୍କୁଲକୁ ବଦଳି କରିଦିଆଯାଇଛି । ଏ ନେଇ ପରିଚାଳନା କମିଟି କର୍ମକର୍ତ୍ତା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସାକ୍ଷାତ କରି ଆଉ ଜଣେ ଶିକ୍ଷକ ଯୋଗାଇଦେବାକୁ ଦାବି କରିଥିଲେ । ହେଲେ ସୁଫଳ ନ ମିଳିବାରୁ ବୁଧବାର ସକାଳ ୧୦ଟାରେ ସ୍କୁଲ ଆଗରେ ଧାରଣାରେ ବସି ରହିଥିଲେ । ଏଥିଯୋଗୁ ବୁଧବାର ହେବାକୁ ଥିବା ଷାଣ୍ମାଷିକ ପରୀକ୍ଷା ହୋଇପାରି ନାହିଁ । ପରିଚାଳନା କମିଟି ସଭାପତି ବୀରେନ ମାଝିଙ୍କ ନେତୃତ୍ୱରେ ରାଜେନ୍ଦ୍ର ପ୍ରଧାନ, ହେମନ୍ତ ବାରିକ, ସନ୍ଧ୍ୟାରାଣୀ ମାଝି, ପ୍ରଶାନ୍ତ ମାଝି, ଭାମା ସାହୁଙ୍କ ସମେତ ଶତାଧିକ ଅଭିଭାବକ ଓ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଛନ୍ତି । ଗୁରୁବାର ମଧ ଆନ୍ଦୋଳନ ଜାରି ରହିବ ବୋଲି ସଭାପତି ମାଝି କହିଛନ୍ତି । ଭାଜପା ନେତା ଗୋବିନ୍ଦ ଅଗ୍ରୱାଲା ଆନ୍ଦୋଳନକାରୀଙ୍କ ସହିତ ସାମିଲ ହେବା ସହିତ ଏହାର ସମାଧାନ ପାଇଁ ବିଇଓଙ୍କ ସହିତ ଆଲୋଚନା କରିଥିଲେ । ବିଇଓ ବିଜୟ କୁମାର ପାତ୍ରଙ୍କୁ ପଚାରିବାରୁ ସରକାରୀ ନିୟମାନୁସାରେ ସେଠାରେ ଶିକ୍ଷକ ଅଛନ୍ତି । ଗୁରୁବାର ଘଟଣାସ୍ଥଳକୁ ଯାଇ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରାଯିବ ବୋଲି ପ୍ରକାଶ କରିଥିଲେ ।

# ପ୍ରକାଶଙ୍କୁ ଶ୍ରେଷ୍ଠ ଏନ୍‌ସିସି ଅଧିକାରୀ ପୁରସ୍କାର



ପ୍ରକାଶ ଦତ୍ତ ପୁରସ୍କାର ଗ୍ରହଣ କରୁଛନ୍ତି ।

ସମ୍ବଲପୁର,୧୮।୧୦(ବି.ଶଙ୍କର)

ରାଜ୍ୟରେ ସର୍ବଶ୍ରେଷ୍ଠ ଆସୋସିଏଟ ଏନ୍‌ସିସି ଅଧିକାରୀ ଭାବେ ସମ୍ବଲପୁରର ପ୍ରକାଶ ଦତ୍ତ ପୁରସ୍କୃତ ହୋଇଛନ୍ତି । ବ୍ରହ୍ମପୁର ଗୋପାଳପୁରସ୍ଥିତ ଏୟାର ଡିଫେନ୍ସ କଲେଜକୁ ନୂଆଦିଲ୍ଲୀର ଏନ୍‌ସିସି ଡାଇରେକ୍ଟର ଜେନେରାଲ ଗୁରବିରପାଲ ସିଂ ପରିଦର୍ଶନରେ ଆସିଥିବାବେଳେ ସମ୍ବଲପୁର, କଟକ, ଭୁବନେଶ୍ୱର, ବ୍ରହ୍ମପୁର ଏନ୍‌ସିସି ଗ୍ରୁପର ସର୍ବଶ୍ରେଷ୍ଠ ଅଧିକାରୀଙ୍କୁ ପୁରସ୍କୃତ କରିଥିଲେ । ହେଲେ ପ୍ରକାଶ ଦତ୍ତଙ୍କୁ ରାଜ୍ୟର ସର୍ବଶ୍ରେଷ୍ଠ ଆସୋସିଏଟ ଏନ୍‌ସିସି ଅଧିକାରୀ ଭାବରେ ପୁରସ୍କାର ପ୍ରଦାନ କରିଥିଲେ । ପ୍ରକାଶ ବର୍ତ୍ତମାନ ସମ୍ବଲପୁର ସାକ୍ଷୀପଡା ସେଣ୍ଟଜନ ସ୍କୁଲଠାରେ ଏନ୍‌ସିସି ଅଫିସର ଭାବରେ କାର୍ଯ୍ୟ କରୁଛନ୍ତି । ଏହି ପୁରସ୍କାର ମିଳିବା ପରେ ପ୍ରକାଶଙ୍କୁ ୫ ଓଡ଼ିଶା ଏନ୍‌ସିସି ବାଟାଲିଅନର କମାଣ୍ଡିଂ ଅଫିସର କର୍ଣ୍ଣେଲ ସିସି ନାଗ, ସମ୍ବଲପୁର ସେଣ୍ଟଜନ ସ୍କୁଲ ଅଧ୍ୟକ୍ଷ ଫାଦର ଅନିଲ କୁଜୁର, ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଶୁଭେଚ୍ଛା ଜଣାଇଛନ୍ତି ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଜମନକିରା,୧୮।୧୦(ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକ ମୁଣ୍ଡେନପାଲି ଇନ୍ଦିରା ଗାନ୍ଧୀ ଉଚ୍ଚବିଦ୍ୟାଳୟ ପ୍ରାଙ୍ଗଣରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପ୍ରଧାନ ଶିକ୍ଷକ ଗୋପିରଞ୍ଜନ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସମିତି ସଭ୍ୟା ରୀତା କିଷାନ ମୁଖ୍ୟଅତିଥି ଓ ବିଇଓ ରୁକ୍ମଣ ପ୍ରଧାନ, ଏବିଇଓ ଦେବକୀ ନାୟକ, ଶିକ୍ଷକ ସଂଘ ଉପଦେଷ୍ଟା ଦିଲୀପ ବହିଦାର, ବିଦ୍ୟାଳୟର ଚେୟାରମ୍ୟାନ ଅବିନାଶ ଚନ୍ଦ୍ର ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରତିଯୋଗିତାରେ ୧୯ କ୍ଲଷ୍ଟରର ୭୦୦ରୁ ଅଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ । ବକ୍ତୃତା, ଚିତ୍ରାଙ୍କନ, ନାଚ, ଗୀତ ଆଦି ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନୀତ ହୋଇଛନ୍ତି । ଉଦ୍‌ଯାପନୀ ଉତ୍ସବରେ ଡିଇଓ ମୀନାରାଣୀ ମଙ୍ଗଳ ମୁଖ୍ୟଅତିଥି ଓ ବିଡ଼ିଓ ପ୍ରସନ୍ନ ପଟେଲ, ବିଇଓ ପ୍ରଧାନ, ଏବିଇଓ ନାଏକ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଭୁବନେଶ୍ୱର ଦ୍ୱିବେଦୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ଶେଷରେ ସରୋଜ ଗର୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ ।




ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ।

### ଇଣ୍ଡିଆନ ପବ୍ଲିକ ସ୍କୁଲରେ ନବରାତ୍ରି ଉତ୍ସବ

ସମ୍ବଲପୁର,୧୮।୧୦(ବି.ଶଙ୍କର)

ସମ୍ବଲପୁର କ୍ଷେତରାଜପୁର ଇଣ୍ଡିଆନ ପବ୍ଲିକ ସ୍କୁଲ ସମ୍ମିଳନୀ କକ୍ଷରେ ବୁଧବାର ପ୍ରି-ପ୍ରାଇମେରି ବିଭାଗର ନବରାତ୍ରି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଅଧ୍ୟକ୍ଷ ସଚିନ ପାଠକଙ୍କ ନିର୍ଦ୍ଦେଶନାରେ କାର୍ଯ୍ୟକ୍ରମ ହୋଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ପୂଜା ସିଂ, ଶିକ୍ଷୟିତ୍ରୀ ରଶ୍ମିରେଖା ପଣ୍ଡା, ଧରିତ୍ରୀ ପଣ୍ଡା ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା । ଏହି ଅବସରରେ କୁନି ଛାତ୍ରୀଛାତ୍ର ଦାଣ୍ଡିଆ ନାଚ, ଗର୍ବା ନାଚ, ମହିଷାସୁର ମର୍ଦ୍ଦିନୀ ପରି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହା ବ୍ୟତୀତ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କ ମଧ୍ୟରେ ଦାଣ୍ଡିଆ ଯୋଡ଼ି, ଗର୍ବା ନୃତ୍ୟ ପ୍ରତିଯୋଗିତା ହୋଇଥିଲା । ସମ୍ବଲପୁର ବାସିନ୍ଦା ସ୍ୱପ୍ନା ଭାରତୀ ମୁଖ୍ୟଅତିଥି ଓ ନୃତ୍ୟଶିଳ୍ପୀ ମାଷ୍ଟର ପ୍ରେମ ବିଚାରକ ଭାବେ ଯୋଗଦେଇଥିଲେ ।

# ପ୍ରତିଭା ପ୍ରଦର୍ଶନ କଲେ ଛାତ୍ରୀଛାତ୍ର



ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି ।

ରେଢ଼ାଖୋଲ,୧୮।୧୦
(ଅଚ୍ୟୁତାନନ୍ଦ ପୁରୋହିତ)

ସ୍ଥାନୀୟ ଶୁଣ୍ଡିମୁଣ୍ଡାସ୍ଥିତ ସରକାରୀ ଅନୁସୂଚିତ ଜାତି ଓ ଜନଜାତି ବାଳିକା ଉଚ୍ଚ ବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ଓଡିଶା ମିଲେଟ ପ୍ରତିଯୋଗିତାରେ ଛାତ୍ରୀଛାତ୍ର ପ୍ରତିଭା ପ୍ରଦର୍ଶନ କରିଛନ୍ତି । ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ବାଘ ସଭାପତିତ୍ୱ କରିଥିବା ବେଳେ ଗୋଷ୍ଠୀ ଶିକ୍ଷାଧିକାରୀ ସୁଦୀପ୍ତ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନରୋତ୍ତମ ପୁରୋହିତ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନିରଞ୍ଜନ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପିଲାମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ୍ ଆଦି ପ୍ରତିଯୋଗିତା ହୋଇଥିଲା । ରାଜଶ୍ରୀ ସାହୁ, ଜସ୍ମିନ ରାଉଳ, ମଣ୍ଟୁ ଭୋଇ, ଯୁଗଳ ସାହୁ, ମାନସୀ ଜଗଦଲା, ଝରଣା ପ୍ରଧାନ, ନିବୃତ୍ତି ନନ୍ଦିନି ସାମଲ ପ୍ରମୁଖ କଲେଜ ସ୍ତରରେ ପ୍ରଥମସ୍ଥାନ ଅଧିକାର କରିଥିବା ବେଳେ ସୋନାଲୀ ଦୀପ, ସୁମିତ କୁମାର ସାହୁ, ସ୍ୱୟଂ ପ୍ରଧାନ, ଓମ୍‌ପ୍ରକାଶ ସାହୁ ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଉଦ୍‌ଯାପନୀ ସମାରୋହରେ ଉପଜିଲାପାଳ ପବିତ୍ର ବେହେରା ମୁଖ୍ୟଅତିଥି, ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସିଆର୍‌ସିସି ଅନିଲ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ଏନ୍‌ଏସ୍‌ଏସ୍ ଏକଦିବସୀୟ ପ୍ରଶିକ୍ଷଣ ଶିବିର

ସମ୍ବଲପୁର,୧୮।୧୦(ବି.ଶଙ୍କର)

ସମ୍ବଲପୁର ଶାସନସ୍ଥିତ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ଏକଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ଅଧିକାରୀ ମନୋରଞ୍ଜନ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଏନ୍‌ଏସ୍‌ଏସ୍ ଓଡ଼ିଶା ରାଜ୍ୟ ସଂଯୋଜକ ଡ. ବିଶ୍ୱମୋହନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏନ୍‌ଏସ୍‌ଏସ୍ ସମ୍ବଲପୁର ଜିଲା କାର୍ଯ୍ୟକ୍ରମ ସଂଯୋଜକ ଶାନ୍ତନୁ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ସେବା ହିଁ ପରମ ଧର୍ମ ବୋଲି ମତବ୍ୟକ୍ତ କରିଥିଲେ । ବିକାଶ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ ଓ ନିର୍ଦ୍ଦେଶକ ଜି. ରାମକ୍ରିଷ୍ଣା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସେବାର ମହତ୍ୱ ବିଷୟରେ ଅବଗତ କରିଥିଲେ । ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ, ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷା ପୁଷ୍ପିତା ପଣ୍ଡା ଯୋଗଦେଇ ଅଭିଭାଷଣ ଦେଇଥିଲେ । ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉପାଧ୍ୟକ୍ଷ ଡ. ଦିବ୍ୟସିଂହ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଉପସ୍ଥିତ ଅତିଥିମାନଙ୍କୁ ଉପଢ଼ୌକନ ଓ ଫଳକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର ପରିବେଶ ସୁରକ୍ଷା ଶୀର୍ଷକ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ ।




ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

### ଏକଲବ୍ୟ ଆଦର୍ଶ ବିଦ୍ୟାଳୟକୁ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା

କୁଚିଣ୍ଡା,୧୮।୧୦(ବିରଞ୍ଚି ଦର୍ଶା)

କୁଚିଣ୍ଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରଧାନମନ୍ତ୍ରୀ ଶୁଭେଚ୍ଛା ପ୍ରଦାନ କରିଛନ୍ତି । କେନ୍ଦ୍ର ସରକାରଙ୍କ ଯୋଜନା ଅନୁଯାୟୀ ଛାତ୍ରୀଛାତ୍ରଙ୍କ ପରୀକ୍ଷା ବୋଝକୁ ହାଲୁକା କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିବର୍ଷ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ କରିଥାନ୍ତି । ଚଳିତବର୍ଷ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଚକ୍ରଧର ମାଝି, ଶିକ୍ଷୟିତ୍ରୀ ମଞ୍ଜିଲ ନାୟକ, ଭାରତୀ ଭୋଇ, ଜୁଲି ପଧାନ, ଜସ୍ମିନ କିଷାନ, ଜସ୍ମିନ ବାରିକ, ଶିକ୍ଷକ ସୁରଜ ପଟେଲ, ମାମୁନ ପଟେଲ, କିରଣ ମହନ୍ତଙ୍କ ସମେତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଗତ ଜାନୁୟାରୀ ମାସରେ ମଧ ଏହି କାର୍ଯ୍ୟକ୍ରମ ଦୂରଦର୍ଶନରେ ପ୍ରସାରିତ ହୋଇଥିଲା । ଏହି ଅବସରରେ ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କ ଦସ୍ତଖତ ଥିବା ଏକ ଶୁଭେଚ୍ଛା ବାର୍ତ୍ତା ପ୍ରତ୍ୟେକ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ନାମରେ ଡାକ ଯୋଗେ ପ୍ରାପ୍ତ ହେବାପରେ ବିଦ୍ୟାଳୟରେ ଉତ୍ସବର ମହୋଲ ସୃଷ୍ଟି ହୋଇଥିଲା ।

# ଛାତ୍ରୀଛାତ୍ରଙ୍କୁ ମାର୍ଶାଲ ଆର୍ଟ ତାଲିମ

ଜମନକିରା,୧୮।୧୦(ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକ ବଡ଼ମାଳ ପଞ୍ଚାୟତ ଟାଙ୍ଗରାଣୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନେଇ ମାର୍ଶାଲ ଆର୍ଟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଆରଜି କଲେଜ ଭୋଜପୁରର ଅଧ୍ୟକ୍ଷ ପ୍ରତାପ କୁମାର ମହାକୁଡ଼ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ଛାତ୍ରୀଛାତ୍ରଙ୍କୁ ମାନସିକ ଓ ଶାରୀରିକ କ୍ଷେତ୍ରରେ ବିକଶିତ କରି ଗଢିତୋଳିବା କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରୟାସ କରାଯାଇଛି । ଗ୍ରାଣ୍ଡ ମାଷ୍ଟର ଅଭୟ କରନଙ୍କ ତତ୍ତ୍ୱାବଧାନରେ ତାଲିମ ଶିବିର ଆରମ୍ଭ ହୋଇଛି । ତାଲିମ ପାଇଁ ପଞ୍ଚାୟତ ଆବାସିକ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣକୁ ଚୟନ କରାଯାଇଛି ।



କଂଗ୍ରେସର ପ୍ରତିବାଦ ସଭାରେ ଯୋଗଦେଇଥିବା ଦଳୀୟ ନେତୃବୃନ୍ଦ ।

# ଜିଲା କଂଗ୍ରେସର ବିକ୍ଷୋଭ ସମାବେଶ

ସମ୍ବଲପୁର,୧୮।୧୦(ବି.ଶଙ୍କର)

ସମ୍ବଲପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ୨୫ଦଫା ଦାବି ନେଇ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲା କଂଗ୍ରେସ କମିଟି ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆଙ୍କ ନେତୃତ୍ୱରେ ନେତା ଓ କର୍ମୀମାନେ କଂଗ୍ରେସ କାର୍ଯ୍ୟାଳୟଠାରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ନେତୃବୃନ୍ଦ ବିଭିନ୍ନ ଦାବି ଉତ୍‌ଥାପନ କରିଥିଲେ । ଜିଲାରେ ସ୍ୱାସ୍ଥ୍ୟ, ଶିକ୍ଷା, ବିଦ୍ୟୁତ୍, ପାନୀୟ ଜଳ ଯୋଗାଣରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଫେଲ ମାରିଛନ୍ତି । ରାସ୍ତାଘାଟର ଅବସ୍ଥା ଶୋଚନୀୟ ହୋଇପଡିଛି । ଶିଳ୍ପ କାରଖାନା ଗଠି ଉଠିଥିବାବେଳେ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରାଯାଉଛି । ବିକାଶ ଆଳରେ ବିଦ୍ୟାନଗରୀ ବୁର୍ଲାରେ ଉଚ୍ଛେଦ କରାଯାଉଛି, ଯାହା ଆଇନସଙ୍ଗତ ନୁହେଁ । ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ଉନ୍ନତି ସକାଶେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩କୋଟି ଟଙ୍କା ଘୋଷଣା କରିଥିଲେ । ଏହାକୁ କାର୍ଯ୍ୟକାରୀ କରିବା ସହ ବୁର୍ଲା ଭିମ୍‌ସାର ସମେତ ଜିଲାର ସମସ୍ତ ଚିକିତ୍ସାଳୟରେ ଡାକ୍ତର ନିଯୁକ୍ତି କରିବାକୁ ଦାବି କରିଥିଲେ । ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ୨୫ଦଫା ଦାବିପତ୍ର ପ୍ରଦାନ କରିଥିଲେ । ସମାବେଶରେ ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁ, ଦୁର୍ଯ୍ୟୋଧନ ଗର୍ଡିଆ, ପିସିସି ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ, ନିରଞ୍ଜନ ତ୍ରିପାଠୀ, ସୁରେଶ୍ୱର ମିଶ୍ର, ସୁଧିର କୁମାର ପଣ୍ଡା, ଅମିତ ଗୁରୁ, ହରେଶ କର୍ଣ୍ଣ, ଜୟରାମ ବଣିଆଁ, ଚନ୍ଦ୍ରକାନ୍ତ ମହାନ୍ତି, ବିଜିତେନ୍ଦ୍ର ପ୍ରଧାନ, ବିଜୟଲକ୍ଷ୍ମୀ ବେହେରା, ସୁତପା ମିତ୍ର, ପ୍ଲାବନ ବହିଦାର ପ୍ରମୁଖ ସାମିଲ ହୋଇଥିଲେ ।

# ମା'ଙ୍କ ଧରାବତରଣ ଅପେକ୍ଷାରେ ଶ୍ରଦ୍ଧାଳୁ

### ଦୁର୍ଗାପୂଜା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

କୁଚିଣ୍ଡା,୧୮।୧୦(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡାରେ ୯୬ତମ ଦୁର୍ଗାପୂଜା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ମା'ଙ୍କ ଧରାବତରଣ ଅପେକ୍ଷାରେ ଶ୍ରଦ୍ଧାଳୁ ଭକ୍ତ । ୧୯୨୭ ମସିହାରେ ବାମଣ୍ଡା ରାଜାଙ୍କୁ ସ୍ୱପ୍ନାଦେଶ ପରେ ତତ୍କାଳୀନ କୁଚିଣ୍ଡା ଉପଜିଲାପାଳ ଗୌନ୍ତିଆମାନଙ୍କୁ ନେଇ ପ୍ରଥମେ ଦୁର୍ଗାପୂଜା ଆରମ୍ଭ କରିଥିଲେ । ଏଥିନିମନ୍ତେ କଲିକତାରୁ ମା' ଦୁର୍ଗାଙ୍କ ମୂର୍ତ୍ତି ଆଣାଯାଇ ପୂଜା ହୋଇଥିଲା । ପୂଜା କମିଟି ପକ୍ଷରୁ ପ୍ରଥମେ ୧୯୫୨ରେ ରୌପ୍ୟ ଜୟନ୍ତୀ, ୧୯୭୭ରେ ସୁବର୍ଣ୍ଣ ଜୟନ୍ତୀ, ୨୦୦୨ରେ ପ୍ଲାଟିନମ ଜୁବିଲି ପାଳନ ହୋଇଥିଲା ।

କୁଚିଣ୍ଡା ମନ୍ଦିର ଛକରେ ଦୁର୍ଗାପୂଜା ଓ ଦଶହରା ଭିଡକୁ ଦେଖି ବସ୍‌ଷ୍ଟାଣ୍ଡ ଓ ପଞ୍ଚମୁଖୀ ଛକରେ ୧୯୯୩ ମସିହାରୁ ପୂଜା ହୋଇଆସୁଛି । ବସ୍‌ଷ୍ଟାଣ୍ଡ ଦୁର୍ଗାପୂଜା କମିଟି ପକ୍ଷରୁ ମୂର୍ତ୍ତି ପ୍ରତିଷ୍ଠା କରାଯାଇ ନବରାତ୍ର ପୂଜା ହେଉଥିବା ବେଳେ ସର୍ବପୁରାତନ ମନ୍ଦିର ଛକ ଓ ପଞ୍ଚମୁଖୀ ଛକରେ ବଙ୍ଗୀୟ ନୀତି ଅନୁଯାୟୀ ପୂଜା ହୋଇ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ କରାଯାଉଛି । ଦୁର୍ଗାପୂଜା ପାଇଁ ତିନିଗୋଟି କମିଟିର କର୍ମକର୍ତ୍ତା ପ୍ରସ୍ତୁତିରେ ଲାଗିପଡିଛନ୍ତି । ସହରର ବିଭିନ୍ନ ସ୍ଥାନରେ ଆକର୍ଷଣୀୟ ତୋରଣ ସାଙ୍ଗକୁ ଲାଇଟ୍ ସାଜସଜ୍ଜା ଶେଷ ହୋଇଛି । ସୁଦୂର କଲିକତା, ରାଞ୍ଚି, ରାୟପୁର, କଟକ ଆଦି ସ୍ଥାନରୁ ବ୍ୟବସାୟୀମାନେ ବେପାର ପାଇଁ ପସରା ମେଲିବା ଆରମ୍ଭ କଲେଣି । ଗତ ୧୫ତାରିଖରୁ ବସ୍‌ଷ୍ଟାଣ୍ଡ ଦୁର୍ଗାପୂଜା କମିଟି ପକ୍ଷରୁ ନବରାତ୍ର ଆରମ୍ଭ ହୋଇଥିବାରୁ ପ୍ରତିଦିନ ଭକ୍ତଙ୍କ ଗହଳି ଲାଗୁଛି । ୨୦ତାରିଖ ଷଷ୍ଠୀଠାରୁ ମା'ଙ୍କ ବିଲ୍ୱବରଣ ଓ ଆମନ୍ତ୍ରଣାଧିବାସ, ୨୧ରେ ମହାସପ୍ତମୀ ବିହିତ ପୂଜନ, ପାର୍ଶ୍ୱ ଦେବତା ପୂଜନ, ଯନ୍ତ୍ରପୂଜା, ପୋଥିପୂଜା, ଚଣ୍ଡୀପାଠ ଓ ଭାଇଜିଉନ୍ତିଆ ବ୍ରତ ଆଦି କାର୍ଯ୍ୟକ୍ରମ ରହିଛି । ୨୨ରେ ମହାଷ୍ଟମୀ ଉପଚାର ପୂଜା, ପୁଷ୍ପାଞ୍ଜଳି, ସମୟେ ସନ୍ଧିବଳି ପ୍ରଦକ୍ଷିଣ, ସନ୍ଧିପୂଜା, ୨୩ରେ ମହାନବମୀ ବିହିତ ପୂଜା, ଉପଚାର ପୂଜା, ହୋମ ଓ ଆଳତି ବ୍ୟବସ୍ଥା ରହିଛି । ସେହିପରି ୨୪ରେ ଦଶମୀ ଦିଅଁ ଘଟପୂଜା, ଅପରାଜିତା ପୂଜା ହୋଇ ଦଶହରା ଅନୁଷ୍ଠିତ ହେବ । ଅପରାହ୍ନରେ ରାମ ଲକ୍ଷ୍ମଣ ଓ ହନୁମାନଙ୍କ ଶୋଭାଯାତ୍ରା, ମୁକୁନ୍ଦି ଷ୍ଟାଡିୟମରେ ଶାରଦୀୟ କ୍ରୀଡ଼ା ପ୍ରତିଯୋଗିତା, ଆତସବାଜି ଓ ରାବଣପୋଡି କାର୍ଯ୍ୟକ୍ରମ ହେବ । ସପ୍ତମୀ ଦିନରୁ ପ୍ରତ୍ୟହ ମନୋରଞ୍ଜନ ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ । ୨୫ରେ ଭସାଣି ଯାତ୍ରା ପରେ ଦୁର୍ଗାପୂଜା ଓ ଦଶହରା ସମାପନ ହେବ । ଦଶହରା ଦିନ ବାମଣ୍ଡା ରାଜାଙ୍କ ମଣ୍ଡପ ପରିଦର୍ଶନ ପରମ୍ପରା ରହିଥିବାରୁ ଏଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିଥିବା ପୂଜା କମିଟି କର୍ମକର୍ତ୍ତା କହିଛନ୍ତି ।



ମୂର୍ତ୍ତି ନିର୍ମାଣ ଶେଷ ପର୍ଯ୍ୟାୟରେ ।

**ସଂକ୍ଷେପରେ**

## ଜୁନାଗଡରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ

ଜୁନାଗଡ଼,୧୮।୧୦(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲାର ହାଇସ୍କୁଲଠାରେ ବୁଧବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ତଥା ଓଡିଶା ମିଲେଟସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ବିଇଓ ତପନ ମାଝିଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସବିତା ମେହେର, ଜୁନାଗଡ ଉପନଗରପାଳ ହିମାଦ୍ରୀ ନାଏକ, ଜୁନାଗଡ ହାଇସ୍କୁଲ ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ବାଗ, ଏବିଇଓ ସୁଶାନ୍ତ ଠାକୁର ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସ୍କୁଲ ଛାତ୍ରୀଛାତ୍ର ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଂଶଗ୍ରହଣ କରିଥିଲେ। ସରୋଜ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

## ଦୁର୍ଗାପୂଜା ପାଇଁ ଖଣ୍ଡାଧୁଆ ଯାତ୍ରା



ବେଲପଡ଼ା, ୧୮।୧୦(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ସାର୍ବଜନୀନ ଦୂର୍ଗାପୂଜା ୮୦ବର୍ଷରେ ପଦାର୍ପଣ କରିଛି। ବୁଧବାର ମା'ଙ୍କ ପୂଜା ପାଇଁ ଖଣ୍ଡାଧୁଆ ଯାତ୍ରା ଅନୁଷ୍ଠିତ ହୋଇଥିଲା। ବେଲପଡ଼ା ସିଂ ପରିବାରରୁ ଦୁର୍ଗାଖଣ୍ଡା, ଗୌନ୍ତିଆଘର ଖଣ୍ଡା, ପାଟନେଶ୍ୱରି ମନ୍ଦିରରୁ ପାଟଖଣ୍ଡା, ଲାଛାଗୁଡ଼ିରୁ ପର୍ସୁ ଖଣ୍ଡା ବାହାରି ଶ୍ରଦ୍ଧାଳୁଙ୍କ ଗହଣରେ ସ୍ଥାନୀୟ ଲଛନଦୀକୁ ଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପୂଜାକର୍ତ୍ତା ଦେବାର୍ଚ୍ଚନ ପଟେଲ ଓ ତାଙ୍କ ଧର୍ମପତ୍ନୀ ଯଶୋଦା ପୁଟେଲ ଖଣ୍ଡା ପୂଜାର୍ଚ୍ଚନା କରିଥିଲେ। ପରେ ଏକ ଶୋଭାଯାତ୍ରାରେ ଖଣ୍ଡାକୁ ପୂଜାସ୍ଥଳକୁ ଅଣାଯାଇ ସ୍ଥାପନ କରାଯାଇଥିଲା। ଖଣ୍ଡା ସ୍ଥାପନ ପରେ ଅଧିବାସ ଆରମ୍ଭ ହୋଇଥିଲା। ପୂଜା କମିଟି ସଭାପତି ମଧୁସୁଦନ ଦାସ, ଉପସଭାପତି ଶଙ୍କର ପ୍ରସାଦ ଜୈନ, ଜନାର୍ଦ୍ଦନ ସିଂ, ସମ୍ପାଦକ ପୃଥ୍ୱୀରାଜ ଅଗ୍ରୱାଲ, ଆନନ୍ଦ ମେହେର, ହରିବନ୍ଧୁ ମେହେର ଓ କମିଟି ସଦସ୍ୟଙ୍କ ତତ୍ତ୍ୱାବଧନରେରେ ସାତଦିନ ଧରି ପୂଜା ଅନୁଷ୍ଠିତ ହେବ। ପ୍ରତ୍ୟହ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ସୂତ୍ରରୁ ପ୍ରକାଶ ।

# ଶିଳ୍ପୋଦ୍ୟୋଗୀ ସରକାରୀ ଯୋଜନାର ଲାଭ ଉଠାନ୍ତୁ

ବଲାଙ୍ଗୀର,୧୮।୧୦(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ସ୍ଥିତ ରାଜ୍ୟ ହୋଟେଲ ପ୍ରବନ୍ଧନ ସଂସ୍ଥା ସମ୍ମିଳନୀ କକ୍ଷରେ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ଅସିତ ତ୍ରିପାଠୀ ଶିଳ୍ପୋଦ୍ୟୋଗୀଙ୍କ ସହ ଆଲୋଚନା କରୁଛନ୍ତି।

**ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଲେ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ**

- ରାଜେନ୍ଦ୍ର ନାରାୟଣ ସିଂଦେଓ କ୍ରୀଡା ପ୍ରାଙ୍ଗଣ ପାଇଁ ୨୦ ଲକ୍ଷର ସହାୟତା
- ୧୦୦୦ ସିଟ୍ ବିଶିଷ୍ଟ ନୂଆ ଅଡିଟୋରିୟମ ନିରୀକ୍ଷଣ କଲେ
- ଡିସେମ୍ବର ସୁଦ୍ଧା ସରିବ ଭୀମ ଭୋଇ ମେଡିକାଲ୍ କଲେଜ ଖେଳପଡିଆ ନିର୍ମାଣ

ରାଜ୍ୟ ସରକାର ତୃଣମୂଳସ୍ତରରେ ଆର୍ଥିକ ସ୍ୱଚ୍ଛଳତା ଏବଂ ସ୍ୱାବଲମ୍ବନ ଲକ୍ଷ୍ୟ ନେଇ ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହିଭିତରୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଏକ ଲୋକପ୍ରିୟ ଏବଂ ବହୁ ଲାଭଦାୟୀ ଯୋଜନା। ଶିଳ୍ପଦ୍ୟୋଗୀମାନେ ନିଜସ୍ୱ ଉଦ୍ୟମ ଏବଂ ସରକାରୀ ସହାୟତା ନେଇ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ରୋଜଗାର ଓ ନିଯୁକ୍ତି ଦେଇ ଓଡିଶାର ବିକାଶମୁଖୀ ଧାରାକୁ ତ୍ୱରାନ୍ୱିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ବୋଲି ପଶ୍ଚିମ ଓଡିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି)ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ କୁମାର ତ୍ରିପାଠୀ ବୁଧବାର ସ୍ଥାନୀୟ ହୋଟେଲ ପ୍ରବନ୍ଧନ ସଂସ୍ଥା ସମ୍ମିଳନୀ ପକ୍ଷରେ ଅନୁଷ୍ଠିତ ଆଲୋଚନା ବୈଠକରେ କହିଛନ୍ତି। ଜିଲାର ଶିଳ୍ପଦ୍ୟୋଗୀ ମାନଙ୍କୁ ଉତ୍ସାହିତ କରି ସେମାନଙ୍କ ଭିତରେ ଥିବା ପ୍ରତିଭା ବିକାଶ ସହ ଆର୍ଥିକ ଅଭିବୃଦ୍ଧି ଦିଗରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଏବଂ ବୈଷୟିକ ତାଲିମ ସହାୟକ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଦୀର୍ଘ ସମୟ ଧରି ଜିଲାର ଶିଳ୍ପଦ୍ୟୋଗୀଙ୍କ ସହ ଆଲୋଚନା କରି କିଭଳି ଭାବେ ସେମାନେ ସରକାରଙ୍କ ସହାୟତା ପାଇବେ ଏବଂ ରାଜ୍ୟ ସରକାରଙ୍କ କ'ଣ ସବୁ ଯୋଜନା ଓ ପ୍ରାଥମିକତା ରହିଛି କହିଥିଲେ। ଓଡିଶା ଦକ୍ଷତା ବିକାଶ ଅଧୀନ ସ୍ୱକକ୍ଷ ଶିବିର ଆୟୋଜନ କରାଯାଇଥିଲା । ଶିବିରରେ ପ୍ରାୟ ୪୮୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ଦିଆଯାଉଥିବା ତାଲିମ୍ ବିଷୟରେ ବୁଝିବା ସହ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ଦୁଇଦିନିଆ ବଲାଙ୍ଗୀର ଜିଲା ଗସ୍ତରେ ଆସି ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ତ୍ରିପାଠୀ ବୁଧବାର ଦ୍ୱିତୀୟ ଦିନରେ ଜିଲାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଅନୁଧ୍ୟାନ କରିବା ସହ ଭିନ୍ନଭିନ୍ନ ପ୍ରକଳ୍ପ ପାଇଁ ଅର୍ଥ ଅନୁମୋଦନ କରିଥିଲେ। ରାଜେନ୍ଦ୍ର ନାରାୟଣ ସିଂଦେଓ କ୍ରୀଡା ପ୍ରାଙ୍ଗଣ ପରିଦର୍ଶନ କରି ଦୁଇଟି ଅଭିନବ କ୍ରୀଡା ବୋଲିଂ ଓ ଫେନସିଂକୁ ପ୍ରୋସାହିତ କରିବା ଉଦ୍ଦେଶ୍ୟରେ ୨୦ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଥିଲେ। ଏନେଇ ଏକ ଡିପିଆର ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହାପରେ ଭୀମ ଭୋଇ ମେଡିକାଲ୍ କଲେଜ ଏବଂ ଡାକ୍ତରଖାନା ପରିଦର୍ଶନ କରି ଡିସେମ୍ବର ସୁଦ୍ଧା ଖେଳପଡିଆ କାମ ସରିଯିବ ବୋଲି କହିଥିଲେ। ଏଠାରେ ଖେଳ ପଡିଆ ନିର୍ମାଣ ପାଇଁ ପରିଷଦ ପକ୍ଷରୁ ୨ କୋଟି ଟଙ୍କାର ଅନୁଦାନ ଦିଆଯାଇଛି। ସେଠାରେ ନିର୍ମାଣାଧୀନ ୫୦ ଶଯ୍ୟା ବିଶିଷ୍ଟ କର୍କଟ ଡାକ୍ତରଖାନାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ବଲାଙ୍ଗୀର ମ୍ୟୁନିସିପାଲିଟି ୱାର୍ଡ ନମ୍ବର ୧୭ରେ ଯୁବ ମହିଳା ଉଦ୍ୟୋଗୀ ମମତା ନାଏକଙ୍କୁ ଭେଟିଥିଲେ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧିନରେ ମମତା ନାଏକ ୩୦ ଲକ୍ଷ ଟଙ୍କା ବ୍ୟୟବରାଦରେ କୃଷି ସେବା କେନ୍ଦ୍ର ନିର୍ମାଣ କରି ସ୍ଥାନୀୟ ଚାଷୀ ମାନଙ୍କୁ ସୁଲଭ ମୂଲ୍ୟରେ କୃଷି ଯନ୍ତ୍ରପାତି ଯୋଗାଇ ଦେଉଛନ୍ତି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସହାୟତାରେ ନିର୍ମାଣ ହେଉଥିବା ୧୦୦୦ ସିଟ୍ ବିଶିଷ୍ଟ ନୂଆ ଅଡିଟୋରିୟମ ବୁଲି ଦେଖିଥିଲେ। ମହାଲକ୍ଷ୍ମୀନଗରରେ ପରିଷଦ ସହାୟତାରେ ନିର୍ମିତ କଲ୍ୟାଣ ମଣ୍ଡପ ପରିସରରେ ଡ୍ରେନ୍ ଓ ଫାଟକ ନିର୍ମାଣ କାମ ତଦାରଖ କରିଥିଲେ। ପରିଦର୍ଶନରେ ଡବ୍ଲ୍ୟୁଓଡିସି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଅଜିତ କୁମାର ମିଶ୍ର, ଜିଲାପାଳ ଚଞ୍ଚଳ ରାଣା, ଜିଲା ଆରକ୍ଷୀ ଅଧୀକ୍ଷକ ଋଷିକେଶ ଖିଲାରି, ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଗୋବିନ୍ଦ



@ ଦୀପାରାଣି



@ ସବିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆନ୍ତଃରାଜ୍ୟ ଚାଲାଣକାରୀଙ୍କୁ ୨୦ ବର୍ଷ ଜେଲଦଣ୍ଡ

ଭବାନୀପାଟଣା,୧୮।୧୦(ଉତ୍ତମ କୁମାର ଦାଶ)

**କଳାହାଣ୍ଡିରେ ୩.୮୯ କୋଟି ଗଞ୍ଜେଇ ଜବତ ମାମଲା**

କଳାହାଣ୍ଡିରେ ୩.୮୯ କୋଟିର ଗଞ୍ଜେଇ ଜବତ ମାମଲାରେ ଗିରଫ ହୋଇଥିବା ଜଣେ ଆନ୍ତଃରାଜ୍ୟ ଚାଲାଣକାରୀ ୫ ବର୍ଷ ପରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସେ ହେଲେ ଉତ୍ତରପ୍ରଦେଶର ବାନ୍ଦା ଅଞ୍ଚଳର ମୈନୁଦ୍ଦିନ୍। ବୁଧବାର କଳାହାଣ୍ଡି ଜିଲା ଭବାନୀପାଟଣା ଜିଲା ଓ ଦୌରା ଜଜ୍‌ଙ୍କ ଅଦାଲତ ବିଚାରପତି ରଞ୍ଜନ କାନୁନ୍‌ଗୋ ତାଙ୍କୁ ୨୦ବର୍ଷ ଜେଲଦଣ୍ଡାଦେଶ ଦେବା ସହ ୨ ଲକ୍ଷ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ତାଙ୍କୁ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାପପତି ରାୟରେ ଉଲ୍ଲେଖ କରିଛନ୍ତି। ସୂଚନା ଅନୁଯାୟୀ, ୨୦୧୮ ମାର୍ଚ୍ଚ ୨୩ରେ ହେଲ୍‌ପର୍ ମୈନୁଦ୍ଦିନ ଓ ଡ୍ରାଇଭର ଇର୍‌ଫାନ୍ ଖାନ୍ ଏକ ଟ୍ରକ୍ (ଏମ୍‌ପି୧୭ଏଚ୍‌ଏଚ୍୧୦୫୩)ରେ ୩୮.୯୪ କ୍ୱିଣ୍ଟାଲ୍ ଗଞ୍ଜେଇ ଭର୍ତ୍ତି କରି ସେମିଳିଗୁଡ଼ାରୁ ଭାୟା ସତିଗୁଡ଼ା ଛକ ହୋଇ ଛତିଶଗଡ଼ ରାୟପୁରକୁ ଚାଲାଣ କରୁଥିଲେ। ଭବାନୀପାଟଣା ସଦର ଥାନା ପୋଲିସ ଖବର ପାଇ ଉକ୍ତ ଟ୍ରକ୍ ପିଛା କରି ମେଡିଙ୍ଗପଦର ଛକ ନିକଟରେ ସକାଳ ପ୍ରାୟ ୯ଟାରେ କାବୁ କରିଥିଲେ। ପୋଲିସ ଟିମ୍ ମୈନୁଦ୍ଦିନ ଓ ଇର୍‌ଫାନ୍‌ଙ୍କୁ ଗିରଫ କରିବା ସହ ଗଞ୍ଜେଇ ଭର୍ତ୍ତି ଟ୍ରକ୍ ଜବତ କରିଥିଲା। ଉଭୟଙ୍କଠାରୁ ୫୭ ହଜାର ଟଙ୍କା ମଧ୍ୟ ଜବତ ହୋଇଥିଲା। ଭବାନୀପାଟଣା ସଦର ଥାନାରେ ଏକ ମାମଲା (ନଂ.୭୨/୨୦୧୮) ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାର କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ତଦନ୍ତ ଭାର ନେଇ ଏକ ନୂଆ ମାମଲା (ନଂ.୧/୨୦୧୮) ରୁଜୁ କରି ପୁନଃ ତଦନ୍ତ ଆରମ୍ଭ କରିଥିଲା। ଜେଲରେ ଥିବାବେଳେ ଅଭିଯୁକ୍ତ ଇର୍‌ଫାନ୍ ବାପାଙ୍କ ଦେହ ଅସୁସ୍ଥ ଦର୍ଶାଇ ପାରୋଲ୍‌ରେ ଉତ୍ତରପ୍ରଦେଶସ୍ଥିତ ଘରକୁ ଯାଇଥିଲେ। ପରେ ସେ ଫେରାର ହୋଇଯାଇଥିବାରୁ ତାଙ୍କ ନାଁରେ ଏସ୍‌ଟିଏଫ୍ ଏନ୍‌ବିଡବ୍ଲ୍ୟୁ ଜାରି କରିଛି। ଏହି ମାମଲାରେ ୨୦ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରି କୋର୍ଟ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ଜିତେନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ୩୪ ଲିଟର ଦେଶୀ ରନ୍ଧାମଦ ଜବତ, ୨ଗିରଫ

କଣ୍ଟାବାଞ୍ଜି, ୧୮।୧୦(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ଥାନା କମେଇମୁଣ୍ଡା ଓ ମାନ୍ଦଲା ଗ୍ରାମରେ ବୁଧବାର ଅବକାରୀ ବିଭାଗ ଚଢାଉ କରି ୩୪ ଲିଟର ଦେଶୀ ମଦ ଜବତ କରିଛି। କମେଇମୁଣ୍ଡାର ତ୍ରିନାଥ ଭୋଇଙ୍କଠାରୁ ୨୨ଲିଟର ଓ ମାନ୍ଦଲାର କ୍ଷମାଧର ମାଝିଙ୍କଠାରୁ ୧୨ ଲିଟର ମଦ ଜବତ କରାଯାଇଥିଲା। ଦୁଇଟି ପୃଥକ ମାମଲା ରୁଜୁ କରି ଅଭିଯୁକ୍ତ ଦୁଇଜଣଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ କଣ୍ଟାବାଞ୍ଜି ଉପକାରାଗାରକୁ ପଠାଇ ଦିଆଯାଇଥିବା ଅବକାରୀ ଥାନା ଅଧିକାରୀ ପ୍ରବୀଣ କୁମାର ସାହୁ କହିଛନ୍ତି।

# ମୁଖ୍ୟମନ୍ତ୍ରୀ, ୫-ଟି ସଚିବଙ୍କୁ ଦାବିପତ୍ର



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭିଏଲଇ ସଂଘର ଶୋଭାଯାତ୍ରା।

ଭବାନୀପାଟଣା,୧୮।୧୦(ଉତ୍ତମ କୁମାର ଦାଶ)

**୮ ଦଫା ଦାବି ନେଇ ଭିଏଲଇ ସଂଘର ଶୋଭାଯାତ୍ରା**

ମୋ ସେବା କେନ୍ଦ୍ର ପରିଚାଳନା କରୁଥିବା କଳାହାଣ୍ଡି ଜିଲା ଭିଏଲଇ ସଂଘ ପକ୍ଷରୁ ୮ଦଫା ଦାବି ନେଇ ବୁଧବାର ଭବାନୀପାଟଣାରେସ୍ଥିତ ମା' ମାଣିକେଶ୍ୱରୀ ମନ୍ଦିରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ଓଡିଶା ମୁଖ୍ୟମନ୍ତ୍ରୀ, ୫-ଟି ସଚିବ ଓ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ୮ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳ ଉପସ୍ଥିତ ନ ଥିବାରୁ ଏହାକୁ ଅତିରିକ୍ତ ଜିଲାପାଳ ଗ୍ରହଣ କରିଥିଲେ। ବର୍ତ୍ତମାନ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ଜନସାଧାରଣଙ୍କ ସେବାରେ ସଫଳ ନିୟୋଜିତ କରୁଥିବା ମୋ ସେବା କେନ୍ଦ୍ରକୁ ପଞ୍ଚାୟତ ପରିସରରେ ସ୍ଥାନ ଦେବା ଓ ପଞ୍ଚାୟତସ୍ତରରେ ହେଉଥିବା ସମସ୍ତ ଯୋଜନାର ସମ୍ପାଦନ ଓ ପରିଚାଳନାରେ ମୋ ସେବା କେନ୍ଦ୍ରକୁ ସଂଶ୍ଳିଷ୍ଟ ରଖିବା, ପୁନଶ୍ଚ କାର୍ଯ୍ୟରତ, ଅଭିଜ୍ଞ ମୋ ସେବା କେନ୍ଦ୍ର ପରିଚାଳକ ଗଣ ଥିବା ସତ୍ତ୍ୱେ ସିଏସପି ପ୍ଲସ ଭଳି ନୂଆ ଯୋଜନା ଖୋଲାଯାଇ ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବା ପ୍ରତିଶ୍ରୁତି ଦିଆଯାଇଛି। କିନ୍ତୁ ଗତ ୩ବର୍ଷରୁ ଊର୍ଦ୍ଧ୍ୱ ହେଲା ମୋ ସେବା କେନ୍ଦ୍ର ଖୋଲି ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ କଳାହାଣ୍ଡିର ଜନସାଧାରଣଙ୍କ ସେବାରେ ସରକାରଙ୍କ ଆର୍ଥିକ ସହାୟତା ବିନା ସଫଳ ନିୟୋଜିତ ହେଉଛି। ତେଣୁ ସିଏସପି ପ୍ଲସକୁ ରଦ୍ଦ କରି ମୋ ସେବା କେନ୍ଦ୍ରକୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବା ତଥା ମୋ ସେବା କେନ୍ଦ୍ର ୫-ଟି ଅନ୍ତର୍ଭୁକ୍ତ ହୋଇଥିବାରୁ ଏହାକୁ ପ୍ରାଧାନ୍ୟ ଦେବା ପାଇଁ ସେମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜିଲା ମୋ ସେବା କେନ୍ଦ୍ର ଭିଏଲଇ ସଂଘ ସଭାପତି ଯଶୋବନ୍ତ ନାରାୟଣ ବେହେରା, ସମ୍ପାଦକ ସଞ୍ଜୟ ସରାଫ, କୋଷାଧ୍ୟକ୍ଷ ରଶ୍ମି ରଞ୍ଜନ ସାହୁ ତଥା ଜିଲାର ସମସ୍ତ ବ୍ଲକରୁ ଶତାଧିକ ମୋ ସେବା କେନ୍ଦ୍ର ପରିଚାଳକ ଉପସ୍ଥିତ ଥିଲେ।

# ମା' ବଡପଲେନ ଫୁଟ୍‌ବଲ ଟୁର୍ନାମେଣ୍ଟ: ରାଣୀମୁଣ୍ଡା ଚାମ୍ପିୟନ

ଖଡ଼ିଆଲ,୧୮।୧୦(ସୁଜିତ୍ କୁମାର ପ୍ରଧାନ)



ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ।

ନୂଆପଡା ଜିଲା ଖଡିଆଳ ବ୍ଲକ ଶରଧାପୁରଠାରେ ଚାଲିଥିବା ମା' ବଡ଼ପଲେନ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚରେ ରାଣୀମୁଣ୍ଡା ଦଳ ୧-୦ ଗୋଲରେ ବିରିଘାଟ ଦଳକୁ ହରାଇ ଚାମ୍ପିୟନ ହୋଇଛି। ଖଡ଼ିଆଳ ବ୍ଲକ ୫ ନମ୍ବର ଜିଲା ପରିଷଦ ସଦସ୍ୟା ତନୟା ଶବରଙ୍କ ନେତୃତ୍ୱରେ ଗତ ୧୦ ତାରିଖଠାରୁ ଆରମ୍ଭ ହୋଇଥିବା ଫୁଟବଲ ଟୁର୍ନାମେଣ୍ଟରେ ୯ଟି ଗ୍ରାମପଞ୍ଚାୟତର ୧୦ଟି ଦଳ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ଦିବସ ପୁରସ୍କାର ବିତରଣୀ ଉତ୍ସବରେ ଖଡ଼ିଆଳ ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜେଡି ନେତା ଲମ୍ବୋଦର ନିଆଲ ମୁଖ୍ୟଅତିଥି, ୪ ନମ୍ବର ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରା, ଜିଲା ପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା, ଜିଲା ପରିଷଦ ସଦସ୍ୟା ତନୟା ଶବର, କୁନୁ କରୁଆଁ, ରାଣିମୁଣ୍ଡା ସରପଞ୍ଚ ତୁକାରାମ ହିଆଲ, ଯୋଗେନ୍ଦ୍ର ପାଣ୍ଡେ, ରିଖିରାମ ସଲମା, ସଞ୍ଜୁ ଶବର, ରାଜୁ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନେ ବିଜୟୀ ରାଣିମୁଣ୍ଡା ଦଳକୁ ଚାମ୍ପିୟନ ଟ୍ରଫି ସହ ନଗଦ ୧୦ ହଜାର ଟଙ୍କା ଏବଂ ଉପବିଜେତା ବିରିଘାଟ ଦଳକୁ ରନର ଅପ୍ ଟ୍ରଫି ସହ ୭ ହଜାର ଟଙ୍କା ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚରେ ନବଘନ ଦାସ ଓ ତାବିଜ ଖାନ ଧାରାବିବରଣୀ ପ୍ରଦାନ କରିଥିଲେ। ଆୟୋଜକ କମିଟି ପକ୍ଷରୁ ଅମୁଲ୍ୟ ହାତୀଙ୍କ ସମେତ ସରଧାପୁର ଗ୍ରାମର ସମସ୍ତ ଯୁବକ ଓ କ୍ରୀଡାପ୍ରେମୀମାନେ ଟୁର୍ନାମେଣ୍ଟରେ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ମିଲେଟ ପ୍ରତିଯୋଗିତା

ନୂଆପଡ଼ା,୧୮।୧୦(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ ଭାଲେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ନୂଆପଡା ପକ୍ଷରୁ ଶିଶୁ ମହୋତ୍ସବ ସୁରଭି ଓ ଓଡିଶା ମିଲେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠି ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ ଭୀମସେନ ଶବର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଚୌଧୁରୀ ଶୋଭାରାଣୀ ମିଶ୍ର, ଶିକ୍ଷାବିତ ଶିବ ପ୍ରସାଦ ବେହେରା, ଲୋକ ସଭା ସଦସ୍ୟ ପ୍ରତିନିଧି ଯଦୁମଣି ପାଣିଗ୍ରାହୀ, ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲୀପ ନିର୍ମଳ କର, ଡା.ଉମାକାନ୍ତ ଭୋଇ, ଜିଲା ପ୍ରକଳ୍ପ ପରିଚାଳକ ୱାସିମ ରାଜା, କଣ୍ଟାବାଞ୍ଜି ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର ପୁରୋହିତ, ଅଧ୍ୟାପକ ଜିତେନ୍ଦ୍ର ସୁନା, ସହ ଗୋଷ୍ଠି ଶିକ୍ଷା ଅଧିକାରୀ ଚୈତେରାମ ନାଏକ, ଉତ୍କଳମଣି ଅଗସ୍ତି, ଚନ୍ଦ୍ରକଳା ଜଗତ, ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନୂଆପଡା ଅଶ୍ୱନୀ କୁମାର ଭୋଇ, ପ୍ରେଧାନ ଶିକ୍ଷକ ପୁଷ୍କର ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ମାମଲା ରୁଜୁ ପରେ ଏବିଇଓ ଉଭାନ

ବଲାଙ୍ଗୀର,୧୮।୧୦(ବୀରେନ୍ଦ୍ର କୁମାର ଝାଙ୍କର)

**ଜାଲ ବିଇଡି ସାର୍ଟିଫିକେଟ ଦେଇ ଚାକିରି**

- ଖୋଲୁଛି ଶିକ୍ଷା ବିଭାଗର ଜାଲ ସାର୍ଟିଫିକେଟ ପେଡ଼ି
- ବିଳମ୍ବରେ ଏଫ୍‌ଆଇଆର ଦିଆଯିବା ଦିଗକୁ ତଦନ୍ତ କରାଯିବ

ବଲାଙ୍ଗୀର ସଦର ଏବିଇଓ ଶ୍ୟାମବନ୍ଧୁ ମେଣ୍ଡିଲି ଜାଲ ବିଇଡି ସାର୍ଟିଫିକେଟ ଦେଇ ଚାକିରି କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗର ସତ୍ୟତା ଜଣାପଡିବା ପରେ ଓଡିଶା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶକ ବଲାଙ୍ଗୀର ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରାଙ୍କୁ ଗତ ୧୨ତାରିଖରେ ସମ୍ପୃକ୍ତ ଏବିଇଓ ମେଣ୍ଡିଲିଙ୍କ ନାଁରେ ଥାନାରେ ଅଭିଯୋଗ (ଏଫ୍‌ଆଇଆର) ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଚିଠି ୧୨ ତାରିଖରୁ ଆସିଥିଲେ ମଧ ଥାନାରେ ଏଫ୍‌ଆଇଆର ଦିଆଯାଇ ନ ଥିଲା। ଗତ ୧୬ ତାରିଖ ଏବିଇଓ ମେଣ୍ଡିଲିଙ୍କ ନାଁରେ ଟାଉନ୍ ଥାନାରେ ଅଭିଯୋଗ ଦାଖଲ କରାଯାଇଥିଲା। ତେବେ ଜିଲା ଶିକ୍ଷା ଅଧିକାରୀଙ୍କ ଅଫିସକୁ ଚିଠି ଆସିବା ଜଣାପଡିଯିବା ପରେ ଏବିଇଓ ମେଣ୍ଡିଲି ୧୩ ତାରିଖରୁ କୁଆଡେ ଚାଲିଯାଇଥିବା ଜଣାପଡିଛି। କେଉଁ କାରଣରୁ ଜିଲା ଶିକ୍ଷା ଅଧିକାରୀ ବେହେରା ଅଭିଯୋଗ ଦାଖଲ କରିବାକୁ ବିଳମ୍ବ କଲେ ଜଣାପଡିନାହିଁ। ଏନେଇ ଜିଲା ଶିକ୍ଷା ଅଧିକାରୀ ବେହେରାଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ଶ୍ୟାମାବନ୍ଧୁ ମେଣ୍ଡିଲି ଚଳିତବର୍ଷ ଏପ୍ରିଲ ମାସରେ ବଲାଙ୍ଗୀର ସଦର ଏବିଇଓ ଭାବେ ଯୋଗ ଦେଇଥିଲେ। ପୂର୍ବରୁ ସେ ବୌଦ୍ଧ ଜିଲାରେ ପ୍ରଧାନ ଶିକ୍ଷକ ଭାବେ କାମ କରୁଥିଲେ। ବୌଦ୍ଧ ଜିଲାରେ ତାଙ୍କର ସାର୍ଟିଫିକେଟ ଯାଞ୍ଚ ହୋଇଥିଲା। ବୌଦ୍ଧ ଜିଲା ଶିକ୍ଷା ଅଧିକାରୀ ତାଙ୍କର ସାର୍ଟିଫିକେଟ ଯାଞ୍ଚ ଫଳାଫଳ ସମ୍ପର୍କରେ ଜଣାଇଥିଲେ। ତାଙ୍କର ସାର୍ଟିଫିକେଟ ଜାଲ ବୋଲି ଜଣାପଡିବା ପରେ ଶିକ୍ଷା ନିର୍ଦ୍ଦେଶାଳୟକୁ ଏ ସମ୍ପର୍କରେ ଜଣାଯାଇଥିଲା। ନିର୍ଦ୍ଦେଶକ ସମ୍ପୃକ୍ତ ଏବିଇଓଙ୍କ ବିରୋଧରେ ଏଫ୍‌ଆଇଆର କରିବାକୁ ପରାମର୍ଶ ଦେଇଥିଲେ। ଗତ୧୩ ତାରିଖରେ ଶିକ୍ଷା ନିର୍ଦ୍ଦେଶାଳୟରୁ ଚିଠି ଆସିଥିଲା। ତେବେ ସେହି ଚିଠିରେ ସାମାନ୍ୟ ତ୍ରୁଟି ଥିବା ଲକ୍ଷ୍ୟ କରି ନିର୍ଦ୍ଦେଶାଳୟକୁ ଜଣାଯାଇଥିଲା। ପରବର୍ତ୍ତୀ ସମୟରେ ୧୬ ତାରିଖରେ ପୁଣି ଥରେ ନିର୍ଦ୍ଦେଶାଳୟରୁ ନିର୍ଦ୍ଦେଶ ଆସିବା ପରେ ସେଦିନ ଟାଉନ୍ ଥାନାରେ ଏଫ୍‌ଆଇଆର ଦିଆଯାଇଥିଲା ବୋଲି ଡିଇଓ ବେହେରା ଗଣମାଧ୍ୟମକୁ ବୁଧବାର କହିଛନ୍ତି। ତେବେ ଏବିଇଓ ମେଣ୍ଡିଲି ଏବେ କେଉଁଠି ଅଛନ୍ତି ସେନେଇ ତାଙ୍କ ପାଖରେ ସୂଚନା ନାହିଁ ବୋଲି କହିଛନ୍ତି। ଥାନାରେ ଏଫ୍‌ଆଇଆର ଦିଆଯାଇଛି ଓ ପୋଲିସ ସେନେଇ ତଦନ୍ତ କରିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଗତ ୧୧ ତାରିଖ ଦିନ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଉକ୍ତ ଚିଠିରେ ଦସ୍ତଖତ ଦେଇଥିବା ଜଣାପଡିଛି। ଚିଠିଟି ୧୩ ତାରିଖରେ ବଲାଙ୍ଗୀର ଡିଇଓ ଅଫିସରେ ପହଞ୍ଚିଥିଲା ବୋଲି ଡିଇଓ ବେହେରା କହିଥିଲେ। ତେବେ ଜାଲ ସାର୍ଟିଫିକେଟ ସଂକ୍ରାନ୍ତରେ ଶିକ୍ଷା ନିର୍ଦ୍ଦେଶକ ଏଫ୍‌ଆଇଆର ଦେବାକୁ ପରାମର୍ଶ ଦେବା ବିଷୟଟି ପ୍ରଘଟ ହେବାରୁ ଏବିଇଓଙ୍କୁ ଅନ୍ୟତ୍ର ଚାଲିଯିବାକୁ ସୁଯୋଗ ମିଳିଛି ବୋଲି ଆଲୋଚନାର ବିଷୟ ହୋଇଛି। ଏବିଇଓ ମେଣ୍ଡିଲିଙ୍କୁ ଅନ୍ୟତ୍ର ପଳାଇ ଯିବାକୁ ସୁଯୋଗ ଦିଆଯାଇଛି କି ନାହିଁ ସେନେଇ ମଧ୍ୟ ପୋଲିସ ତଦନ୍ତ କରାଯିବ ବୋଲି ଜଣେ ଜିଲାର ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।

**ସୁବର୍ଣ୍ଣପୁର ବଳିଯାତ୍ରା**

# ନିଶାର୍ଦ୍ଧରେ ରହସ୍ୟମୟ ଖଉଳ ଫିଟା ବଳି

ସୋନପୁର,୧୮।୧୦(ମୃତ୍ୟୁଞ୍ଜୟ ଶତପଥୀ)

ଅଷ୍ଟଚଣ୍ଡୀଙ୍କ କ୍ଷେତ୍ର ସୁବର୍ଣ୍ଣପୁରରେ ଆଶ୍ୱିନ ଅମାବାସ୍ୟା ଗତ ୧୪ ତାରିଖଠାରୁ ଆରମ୍ଭ ହୋଇଥିବା ପ୍ରସିଦ୍ଧ ବଳିଯାତ୍ରା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଦଶହରା ପର୍ଯ୍ୟନ୍ତ ବିଭିନ୍ନ ଦେବୀ ମନ୍ଦିରରେ ଷୋଳପୂଜା ନୀତି କରାଯାଏ। ଯନ୍ତ୍ର, ତନ୍ତ୍ର ଓ ମନ୍ତ୍ରର ପୀଠ ସୁବର୍ଣ୍ଣପୁର ସହରର ମହାନ ଆଧ୍ୟାତ୍ମିକ ପରମ୍ପରାର ପରିଚାୟକ ଏହି ବଳିଯାତ୍ରା। ରାଜାରାଜୁଡା ଅମଳରୁ ଏହା ଚାଲିଆସିଛି। ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀ, ମହାରାଜାଙ୍କ ଇଷ୍ଟଦେବୀ ମା' ସମଲେଶ୍ୱରୀ ଓ ଖମ୍ବେଶ୍ୱରୀ ମନ୍ଦିରରେ ବିଭିନ୍ନ ବଳିଯାତ୍ରା ଆୟୋଜନ କରାଯାଏ। ବୁଧବାର ବିଳମ୍ବିତ ରାତି ଚତୁର୍ଥୀ ତିଥିରେ ରହସ୍ୟମୟୀ ଖଉଳ ଫିଟା ବଳି ଅନୁଷ୍ଠିତ ହେବ। ରାତ୍ରିର ତୃତୀୟ ପ୍ରହରରେ ଏହି କାର୍ଯ୍ୟକ୍ରମ ଅତି ଗୋପନୀୟ ଭାବେ କରା ଯାଇଥାଏ। ସମଲେଶ୍ୱରୀ ପୀଠରେ ବିଶେଷ ପୂଜା ପରେ ରାତି ସାଢେ ୧୨ଟା ସମୟରେ ବରୁଆ ପୂଜା ଫୁଲ, ପ୍ରସାଦ ସହ ଖମ୍ବେଶ୍ୱରୀଙ୍କ ପୀଠକୁ ଆସନ୍ତି। ଖମ୍ବେଶ୍ୱରୀଙ୍କ ଦର୍ଶନ ପରେ



ଖଉଳ ଫିଟା ବଳି ପରେ ଖମ୍ବେଶ୍ୱରୀ ମନ୍ଦିର ସମ୍ମୁଖରେ ବରୁଆ ଓ ସେବାୟତ ବୃନ୍ଦ (ଫାଇଲ ଫଟୋ)।

ପରମ୍ପରା ଅନୁଯାୟୀ ରାତି ୩ଟାରେ ବରୁଆ ମା' ସୁରେଶ୍ୱରୀଙ୍କ ନିକଟକୁ ଯାଆନ୍ତି। ନିଶାର୍ଦ୍ଧରେ ସୁରେଶ୍ୱରୀ ମନ୍ଦିର ନିକଟ ପୋଖରୀ କୂଳରେ ଥିବା ଏକ ଶିମୁଳି ଗଛ ମୂଳରୁ କଥିତ ଖଉଳ ଗାତରୁ ବରୁଆ ମାଟି ବାହାର କରିବେ। ଖଉଳ ଗାତରୁ ମାଟି କାଢିବା ବିଶେଷ ପର୍ବକୁ ଖଉଳ ଫିଟା କୁହାଯାଏ। ଏହି ସମୟରେ ବରୁଆ ୩ ଥର ଜୋରରେ ଚିତ୍କାର କରେ। ଏପଟେ ଘରେ ଥିବା ବରୁଆର ସ୍ତ୍ରୀ ଦେବୀଙ୍କ ଉଦ୍ଦେଶ୍ୟରେ ବଳି ଦେଇଥାଏ। ମାଟି କାଢିବା ପୂର୍ବରୁ ବରୁଆ ଖଉଳ ଗାତ ପାଖରେ ପୁରୋହିତଙ୍କ ଦ୍ୱାରା କଟା ଯାଇଥିବା ଯନ୍ତ୍ରରେ ଧ୍ୟାନସ୍ଥ ମୁଦ୍ରାରେ ବସନ୍ତି। ଏହି ଯଜ୍ଞକୁଣ୍ଡ ବା ଖଉଳ ଗାତର ମାଟିକୁ ବଳିଯାତ୍ରା ସମୟରେ ବରୁଆ ଦେହରେ ଦେବୀ ପ୍ରବେଶ କରିବା ପାଇଁ ନାଭିରେ ସ୍ପର୍ଶ କରା ଯାଇଥାଏ। ବରୁଆ ବ୍ୟତୀତ ଏହି ମାଟିର ଉଗ୍ର ପ୍ରକୋପକୁ ଅନ୍ୟ କେହି ସହ୍ୟ କରି ପାରନ୍ତି ନାହିଁ ବୋଲି ଲୋକକଥା ଅଛି। ସେହିପରି ଗାତରୁ ମାଟି କାଢିବା ବେଳେ ବରୁଆଙ୍କ ଅଣ୍ଟାରେ ଦଉଡି ବାନ୍ଧି ଚାରିଘରିଆ ମାନେ ଟାଣି ଧରିଥାନ୍ତି। ନ ହେଲେ ମାଟି ତଳେ ଥିବା ସାତବହନି ଦେବୀମାନେ ବରୁଆଙ୍କୁ ଖଉଳ ଗାତକୁ ଟାଣି ନିଅନ୍ତି ବୋଲି ଜନଶ୍ରୁତି ରହିଛି। ଅନ୍ୟପକ୍ଷରେ ଖଉଳ ଗାତରୁ ଧଳା, କଳା ଓ ଲାଲ ରଙ୍ଗର ମାଟି ବାହାରି ଥାଏ ବୋଲି ଲୋକଙ୍କ ବିଶ୍ୱାସ ଅଛି। ମାଟିର ରଙ୍ଗକୁ ନେଇ ପାଳକ ଓ ଅନ୍ୟାନ୍ୟ ଭବିଷ୍ୟବାଣୀ କରାଯାଏ। ଧଳାମାଟି ବାହାରିଲେ ଉତ୍ତମ ପାଳକ, ଲାଲ ମାଟି ବାହାରିଲେ ସେ ବର୍ଷ ମରୁଡି-ଦୁର୍ବିପାକ ଏବଂ କଳାରଙ୍ଗର ମାଟି ବାହାରିଲେ ରୋଗ, ଶୋକ ଓ ମୃତ୍ୟୁର ଘନାଘଟା ରହିବ ବୋଲି ବିଶ୍ୱାସ ରହିଛି। ଖଉଳ ଗାତରୁ ୨ଟି ମାଟି ପାତ୍ରରେ ମାଟି କାଢି ମା' ସମଲେଶ୍ୱରୀ ଓ ମା ଖମ୍ବେଶ୍ୱରୀଙ୍କ ମନ୍ଦିରକୁ ବରୁଆମାନେ ନିଅନ୍ତି। ଏହି ମାଟିକୁ ଆସନ୍ତା ବର୍ଷ ଯାତ୍ରା ସମୟରେ ବରୁଆଙ୍କ ନାଭିରେ ଲଗାଇଲେ ଦେବୀ ଆବିର୍ଭାବ ହୋଇଥାନ୍ତି। ଉକ୍ତ ମାଟିକୁ ଇଷ୍ଟଦେବୀ ସୁରେଶ୍ୱରୀଙ୍କ ପାଦ ତଳେ ଦୁଇ ପାର୍ଶ୍ୱରେ ରଖାଯାଏ। ତେବେ ମାଟି ଉଠାଯିବା ପରେ ବରୁଆଙ୍କୁ ସ୍ଥାନୀୟ ଘାଟ ହନୁମାନ ପୋଖରୀକୁ ସେବାୟତମାନେ ଫିଙ୍ଗିଥାନ୍ତି। ଜଳାଶୟକୁ ଫିଙ୍ଗିବା ସମୟରେ ଉତ୍ତାପ ଲୁହା ପାଣିରେ ପଡିଲା ଭଳି ଶବ୍ଦ ହୋଇଥାଏ ବୋଲି ଲୋକ ମୁଖରୁ ଶୁଣାଯାଏ। ପରେ ଭୋର ସମୟରେ ଖମ୍ବେଶ୍ୱରୀ ମନ୍ଦିର ସମ୍ମୁଖରେ ବରୁଆ ଦ୍ୱାରା ଖୋଳନୃତ୍ୟ ଅନୁଷ୍ଠିତ ହୁଏ। ଏହି ଖଉଳ ଗାତକୁ ପର୍ଶୁରାମଙ୍କ ଯଜ୍ଞଶାଳ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ସୁବର୍ଣ୍ଣପୁରର ପ୍ରଚଳିତ କିମ୍ବଦନ୍ତୀ ଅନୁସାରେ ରାମାୟଣର ବୀର ପର୍ଶୁରାମ ଦିଗ୍‌ବିଜୟ କରି ସାରିବା ପରେ ଏଠାରେ ଯଜ୍ଞାନୁଷ୍ଠାନ ପୂର୍ବକୁ ଦେବୀଙ୍କୁ ସ୍ଥାପନା କରିଥିଲେ। ସେହି ଯଜ୍ଞକୁଣ୍ଡ ଏବେ ଖଉଳ ଗାତ ନାମରେ ପ୍ରସିଦ୍ଧ। ସୁରେଶ୍ୱରୀ ମନ୍ଦିର ପାର୍ଶ୍ୱରେ ଥିବା ଶିମୁଳି ଗଛ ମୂଳରେ ଏକ ଅଲୌକିକ ମହିମା ସମ୍ପନ୍ନ ଖଉଳ ଗାତ ରହିଛି। ଏଠାରେ ପର୍ଶୁରାମଙ୍କ ଦ୍ୱାରା କ୍ଷତ୍ରୀୟ ବୀରଙ୍କ ରକ୍ତ ଆହୁତି ଦିଆ ଯାଉଥିଲା। ପର୍ଶୁରାମ ଯଜ୍ଞ ସମ୍ପାଦନା କରିବା ପରେ ମାତା ରେଣୁକାଙ୍କ ନିର୍ଦ୍ଦେଶରେ ଦେବୀ ସୁରେଶ୍ୱରୀଙ୍କୁ ପ୍ରତିଷ୍ଠା କରିଥିଲେ ବୋଲି ଶୁଣାଯାଏ। ତେଣୁ ମା' ସୁରେଶ୍ୱରୀଙ୍କ ମନ୍ଦିର ରେଣୁକା ପୀଠ ନାମରେ ପରିଚିତ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଗୋବିନ୍ଦ



@ ଦୀପାରାଣୀ



@ ସବିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ବେଆଇନ ଲିଙ୍ଗ ନିରୂପଣ ରୋକିବା ନେଇ ଉପଦେଷ୍ଟା କମିଟି ବୈଠକ

ବୌଦ୍ଧ,୧୮।୧୦(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ଠାରେ ବୁଧବାର ଦିନ ବେଆଇନ ଲିଙ୍ଗ ନିରୂପଣ ରୋକିବା ନେଇ ଉପଦେଷ୍ଟା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାରେ ବେଆଇନ ଲିଙ୍ଗ ନିରୂପଣ ରୋକିବା ନେଇ ଗ୍ରହଣ କରାଯାଇଥିବା ବ୍ୟବସ୍ଥା ଉପରେ ଆଲୋଚନା ହେବା ସହ ଏହାର ସମୀକ୍ଷା କରାଯାଇଥିଲା। ଜିଲାରେ ଥିବା ବେସରକାରୀ ଅଲଟ୍ରାସାଉଣ୍ଡ କ୍ଲିନିକଗୁଡିକ ନିୟମିତ ଯାଞ୍ଚ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଜୟକୃଷ୍ଣ ପ୍ରଧାନ, ଡ. ମଦନ ମୋହନ ପ୍ରଧାନ, ଡ. ସଂଘମିତ୍ରା ପଣ୍ଡା, ଡିପିଏମ ରୁପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଡାକ୍ତରଙ୍କ ଡେପୁଟେଶନ ବାତିଲ ଦାବିରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଉଁଶୁଣୀ,୧୮।୧୦(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ବିଶ୍ୱନାଥ ଶତପଥୀଙ୍କ ଡେପୁଟେଶନ ଆଦେଶ ବାତିଲ ଦାବିରେ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଡା. ଶତପଥୀ ଜଣେ ଦକ୍ଷ ଡାକ୍ତର ହୋଇଥିବା ବେଳେ ୨୦୧୯ ମସିହାରୁ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଇଛନ୍ତି। ମାତ୍ର ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଡେପୁଟେଶନରେ ଅନ୍ୟ ସ୍ଥାନକୁ ପଠାଯାଉଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

## ପୂର୍ବତନ ବିଧାୟକ ସ୍ୱର୍ଗତ ମୁରାରୀ ମିଶ୍ରଙ୍କ ସ୍ମୃତିରେ ନୂଆଁଖାଇ ଭେଟ୍‌ଘାଟ୍




ମୁରାରୀ ମିଶ୍ରଙ୍କ ସ୍ମୃତିରେ ନୂଆଁଖାଇ ଭେଟ୍‌ଘାଟ୍‌ରେ ମଞ୍ଚାସୀନ ଅତିଥି।

ପଦ୍ମପୁର, ୧୮।୧୦(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ବିଜେପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗାଇସିଲେଟ ବ୍ଲକ ତାଲପାଲି ନିକଟସ୍ଥ ଖୁଣ୍ଟପାଲିଠାରେ ପୂର୍ବତନ ବିଧାୟକ ସ୍ୱର୍ଗତ ମୁରାରୀ ମିଶ୍ରଙ୍କ ସ୍ମୃତିରେ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଥିଲା। ଏହି ମହାସମାରୋହରେ ବିଜେପୁର ଓ ପଦ୍ମପୁର ନିର୍ବାଚନ ମଣ୍ଡଳୀର ହଜାର ହଜାର ସଂଖ୍ୟାରେ ମୁରାରୀ ମିଶ୍ର ପ୍ରେମୀ ପୁରୁଷ ମହିଳା ଓ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଯୋଗଦାନ କରିଥିଲେ। ସଭାକୁ ପ୍ରମୋଦ କୁମାର ଦେବତା ପରିଚାଳନା କରିଥିଲେ। ବରିଷ୍ଠ ଚାଷୀ ନେତା କିଶୋର ଦେବତା, ଲଚିନ୍ଦ୍ର କୁମ୍ଭାର, ସରୋଜ ପଟେଲ, ଧନେଶ୍ୱର ମେହେର, ଶେଷଦେବ ବାରିକ, ତେଜରାଜ କର୍ଣ୍ଣାଲ, କରୁଣାକର ସାହୁ, ଓକିଲ କରାଇ, ରିଙ୍କୁ ମହାନ୍ତି, ସଙ୍କଟା ବାଜପେୟୀ, ବୀରେନ୍ଦ୍ର ପଧାନ, ସୁବାସ ତରିଆ, ଡାକ୍ତର ସାହୁ, ସଦାନନ୍ଦ ବଡାଇ, ସୁବଳ ମିଶ୍ର, ବସନ୍ତ ପଧାନ, ପ୍ରସନ୍ନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମିଶ୍ରଙ୍କ ଉପରେ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ବିଧାୟକଙ୍କ ୪୦ଜଣ ସକ୍ରିୟ ସହଯୋଗୀ କାର୍ଯ୍ୟକର୍ତ୍ତାଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ପଦ୍ମପୁର ଉପଖଣ୍ଡର ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। ସ୍ୱର୍ଗତ ମୁରାରୀ ମିଶ୍ରଙ୍କ ଜ୍ୱାଇଁ ଡକ୍ଟର ସୁଶିଳ ଶର୍ମା, ଝିଅ ରାଜଲକ୍ଷ୍ମୀ ମିଶ୍ର, ସୁରଜ ଶର୍ମାଙ୍କ ଉଦ୍ୟମରେ ଏହି ବିରାଟ କାର୍ଯ୍ୟକ୍ରମ ହୋଇଥିଲା। ବିଭିନ୍ନ ଗ୍ରାମରରୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କନ୍ଦା ଗାଡର ଡାଲଖାଇ, ଦୁଲଦୁଲି, ରାଏସଲପଦରର ମହିଳା ସଂକୀର୍ତ୍ତନ, ଭୂତିବାହାଲ ସାଂସ୍କୃତିକ ନୃତ୍ୟ ତଥା ଅନେକ ସ୍ଥାନୀୟ କଳାକାର ନିଜ କଳା ପରିବେଷଣ କରିଥିଲେ।

## ରାବଣ ଦରବାର ଓ ମୀନାବଜାର ମୁଖ୍ୟ ଆକର୍ଷଣ

ବିନିକା,୧୮।୧୦
(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ପୁରୁଣା ବସଷ୍ଟାଣ୍ଡଠାରେ ନବରାତ୍ରି ଅବସରରେ ଦୁର୍ଗାପୂଜା ଧୂମଧାମରେ ପାଳନ କରାଯାଉଛି। ବୁଧବାର ମା' ଜଗତଜନନୀ ଶ୍ରଦ୍ଧାଳୁମାନଙ୍କୁ କୁଷ୍ମାଣ୍ଡା ବେଶରେ ଦର୍ଶନ ଦେଇଛନ୍ତି। ଚଳିତବର୍ଷ ପୂଜାର ମୁଖ୍ୟ ଆକର୍ଷଣ ରାବଣ ଦରକାର, ମୀନାବଜାର ହୋଇଥିବା ବେଳେ ରେକର୍ଡ ଡ୍ୟାନ୍ସ, ଦେବୀ ବନ୍ଦନା କାର୍ଯ୍ୟକ୍ରମ ଦେଖିବାକୁ ଭିଡ ଜମୁଛି। ରାବଣ ଦରବାରରେ ତୃତୀୟ ସନ୍ଧ୍ୟାରେ ପୌରାଣିକ ନାଟକ ପଞ୍ଚବଟୀରେ ବନ ବିହାର, ସୂର୍ପଣଖା ନାସା କର୍ଣ୍ଣ ଛେଦନ, ସୀତା ଚୋରି ଦୃଶ୍ୟ ଦର୍ଶକଙ୍କ ମନ ଛୁଇଁଥିଲା ଲଙ୍କେଶ୍ୱରଙ୍କ ଦରବାରରେ ରାଜଅତିଥି ଭାବେ ଏନଏସି ଉପାଧ୍ୟକ୍ଷା ତପସ୍ୱିନୀ ମେହେରଙ୍କ ସମେତ ସମସ୍ତ କାଉନସିଲର ଯୋଗ ଦେଇଥିଲେ। ଶିକ୍ଷାବିତ୍ ହିମାଂଶୁ ଶେଖର ପଣ୍ଡା ରାଜ ଦରବାର ମଞ୍ଚ ପରିଚାଳନା କରିଥିଲେ।

## ଚାଷ ଜମିରେ ପାଣିମଡ଼ାକୁ କେନ୍ଦ୍ର କରି ଆକ୍ରମଣ ଅଭିଯୋଗ, ଜଣେ ମୃତ

ବୌଦ୍ଧ,୧୮।୧୦(ଅଜିତ କୁମାର ବାରିକ)

ବୌଦ୍ଧ ବ୍ଲକ ଅଧୀନ କନକପୁର ଗ୍ରାମରେ ବୁଧବାର ଚାଷ ଜମିରେ ପାଣିମଡ଼ାକୁ କେନ୍ଦ୍ର କରି ଆକ୍ରମଣ କରାଯିବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଉକ୍ତ ଗ୍ରାମର ଅବଧୂତ ତରିଆ। ମିଳିଥିବା ସୂଚନା ମୁତାବକ, ତାଲସରଡା ପଞ୍ଚାୟତ ଅଧୀନ କନକପୁର ଗ୍ରାମର ଅବଧୂତଙ୍କ ପରିବାର ଓ ଅନ୍ୟ ଏକ ପରିବାର ମଧ୍ୟରେ ଚାଷ ଜମିକୁ ପାଣି ମଡାଇବାକୁ ନେଇ ଗଣ୍ଡଗୋଳ ହୋଇଥିଲା। ବୁଧବାର ଦିନ ସକାଳେ ଅବଧୂତ ଗାଧୋଇବା ପାଇଁ ଯାଉଥିବା କହି ଦୀର୍ଘ ସମୟ ଧରି ଘରକୁ ଫେରି ନ ଥିଲେ। ପରିବାର ଲୋକ ଖୋଜାଖୋଜି କରିବା ପରେ ସେ ପାଣିମଡାକୁ ନେଇ ଗଣ୍ଡଗୋଳ ଲାଗିଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ଘର ଆଗରେ କ୍ଷତାକ୍ତ ଅବସ୍ଥାରେ ପଡିଥିବାର ଦେଖିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବାଉଁଶୁଣୀ ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ବୌଦ୍ଧ ମେଡିକାଲକୁ ପଠାଯାଇଥିଲା। ବୌଦ୍ଧ ମେଡିକାଲରେ ସନ୍ଧ୍ୟାରେ ଅବଧୂତଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ତାଙ୍କୁ ଆକ୍ରମଣ କରାଯିବାରୁ ମୃତ୍ୟୁ ଘଟିଥିବା ପରିବାର ଲୋକଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

## ସୁରଭି ଓ ମିଲେଟ ପ୍ରତିଯୋଗିତା

ନୂଆପଡ଼ା,୧୮।୧୦(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ ଭାଲେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ନୂଆପଡା ପକ୍ଷରୁ ଶିଶୁ ମହୋତ୍ସବ ସୁରଭି ଓ ଓଡିଶା ମିଲେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠି ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ ଭୀମସେନ ଶବର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଚୌଧୁରୀ ଶୋଭାରାଣୀ ମିଶ୍ର, ଶିକ୍ଷାବିତ ଶିବ ପ୍ରସାଦ ବେହେରା, ଲୋକ ସଭା ସଦସ୍ୟ ପ୍ରତିନିଧି ଯଦୁମଣି ପାଣିଗ୍ରାହୀ, ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲୀପ ନିର୍ମଳ କର, ଡା.ଉମାକାନ୍ତ ଭୋଇ, ଜିଲା ପ୍ରକଳ୍ପ ପରିଚାଳକ ୱାସିମ ରାଜା, କଣ୍ଟାବାଞ୍ଜି ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର ପୁରୋହିତ, ଅଧ୍ୟାପକ ଜିତେନ୍ଦ୍ର ସୁନା, ସହ ଗୋଷ୍ଠି ଶିକ୍ଷା ଅଧିକାରୀ ଚୈତରାମ ନାଏକ, ଉତ୍କଳମଣି ଅଗସ୍ତି, ଚନ୍ଦ୍ରକଳା ଜଗତ, ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନୂଆପଡା ଅଶ୍ୱନୀ କୁମାର ଭୋଇ, ପ୍ରେଧାନ ଶିକ୍ଷକ ପୁଷ୍କର ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଜିଲାସ୍ତରୀୟ ବାଳିକା ଫୁଟବଲ ଟୁର୍ନାମେଣ୍ଟ

ବୌଦ୍ଧ/ବାଉଁଶୁଣୀ,୧୮।୧୦ (ଅଜିତ କୁମାର ବାରିକ/ ଦେବାଶିଷ ନେପାକ)

ବୌଦ୍ଧ ବ୍ଲକର ସଂଗ୍ରାମପୁର ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଦିନ ଜିଲାସ୍ତରୀୟ ବାଳିକା ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ, ୟୁନିସେଫ, ଆକସନ ଏଡ ଆସୋସିଏଶନ, ଜିଲା ଶିଶୁ ସୁରକ୍ଷା ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୁଭଦ୍ରା ମହତାବର ମିଳିତ ସହଯୋଗରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀ ସୁବାଷ ଚନ୍ଦ୍ର ସାମଲ, ସିଡିପିଓ ଜ୍ୟୋସ୍ନାରାଣୀ ପାଢୀ, ମନିତି ଦେଓ ଓ ପୋଗ୍ରାମ ଅଫିସର ଗୀତାଞ୍ଜଳୀ ପ୍ରଧାନ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ନାମେଣ୍ଟର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜିଲାକୁ ବାଲ୍ୟ ବିବାହ ମୁକ୍ତ କରାଇବା ସହିତ କିଶୋରୀମାନଙ୍କୁ କ୍ରୀଡା କ୍ଷେତ୍ରରେ ଭାଗ ନେବା ପାଇଁ ଉତ୍ସାହିତ କରିବା। ଏଥିରେ ୫୦ରୁ ଉର୍ଦ୍ଧ୍ୱ ବାଳିକା ଭାଗ ନେଇଥିବା ବେଳେ ୩୦ରୁ ଅଧିକ ଆଶା ଓ ଅଙ୍ଗନୱାଡି କର୍ମୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ କାର୍ଯ୍ୟନିବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଜୟକୃଷ୍ଣ ମିଶ୍ର, ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ବୌଦ୍ଧ ବିଡିଓ କୁଳଦୀପ ମହାନ୍ତି , ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଡିପିଏମ ରୁପକ କୁମାର ମହାପାତ୍ର ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ଯୋଗ ଦେଇଥିଲେ। ଉମା ରାଉତ, ସୁଶ୍ରୀ ଅଲିଭା ପ୍ରଧାନ, ପଞ୍ଚାନନ ପ୍ରଧାନ, ଅମରେଶ ପ୍ରଧାନ, ମନ୍ଦାକିନୀ ବର୍ଗାର୍ତ୍ତି ଓ ନୟନ ମହାନ୍ତି ଛାତ୍ରୀମାନଙ୍କୁ ଟୁର୍ନାମେଣ୍ଟରେ ଭାଗ ନେବାକୁ ଉତ୍ସାହିତ କରିବା ସହ ଖେଳ ପରିଚାଳନା କରିଥିଲେ। ଅତିଥିମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବାଲ୍ୟ ବିବାହ ପରାମର୍ଶଦାତ୍ରୀ ପ୍ରବିଙ୍କା ଦାସ ସଂଯୋଜନା କରିଥିଲେ।




ବାଳିକାମାନେ ଖେଳ ପୂର୍ବରୁ ପରେଡ କରୁଛନ୍ତି।

## ସ୍ୱାଧୀନତା ସଂଗ୍ରାମୀ ପୀଠରୁ ମାଟି ସଂଗ୍ରହ

ପାଇକମାଳ,୧୮।୧୦(ବଡ଼ ଶତପଥୀ)

ବରଗଡ଼ ଜିଲା ପାଇକମାଳଠାରେ ଭାରତୀୟ ଜନତା ପାର୍ଟିର ନେତୃତ୍ୱ 'ମେରୀ ମାଟି, ମେରା ଦେଶ' କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀ ପୀଠ ଓ ଘରୁ ଘରୁ ମାଟି ସଂଗ୍ରହ ଅଭିଯାନ କରାଯାଇଛି। ପଦ୍ମପୁର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟିର ଶତାଧିକ କାର୍ଯ୍ୟକର୍ତ୍ତା ପାଇକମାଳ ନଗର ପରିକ୍ରମା କରିବା ସହ ମାଟି ସଂଗ୍ରହ କରିଥିଲେ। ସର୍ବ ପ୍ରଥମେ ପାଇକମାଳ ଗାଁର ଗୌନ୍ତିଆ ଘର ମାଟି ସଂଗ୍ରହ ହେବାପରେ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ନଗର ପରିକ୍ରମା ସମୟରେ ଘରୁଘରୁ ମହିଳାମାନେ ମାଟି ଆଣି ସଂଗ୍ରହ କରାଯାଇଥିବା କଳସରେ ଦେଉଥିଲେ। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ସ୍ୱର୍ଗତା ପାର୍ବତୀ ଗିରିଙ୍କ କସ୍ତୁରବା ଗାନ୍ଧୀ ମାତୃନିକେତନ,ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଅଲେଖ ପାତ୍ରଙ୍କ ନିବାସ,ନୃସିଂହନାଥ ମନ୍ଦିରରେ ସ୍ଥାପିତ ଗାନ୍ଧୀସ୍ମୃତି ପୀଠ ଓ ନୃସିଂହନାଥ ମନ୍ଦିରରୁ ମାଟି ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାଇକମାଳ ମଣ୍ଡଳ ସଭାପତି କୈଳାସ ଦିଶୀ, ଏମ୍‌ପି ପ୍ରତିନିଧି ବଳରାମ ସାହୁ, ବରିଷ୍ଠ ନେତା ଗୋବର୍ଦ୍ଧନ ଅଗ୍ରୱାଲ, ଜିଲା ଉପସଭାପତି ସରୋଜ ସାମଲ, ସୁଶାନ୍ତ ନାଗ, ରାଜ ମହମ୍ମଦ, ସୁକଦେବ ପ୍ରଧାନ, ସତ୍ୟ ନାରାୟଣ ବେହେରା, ବୋଡାସମ୍ବର ଜମିଦାର ତଥା ଜିଲା ପରିଷଦ ସଦସ୍ୟ ସୁରେନ୍ଦ୍ର ପ୍ରତାପ ସିଂହ ବରିହାଙ୍କ ସମେତ ବହୁ ଭାଜପା କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।




'ମେରୀ ମାଟି, ମେରା ଦେଶ' କାର୍ଯ୍ୟକ୍ରମରେ ମାଟି ସଂଗ୍ରହ କରାଯାଉଛି।

## ସଂକ୍ଷେପରେ

### ଜୁନାଗଡରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ

ଜୁନାଗଡ଼,୧୮।୧୦(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲାର ହାଇସ୍କୁଲଠାରେ ବୁଧବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ତଥା ଓଡିଶା ମିଲେଟସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ବିଇଓ ତପନ ମାଝିଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସବିତା ମେହେର, ଜୁନାଗଡ ଉପନଗରପାଳ ହିମାଦ୍ରୀ ନାଏକ, ଜୁନାଗଡ ହାଇସ୍କୁଲ ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ବାଗ, ଏବିଇଓ ସୁଶାନ୍ତ ଠାକୁର ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସ୍କୁଲ ଛାତ୍ରୀଛାତ୍ର ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଂଶଗ୍ରହଣ କରିଥିଲେ। ସରୋଜ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

### ଦୁର୍ଗାପୂଜା ପାଇଁ ଖଣ୍ଡାଧୁଆ ଯାତ୍ରା



ବେଲପଡ଼ା, ୧୮।୧୦(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ସାର୍ବଜନୀନ ଦୂର୍ଗାପୂଜା ୮୦ବର୍ଷରେ ପଦାର୍ପଣ କରିଛି। ବୁଧବାର ମା'ଙ୍କ ପୂଜା ପାଇଁ ଖଣ୍ଡାଧୁଆ ଯାତ୍ରା ଅନୁଷ୍ଠିତ ହୋଇଥିଲା। ବେଲପଡ଼ା ସିଂ ପରିବାରରୁ ଦୁର୍ଗାଖଣ୍ଡା, ଗୌନ୍ତିଆଘର ଖଣ୍ଡା, ପାଟନେଶ୍ୱରି ମନ୍ଦିରରୁ ପାଟଖଣ୍ଡା, ଲାଛାଗୁଡ଼ିରୁ ପର୍ସୁ ଖଣ୍ଡା ବାହାରି ଶ୍ରଦ୍ଧାଳୁଙ୍କ ଗହଣରେ ସ୍ଥାନୀୟ ଲଛନଦୀକୁ ଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପୂଜାକର୍ତ୍ତା ଦେବାର୍ଚ୍ଚନ ପଟେଲ ଓ ତାଙ୍କ ଧର୍ମପତ୍ନୀ ଯଶୋଦା ପୁଟେଲ ଖଣ୍ଡା ପୂଜାର୍ଚ୍ଚନା କରିଥିଲେ। ପରେ ଏକ ଶୋଭାଯାତ୍ରାରେ ଖଣ୍ଡାକୁ ପୂଜାସ୍ଥଳକୁ ଅଣାଯାଇ ସ୍ଥାପନ କରାଯାଇଥିଲା। ଖଣ୍ଡା ସ୍ଥାପନ ପରେ ଅଧିବାସ ଆରମ୍ଭ ହୋଇଥିଲା। ପୂଜା କମିଟି ସଭାପତି ମଧୁସୂଦନ ଦାସ, ଉପସଭାପତି ଶଙ୍କର ପ୍ରସାଦ ଜୈନ, ଜନାର୍ଦ୍ଦନ ସିଂ, ସମ୍ପାଦକ ପୃଥ୍ୱୀରାଜ ଅଗ୍ରୱାଲ, ଆନନ୍ଦ ମେହେର, ହରିବନ୍ଧୁ ମେହେର ଓ କମିଟି ସଦସ୍ୟଙ୍କ ତତ୍ତ୍ୱାବଧନରେରେ ସାତଦିନ ଧରି ପୂଜା ଅନୁଷ୍ଠିତ ହେବ। ପ୍ରତ୍ୟହ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ସୂତ୍ରରୁ ପ୍ରକାଶ ।

# ଶିଳ୍ପୋଦ୍ୟୋଗୀ ସରକାରୀ ଯୋଜନାର ଲାଭ ଉଠାନ୍ତୁ



ବଲାଙ୍ଗୀର ସ୍ଥିତ ରାଜ୍ୟ ହୋଟେଲ ପ୍ରବନ୍ଧନ ସଂସ୍ଥା ସମ୍ମିଳନୀ କକ୍ଷରେ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ଅସିତ ତ୍ରିପାଠୀ ଶିଳ୍ପୋଦ୍ୟୋଗୀଙ୍କ ସହ ଆଲୋଚନା କରୁଛନ୍ତି।

ବଲାଙ୍ଗୀର,୧୮।୧୦(ବୀରେନ୍ଦ୍ର କୁମାର ଝାଙ୍କର)

**ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଲେ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ**

- ରାଜେନ୍ଦ୍ର ନାରାୟଣ ସିଂଦେଓ କ୍ରୀଡା ପ୍ରାଙ୍ଗଣ ପାଇଁ ୨୦ ଲକ୍ଷର ସହାୟତା
- ୧୦୦୦ ସିଟ୍ ବିଶିଷ୍ଟ ନୂଆ ଅଡିଟୋରିୟମ ନିରୀକ୍ଷଣ କଲେ
- ଡିସେମ୍ବର ସୁଦ୍ଧା ସରିବ ଭୀମ ଭୋଇ ମେଡିକାଲ୍ କଲେଜ ଖେଳପଡିଆ ନିର୍ମାଣ

ରାଜ୍ୟ ସରକାର ତୃଣମୂଳସ୍ତରରେ ଆର୍ଥିକ ସ୍ୱଚ୍ଛଳତା ଏବଂ ସ୍ୱାବଲମ୍ବନ ଲକ୍ଷ୍ୟ ନେଇ ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏଭିତରୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଏକ ଲୋକପ୍ରିୟ ଏବଂ ବହୁ ଲାଭଦାୟୀ ଯୋଜନା। ଶିଳ୍ପଦ୍ୟୋଗୀମାନେ ନିଜସ୍ୱ ଉଦ୍ୟମ ଏବଂ ସରକାରୀ ସହାୟତା ନେଇ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ରୋଜଗାର ଓ ନିଯୁକ୍ତି ଦେଇ ଓଡିଶାର ବିକାଶମୁଖୀ ଧାରାକୁ ତ୍ୱରାନ୍ୱିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ବୋଲି ପଶ୍ଚିମ ଓଡିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି)ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ କୁମାର ତ୍ରିପାଠୀ ବୁଧବାର ସ୍ଥାନୀୟ ହୋଟେଲ ପ୍ରବନ୍ଧନ ସଂସ୍ଥା ସମ୍ମିଳନୀ ପକ୍ଷରେ ଅନୁଷ୍ଠିତ ଆଲୋଚନା ବୈଠକରେ କହିଛନ୍ତି। ଜିଲାର ଶିଳ୍ପଦ୍ୟୋଗୀ ମାନଙ୍କୁ ଉତ୍ସାହିତ କରି ସେମାନଙ୍କ ଭିତରେ ଥିବା ପ୍ରତିଭା ବିକାଶ ସହ ଆର୍ଥିକ ଅଭିବୃଦ୍ଧି ଦିଗରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଏବଂ ବୈଷୟିକ ତାଲିମ ସହାୟକ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଦୀର୍ଘ ସମୟ ଧରି ଜିଲାର ଶିଳ୍ପଦ୍ୟୋଗୀଙ୍କ ସହ ଆଲୋଚନା କରି କିଭଳି ଭାବେ ସେମାନେ ସରକାରଙ୍କ ସହାୟତା ପାଇବେ ଏବଂ ରାଜ୍ୟ ସରକାରଙ୍କ କ'ଣ ସବୁ ଯୋଜନା ଓ ପ୍ରାଥମିକତା ରହିଛି କହିଥିଲେ। ଓଡିଶା ଦକ୍ଷତା ବିକାଶ ଅଧୀନ ସ୍ୱକଳ୍ପ ଶିବିର ଆୟୋଜନ କରାଯାଇଥିଲା । ଶିବିରରେ ପ୍ରାୟ ୪୮୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ଦିଆଯାଉଥିବା ତାଲିମ୍ ବିଷୟରେ ବୁଝିବା ସହ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ।

ଦୁଇଦିନିଆ ବଲାଙ୍ଗୀର ଜିଲା ଗସ୍ତରେ ଆସି ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ତ୍ରିପାଠୀ ବୁଧବାର ଦ୍ୱିତୀୟ ଦିନରେ ଜିଲାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଅନୁଧ୍ୟାନ କରିବା ସହ ଭିନ୍ନଭିନ୍ନ ପ୍ରକଳ୍ପ ପାଇଁ ଅର୍ଥ ଅନୁମୋଦନ କରିଥିଲେ। ରାଜେନ୍ଦ୍ର ନାରାୟଣ ସିଂଦେଓ କ୍ରୀଡା ପ୍ରାଙ୍ଗଣ ପରିଦର୍ଶନ କରି ଦୁଇଟି ଅଭିନବ କ୍ରୀଡା ବୋଲିଂ ଓ ଫେନସିଂକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ୨୦ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଥିଲେ। ଏନେଇ ଏକ ଡିପିଆର ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହାପରେ ଭୀମ ଭୋଇ ମେଡିକାଲ୍ କଲେଜ ଏବଂ ଡାକ୍ତରଖାନା ପରିଦର୍ଶନ କରି ଡିସେମ୍ବର ସୁଦ୍ଧା ଖେଳପଡିଆ କାମ ସରିଯିବ ବୋଲି କହିଥିଲେ। ଏଠାରେ ଖେଳ ପଡିଆ ନିର୍ମାଣ ପାଇଁ ପରିଷଦ ପକ୍ଷରୁ ୨ କୋଟି ଟଙ୍କାର ଅନୁଦାନ ଦିଆଯାଇଛି। ସେଠାରେ ନିର୍ମାଣାଧୀନ ୫୦ ଶଯ୍ୟା ବିଶିଷ୍ଟ କର୍କଟ ଡାକ୍ତରଖାନାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ବଲାଙ୍ଗୀର ମ୍ୟୁନିସିପାଲିଟି ୱାର୍ଡ ନମ୍ବର ୧୭ରେ ଯୁବ ମହିଳା ଉଦ୍ୟୋଗୀ ମମତା ନାଏକଙ୍କୁ ଭେଟିଥିଲେ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧିନରେ ମମତା ନାଏକ ୩୦ ଲକ୍ଷ ଟଙ୍କା ବ୍ୟୟବରାଦରେ କୃଷି ସେବା କେନ୍ଦ୍ର ନିର୍ମାଣ କରି ସ୍ଥାନୀୟ ଚାଷୀ ମାନଙ୍କୁ ସୁଲଭ ମୂଲ୍ୟରେ କୃଷି ଯନ୍ତ୍ରପାତି ଯୋଗାଇ ଦେଉଛନ୍ତି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସହାୟତାରେ ନିର୍ମାଣ ହେଉଥିବା ୧୦୦୦ ସିଟ୍ ବିଶିଷ୍ଟ ନୂଆ ଅଡିଟୋରିୟମ ବୁଲି ଦେଖିଥିଲେ। ମହାଲକ୍ଷ୍ମୀନଗରରେ ପରିଷଦ ସହାୟତାରେ ନିର୍ମିତ କଲ୍ୟାଣ ମଣ୍ଡପ ପରିସରରେ ଡ୍ରେନ୍ ଓ ଫାଟକ ନିର୍ମାଣ କାମ ତଦାରଖ କରିଥିଲେ। ପରିଦର୍ଶନରେ ଡବ୍ଲ୍ୟୁଓଡିସି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଅଜିତ କୁମାର ମିଶ୍ର, ଜିଲାପାଳ ଚଞ୍ଚଳ ରାଣା, ଜିଲା ଆରକ୍ଷୀ ଅଧୀକ୍ଷକ ଋଷିକେଶ ଖିଲାରି, ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ ଉପସ୍ଥିତ ଥିଲେ।

# ଆନ୍ତଃରାଜ୍ୟ ଚାଲାଣକାରୀଙ୍କୁ ୨୦ ବର୍ଷ ଜେଲଦଣ୍ଡ

ଭବାନୀପାଟଣା,୧୮।୧୦(ଉତ୍ତମ କୁମାର ଦାଶ)

**କଳାହାଣ୍ଡିରେ ୩.୮୯ କୋଟି ଗଞ୍ଜେଇ ଜବତ ମାମଲା**

କଳାହାଣ୍ଡିରେ ୩.୮୯ କୋଟିର ଗଞ୍ଜେଇ ଜବତ ମାମଲାରେ ଗିରଫ ହୋଇଥିବା ଜଣେ ଆନ୍ତଃରାଜ୍ୟ ଚାଲାଣକାରୀ ୫ ବର୍ଷ ପରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସେ ହେଲେ ଉତ୍ତରପ୍ରଦେଶର ବାନ୍ଦା ଅଞ୍ଚଳର ମୈନୁଦ୍ଦିନ୍। ବୁଧବାର କଳାହାଣ୍ଡି ଜିଲା ଭବାନୀପାଟଣା ଜିଲା ଓ ଦୌରା ଜଜ୍ଙ୍କ ଅଦାଲତ ବିଚାରପତି ରଞ୍ଜନ କାନୁନ୍‌ଗୋ ତାଙ୍କୁ ୨୦ବର୍ଷ ଜେଲଦଣ୍ଡାଦେଶ ଦେବା ସହ ୨ ଲକ୍ଷ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ତାଙ୍କୁ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାପପତି ରାୟରେ ଉଲ୍ଲେଖ କରିଛନ୍ତି। ସୂଚନା ଅନୁଯାୟୀ, ୨୦୧୮ ମାର୍ଚ୍ଚ ୨୩ରେ ହେଲ୍‌ପର୍ ମୈନୁଦ୍ଦିନ ଓ ଡ୍ରାଇଭର ଇର୍‌ଫାନ୍ ଖାନ୍ ଏକ ଟ୍ରକ୍ (ଏମ୍‌ପି ୧୭ଏଚ୍‌ଏଚ୍ ୧୦୫୩)ରେ ୩୮.୯୪ କ୍ୱିଣ୍ଟାଲ୍ ଗଞ୍ଜେଇ ଭର୍ତ୍ତି କରି ସେମିଳିଗୁଡ଼ାରୁ ଭାୟା ସତିଗୁଡ଼ା ଛକ ହୋଇ ଛତିଶଗଡ଼ ରାୟପୁରକୁ ଚାଲାଣ କରୁଥିଲେ। ଭବାନୀପାଟଣା ସଦର ଥାନା ପୋଲିସ ଖବର ପାଇ ଉକ୍ତ ଟ୍ରକ୍ ପିଛା କରି ମେଦିଙ୍ଗପଦର ଛକ ନିକଟରେ ସକାଳ ପ୍ରାୟ ୯ଟାରେ କାବୁ କରିଥିଲେ। ପୋଲିସ ଟିମ୍ ମୈନୁଦ୍ଦିନ ଓ ଇର୍‌ଫାନ୍‌ଙ୍କୁ ଗିରଫ କରିବା ସହ ଗଞ୍ଜେଇ ଭର୍ତ୍ତି ଟ୍ରକ୍ ଜବତ କରିଥିଲା। ଉଭୟେଙ୍କଠାରୁ ୫୭ ହଜାର ଟଙ୍କା ମଧ୍ୟ ଜବତ ହୋଇଥିଲା। ଭବାନୀପାଟଣା ସଦର ଥାନାରେ ଏକ ମାମଲା (ନଂ.୭୨/୨୦୧୮) ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାର କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ତଦନ୍ତ ଭାର ନେଇ ଏକ ନୂଆ ମାମଲା (ନଂ.୧/୨୦୧୮) ରୁଜୁ କରି ପୁନଃ ତଦନ୍ତ ଆରମ୍ଭ କରିଥିଲା। ଜେଲରେ ଥିବାବେଳେ ଅଭିଯୁକ୍ତ ଇର୍‌ଫାନ୍ ବାପାଙ୍କ ଦେହ ଅସୁସ୍ଥ ଦର୍ଶାଇ ପାରୋଲ୍‌ରେ ଉତ୍ତରପ୍ରଦେଶସ୍ଥିତ ଘରକୁ ଯାଇଥିଲେ। ପରେ ସେ ଫେରାର ହୋଇଯାଇଥିବାରୁ ତାଙ୍କ ନାଁରେ ଏସ୍‌ଟିଏଫ୍ ଏନ୍‌ବିଡବ୍ଲ୍ୟୁ ଜାରି କରିଛି। ଏହି ମାମଲାରେ ୨୦ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରି କୋର୍ଟ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ଜିତେନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ୩୪ ଲିଟର ଦେଶୀ ରନ୍ଧାମଦ ଜବତ, ୨ଗିରଫ

କଣ୍ଟାବାଞ୍ଜି, ୧୮।୧୦(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ଥାନା କମେଇମୁଣ୍ଡା ଓ ମାନ୍ଦଲା ଗ୍ରାମରେ ବୁଧବାର ଅବକାରୀ ବିଭାଗ ଚଢାଉ କରି ୩୪ ଲିଟର ଦେଶୀ ମଦ ଜବତ କରିଛି। କମେଇମୁଣ୍ଡାର ତ୍ରିନାଥ ଭୋଇଙ୍କଠାରୁ ୨୨ଲିଟର ଓ ମାନ୍ଦଲାର କ୍ଷମାଧର ମାଝିଙ୍କଠାରୁ ୧୨ ଲିଟର ମଦ ଜବତ କରାଯାଇଥିଲା। ଦୁଇଟି ପୃଥକ ମାମଲା ରୁଜୁ କରି ଅଭିଯୁକ୍ତ ଦୁଇଜଣଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ କଣ୍ଟାବାଞ୍ଜି ଉପକାରାଗାରକୁ ପଠାଇ ଦିଆଯାଇଥିବା ଅବକାରୀ ଥାନା ଅଧିକାରୀ ପ୍ରବୀଣ କୁମାର ସାହୁ କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ଗୋବିନ୍ଦ



@ ଦୀପାରାଣି



@ ସବିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମୁଖ୍ୟମନ୍ତ୍ରୀ, ୫-ଟି ସଚିବଙ୍କୁ ଦାବିପତ୍ର

ଭବାନୀପାଟଣା,୧୮।୧୦(ଉତ୍ତମ କୁମାର ଦାଶ)

**୮ ଦଫା ଦାବି ନେଇ ଭିଏଲଇ ସଂଘର ଶୋଭାଯାତ୍ରା**

ମୋ ସେବା କେନ୍ଦ୍ର ପରିଚାଳନା କରୁଥିବା କଳାହାଣ୍ଡି ଜିଲା ଭିଏଲଇ ସଂଘ ପକ୍ଷରୁ ୮ଦଫା ଦାବି ନେଇ ବୁଧବାର ଭବାନୀପାଟଣାରେସ୍ଥିତ ମା' ମାଣିକେଶ୍ୱରୀ ମନ୍ଦିରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ଓଡିଶା ମୁଖ୍ୟମନ୍ତ୍ରୀ, ୫-ଟି ସଚିବ ଓ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ୮ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳ ଉପସ୍ଥିତ ନ ଥିବାରୁ ଏହାକୁ ଅତିରିକ୍ତ ଜିଲାପାଳ ଗ୍ରହଣ କରିଥିଲେ। ବର୍ତ୍ତମାନ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ଜନସାଧାରଣଙ୍କ ସେବାରେ ସଫଳ ନିୟୋଜିତ କରୁଥିବା ମୋ ସେବା କେନ୍ଦ୍ରକୁ ପଞ୍ଚାୟତ ପରିସରରେ ସ୍ଥାନ ଦେବା ଓ ପଞ୍ଚାୟତସ୍ତରରେ ହେଉଥିବା ସମସ୍ତ ଯୋଜନାର ସମ୍ପାଦନ ଓ ପରିଚାଳନାରେ ମୋ ସେବା କେନ୍ଦ୍ରକୁ ସଂଶ୍ଳିଷ୍ଟ ରଖିବା, ପୁନଶ୍ଚ କାର୍ଯ୍ୟରତ, ଅଭିଜ୍ଞ ମୋ ସେବା କେନ୍ଦ୍ର ପରିଚାଳକ ଗଣ ଥିବା ସତ୍ତ୍ୱେ ସିଏସପି ପ୍ଲସ ଭଳି ନୂଆ ଯୋଜନା ଖୋଲାଯାଇ ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବା ପ୍ରତିଶ୍ରୁତି ଦିଆଯାଇଛି। କିନ୍ତୁ ଗତ ୩ବର୍ଷରୁ ଉର୍ଦ୍ଧ୍ୱ ହେଲା ମୋ ସେବା କେନ୍ଦ୍ର ଖୋଲି ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ କଳାହାଣ୍ଡିର ଜନସାଧାରଣଙ୍କ ସେବାରେ ସରକାରଙ୍କ ଆର୍ଥିକ ସହାୟତା ବିନା ସଫଳ ନିୟୋଜିତ ହେଉଛି। ତେଣୁ ସିଏସପି ପ୍ଲସକୁ ରଦ୍ଦ କରି ମୋ ସେବା କେନ୍ଦ୍ରକୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବା ତଥା ମୋ ସେବା କେନ୍ଦ୍ର ୫-ଟି ଅନ୍ତର୍ଭୁକ୍ତ ହୋଇଥିବାରୁ ଏହାକୁ ପ୍ରାଧାନ୍ୟ ଦେବା ପାଇଁ ସେମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜିଲା ମୋ ସେବା କେନ୍ଦ୍ର ଭିଏଲଇ ସଂଘ ସଭାପତି ଯଶୋବନ୍ତ ନାରାୟଣ ବେହେରା, ସମ୍ପାଦକ ସଞ୍ଜୟ ସରାଫ, କୋଷାଧ୍ୟକ୍ଷ ରଶ୍ମି ରଞ୍ଜନ ସାହୁ ତଥା ଜିଲାର ସମସ୍ତ ବ୍ଲକରୁ ଶତାଧିକ ମୋ ସେବା କେନ୍ଦ୍ର ପରିଚାଳକ ଉପସ୍ଥିତ ଥିଲେ।

## ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଟିଟିଲାଗଡ଼,୧୮।୧୦ (ଶରତ ମିଶ୍ର)

ବଲାଙ୍ଗୀର ଜିଲ ଟିଟିଲାଗଡ ଥାନା ଅନ୍ତର୍ଗତ ବାଞ୍ଜିଖାଲ ଗ୍ରାମର ଜଣେ ଯୁବକଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଛି। ମୃତକ ହେଲେ ନର୍ପଲା ମାଝି(୨୯) । ବୁଧବାର ପୂର୍ବାହ୍ନରେ ସ୍ଥାନୀୟ ବାଞ୍ଜିମୁଣ୍ଡା ଡ୍ୟାମକୁ ସେ ଗାଧୋଇବା ପାଇଁ ଯାଇଥିବାବେଳେ ପାଣିରେ ବୁଡି ଯାଇଥିଲେ। ଖବର ପାଇ ଗାଁଲୋକେ ଡ୍ୟାମ ପାଣିରେ ଖୋଜାଖୋଜି ପରେ ତାଙ୍କ ମୃତଦେହ ଠାବ ହୋଇଥିଲା। ଟିଟିଲାଗଡ ପୋଲିସ ମୃତଦେହ ଜବତ କରିଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ହେବ। ଗରିବ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ହେଉଛି।

# ବନ୍ଦ ପଡ଼ିଥିବା ରେଳ କ୍ୱାର୍ଟର୍ସରେ ଚାଲିଛି ଅସାମାଜିକ କାର୍ଯ୍ୟ

ବନ୍ଧମୁଣ୍ଡା,୧୮।୧୦ (ସୁବ୍ରତ ଡେ)



ବନ୍ଧମୁଣ୍ଡା ରେଲବାଇ କଲୋନୀରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ କ୍ୱାର୍ଟର୍ସ ବହୁ ବର୍ଷ ଧରି ବନ୍ଦ ହୋଇ ପଡି ରହିଛି। ଫଳରେ ସକାଳୁ ରାତି ପର୍ଯ୍ୟନ୍ତ ସେଠାରେ ଅସାମାଜିକ କାର୍ଯ୍ୟକଳାପ ବଢୁଥିବା ଅଭିଯୋଗ ହେଉଛି। ରେଳବାଇ କର୍ମଚାରୀ ଓ ସେମାନଙ୍କ ପରିବାର ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କିଛି ଲୋକ ଏହି କ୍ୱାର୍ଟରକୁ ଜବର ଦଖଲ କରି ନିଜ ପରିବାର ସହିତ ବସବାସ କରିବା ଆରମ୍ଭ କରି ଦେଇଛନ୍ତି। ବନ୍ଧମୁଣ୍ଡା ଡି-ସେକ୍ଟର, ସି-ସେକ୍ଟର, ଇ-ସେକ୍ଟର, ଏ-ସେକ୍ଟର ଏବଂ ଡିଜେଲ କଲୋନୀ ସ୍ଥିତ ଏହି କ୍ୱାର୍ଟର୍ସରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଗଞ୍ଜେଇ, ଡ୍ରଗ୍ସ ଏବଂ ମଦ ଖୋଲାଖୋଲି ଭାବେ ଚାଲୁଅଛି। ରାଉରକେଲା ଏବଂ ଏହାର ଆଖପାଖ ଅଞ୍ଚଳର କିଛି ଅପରାଧୀମାନେ ଅପରାଧ କରିବା ପରେ ଏଠାରେ ଲୁଚି ରହୁଛନ୍ତି। ତେବେ ରେଳ ବିଭାଗ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଜିଲାସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସ



ସୁନ୍ଦରଗଡ,୧୮।୧୦(ଜୟ ନାରାୟଣ ମେଣ୍ଡୁଲି)

ସ୍ଥାନୀୟ ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବୁଧବାର ଜିଲା ସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ବିଷୟ ସ୍ୱାସ୍ଥ୍ୟ ଓ ସୁସ୍ଥତା ସକାଶେ ଆମ ପରିସଂସ୍ଥାକୁ ଜାଣିବା। ସ୍ୱାସ୍ଥ୍ୟ ଓ ଜୀବନ ସହ ଏହାର ସମ୍ପର୍କ ଉପରେ ଜିଲାର ବଣାଇ, ରାଉରକେଲା ଓ ସୁନ୍ଦରଗଡ ଉପଖଣ୍ଡର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରକଳ୍ପ ଗୁଡିକ ଉପସ୍ଥାପିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଡ.ନୀଳାଚଳ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଟ୍ରଫି ଓ ପ୍ରଂଶସା ପତ୍ର ନିର୍ମଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବୈଷ୍ଣବୀ ମହାପାତ୍ରଙ୍କୁ ପ୍ରଦାନ କରିଥିଲେ। ଶ୍ରେଷ୍ଠ ମନୋନୀତ ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ରାଜଗାଙ୍ଗପୁର ନିର୍ମଳା ଇରାଜୀ ମାଧ୍ୟମ ବିଦ୍ୟାଳୟ ବୈଷ୍ଣବୀ ମହାପାତ୍ର, ସୁନ୍ଦରଗଡ ପବ୍ଲିକ ସ୍କୁଲର ସ୍ମୃତି ପ୍ରଭା ସତପଥୀ, ବଣାଇ ରାଜା ଧରଣୀଧର ଉଚ୍ଚ ବିଦ୍ୟାଳୟର ଲକ୍ଷ୍ମୀପ୍ରିୟା ମିଶ୍ର, ରାଉରକେଲା ସେକ୍ଟର-୬ ସରକାରୀ ଉଚ୍ଚ ବିଦ୍ୟାଳୟର ଶୁଭମ ସାହୁ, ଉଜ୍ଜ୍ୱଳପୁର ଉଚ୍ଚ ବିଦ୍ୟାଳୟର ସୁଷମା କିଷାନ ପ୍ରମୁଖ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆରାଧନା ଭୋଇ, ସମଗ୍ର ଶିକ୍ଷା ସଂଯୋଜକ ଅମାତ୍ୟ ପଧାନ,ବିଜ୍ଞାନ ନିରୀକ୍ଷକ ଚନ୍ଦ୍ରଶେଖର ସା, ଅନନ୍ତ ରାମ ପାଣ୍ଡେ, ସସ୍ମିତା ଯୋଶୀ, ପର୍ଶୁ ସାହୁ, ଅଶୋକ କୁମାର ପରିଡା ଓ ଚନ୍ଦନ ସତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମାମଲା ରୁଜୁ ପରେ ଏବିଇଓ ଉଭାନ

ବଲାଙ୍ଗୀର,୧୮।୧୦(ବୀରେନ୍ଦ୍ର କୁମାର ଝାଙ୍କର)

**ଜାଲ ବିଇଡି ସାର୍ଟିଫିକେଟ ଦେଇ ଚାକିରି**

- ଖୋଲୁଛି ଶିକ୍ଷା ବିଭାଗର ଜାଲ ସାର୍ଟିଫିକେଟ ପେଡ଼ି
- ବିଳମ୍ବରେ ଏଫ୍‌ଆଇଆର ଦିଆଯିବା ଦିଗକୁ ତଦନ୍ତ କରାଯିବ

ବଲାଙ୍ଗୀର ସଦର ଏବିଇଓ ଶ୍ୟାମବନ୍ଧୁ ମେଣ୍ଡିଲି ଜାଲ ବିଇଡି ସାର୍ଟିଫିକେଟ ଦେଇ ଚାକିରି କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗର ସତ୍ୟତା ଜଣାପଡିବା ପରେ ଓଡିଶା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶକ ବଲାଙ୍ଗୀର ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରାଙ୍କୁ ଗତ ୧୨ତାରିଖରେ ସମ୍ପୃକ୍ତ ଏବିଇଓ ମେଣ୍ଡିଲିଙ୍କ ନାଁରେ ଥାନାରେ ଅଭିଯୋଗ (ଏଫ୍‌ଆଇଆର) ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଚିଠି ୧୨ ତାରିଖରୁ ଆସିଥିଲେ ମଧ୍ୟ ଥାନାରେ ଏଫ୍‌ଆଇଆର ଦିଆଯାଇ ନ ଥିଲା। ଗତ ୧୬ ତାରିଖ ଏବିଇଓ ମେଣ୍ଡିଲିଙ୍କ ନାଁରେ ଟାଉନ୍ ଥାନାରେ ଅଭିଯୋଗ ଦାଖଲ କରାଯାଇଥିଲା। ତେବେ ଜିଲା ଶିକ୍ଷା ଅଧିକାରୀଙ୍କ ଅଫିସକୁ ଚିଠି ଆସିବା ଜଣାପଡିଯିବା ପରେ ଏବିଇଓ ମେଣ୍ଡିଲି ୧୩ ତାରିଖରୁ କୁଆଡେ ଚାଲିଯାଇଥିବା ଜଣାପଡିଛି। କେଉଁ କାରଣରୁ ଜିଲା ଶିକ୍ଷା ଅଧିକାରୀ ବେହେରା ଅଭିଯୋଗ ଦାଖଲ କରିବାକୁ ବିଳମ୍ବ କଲେ ଜଣାପଡିନାହିଁ। ଏନେଇ ଜିଲା ଶିକ୍ଷା ଅଧିକାରୀ ବେହେରାଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ଶ୍ୟାମାବନ୍ଧୁ ମେଣ୍ଡିଲି ଚଳିତବର୍ଷ ଏପ୍ରିଲ ମାସରେ ବଲାଙ୍ଗୀର ସଦର ଏବିଇଓ ଭାବେ ଯୋଗ ଦେଇଥିଲେ। ପୂର୍ବରୁ ସେ ବୌଦ୍ଧ ଜିଲାରେ ପ୍ରଧାନ ଶିକ୍ଷକ ଭାବେ କାମ କରୁଥିଲେ। ବୌଦ୍ଧ ଜିଲାରେ ତାଙ୍କର ସାର୍ଟିଫିକେଟ ଯାଞ୍ଚ ହୋଇଥିଲା। ବୌଦ୍ଧ ଜିଲା ଶିକ୍ଷା ଅଧିକାରୀ ତାଙ୍କର ସାର୍ଟିଫିକେଟ ଯାଞ୍ଚ ଫଳାଫଳ ସମ୍ପର୍କରେ ଜଣାଇଥିଲେ। ତାଙ୍କର ସାର୍ଟିଫିକେଟ ଜାଲ ବୋଲି ଜଣାପଡିବା ପରେ ଶିକ୍ଷା ନିର୍ଦ୍ଦେଶାଳୟକୁ ଏ ସମ୍ପର୍କରେ ଜଣାଯାଇଥିଲା। ନିର୍ଦ୍ଦେଶକ ସମ୍ପୃକ୍ତ ଏବିଇଓଙ୍କ ବିରୋଧରେ ଏଫ୍‌ଆଇଆର କରିବାକୁ ପରାମର୍ଶ ଦେଇଥିଲେ। ଗତ୧୩ ତାରିଖରେ ଶିକ୍ଷା ନିର୍ଦ୍ଦେଶାଳୟରୁ ଚିଠି ଆସିଥିଲା। ତେବେ ସେହି ଚିଠିରେ ସାମାନ୍ୟ ତ୍ରୁଟି ଥିବା ଲକ୍ଷ୍ୟ କରି ନିର୍ଦ୍ଦେଶାଳୟକୁ ଜଣାଯାଇଥିଲା। ପରବର୍ତ୍ତୀ ସମୟରେ ୧୬ ତାରିଖରେ ପୁଣି ଥରେ ନିର୍ଦ୍ଦେଶାଳୟରୁ ନିର୍ଦ୍ଦେଶ ଆସିବା ପରେ ସେଦିନ ଟାଉନ୍ ଥାନାରେ ଏଫ୍‌ଆଇଆର ଦିଆଯାଇଥିଲା ବୋଲି ଡିଇଓ ବେହେରା ଗଣମାଧ୍ୟମକୁ ବୁଧବାର କହିଛନ୍ତି। ତେବେ ଏବିଇଓ ମେଣ୍ଡିଲି ଏବେ କେଉଁଠି ଅଛନ୍ତି ସେନେଇ ତାଙ୍କ ପାଖରେ ସୂଚନା ନାହିଁ ବୋଲି କହିଛନ୍ତି। ଥାନାରେ ଏଫ୍‌ଆଇଆର ଦିଆଯାଇଛି ଓ ପୋଲିସ ସେନେଇ ତଦନ୍ତ କରିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଗତ ୧୧ ତାରିଖ ଦିନ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଉକ୍ତ ଚିଠିରେ ଦସ୍ତଖତ ଦେଇଥିବା ଜଣାପଡିଛି। ଚିଠିଟି ୧୩ ତାରିଖରେ ବଲାଙ୍ଗୀର ଡିଇଓ ଅଫିସରେ ପହଞ୍ଚିଥିଲା ବୋଲି ଡିଇଓ ବେହେରା କହିଥିଲେ। ତେବେ ଜାଲ ସାର୍ଟିଫିକେଟ ସଂକ୍ରାନ୍ତରେ ଶିକ୍ଷା ନିର୍ଦ୍ଦେଶକ ଏଫ୍‌ଆଇଆର ଦେବାକୁ ପରାମର୍ଶ ଦେବା ବିଷୟଟି ପ୍ରଘଟ ହେବାରୁ ଏବିଇଓଙ୍କୁ ଅନ୍ୟତ୍ର ଚାଲିଯିବାକୁ ସୁଯୋଗ ମିଳିଛି ବୋଲି ଆଲୋଚନାର ବିଷୟ ହୋଇଛି। ଏବିଇଓ ମେଣ୍ଡିଲିଙ୍କୁ ଅନ୍ୟତ୍ର ପଳାଇ ଯିବାକୁ ସୁଯୋଗ ଦିଆଯାଇଛି କି ନାହିଁ ସେନେଇ ମଧ୍ୟ ପୋଲିସ ତଦନ୍ତ କରାଯିବ ବୋଲି ଜଣେ ଜିଲାର ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।

# ସୋନାଲିକାର ରେକର୍ଡ ପରିମାଣର ବିକ୍ରି



ଭୁବନେଶ୍ୱର,୧୮।୧୦ (ଅଭୟ ଦାଶ)

ପ୍ରତି ଆର୍ଥିକ ବର୍ଷ ଭଳି ଚଳିତ ଆର୍ଥିକ ବର୍ଷର ପ୍ରଥମ ଅର୍ଦ୍ଧବାର୍ଷିକ ମଧ୍ୟରେ ସୋନାଲିକା ରେକର୍ଡ ପରିମାଣର ଟ୍ରାକ୍ଟର ବିକ୍ରି କରିଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ସୋନାଲିକା ମୋଟ ୭୮,୭୯୩ ୟୁନିଟ୍ ଟ୍ରାକ୍ଟର ବିକ୍ରି କରିଛି। ଉଦ୍ୟୋଗରେ ସର୍ବାଧିକ ଘରୋଇ ବିକ୍ରି ଅଭିବୃଦ୍ଧି ଯୋଗୁ ଏହା ସମ୍ଭବ ହୋଇଛି ବୋଲି ସୋନାଲିକା ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ବିଶେଷ କରି ପ୍ରଭାବଶାଳୀ ପ୍ରଦର୍ଶନ ସହ କମ୍ପାନୀ ୨୦୨୩ ସେପ୍ଟେମ୍ବରରେ ୧୫.୮%ର ବଜାର ଅଂଶ ହାସଲ କରିଛି। ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର ଲିମିଟେଡ୍‌ର ଜଏଣ୍ଟ ମ୍ୟାନେଜିଂ ଡାଇରେକ୍ଟର ରମଣ ମିତ୍ତଲ କହିଛନ୍ତି, ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧ (୬ ମାସ)ରେ ଆମେ ୭୮,୭୯୩ ଟ୍ରାକ୍ଟର ବିକ୍ରିକରି ଉଦ୍ୟୋଗରେ ସର୍ବାଧିକ ଘରୋଇ ବିକ୍ରି ଅଭିବୃଦ୍ଧି ହାସଲ କରିଛୁ। ଏପରିକି ବଜାରରେ ପ୍ରଭାବଶାଳୀ ପ୍ରଦର୍ଶନ ସହ କମ୍ପାନୀ ଆଉ ଏକ ନୂତନ ମାଇଲଖୁଣ୍ଟ ହାସଲ କରିଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ୨୦୨୩ ସେପ୍ଟେମ୍ବରରେ ଆମେ ୧୫.୮% ର ସର୍ବାଧିକ ବଜାର ଅଂଶ ମଧ୍ୟ ହାସଲ କରିଛୁ। ଏହି ଦମ୍‌ଦାର ପ୍ରଦର୍ଶନ ସହ କୃଷକଙ୍କ ପାଇଁ ଅଧିକ ଆନନ୍ଦ ଆଣିବା ଲାଗି ଆମେ ନିକଟରେ '୫ ବର୍ଷ ୱାରେଣ୍ଟି'ର ଶୁଭାରମ୍ଭ କରିଛୁ, ଯାହା କୃଷକମାନଙ୍କ ସହ ଆମ ସମ୍ପର୍କକୁ ସୁଦୃଢ଼ କରିବା ଏବଂ ନୂତନ ବଜାରରେ ପ୍ରବେଶ କରିବାରେ ସକ୍ଷମ କରିବ।

# ଖସିଲା ଶେୟାର ବଜାର କାରବାର

ଭୁବନେଶ୍ୱର,୧୮।୧୦

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୫୧ (୫୫୧.୦୭) ପଏଣ୍ଟ ଖସି ୬୫,୮୭୭ (୬୫,୮୭୭.୦୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୦୪ (୧୦୪.୪୦) ପଏଣ୍ଟ ହ୍ରାସ ଘଟି ୧୯,୬୭୧(୧୯,୬୭୧.୧୦) ଅଙ୍କରେ କାରବାର ବନ୍ଦ କରିଥିଲା। ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ୍, ସ୍ମଲ୍ କ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ମେଗା ଜନସୁରକ୍ଷା ପରିପୂର୍ଣ୍ଣତା ଅଭିଯାନ

ଭୁବନେଶ୍ୱର,୧୮।୧୦

ଇଣ୍ଡିଆନ୍ ବ୍ୟାଙ୍କର କଟକ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ 'ମେଗା ଜନସୁରକ୍ଷା ପରିପୂର୍ଣ୍ଣତା ଅଭିଯାନ' ଅନ୍ତର୍ଗତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ନିକଟରେ କଟକଠାରେ ଆୟୋଜିତ ହୋଇଯାଇଛି। ବ୍ୟାଙ୍କର କର୍ପୋରେଟ୍ କାର୍ଯ୍ୟାଳୟ ମହାପ୍ରବନ୍ଧକ (ଆର୍ଥିକ ଅନ୍ତର୍ଭୁକ୍ତୀକରଣ) ଭେଙ୍କଟେଶନଙ୍କ ଅଧ୍ୟକ୍ଷତାରେ ବୈଠକ ପରିଚାଳନା କରାଯାଇଥିଲା। ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ ଅରୁଣା ଏମ୍, ଆଞ୍ଚଳିକ ପ୍ରବନ୍ଧକ ପି.ଦାଶମହାପାତ୍ର, ଉପ-ଆଞ୍ଚଳିକ ପ୍ରବନ୍ଧକ ମଳୟ ମହାନ୍ତି, ମୁଖ୍ୟ ପ୍ରବନ୍ଧକ ବି.ସେନାପତି, ମୁଖ୍ୟ ପ୍ରବନ୍ଧକ ପି.କେ.ଶତପଥୀ, ନୋଡାଲ ଅଫିସର ସତ୍ୟରଞ୍ଜନ ଦାସଙ୍କ ସମେତ କଟକ ଆଞ୍ଚଳିକ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ଭେଙ୍କଟେଶନ ଏମ୍ ବଛା ବଛା ବିସିଙ୍କୁ ପୁରସ୍କୃତ କରିଥିଲେ ଏବଂ ଭବିଷ୍ୟତରେ ଟାର୍ଗେଟ ହାସଲ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ କଟକର କୁରାଙ୍ଗ ଶାସନଠାରେ ଏକ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିରର ମଧ୍ୟ ଆୟୋଜନ କରାଯାଇଥିଲା। ଏଥିରେ ଇଣ୍ଡିଆନ୍ ବ୍ୟାଙ୍କର ନିକଟବର୍ତ୍ତୀ ୮ଟି ଶାଖାର ହିତାଧିକାରୀମାନେ ଯୋଗଦେଇ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ମହାପ୍ରବନ୍ଧକ ଭେଙ୍କଟେଶନ , କ୍ଷେତ୍ର ମହାପ୍ରବନ୍ଧକ ଅରୁଣା ଏମ୍ ଏବଂ ଆଞ୍ଚଳିକ ପ୍ରବନ୍ଧକ ପି. ଦାଶମହାପାତ୍ରଙ୍କ ଉପସ୍ଥିତିରେ ସୁରକ୍ଷା ବୀମା ଯୋଜନା ଅଧୀନରେ ନିଜର ନାମାଙ୍କନ କରାଇଥିଲେ। ଉକ୍ତ ବୈଠକରେ ବ୍ୟାଙ୍କର ସମସ୍ତ ଶାଖା ପ୍ରବନ୍ଧକ, ସେବା ପ୍ରଦାନକାରୀ ଏବଂ ସେମାନଙ୍କ ବିସିମାନଙ୍କ ପାଇଁ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ନେଇ ଏକ ସମ୍ବେଦନଶୀଳ କାର୍ଯ୍ୟକ୍ରମ ନିକଟରେ ଆୟୋଜିତ ହୋଇଯାଇଛି। ସୂଚନାଯୋଗ୍ୟ, ୨୦୨୩ ଅକ୍ଟୋବର ୧ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମେଗା ଜନ ସୁରକ୍ଷା ପରିପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ ଏଭଳି ବୈଠକର ଆୟୋଜନ କରାଯାଉଛି।

# ଗ୍ଲେନ୍‌ମାର୍କର ନୂତନ ଉତ୍ପାଦ ଉନ୍ମୋଚିତ

ଭୁବନେଶ୍ୱର,୧୮।୧୦

ଗ୍ଲେନ୍‌ମାର୍କ ଫାର୍ମାସ୍ୟୁଟିକାଲ୍ସ ଲିମିଟେଡ୍‌ର ନୂତନ ଉତ୍ପାଦ 'ଡାପାଗ୍ଲିଫୋଜିନ୍,ଟେନେଲିଗ୍ଲିପ୍ଟିନ୍ ଓ ମେଟଫର୍ମିନ୍' ଆଦିକୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷକରି ଉପରୋକ୍ତ ଉତ୍ପାଦ ସହ ଭାରତରେ ବହୁଳ ଭାବେ ବ୍ୟବହୃତ ପ୍ରଥମ ଫିକ୍ସଡ ଡୋଜ୍ ମିଶ୍ରଣକୁ ମଧ୍ୟ ବଜାର ପ୍ରବେଶ କରାଇଛି। ଏହି ଏଫ୍‌ଡିସି ବ୍ରାଣ୍ଡ୍ ହେଉଛି, ଜିଟା ଡିଏମ୍ ଓ ଏଥିରେ ଡିପିପି୪ ଇନ୍‌ହିବିଟର ଟେନେଲିଗ୍ଲିପ୍ଟିନ୍ (୨୦ମି.ଗ୍ରା.), ଡାପାଗ୍ଲିଫୋଜିନ୍ (୧୦ମି.ଗ୍ରା.) ଓ ମେଟ୍‌ଫର୍ମିନ (୫୦୦ମି.ଗ୍ରା./୧୦୦୦ମି.ଗ୍ରା.) ଏକ ନିର୍ଦ୍ଧାରିତ ମାତ୍ରାରେ ଶୁଭାରମ୍ଭ କରାଯାଇଛି। ବିଶେଷକରି ଏହା ଡାଇବେଟିସ୍ ଟାଇପ୍-୨ ରୋଗୀମାନଙ୍କ ପାଇଁ ବେଶ୍ ସହାୟକ ହେବ। ଗ୍ଲେନ୍‌ମାର୍କ ଫାର୍ମାର ପ୍ରେସିଡେଣ୍ଟ ଓ ବିଜନେସ ହେଡ୍ ଇଣ୍ଡିଆ ଫର୍ମୁଲେଶନ୍ସ ଆଲୋକ ମଲିକ କହିଛନ୍ତି, ଡାଇବେଟିସ୍ କ୍ଷେତ୍ରରେ ଭାରତ ହେଉଛି ବିଶ୍ୱର ଦ୍ୱିତୀୟ ଦେଶ। ଏଠାରେ ରୋଗୀମାନେ ଅନିୟମିତ ହେମୋଗ୍ଲୋବିନ ଏ୧ସି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଟାସେଲ୍ ଡିସ୍‌ଫଙ୍କସନ ଯାହା ଓଜନ ବୃଦ୍ଧି ପରି ଅନ୍ୟ ରୋଗ ସହ ଇନ୍‌ସୁଲିନ କ୍ଷରଣକୁ ବାଧା ଦେଇଥାଏ। ମଧୁମେହ ପରିଚାଳନା କରିବା ପାଇଁ ଆଜି ଲୋକମାନେ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଆମେ ଏହି ପରିପ୍ରେକ୍ଷୀରେ କ୍ରୋନିକ ଡାଇବେଟିସ୍ ରୋଗୀମାନଙ୍କ ପାଇଁ ଆମର ଏହି ଉତ୍ପାଦର ଶୁଭାରମ୍ଭ କରି ବହୁ ଖୁସି। ଏହାଦ୍ୱାରା ରୋଗୀମାନେ ଉପକୃତ ହୋଇପାରିବେ।

# ବିଓବିର ପୁରସ୍କାର ବିତରଣ ସମାରୋହ

ଭୁବନେଶ୍ୱର,୧୮।୧୦

ବ୍ୟାଙ୍କ ଅଫ୍ ବରୋଦା(ବିଓବି)ର କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ହିନ୍ଦୀ ଦିବସର ପୁରସ୍କାର ବିତରଣ ସମାରୋହ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ବିଓବି କଟକ କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ ୨୦୨୩ ସେପ୍ଟେମ୍ବର ୧ରୁ ୩୦ ମଧ୍ୟରେ ଆୟୋଜିତ ହୋଇଥିବା ବିଭିନ୍ନ ରାଜଭାଷା ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଓବି କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ରଞ୍ଜିତ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରର ବିକାଶରେ ରାଜଭାଷା ହିନ୍ଦୀର ଯୋଗଦାନ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ହିନ୍ଦୀ ମାସ ଅବସରରେ କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ଓ ଶାଖାଗୁଡ଼ିକର ସମସ୍ତ କର୍ମଚାରୀଙ୍କ ପାଇଁ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଆୟୋଜନ କରାଯାଇଥିଲାବେଳେ ରାଜଭାଷା କ୍ଷେତ୍ରରେ ଶ୍ରେଷ୍ଠ କାର୍ଯ୍ୟ ସମ୍ପାଦନ କରିଥିବା ବିଭାଗ ଏବଂ ଶାଖାଗୁଡ଼ିକୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଉକ୍ତ ସମାରୋହରେ କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ରଞ୍ଜିତ କୁମାର ଓ ଉପ-କ୍ଷେତ୍ରୀୟ ମୁଖ୍ୟ ସଂଗ୍ରାମ ଜି.ପି.ବେହେରାଙ୍କ ସମେତ କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ଓ ଶାଖା କାର୍ଯ୍ୟାଳୟର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।


GOVERNMENT OF ODISHA — No.O-1295:

## OFFICE OF THE CHIEF CONSTRUCTION ENGINEER,CENTRAL RURAL WORKS CIRCLE, BHUBANESWAR

No.5329/ Date 16.10.2023

"e" Procurement Notice for Road Works

| | | |
|---|---|---|
| 1 | Name of the Work | 15 No. of Road Works |
| 2 | Total No. of works: | 08 Nos. road under MMSY-TRIP, 01 road under CMRL, 02 roads under SACI and 04 roads under SDMF for the year 2023-24 |
| 3 | Estimated Cost of the Work | Varies from Rs.316.44 lakhs to Rs.2070.63 lakhs |
| 4 | Class of Contractor | |
| | a)Estimated cost more than Rs. 1.00 Crores up to Rs. 20.00 Crores | A Class (of Odisha PWD) or relevant class of other licensing authorities |
| | b) Estimated Cost more than Rs.6.00 Crores upto Rs.50.00 Crores | Special Class (of Odisha PWD) or relevant class of other licensing authorities |
| 5 | Period of completion | As mentioned in Column-7 of Annexure |
| 6 | Offered rates by bidder | The offered rate by the contractor shall be excluding GST. |
| 7 | Other details | |

| Procurement Officer | Bid Identification No. | Availability of Tender Online for bidding | | Date & Time of Opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.42 of 2023 | 19.10.2023 at 11.00 A.M. | 03.11.2023 upto 5.00 P.M. | 04.11.2023 at 11.00 A.M. | To be intimated lateron |

Further details can be seen from the website:- www.tendersodisha.gov.in

Sd./- Chief Construction Engineer
Central Rural Works Circle, Bhubaneswar

OIPR-25082/11/0032/2324



## ODISHA COOPERATIVE TASAR & SILK FEDERATION (SERIFED) LTD.

Sahid Nagar, Janpath, Bhubaneswar-751 007, Tel : 2545586/2545852
email- serifedodisha@gmail.com, website- www.serifedodisha.in

TENDER CALL NOTICE

BID IDENTIFICATION NO:- VI-01(09)/SERIFED/2023-24/1975/13.10.2023

No. CAD-2479:- The MANAGING DIRECTOR (SERIFED), Odisha, Bhubaneswar invites Item rate tenders in double cover system in ONLINE MODE only, for the 01 No. of works at Phulbani, Dist-Kandhamal. The bid documents such as DTCN/BOQ etc. can be seen/ downloaded from the Government website : www.tendersodisha.gov.in. during the period dt. 19.10.2023 to 17.00 hours upto dt. 30.10.2023. Online bids shall be received till 17.00 hours dt. 30.10.2023 & shall be opened at 11.30 A.M. on Dt. 31.10.2023. Any addendum / corrigendum / cancellation of tender can also be seen in the said website.

Sd./- MANAGING DIRECTOR
OIPR-39036/11/0012/2324



GOVERNMENT OF ODISHA "e" PROCUREMENT NOTICE

## OFFICE OF THE SUPERINTENDING ENGINEER PURI (R&B) DIVISION, PURI

WORKS DEPARTMENT

TENDER CALL NOTICE

Bid Identification No.SE(R&B) Puri-40/2023-24
E-mail:eerbpuri@yahoo.co.in

No.B-1094:The Superintending Engineer, Puri (R&B) Division, Puri on behalf of Governor of Odisha invites percentage rate bid in Single Cover/Double Cover system in ONLINE MODE from the eligible class of contractors registered with the State Governments and contractors of equivalent Grade/Class registered with Central Government/Railways.

1. Nature of Work : Building Works
2. No. of Work : 3 Nos.
3. Tender Cost : Rs.6000.00 /Rs.10000.00 (On-Line)
4. Class of Bidders : 'C' Class & 'B' Class
5. Available of Bid document in the Website : From 10.00 AM of Dt.18.10.2023 to 5.00 PM of Dt.25.10.2023
6. Last date of receipt of Tender : Dt.25.10.2023 upto 5.00 P.M.
7. Date of Opening of Bid : Dt.26.10.2023 at 11.30 A.M.
8. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum/ Corrigendum/ Cancellation of tender can also be seen in the said website.

Sd./- Superintending Engineer
Puri (R&B) Division, Puri

OIPR-34064/11/0027/2324



## The Odisha Small Industries Corporation Ltd.

(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-2484 OSIC GST No. 21AAACO2101M1Z1

TENDER CALL NOTICE

Tender Notice No.4923/OSIC/MKT Dt.17.10.2023

The Odisha Small Industries Corporation Ltd., Cuttack invites sealed bids from experienced registered Distributors/ Dealers/Manufacturers for procurement, supply & installation of Smart Interactive Panel along with its accessories & peripherals in 39 SSD High Schools of Sundargarh District under of 5-T High Schools Transformation. The detail specifications, quantity of the items along with terms and conditions is available in OSIC website. Any corrigendum/ changes/modifications will appear in OSIC website: www.osicltd.in only and all the bidders are further advised to keep referring OSIC website for any updates with reference to this advertisement.

By order of MD
Sd/-General Manager(O)

OIPR-14073/11/0062/2324



GOVERNMENT OF ODISHA

## ODIA LANGUAGE, LITERATURE & CULTURE DEPARTMENT HAREKRUSHNA MAHTAB STATE LIBRARY, BHUBANESWAR

RR-37

ADVERTISEMENT

No. –ASD–Estt.–II–13/2023 / 1945 / HKMSL., Dtd. 17.10.2023

Applications are invited from the retired Government Officers/ Employees for engagement as OSDs for 11 posts in the Harekrushna Mahtab State Library, Bhubaneswar on contractual basis against the following vacant posts for a period of one year or till the vacancy is filled up., whichever is earlier as per the terms and conditions as stated bellow.

| Sl. No. | Name of the Post | Nos. of Post |
|---|---|---|
| 01 | Librarian - II | 01 |
| 02 | Assistant Librarian | 05 |
| 03 | Library Assistant | 01 |
| 04 | Jr. Storekeeper | 01 |
| 05 | Jr. Assistant | 01 |
| 06 | Library Attendant | 02 |
| | | Total 11 |

1. Officers who have from retired from Government service on attaining the age of superannuation and below the age of sixty five years having good service records and are physically fit shall be eligible to be considered for engagement.
2. Officers against whom department proceeding or criminal cases are pending or contemplated or who have been penalized for misconduct during the period of proceeding five years of retirement are not eligible to apply.
3. The engagement will be made as per terms and conditions as laid down vide GA Department Resolution No. 23750/ Gen. Dt. 27.08.2014.
4. The Consolidated remuneration of the Consultants/ OSDs will be fixed as per Finance Department O.M. No. 7022/F Dt. 17.03.2018 and revised O.M. No. 24533 dt. 29.09.2022.
5. The engaged officers are subject to 'Odisha Government Servants Conduct Rules, 1957' and are liable to be proceeded against for their misconduct, omissions and commissions as per the provisions under the
6. The engagement can be terminated at any time by the competent authority due to unsatisfactory performance. On the contrary if any OSD desires to resign he shall do so by giving one month's prior written notice to the competent authority.
7. On being selected, the applicant will furnish an undertaking at the time of joining the duty as regards truthfulness and correctness of the information furnished by him/her.
8. Interested retired Officers fulfilling the above criteria may apply in the enclosed format to the Director, HKM State Library, Bhubaneswar through e-mail id: hkmsl@rediffmail.com/hkmsl2022@gmail.com by 27th October, 2023.

Sd/–
Director, HKM State Library

OIPR–03016/11/0001/2324



## ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

STATE INSTITUTE FOR RURAL DEVELOPMENT & PANCHAYATI RAJ
PANCHAYATI RAJ AND DRINKING WATER DEPARTMENT, GOVT. OF ODISHA

No. 1971 / SIRD & PR, Bhubaneswar Date: 16.10.2023
i-438

REQUEST FOR PROPOSAL

Request for Proposals (RFP) are invited from the reputed Human Resource Service Provider Agency (HRSPA) to provide Human Resources on outsource basis as per the ToR at SIRD&PR, Bhubaneswar. Details of ToR has been uploaded in the office website www.sirdodisha.nic.in.

Interested HRSPA may visit the office website www.sirdodisha.nic.in for downloading the details of ToR. Further, addendum / corrigendum / cancellation if any in this context can be seen in the office website only. The tender documents should reach addressing the Director, SIRD&PR, Unit-VIII, Gopabandhu Nagar, Bhubaneswar-751012 with the requisite documents through Registered / Speed Post / Courier Service within the scheduled date and time mentioned below :

Last date of receipt of Bid : 10.11.2023 upto 05.30 P.M.

Date & Time of Opening of
Technical Bid: 13.11.2023 at 11.30 A.M.

Sd/-
Director

OIPR-19214/11/0010/2324



No.C-1640:

www.watcoodisha.in

GOVERNMENT OF ODISHA
WATER CORPORATION OF ODISHA

## OFFICE OF THE GENERAL MANAGER WATCO DIVISION, SAMBALPUR

Phone No.(0663)-2412135, Email Id:eephdsbp@gmail.com

NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No.GMWATCOSBP-10/2023-24, Dt.12.10.2023

01. Name of the Work : 8 Nos. Work
02. Type of Bid : Two Bid System
03. Estimated Cost : Rs.52.69 Lakh to Rs.77.29 Lakh
04. Period of Completion : 3 (Three) Calendar Months
05. Date & Time of availability of bid document in the portal : From 11.00 AM of dt.18.10.2023 to 5.00 PM of 02.11.2023
06. Last date/time of receipt of bids in the portal : 5.00 PM of 02.11.2023
07. Date & Time of Opening of technical bids : At 11.30 AM of 03.11.2023
08. Name and Address of the Officer Inviting Bid : General Manager WATCO Division, Sambalpur Brooks Hill, Near Stadium At/PO- Motijharan Dist-Sambalpur-768001

Further details can be seen from the website http://tenders.ori.nic.in or www.tendersorissa.gov.in

Sd./-General Manager
WATCO Division, Sambalpur

OIPR-13247/11/0014/2324



## ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, କେନ୍ଦୁଝର

ସଂଖ୍ୟା: 382 ତାରିଖ: 17.10.23

No.g-99:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଉଦ୍ଧାର କରାଯାଇଥିବା ନିମ୍ନଲିଖିତ ଶିଶୁଟିକୁ କେନ୍ଦୁଝର ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶନାମା ୧୧୩/୨୦୨୩ ବଳରେ ମନୋଜ ମଞ୍ଜରୀ ଶିଶୁଯତ୍ନ ଅନୁଷ୍ଠାନ, କେନ୍ଦୁଝରଠାରେ ରଖାଯାଇଅଛି । ଏହି ଶିଶୁଟିର ଯଦି କେହି ପିତାମାତା, ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାଆନ୍ତି ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ ଦିନ (୩୦) ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର, କେନ୍ଦୁଝର, ଫୋନ୍ ନଂ. ୦୬୭୬୬-୨୫୫୦୫୨ କିମ୍ବା ଶିଶୁ ମଙ୍ଗଳ ସମିତି ଫୋନ ନଂ. ୦୬୭୬୬-୨୫୩୨୧୩ରେ ଯୋଗାଯୋଗ କରିପାରିବେ । ଉପରୋକ୍ତ ସମୟସୀମା ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ । କିଶୋର ନ୍ୟାୟ ଅଧିନିୟମ- ୨୦୧୫ ଧାରା ୩୮(୧) ଓ ପୋଷ୍ୟସନ୍ତାନ ନିୟମାବଳୀ ୨୦୨୨ ଅନୁଯାୟୀ ଏହି ଶିଶୁଟିକୁ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ବିବେଚିତ କରାଯିବ ।

| କ୍ର.ନଂ. | ନାମ | ଫଟୋ |
|---|---|---|
| ୧ | ନାମ: ଶ୍ରଦ୍ଧାଞ୍ଜଳି<br>ଲିଙ୍ଗ: ମହିଳା<br>ବୟସ: ୨୦ ଦିନ<br>ଉଦ୍ଧାର ତାରିଖ: ୦୪.୧୦.୨୦୨୩<br>ଶିଶୁ ମଙ୍ଗଳ ସମିତି ନଂ.: ୧୧୩/୨୦୨୩<br>ଉଦ୍ଧାର କରାଯାଇଥିବା ସ୍ଥାନ: କେନ୍ଦୁଝର ମେଡିକାଲ |  |

ସ୍ୱା./-ଜିଲ୍ଲାପାଳ, କେନ୍ଦୁଝର
OIPR-33015/11/0004/2324



See Career Appointment on every Wednesday & Saturday



## ODISHA MINING CORPORATION LIMITED

OMC House, Bhubaneswar-751001, Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

No.CAD-2490

E-PROCUREMENT NOTICE

Bid Document No.OMC/E-PROC/CMC/129/2023 Date:18.10.2023

| # | Parameter | Name |
|---|---|---|
| 1 | Name of Work | Engagement of Agency for Development, Installation, Commissioning, Operation and Maintenance of Investment Management Application System for OMC Limited |
| 2 | Availability of tender document | Date:18.10.2023 |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in).

OIPR-30005/11/0148/2324 Advisor (C&P)



## ODISHA WATER SUPPLY & SEWERAGE BOARD

2ND FLOOR, UNNATI BHAWAN, SATYANAGAR, BHUBANESWAR, ODISHA
Phone : (0674) 2571185, e-mail: eicowssb@gmail.com
National Competitive Bidding through e-Procurement

CAD-2480

REQUEST FOR PROPOSAL (RfP)

to empanel Agencies and Rates for Procurement of 500 litres capacity Cesspool Emptier Vehicles for different Urban Local Bodies of Odisha.

Bid Identification No. : 01/OWSSB/RfP of 2023-24, dt.16.10.2023

| Sl. No. | Name of Work | Estimated Cost excluding GST (Rs. in Lakh) |
|---|---|---|
| 1. | a) Manufacture, assembly and supply of **178** (one hundred seventy eight) nos. of Cesspool Emptier Vehicles of **500** litres capacity mounted on a three wheeler vehicle chassis with accessories, safety devices and protective gears for operarting personnel, insurance, registration charges, transportation charges, FOR at different Urban Local Bodies of Odisha, demonstration, trial run and training etc. all complete with warranty period of 1 year. | 2073.70 |
| | b) Annual Maintenance contract (AMC) charges for a period of **5** (five) years after expiry of warranty period of 1 year including spare parts and consumable items except POL of vehicles for 178 (One hundred seventy eight) numbers of cesspool emptier vehicles. | 716.45 |

a) Period of Completion of Supply: 120 days
b) Availability of Bid Document for Online Bidding: From dt. **20.10.2023** (17.00 Hrs) to dt. **13.11.2023** (17.00 Hrs)
c) Name & Address of Officer Inviting Bid/RfP:- Engineer in Chief, OWSSB. 2nd Floor, Unnati Bhawan, Satyanagar, Bhubaneswar-7, Email: eicowssb@gmail.com
d) Further details can be seen from the e-Procurement portal https://www.tendersodisha.gov.in.
e) Corrigendum, Clarification, if any for the above works shall be uploaded in the website only. Intending Bidders are urged to visit the above website regularly to keep themselves updated.

Sd/-
Engineer in Chief

OIPR-32497/11/0002/2324



GOVERNMENT OF ODISHA — No.O-1284

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, KENDRAPARA-JAJPUR

AT/PO- NAYABAZAR, CUTTACK-753004, Tel.No.0671-2444488, Email:serw_kpd@yahoo.com

No. Tender_Online_RCK-37/23 Letter No.3900, Date:11.10.23

e-Procurement Notice

1. Name of the Work: Tender for the Bridge Works under BSY in the Dist. of Kendrapara & Jajpur.
2. Class of Contractor: As specified in the Column-06 of the Annexure.
3. Time of Completion: As specified in the Column-07 of the Annexure.
4. Detail Projects : As per Annexure attached
5. Other details:

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-37/23 | 19.10.2023 at 11.00 A.M. | 06.11.2023 to 05.00 P.M. | 04.11.2023 upto 02.00 P.M. | 07.11.2023 at 11.00 A.M. | To be intimated later |

Further details can be seen from the website www.tendersorissa.gov.in

Sd./- D.P. Karan
Chief Construction Engineer, Rural Works Circle, Kendrapara-Jajpur

OIPR-25129/11/0043/2324



GOVERNMENT OF ODISHA

## INFORMATION & PUBLIC RELATIONS DEPARTMENT

File No.IPR-FP-IITF-0004-2023/14171/ I&PR, dtd 17.10.2023

TENDER CALL NOTICE

No.Z-22:- Sealed tenders are invited from reputed registered Event Management firms / Agencies for undertaking activities relating to different works of Odisha Pavillion, at Pragati Maidan, New Delhi in connection with IITF-2023. Tent work, Light and Sound arrangement, Printing of Invitation Cards, different Folders, Transportation, Hospitality and accommodation of cultural troupes / staff, arrangement of Fires safety, Cleaning and Sanitation works, Flower decoration, Installation of CCTV, Supply of Computer etc. are to be provided by the Firm / Agencies. The details of specifications of work to be executed can be found in the technical bid of the Tender Paper hosted in Govt. website **www.odisha.gov.in and www.inpr.odisha.gov.in**.

Intending bidders may submit their bid duly filled in along with all the required documents by 3.00 P.M. on 31.10.2023. The bids will be opened and scrutinized by a Committee in presence of the bidders / their authorized agents at 4.00 P.M. on the same date.

THE BIDDERS ARE REQUIRED TO SUBMIT TECHNICAL BID AND FINANCIAL BID IN SEPARATE SEALED COVERS SUPERSCRIBING AS TECHNICAL BID & FINANCIAL BID AND BOTH THE PACKETS IN ANOTHER COVER SUPERSCRIBED AS BID FOR ORGANISATION OF DIFFERENT WORKS IN IITF-2022.

The bids must be sent only by Registered Post or Speed Post or Courier Service or can be dropped in the Sealed Box kept in the office of the undersigned for the purpose. The bid must reach this office not later than 3.00 P.M. on 31.10.2023. Bids received beyond the prescribed time and date shall be summarily rejected. The Committee will examine the Financial bid of only those agencies found qualifying in the Technical bid.

The authority reserves the right to cancel the entire tender process or part without assigning any reason thereof.

In case of any dispute / ambiguity in the Tender Process, the decision of the Tender Calling Authority is final, binding and can not be challenged.

Sd./- Director, I&PR
OIPR-15001/11/0166/2324

## ରାଷ୍ଟ୍ରୀୟ ମଜଦୁର କଂଗ୍ରେସର କେନ୍ଦ୍ରୀୟ ସମ୍ପାଦକ ହେଲେ ମାନସ ଚୌଧୁରୀ

**ଭୁବନେଶ୍ୱର,(ସୁନିତ୍ ମିଶ୍ର):** ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଅଧକ୍ଷ ସଞ୍ଜିବା ରେଡି ବୁଧବାର ମାନସ ରଞ୍ଜନ ଚୌଧୁରୀଙ୍କୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର କେନ୍ଦ୍ରୀୟ ସମ୍ପାଦକ ଭାବେ ନିଯୁକ୍ତି ଦେଇଛନ୍ତି। ମାନସ ରାଜ୍ୟ କଂଗ୍ରେସର ଜଣେ ବରିଷ୍ଠ ନେତା। ଏବେ ସେ କଟକ ଜିଲା କଂଗ୍ରେସ ସଭାପତି ଭାବେ କାର୍ଯ୍ୟ କରୁଛନ୍ତି। ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଦସ୍ୟ ଥିବା ମାନସ ପୂର୍ବରୁ ଭୁବନେଶ୍ୱର ଜିଲା କଂଗ୍ରେସର ସଭାପତି ଭାବେ କାର୍ଯ୍ୟ କରିଥିଲେ।


### ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୫୩ ପ୍ରାର୍ଥୀଙ୍କ ନାଁ ଘୋଷଣା କଲା କଂଗ୍ରେସ

## ଛତିଶଗଡ଼ ନିର୍ବାଚନ

**ନୂଆଦିଲ୍ଲୀ,୧୮।୧୦ :** ଛତିଶଗଡ଼ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ବୁଧବାର ଦ୍ୱିତୀୟ ପର୍ଯ୍ୟାୟରେ ୫୩ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଛି। ବରିଷ୍ଠ ନେତା ମୋତିଲାଲ ଭୋରାଙ୍କ ପୁଅ ଅରୁନ୍ ଭୋରାଙ୍କୁ ଦୁର୍ଗ ସିଟି ଆସନରୁ ପ୍ରାର୍ଥୀ କରାଯାଇଛି। ଦ୍ୱିତୀୟ ପ୍ରାର୍ଥୀ ତାଲିକା ସହ ଛତିଶଗଡ଼ର ମୋଟ ୯୦ ଆସନ ମଧ୍ୟରୁ ୮୩ଟିରେ କଂଗ୍ରେସ ପ୍ରାର୍ଥୀ ଦେଇଛି। ବିଧାୟକ ବିକାଶ ଉପାଧ୍ୟାୟ ରାୟପୁର ସିଟି ୱେଷ୍ଟ ଆସନରୁ ପ୍ରାର୍ଥୀ ହୋଇଥିବାବେଳେ ପଙ୍କଜ ଶର୍ମା ରାୟପୁର ଗ୍ରାମାଞ୍ଚଳ ଏବଂ ମହନ୍ତ ରାମସୁନ୍ଦର ଦାସ ରାୟପୁର ସିଟି ସାଉଥ୍ ଆସନରୁ ପ୍ରାର୍ଥୀ ହୋଇଛନ୍ତି। ଛତିଶଗଡ଼ ବିଧାନସଭା ଭୋଟ ନଭେମ୍ବର ୭ ଏବଂ ୧୭ ତାରିଖ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇ ଡିସେମ୍ବର ୩ରେ ଫଳ ପ୍ରକାଶ ପାଇବ। ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ନେତୃତ୍ୱରେ କଂଗ୍ରେସ ଉକ୍ତ ରାଜ୍ୟରେ କ୍ଷମତା ବଜାୟ ରଖିବାକୁ ଉଦ୍ୟମ ଜାରି ରଖିଛି।



କେରଳ ସରକାରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣି ଥିରୁଭାନନ୍ତପୁରମ୍‌ଠାରେ ବିରୋଧୀ ୟୁଡିଏଫ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଆଜମ୍ ଖାନ୍‌ଙ୍କ ବିରୋଧରେ ଷଡ଼ଯନ୍ତ୍ର ଚାଲିଛି: ଅଖିଲେଶ

**ଲକ୍ଷ୍ନୌ,୧୮।୧୦:** ନକଲି ଜନ୍ମ ପ୍ରମାଣପତ୍ର ମାମଲାରେ ରାମପୁର (ଏମ୍‌ପି-ବିଧାୟକ) କୋର୍ଟ ଆଜମ୍ ଖାନ୍, ତାଙ୍କ ସ୍ତ୍ରୀ ତାଜିନ୍ ଫତିମା ଏବଂ ପୁଅ ଅବଦୁଲ୍ଲା ଆଜମଙ୍କୁ ୭ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଆଜମ୍‌ଙ୍କ ପରିବାରକୁ ଦିଆଯାଇଥିବା ଦଣ୍ଡ ଉପରେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଲେଶ ଯାଦବ କହିଛନ୍ତି, ଆଜମ୍‌ଙ୍କ ଧର୍ମ ଅଲଗା, ତେଣୁ ତାଙ୍କ ପ୍ରତି ଅନ୍ୟାୟ କରାଯାଉଛି। ପ୍ରକୃତ ପକ୍ଷେ ତାଙ୍କ ବିରୋଧରେ ଏକ ଷଡ଼ଯନ୍ତ୍ର ରଚାଯାଇଛି।


## ମନେ ପଡ଼ନ୍ତି

### ୩ୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ପ୍ରସନ୍ନ କୁମାର ତ୍ରିପାଠୀ**

ଆବିର୍ଭାବ: ୩୧/୧୨/୧୯୫୧ ତିରୋଧାନ: ୨୧/୦୯/୨୦୨୦
ଆଇ.ଆର୍.ସି ଭିଲେଜ୍, ଭୁବନେଶ୍ୱର

ଚାହିଁ ଚାହିଁ ୩ ବର୍ଷ ବିତିଗଲା। ଆମକୁ ଲାଗୁଛି ଆପଣ ଆମ ନିକଟରେ ଅଛନ୍ତି। ଆପଣଙ୍କର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଅଶେଷ ଅନୁରାଗ ସବୁବେଳେ ମନେପଡୁଛି। ଆଜିର ଏହି ପୁଣ୍ୟ ତିଥିରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ : ପତ୍ନୀ, କନ୍ୟା, ଜାମାତା, ନାତି, ନାତୁଣୀ ତଥା ପରିବାରବର୍ଗ।

ଧ-୭୪୫୯୦

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**୰ ପ୍ରଦୀପ କୁମାର ଜେନା**

ଆବିର୍ଭାବ- 20.3.1965
ତିରୋଧାନ- 21.9.2020

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଭ୍ରାତା- ପ୍ରମୋଦ, ପ୍ରତାପ, ପ୍ରକାଶ, ପୁତ୍ର/ପୁତ୍ରୀ- ବିଟୁ, ଲିଟୁ, ଟିଣ୍ଟୁ, ଲବ୍‌ଲି, ନିକି, ମିକି, ପ୍ରାଚି, ଜେନା ପରିବରବର୍ଗ।

**ଲକ୍ଷ୍ମୀସାଗର, ଭୁବନେଶ୍ୱର**

ଧ-୧୬୪୧

### ପ୍ରଥମ ଶ୍ରାଦ୍ଧାବାର୍ଷିକ ଉପଲକ୍ଷେ



**୰ଉର୍ବଶୀ ଷଡ଼ଙ୍ଗୀ**

ସ୍ୱାମୀ- ଦିବ୍ୟସିଂହ ଷଡ଼ଙ୍ଗୀ
ସା.- ଭେଜିଫୁଟ, ନୂଆସାହି, ପୋ.- ଭଞ୍ଜନଗର, ଗଞ୍ଜାମ
ଆବିର୍ଭାବ- 1.1.1930
ତିରୋଧାନ- 30.09.2022

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶ୍ରଦ୍ଧାଞ୍ଜଳି ସହ- ପୁତ୍ର- ବଂଶୀଧର, ରାଜେନ୍ଦ୍ର, ରବୀନ୍ଦ୍ର, ସୁରେନ୍ଦ୍ର, ବୋହୂ- ରଜନୀ, ସୁଷମା, ସୁଷମା, ସୌଦାମିନୀ, ନାତି ଓ ନାତୁଣୀ- ବାପା, ଝିଅ, ବାପୁଲୁ, ଚିଣ୍ଟୁ, ଟିଣ୍ଟୁ, ରିଣ୍ଟୁ, ଜିଣ୍ଟୁ ଏବଂ ମିଣ୍ଟୁ, ନାତୁଣୀ ବୋହୂ- ଚିନୁ, ଜିନୁ, ମାମା, ମିଷ୍ଟି ଏବଂ ବର୍ଷା, ଅଣନାତି ଓ ନାତୁଣୀ- ସାନ୍‌ଭୀ, ଦିଶା, ଚିକି, ଶୁଭ, ନିକି ଏବଂ ଶ୍ରୀଜା।

ଧ-୧୬୦୪


## ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ପ୍ରସ୍ତୁତ ଲାଗି ଜିଲା ସଭାପତିଙ୍କୁ ଚିଠି

### ୨୦୨୪ ନିର୍ବାଚନ : ପ୍ରାର୍ଥୀ ଚୟନ ପାଇଁ ପ୍ରକ୍ରିୟା ଆରମ୍ଭ କଲା କଂଗ୍ରେସ

**ଭୁବନେଶ୍ୱର, ୧୮।୧୦(ସୁନିତ୍ ମିଶ୍ର):** ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏବେଠାରୁ ନିଜର ପ୍ରସ୍ତୁତି ଜୋର୍‌ଦାର କରିଛି କଂଗ୍ରେସ। ଆଗୁଆ ପ୍ରାର୍ଥୀ ଘୋଷଣା କରିବା ନିମନ୍ତେ ଦଳ ପକ୍ଷରୁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଏକ ପ୍ରକାର ଆରମ୍ଭ ହୋଇଯାଇଛି। ଉଭୟ ଲୋକ ସଭା ଏବଂ ବିଧାନସଭା ପାଇଁ ଯୋଗ୍ୟ ଆଶାୟୀ ପ୍ରାର୍ଥୀଙ୍କ ତାଲିକା ମାସକ ଭିତରେ ପଠାଇବାକୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଦଳର ସବୁ ସାଙ୍ଗଠନିକ ଜିଲା ସଭାପତିଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। କଂଗ୍ରେସର ଜିଲା ସଭାପତିମାନେ ଜିଲା ଓ ବ୍ଲକସ୍ତରର ନେତାମାନଙ୍କ ସହ ବିଚାରବିମର୍ଶ କରି ପ୍ରତ୍ୟେକ ଲୋକ ସଭା ଏବଂ ବିଧାନସଭା ଆସନ ପାଇଁ ୩ରୁ ୫ ଜଣଙ୍କ ନାଁ ପଠାଇବେ। ଯେଉଁମାନଙ୍କ ନାଁ ପଠାଇବେ ସେମାନେ ଯେପରି ଯୋଗ୍ୟ ଏବଂ ଜିତିବା ସମ୍ଭାବନା ଥିବା ପ୍ରାର୍ଥୀ ହୋଇଥିବେ। ସେମାନେ ତାଲିକା ପ୍ରସ୍ତୁତକରି ସିଧାସଳଖ ପିସିସି ସଭାପତିଙ୍କ ନିକଟକୁ ପଠାଇବେ। ସମ୍ଭାବ୍ୟ ତାଲିକା ପଠାଇବା ବେଳେ ସେଥିରେ ପ୍ରତ୍ୟେକ ପ୍ରାର୍ଥୀଙ୍କ ସମ୍ପର୍କରେ ବିସ୍ତୃତ ତଥ୍ୟ ଏକ ନିର୍ଦ୍ଧାରିତ ଫର୍ମାଟ୍‌ରେ ଦେବାକୁ କୁହାଯାଇଛି।


**MARUTI GROUP OF INSTITUTION**
BARGARH, ODISHA
**MARUTI PHARMACY COLLEGE**

| COURSES | |
|---|---|
| | D. PHARMA (2 Yrs.) |
| | B. PHARMA (4 Yrs.) |

**MARUTI INSTITUTE OF PARAMEDICAL & ALLIED SCIENCE**

| COURSES | |
|---|---|
| | DIPLOMA IN MEDICAL LABORATORY |
| | TECHNICIAN (DMLT) - 2 Yrs. |

Consultancy required contact:
**7605930501, 9438066954**
Eligibility for Admission for all +2 Science Pass


## ଗଜପତିଙ୍କୁ ଭେଟିଲା ଭାଜପା ପ୍ରତିନିଧି ମଣ୍ଡଳୀ

### ରତ୍ନଭଣ୍ଡାର ଖୋଲାଯିବା ପ୍ରସଙ୍ଗ

**ଭୁବନେଶ୍ୱର, ୧୮।୧୦(ସୁନିତ୍ ମିଶ୍ର):** ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯିବାକୁ ନେଇ ଦୀର୍ଘବର୍ଷ ଧରି ବାରମ୍ବାର ଦାବି ହେଉଛି। କିଏ କହୁଛି ଲୁଟ୍ ହୋଇଛି ତ ଆଉ କିଏ କହୁଛି ଚାବି ହଜିଯାଇଛି। ରତ୍ନଭଣ୍ଡାର ଖୋଲାଯିବାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇବା ପରେ ଏବଂ ଭାଜପାର ତୀବ୍ର ଆନ୍ଦୋଳନ ପରେ ରାଜ୍ୟ ସରକାର ୨୦୧୮ ଜୁନ୍ ୬ରେ ଜଷ୍ଟିସ୍ ରଘୁବୀର ଦାସ କମିଶନ ଗଠନ କରିଥିଲେ। ହେଲେ ୫ ବର୍ଷ ବିତିଯାଇଥିଲେ ସୁଦ୍ଧା କମିଶନରୁ କିଛି ସୁଫଳ ମିଳିଲା ନାହିଁ। ଜଷ୍ଟିସ୍ ରଘୁବୀର ଦାସ କମିଶନଙ୍କ ରିପୋର୍ଟରେ କ'ଣ ଅଛି ରାଜ୍ୟ ସରକାର ତାହା ଏ ପର୍ଯ୍ୟନ୍ତ ପ୍ରକାଶ କଲେ ନାହିଁ। ଶେଷରେ ଶ୍ରୀମନ୍ଦିର କମିଟି ଗଠନକରି ରତ୍ନଭଣ୍ଡାର ଖୋଲିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନାକରି ବର୍ତ୍ତମାନ ସୁଦ୍ଧା କମିଟି ଗଠନ କରାଗଲା ନାହିଁ କି ସରକାର କୌଣସି ପଦକ୍ଷେପ ନେଲେ ନାହିଁ ବୋଲି ଭାଜପା ଅଭିଯୋଗ କରିଛି। ଏହି ପ୍ରସଙ୍ଗରେ ଭାଜପାର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଶ୍ରୀମନ୍ଦିର ପରିଚାଳନା କମିଟିର ଅଧକ୍ଷ ଗଜପତି ମହାରାଜଙ୍କୁ ବୁଧବାର ଭେଟି ବିସ୍ତୃତ ଆଲୋଚନା କରିଛନ୍ତି। ଏହି ପ୍ରସଙ୍ଗରେ ସୂଚନା ଦେଇ ପୂର୍ବତନ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ଗଜପତି ମହାରାଜ ହେଉଛନ୍ତି ଆସ୍ଥା ଓ ବିଶ୍ୱାସର ପ୍ରତୀକ। ହାଇକୋର୍ଟଙ୍କ ନିର୍ଦ୍ଦେଶାନୁଯାୟୀ ଏକ କମିଟି ଗଠନ କରାଯାଇ ତୁରନ୍ତ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ନିବେଦନ କଲୁ ବୋଲି ସମୀର କହିଛନ୍ତି।


# Classified Everyday

0674-2580101, 2549949



AUTOMOBILE

**SALE**

TATA HYVA (Model-3118) 2018, 5 Nos., TATA HYVA (Model-2518) 2016, 4 Nos. - 9348369473, 7504690838. D-75235



REAL ESTATE

**SALE**

ଘରବାରି ବାସୋଉପଯୋଗୀ ପାଚେରି, ଇଲେକ୍ଟ୍ରିସହ ଭୁବନେଶ୍ୱର ନିୟୁରେଲ୍‌ୱେ ଷ୍ଟେସନ୍ ନିକଟରେ ପ୍ଲଟ୍ ସୁଲଭମୂଲ୍ୟରେ ଉପଲବ୍ଧ ଅଛି। ସମ୍ପର୍କ କରନ୍ତୁ। **9439924161.** D-75236

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର- 500/-, ନଖରା SC/Gen plot-300/-. 7978663279. D-75231

**Twincity** ମଧ୍ୟଭାଗରେ **Grand Bazar, (Nakhara NH-16)** ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି **plot** ସୁଲଭ ମୂଲ୍ୟରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ। **8249310759.** D-75238

ଭୁବନେଶ୍ୱର Gita College ନିକଟ Gridco Colony/ Infocity-2 ପାଖରେ ପ୍ଲଟ୍ sqft. 520/- ବିକ୍ରିହେବ। 8917351078. D-75237

ଭୁବନେଶ୍ୱର **NH-16** ପିତାପଲ୍ଲୀରୁ **1 K.M.** ମଧ୍ୟରେ **Carmel School** ପାଖରେ **30' road, boundary** ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି । **9337166296, 9853474706.** D-75233

Khurda ITBP & IRB ପାଖରେ Sthitiban Gharabari plot Electricity ସହିତ ମିଳୁଅଛି। Contact- 9090772843, 9800700664. D-1420

Khurda- Bhubaneswar, ମଧ୍ୟରେ Pitapalli Chhakରେ Sthitiban plot Electricity, Boundary ସହିତ ମିଳୁଅଛି। Contact- 7735888421, 7750068828. D-1421

**Readymade 3 BHK Duplex with land 1530 sqft. for sale @ 65 Lakhs onwards near Pahala (Jagannathpur). Contact: 9348838338.** D-1601

ଗଙ୍ଗପଡ଼ା ଛକରୁ 400 Mtr. 1350/-, Retanga Railway Station ପୂର୍ବରୁ 1250/-. 8658864750. D-75241

**PURCHASE**

ଭୁବନେଶ୍ୱରରେ ଘର କଲା ଭଳି କିସମ- ଘରବାରି **yellow zone** ଥାଇ ପିଚୁ ରାସ୍ତାକୁ ଲାଗି ଜାଗା ଆବଶ୍ୟକ ଅଛି। **9799798009**ରେ **Whatsapp** କରନ୍ତୁ। D-74589



**Body massage by experience, good looking therapist @999/-. (Bhubaneswar) 9078484455.** D-1533

**Relax, Refresh your body, Mind at Saikrupa Spa with best therapies. 8984068077.** D-1502

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75051

**Full body relax massage refresh your body with trend therapist. 9827090587.** D-1580

**Full Body massage, expert Therapist positively health benefits. 8917243035 / 7205044659.** D-75156

Newly open health benefits Spa special offer @ 999. Contact: 7749034655. D- 75157

**Full body massage by expert therapist positively health benefits. 9938843929.** D-75159

Spa Kerala body Massage only best Therapist @699/- Bhubaneswar. 9337672475. D-1602

**AFFIDAVIT**

Affidavit before Executive Magistrate, Cuttack that I, Pranaya Kumar Pradhan, Vill.- Thenga, P.O.-Chhotapada, P.S.- Rasol, Dist.- Dhenkanal solemnly declared my son's name has changed from Pradyumna Pradhan to Biswa Dipayan Pradhan. Henceforth, he will be known as Biswa Dipayan Pradhan for LIC policy No.-589751502 and all purposes. D-740100

I, Priyabai Agrawalla, W/o Deepak Kumar Sonthalia, residing at Ramchandrapur Bazaar, P.O./P.S.- Jatni, Dist.- Khordha, PIN- 752050, Odisha declare by this affidavit No. 627 Dtd. 08.10.2023 that now onwards I shall be known as Priya Sonthalia for all future purposes. D-1603

I, Bajrang Kumar Agrawal, S/o Naresh Agrawal, resident of Flat No. 102, Keshab (A) Balaji Complex, near Jail Road, Jharpada, Bhubaneswar, PIN- 751006, Dist.- Khordha, Odisha declare by this affidavit No.633 Dtd. 13.10.2023 that now onwards I shall be known as BAJRANG AGARWAL for all future purposes. D-1606

By virtue of an affidavit sworn before the Notary Public, Jharsuguda, I, Shakila Banu, D/o. Md. Sharfuddin, R/o. Ward No.9, Ramrakshyapada, P.S.- Brajarajnagar, Dist.- Jharsuguda declare that my true and correct name is Shakila Banu and DOB is 21.05.1973 as per my new Aadhar Card. But in previous Aadhar Card my name has been wrongly mentioned as Sakila Bano and DOB is 21.11.1989. That both the names are relates to one and same person. D-1607

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Affidavit before Notary, Dhenkanal, I have changed my name from Prabesh Naik to Deepak Behera. Prabesh Naik and Deepak Behera is same and one person. Henceforth I shall be known as Deepak Behera, S/o. Chania Naik, Village/ PO-Chaulia, PS-Sadar, Dist. Dhenkanal for all purposes. D-74099

**LEGAL NOTICE**

ମୁଁ ସୁଶାନ୍ତ କୁମାର ଜେନା, ପି.: ସ୍ୱର୍ଗତ ଗୋକୁଳାନନ୍ଦ ଜେନା, ବାସସ୍ଥାନ: ବଡ଼ଗଡ଼ ଜେନାସାହି, ପୋ.: ବଡ଼ଗଡ଼ ବ୍ରିଟ୍ କଲୋନୀ, ଥାନା: ବଡ଼ଗଡ଼, ଭୁବନେଶ୍ୱର, ଜି: ଖୋର୍ଦ୍ଧା ସତ୍ୟପାଠ ପୂର୍ବକ ସୁସ୍ଥ ମସ୍ତିଷ୍କରେ ଜଣାଉଅଛି କି ବଡ଼ଗଡ଼ ମୌଜା- ୩୫ ସ୍ଥିତ ଖାତା ନଂ.୧୪୦୯, ପ୍ଲଟ୍ ନଂ.- ୨୫୨୩ର ପ୍ରକୃତ ଅଧିକାରୀ ଅଟେ ଏବଂ ବର୍ତ୍ତମାନ ମୋର ଉକ୍ତ ସମ୍ପତ୍ତିଟିକୁ ବିକ୍ରି କରିବାର କୌଣସି ପ୍ରୟୋଜନ ନାହିଁ। ଧ-୧୫୯୭

ଧରିତ୍ରୀ
DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**CLASSIFIED DISPLAY**
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ADMISSION OPEN**
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
**GNM** Duration : 3 Year, Eligibility : +2 Pass (Any Stream) 40% Mark
**ANM** Duration : 2 Year, Eligibility : +2 Pass (Any Stream)
**DMRT DMLT** Duration : 2 Year, Eligibility : +2 Science
**CBCA** Certified Blood Collection Assistant Duration : 6 months, Eligibility : 10+
Stipend for SC/ST, OBC & SEBC
• Own Building • Hostel in Campus
• Transport facility • Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

**BIJAYA FINANCE**
Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଇପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ। ସୁଧ ୨%
Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ରାଜ୍ୟ ମହିଳା କଂଗ୍ରେସ କମିଟି ଘୋଷିତ

**ଭୁବନେଶ୍ୱର, ୧୮।୧୦(ସୁନିତ୍ ମିଶ୍ର):** ଅଖିଳ ଭାରତ ମହିଳା କଂଗ୍ରେସ କମିଟି ସଭାପତି ମିସ୍ ନୀତା ଡି' ସୌଜା ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ କମିଟି ଘୋଷଣା କରିଛନ୍ତି। ମହିଳା କଂଗ୍ରେସର କର୍ମକର୍ତ୍ତା, କାର୍ଯ୍ୟକାରୀ କମିଟି ସଭ୍ୟା, ସ୍ୱତନ୍ତ୍ର ନିମନ୍ତ୍ରିତ ସଭ୍ୟା, ଜିଲା ମହିଳା କଂଗ୍ରେସ କମିଟି ସଭାନେତ୍ରୀ ଏବଂ ବିଭିନ୍ନ ବିଭାଗର ସଂଯୋଜିକାମାନଙ୍କ ନାମ ଘୋଷଣା କରାଯାଇଥିବା ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ବୁଧବାର ସୂଚନା ଦେଇଛନ୍ତି। ଏହି କମିଟିରେ ପ୍ରଦେଶ ମହିଳା କଂଗ୍ରେସ କମିଟିର ଉପସଭାନେତ୍ରୀ ଭାବେ ଏଲ୍. ମାଣିକ ପ୍ରଭା, ଜ୍ୟୋତିର୍ମୟୀ ବାଗ, ରଶ୍ମି ମହାପାତ୍ର ଓ ସଙ୍ଗୀତା ସିଂ ପ୍ରମୁଖ ରହିଛନ୍ତି। ସେହିପରି ସାଧାରଣ ସମ୍ପାଦିକା ଭାବେ ରୀତାଶ୍ରୀ ମହାନ୍ତି, ସିଲି ସେଠୀ, ସୁଭଦ୍ରା ମିଶ୍ର, ଅମିତବାଳା ଆଚାର୍ଯ୍ୟ, ଲକ୍ଷ୍ମୀପ୍ରିୟା ସାମନ୍ତରାୟ, ଶ୍ରୀୟାସ୍ମିତା ପଣ୍ଡା, ସୁପ୍ରଭା ବରାଇ, ବିଜୟଲକ୍ଷ୍ମୀ ପ୍ରିୟଦର୍ଶିନୀ, ସୁକାନ୍ତି ସରାଫ, ମହେନ୍ଦ୍ରୀ ସାହୁ ଓ ନମିତା ମାଝି ପ୍ରମୁଖ ଅଛନ୍ତି। ସେହିପରି ସମ୍ପାଦିକା ଭାବେ କଲ୍ୟାଣୀ ପୂର୍ତ୍ତି, ଲିପ୍‌ସା ଚାଣ୍ଡପାଲି, ସ୍ୱର୍ଣ୍ଣଲତା ବାନରା, ଗୋରେଟି ସେସ୍, ଧନମଣି ପାତ୍ର, ସୁଦୀପ୍ତା ଦାଶ ପ୍ରମୁଖଙ୍କୁ ନିଯୁକ୍ତି ମିଳିଛି। କାର୍ଯ୍ୟକାରୀ କମିଟି ସଦସ୍ୟା ଭାବେ ୩୭ ଜଣ, ସ୍ୱତନ୍ତ୍ର ନିମନ୍ତ୍ରିତ ସଭ୍ୟା ଭାବେ ୭ ଜଣଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ଦଳ ପକ୍ଷରୁ ଅନ୍ୟ ପଦ ପାଇଁ ବିଭିନ୍ନ ମହିଳାଙ୍କୁ ନିଯୁକ୍ତି ଦିଆଯାଇଛି।

## କଂଗ୍ରେସରୁ ୨ ବିଦା

**ଚାନ୍ଦବାଲି,୧୮।୧୦(କିଷାନ ପାତ୍ର):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍ କଂଗ୍ରେସ ପକ୍ଷରୁ ୨ କର୍ମୀଙ୍କୁ ବିଦା କରାଯାଇଛି। ଚାନ୍ଦବାଲି ବ୍ଲକ୍ ସଭାପତି ବୈଲୋଚନ ପଣ୍ଡାଙ୍କ ନେତୃତ୍ୱରେ ବୁଧବାର ଯସିପୁର କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ପ୍ରଦାନ କରାଯାଇଛି। ନୂଆଗାଁ ଗ୍ରାମର ଦଳୀୟ କର୍ମୀ ଦୀପକ ଦାସ ଦଳୀୟ ଶୃଙ୍ଖଳା ଭଙ୍ଗ କରିବା ସହ ଦଳ ବିରୋଧୀ କାର୍ଯ୍ୟ ପାଇଁ ଦଳରୁ ବହିଷ୍କାର କରାଯାଇଥିବା ବ୍ଲକ୍ ସଭାପତି ସୂଚନା ଦେଇଛନ୍ତି। ସେହିପରି ଜଳେଶ୍ୱରପୁର ଗ୍ରାମର ଅଜୟ ଦାସ ପୂର୍ବରୁ ଦେଇଥିବା ଇସ୍ତଫା ପତ୍ରକୁ ଗ୍ରହଣ କରାଯାଇଛି। ଅଜୟ ପୂର୍ବରୁ କଂଗ୍ରେସ ଜିଲା କମିଟିରେ ସାଧାରଣ ସମ୍ପାଦକ ରହିବା ସହ କଂଗ୍ରେସ ସମର୍ଥନରେ ଥରେ ସରପଞ୍ଚ ଓ ଥରେ ସମିତିସଭ୍ୟଭାବେ ନିର୍ବାଚିତ ହୋଇଥିଲେ। ସମ୍ମିଳନୀରେ ଯୁବ କଂଗ୍ରେସ ସଭାପତି ଶକ୍ତିପ୍ରତାପ ବିଶ୍ୱାଳ, ଆଶିଷ ମାହୁନ୍ତ, ସୁବାଷ ଚନ୍ଦ୍ର ନାୟକ, ଶରତ ଧଳ, ଧ୍ରୁବଚରଣ ବାରିକ, ସୀତାଂଶୁ ନାୟକ, ସୁଦର୍ଶନ ମାହୁନ୍ତ, ରାଜେନ୍ଦ୍ର ଭଳ, ସୁଧାଂଶୁ ଶେଖର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସୁଇଚ୍ ଚିପିଲେ ବଦଳୁଛି ଡ୍ରେସ୍ ଡିଜାଇନ

ନୂଆଦିଲ୍ଲୀ

ଲୋକେ ବିଭିନ୍ନ ଡିଜାଇନର ଡ୍ରେସ୍ ପିନ୍ଧିବା ଆଶାରେ ବହୁତଗୁଡ଼ିଏ ଡ୍ରେସ୍ କିଣିଥାନ୍ତି। ସେଥିରେ ଅଧିକ ଖର୍ଚ୍ଚାନ୍ତ ମଧ ହୁଅନ୍ତି। ଯଦି କେବେ ଏପରି ଏକ ଡ୍ରେସ୍ ଥାନ୍ତା, ଯେଉଁଥିରେ ବିଭିନ୍ନ ଡିଜାଇନ ଉପଲବ୍ଧ ହୋଇଥାନ୍ତା, ତେବେ ଲୋକେ ଅଧିକ ଖର୍ଚ୍ଚରୁ ବଞ୍ଚିଯାଆନ୍ତେ। ନିକଟରେ ଏଡୋଭର ରିସର୍ଚ୍ଚ ବୈଜ୍ଞାନିକମାନେ ଏକ ଭିନ୍ନ ଧରଣର ଡ୍ରେସ୍ ପ୍ରସ୍ତୁତ କରିଛନ୍ତି, ଯେଉଁଥିରେ ପ୍ରତି ସେକେଣ୍ଡରେ ଡ୍ରେସ୍‌ର ଡିଜାଇନ ବଦଳାଯାଇପାରିବ। ରିପୋର୍ଟ ମୁତାବକ, ଏହି ଇଣ୍ଟରେକ୍ଟିଭ୍ ଡ୍ରେସ୍‌କୁ ଏଡୋଭର ରିସର୍ଚ୍ଚ ବୈଜ୍ଞାନିକ ଚେରିଷ୍ଟାଇନ ଡିରେକ ପ୍ରସ୍ତୁତ କରିଛନ୍ତି। ଯାହାକୁ ସେ ଏଡୋବ ମାକ୍ସ ୨୦୨୩ରେ କ୍ରିଏଟିଭିଟି ସମ୍ମିଳନୀରେ ପ୍ରଦର୍ଶିତ କରିଥିଲେ। ସମ୍ମିଳନୀରେ ଯେତେବେଳେ କ୍ରିଷ୍ଟନ ଡିଏକ୍ ଏହି ଡ୍ରେସ୍‌କୁ ପିନ୍ଧି ବାହାରିଥିଲେ, ସେତେବେଳେ ସମସ୍ତେ ତାଙ୍କୁ ଉତ୍ସୁକତାର ସହ ଅନାଇ ରହିଥିଲେ।



କ୍ରିଷ୍ଟନ ଲୋକଙ୍କୁ ସେତେବେଳେ ଆଶ୍ଚର୍ଯ୍ୟ କରିଦେଲେ, ଯେତେବେଳେ ତାଙ୍କର ଗୋଟେ ସୁଇଚ୍ ଚିପିବା ମାତ୍ରେ ଡ୍ରେସ୍‌ର ଡିଜାଇନ ବଦଳିଗଲା। ସୁଇଚ୍ ଚିପିବା ମାତ୍ରେ ଡ୍ରେସ୍‌ର ଡିଜାଇନ ବଦଳିବା ଯେପରି ଟିଭି ପରଦାରେ ମ୍ୟାଜିକ ଶୋ’ ଦେଖିବା ପରି ମନେହେଉଥିଲା। କ୍ରିଷ୍ଟନ ପିନ୍ଧିଥିବା ଏହି ଡ୍ରେସ୍‌କୁ ଡିଜିଟାଲ ଡ୍ରେସ୍ କହିଛନ୍ତି।

# ‘ସାଲାର’ ରିଲିଜ୍ ପରେ ବିବାହ କରିବେ ପ୍ରଭାସ

ମୁମ୍ବାଇ



ସାଉଥ୍ ଲୋକପ୍ରିୟ ଅଭିନେତା ପ୍ରଭାସଙ୍କୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଏବେ ସେ ବିବାହ କରିବାକୁ ଯାଉଛନ୍ତି। ତାଙ୍କର ଜଣେ ସମ୍ପର୍କୀୟ ପ୍ରଭାସଙ୍କ ବିବାହ ବାବଦରେ ସ୍ପଷ୍ଟ କରିଛନ୍ତି। ଯାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏନେଇ ପ୍ରଭାସଙ୍କ ସମ୍ପର୍କୀୟ ଗଣମାଧ୍ୟମକୁ କହିଛନ୍ତି, ଦୁର୍ଗାମାତାଙ୍କ ଆଶୀର୍ବାଦ ରହିଛି। ଭଗବାନ ଆମ ସମସ୍ତଙ୍କୁ କୃପା କରିବେ। ପ୍ରଭାସ ନିଶ୍ଚିତ ବିବାହ କରିବେ। ଏହା ଖୁବ୍‌ଶୀଘ୍ର ହେବ। ବିବାହ ହେଲେ ଗଣମାଧ୍ୟମକୁ ନିମନ୍ତ୍ରଣ କରିବୁ। ହେଲେ ଅଭିନେତା କାହାକୁ ବିବାହ କରିବେ ସେନେଇ ଏପର୍ଯ୍ୟନ୍ତ ଜଣାପଡ଼ିନି। ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଭାସଙ୍କ ନାମ ଅନେକ ବଲିଉଡ୍ ଓ ଦକ୍ଷିଣ ଅଭିନେତ୍ରୀଙ୍କ ସହ ଜଡ଼ିତ ରହିଛି। ମଝିରେ ପ୍ରଭାସ ଅନୁଷ୍କା ଶେଟ୍ଟୀଙ୍କ ସହ ତ କେତେବେଳେ କ୍ରୀତି ସାନନଙ୍କ ସହ ସମ୍ପର୍କ ଥିବା ଖବର ଆସିଥିଲା। ପ୍ରଭାସ ମଧ ତାଙ୍କ ଫିଲ୍ମ ପ୍ରମୋଶନ ସମୟରେ ତିରୁପତିଠାରେ ବିବାହ କରିବେ ବୋଲି ପ୍ରକାଶ କରିଥିଲେ। ପ୍ରଭାସଙ୍କ ଆଗାମୀ ଚଳଚ୍ଚିତ୍ର ‘ସାଲାର’ ରିଲିଜ୍ ହେବା ପରେ ସେ ବିବାହ କରିବେ ବୋଲି ଜଣାପଡ଼ିଛି। ତେବେ ପ୍ରଭାସ ୨୦୦୨ରୁ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିବାବେଳେ ସେ ଅନେକ ଫିଲ୍ମ ଜରିଆରେ ପ୍ରଶଂସକଙ୍କ ଭଲପାଇବା ପାଇପାରିଛନ୍ତି। ଆଗକୁ ସାଲାର୍ ଫିଲ୍ମ ନେଇ ସେ ବ୍ୟସ୍ତ ରହୁଛନ୍ତି।

# ମାଗଣାରେ ବୁଲି ରୋଜଗାର କରୁଛନ୍ତି



ଲଣ୍ଡନ

ଯିଏ ବୁଲିବାକୁ ଅଧିକ ପସନ୍ଦ କରୁଥିବ, ସେ ସବୁବେଳେ କମ୍ ଖର୍ଚ୍ଚରେ ଅଧିକରୁ ଅଧିକ ସ୍ଥାନ ବୁଲିବାକୁ ଇଚ୍ଛା କରିବ। ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ ବିନା ଖର୍ଚ୍ଚରେ ବୁଲିବାର କଳା ଜାଣିଛନ୍ତି। କାନାଡ଼ାର ଜଣେ ମହିଳା ଏହିପରି ଟ୍ରିକ୍ ଆପଣାଇ ଅଷ୍ଟ୍ରେଲିଆ ଭଳି ଦେଶକୁ ଫ୍ରିରେ ବୁଲି ଆସିଛନ୍ତି। ସେ ତାଙ୍କ ଟ୍ରିପ୍‌ରେ କିଛି ଖର୍ଚ୍ଚ କରିନାହାନ୍ତି। ଓଲଟା ସେ ସେଥିରୁ ଲକ୍ଷାଧିକ ଟଙ୍କା ସଞ୍ଚୟ କରିଛନ୍ତି। ଯେଉଁ ସୁନ୍ଦର ଦେଶକୁ ଯିବାକୁ ଲୋକେ ସବୁବେଳେ ପ୍ଲାନିଂ କରନ୍ତି, ସେଠାକୁ ନିକଟରେ ହେଲି ଲିୟମଥ ନାମକ ଜଣେ ମହିଳା ବିନା ଖର୍ଚ୍ଚରେ ବୁଲିଛନ୍ତି। ୨୫ ବର୍ଷୀୟା ହେଲି କିପରି ଫ୍ରିରେ ଯାତ୍ରା କରିହେବ, ସେନେଇ ଅନ୍‌ଲାଇନରେ ଖୋଜିଥିଲେ। ଏହାପରେ ସେ କାନାଡ଼ାରୁ ଅଷ୍ଟ୍ରେଲିଆକୁ ଯାତ୍ରା ପାଇଁ ପ୍ଲାନିଂ କଲେ। ସେ ଅଷ୍ଟ୍ରେଲିଆରେ କୌଣସି ହୋଟେଲରେ ନ ରହି ସେଠାକାର ନାଗରିକଙ୍କ ଘରେ ଆଶ୍ରୟ ନେଇଥିଲେ। ଏହା ବଦଳରେ ସେହି ଘରେ ଥିବା ଗୃହପାଳିତ ପ୍ରାଣୀଙ୍କ ଦେଖାଶୁଣା କରିବା ଭଳି ଚାକିରି ମଧ କଲେ। ସେ ସେଠାରେ ଚାକିରି କରିବା ସହ ମାଗଣାରେ ରହୁଥିଲେ। ହେଲି ତାଙ୍କର ଏହି ଟ୍ରିପ୍‌ରେ ଅନେକ ଗୃହପାଳିତ ପ୍ରାଣୀଙ୍କ ଦେଖାଶୁଣା କରିଛନ୍ତି। ଏହିପରି ଭାବେ ସେ ବ୍ରିସ୍‌ବେନ, ହିଟରଲାଣ୍ଡ, ଗୋଲ୍ଡ କୋଷ୍ଟ ଭଳି ସ୍ଥାନରେ ଫ୍ରିରେ ରହି ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିଛନ୍ତି।

# ଘାତକ ପରଜୀବୀ ‘କାପିଟୋଜୋପା ଆମାଜୋନିକା’



ମାନାଉସ୍

ନିକଟରେ ଏଲିୟନ ଭଳି ଏକ ଘାତକ ପରଜୀବୀକୁ ଆମାଜନଠାରେ ଠାବ କରାଯାଇଛି। ଯିଏ ପରପୋଷୀକୁ ଖାଇବା ପୂର୍ବରୁ ତା’ ଭିତରୁ ରକ୍ତ ପାନ କରିଥାଏ। ଯାହାକୁ କାପିଟୋଜୋପା ଆମାଜୋନିକା ନାମକରଣ କରାଯାଇଛି। ଏହି ପରଜୀବୀ ଦେଖିବାକୁ ହଳଦିଆ ରଙ୍ଗର। ନିଜର ବଡ଼ ଆକାରର ମୁଣ୍ଡ ପାଇଁ ସେ ଏଲିୟନ ଭଳି ଦେଖାଯାଏ। ଏଥିସହ ସେ ନିଜ ଶିକାର ଭିତରେ ଅଣ୍ଡା ମଧ ଦେଇଥାଏ। ରିପୋର୍ଟ ମୁତାବକ, ଉଟାହ ଷ୍ଟେଟ ୟୁନିଭର୍ସିଟିର ବୈଜ୍ଞାନିକମାନେ ପେରୁରେ ଅଲ୍ଲପାହୁୟୋ- ମିଶାନାର ଜାତୀୟ ରିଜର୍ଭର ସର୍ଭେ କରିବା ସମୟରେ ସେମାନେ ଏକ ନୂଆ ଜିନ୍ ଠାବ କଲେ। ଯିଏ ତା’ ପରପୋଷୀର ଶରୀରକୁ ଉପଯୋଗ କରି ଅଣ୍ଡା ଦେଇଥାଏ। ଏହି ପରଜୀବୀ ଶାଁବାଲୁଆ, ମାଛି ଭଳି ଜୀବଙ୍କୁ ଶିକାର କରିଥାଏ। କାପିଟୋଜୋପା ଆମାଜୋନିକା ବାବଦରେ ବାୟୋଲୋଜିଷ୍ଟ ବ୍ରାଣ୍ଡନ କ୍ଲାରିଡ୍‌ଜ ଲେଖିଛନ୍ତି, ତାଙ୍କ ମୁତାବକ, ଏହି ପରଜୀବୀକୁ ସାଲିଟାରୀ ଏଣ୍ଡୋପାରାସିଟଏଡ୍ କୁହାଯାଏ। ବୈଜ୍ଞାନିକଙ୍କ କହିବା କଥା, ଏହି ପରଜୀବୀ ୧୦୯ ପ୍ରଜାତି ମଧ୍ୟରୁ ଗୋଟେ। ଯାହାକୁ ଜାତୀୟ ରିଜର୍ଭ ମାଲାଇସ ଟ୍ରିପ୍ ମାଧ୍ୟମରେ ଠାବ କରାଯାଇଛି।

## ରାଜ୍ୟ ଖବର

# ୧୮ ଘଣ୍ଟା ପଡ଼ିରହିଲା ମୃତଦେହ

■ ଝିଅ ଅନ୍ୟ ଜାତିରେ ବାହା ହୋଇଥିଲେ ବୋଲି ମା’ଙ୍କୁ ମିଳିଲାନି କାନ୍ଧ

■ ସତ୍କାର କଲେ ସାମାଜିକ କର୍ମୀ

ବେଲପଡା,୧୮।୧୦
(ମନୋଜ କୁମାର ମିଶ୍ର)

ଝିଅ ଅନ୍ୟଜାତିର ପୁଅକୁ ପ୍ରେମ ବିବାହ କରିଥିଲେ ବୋଲି ସମାଜରୁ ବାସନ୍ଦ ହୋଇଥିଲେ ମା’ବାପା। ମା’ଙ୍କ ମୃତ୍ୟୁ ପରେ ମୃତଦେହ ଛୁଇଁଲେନି ସମାଜ ଲୋକେ। ମୃତଦେହ ୧୮ଘଣ୍ଟା ପଡି ରହିଲା। ଶେଷରେ ସାମାଜିକ କର୍ମୀ ମହିଳାଙ୍କ ଅନ୍ତିମ ସତ୍କାର କରିଛନ୍ତି।



ସେବା ଚାରିଟେବୁଲ ଟ୍ରଷ୍ଟ ସଦସ୍ୟମାନେ ମୃତଦେହ ସତ୍କାର ପାଇଁ ନେଉଛନ୍ତି।

ବୁଧବାର ଏଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲା ବେଲପଡା ବ୍ଲକ ମାଲିମୁଣ୍ଡା ଗାଁରେ। ମାଲିମୁଣ୍ଡା ଗାଁର ବିଭୀଷଣ ବାଗଙ୍କ ସ୍ତ୍ରୀ ଶଙ୍ଖ ବାଗ(୩୬)ଙ୍କୁ ଜ୍ୱର ହୋଇଥିଲା। ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୬ଟାରେ ଘରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ମୃତ୍ୟୁ ପରେ ଜାତି ଭାଇ କିମ୍ବା ସମ୍ପର୍କୀୟ କେହି କାନ୍ଧ ଦେବା ପାଇଁ ଆସି ନ ଥିଲେ। ଶଙ୍ଖଙ୍କ ଏକମାତ୍ର ଝିଅ କିଛିବର୍ଷ ତଳେ ଅନ୍ୟଜାତିର ଜଣେ ପୁଅକୁ ପ୍ରେମ ବିବାହ କରିଥିଲେ। ସେତେବେଳେ ତାଙ୍କ ପରିବାର ବର୍ଗଙ୍କୁ ଜାତିଲୋକେ ସମାଜରୁ ବାସନ୍ଦ କରିଥିଲେ। ଶଙ୍ଖଙ୍କ ମୃତ୍ୟୁ ପରେ ବି ସମାଜର କେହି ଚାରିକାନ୍ଧ ଦେବାକୁ ଆସି ନ ଥିଲେ। ଦୀର୍ଘ ୧୮ଘଣ୍ଟାରୁ ଅଧିକ ସମୟ ଧରି ମୃତଦେହ ଘରେ ପଡି ରହିଥିଲା। ଖବର ପାଇ ସେବା ଚାରିଟେବୁଲ ଟ୍ରଷ୍ଟର ଗିରିରାଜ ଭୋଇ, ସୁନିଲ ସିଂ, ଜନାର୍ଦ୍ଦନ ସିଂ, ସିପୁନ ଖମାରି, ପିଣ୍ଟୁ ବୁଡେକ, ରଞ୍ଜିତ ସାହୁ ପ୍ରମୁଖ ମୃତଦେହକୁ ସମ୍ମାନର ସହ ନେଇ ଗାଁ ନିକଟ ସର୍ଗଗୁଡା ପତରା ଜଙ୍ଗଲରେ ବୁଧବାର ସତ୍କାର କରିଥିଲେ।

# ହାଜର ହେଲେନି ବର୍ଷା, ଶୁଣାଣି ଘୁଞ୍ଚିଲା

କଟକ,୧୮।୧୦ (କାର୍ତ୍ତିକ ସାହୁ)

**ପରିବାର ଅଦାଲତ ରାୟ ବିରୋଧରେ ଅନୁଭବଙ୍କ ଆବେଦନ ମାମଲା**

କଟକ ପରିବାର ଅଦାଲତର ରାୟ ବିରୋଧରେ ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତି ଦାଏର କରିଥିବା ମାମଲାରେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ହାଇକୋର୍ଟରେ ବୁଧବାର ହାଜର ହୋଇନାହାନ୍ତି। ବର୍ଷାଙ୍କ ପକ୍ଷରୁ ହାଜର ହେବା ନିମନ୍ତେ ଅଧିକ ସମୟ ଦେବାକୁ ପ୍ରାର୍ଥନା କରାଯାଇଥିଲା। ହାଇକୋର୍ଟ ଏହାକୁ ଅନୁମତି ଦେଇ ଶୁଣାଣିକୁ ଘୁଞ୍ଚାଇଥିବା ଜଣାଯାଇଛି।

ସୂଚନା ଅନୁସାରେ, ଅନୁଭବ ଓ ତାଙ୍କ ସ୍ତ୍ରୀ ବର୍ଷାଙ୍କ ମାମଲାର ଆବେଦନ ପରିବାର ଅଦାଲତରେ ଗତ ସେପ୍ଟେମ୍ବର ୨୨ରେ ଖାରଜ ହୋଇଥିଲା। ଏହାପରେ ଅନୁଭବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଅନୁଭବଙ୍କ ଆବେଦନକୁ ବିଚାର ପାଇଁ ଗ୍ରହଣ କରି ବର୍ଷାଙ୍କୁ ହାଜର ହେବା ନିମନ୍ତେ ନୋଟିସ ଜାରି କରିଥିଲେ। ଏଥିସହ ପରିବାର ଅଦାଲତରୁ ସେମାନଙ୍କ ବିବାହ ବିଚ୍ଛେଦ ସଂକ୍ରାନ୍ତୀୟ ଦସ୍ତାବିଜ୍ ହାଇକୋର୍ଟରେ ଦାଖଲ ପାଇଁ ଆଦେଶ ଦେଇଥିଲେ।

ଅନୁଭବଙ୍କ ପକ୍ଷରୁ ବର୍ଷାଙ୍କଠାରୁ ଛାଡ଼ପତ୍ର ନିମନ୍ତେ ଦିଲ୍ଲୀସ୍ଥିତ ପଟିଆଲା କୋର୍ଟରେ ୨୦୨୦ରେ ମାମଲା ଦାଏର କରାଯାଇଥିଲା। ଏହି ମାମଲାକୁ କଟକ ପରିବାର ଅଦାଲତକୁ ସ୍ଥାନାନ୍ତର କରିବା ପାଇଁ ବର୍ଷାଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ମାମଲା କଟକ ପରିବାର ଅଦାଲତକୁ ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପକ୍ଷରେ ଅନୁଭବଙ୍କ ସହ ପୁନଃମିଳନ ଓ ଅବସ୍ଥାପନ ପାଇଁ ବର୍ଷା ପରିବାର ଅଦାଲତରେ ଏକ ଆବେଦନ କରିଥିଲେ। ଉଭୟ ମାମଲାର ଏକତ୍ର ଶୁଣାଣି ହୋଇଥିଲା। ଛାଡ଼ପତ୍ର ନ ଦେବା ପାଇଁ କୋର୍ଟ ପକ୍ଷରୁ ସେମାନଙ୍କୁ ଅନେକ ଥର କାଉନସେଲିଂ କରାଯାଇଥିଲା। ହେଲେ କୌଣସି ସୁଫଳ ମିଳି ନ ଥିଲା। ବର୍ଷାଙ୍କ ଅନୁପସ୍ଥିତି ଯୋଗୁ ମାମଲାର ଶୁଣାଣି ଓ ସାକ୍ଷ୍ୟଗ୍ରହଣ ହୋଇପାରି ନ ଥିଲା। ମାମଲା ଶୁଣାଣି ବିଳମ୍ବ ହେଉଥିବାରୁ ଅନୁଭବ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ତୁରନ୍ତ ମାମଲାର ବିଚାର ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପରିବାର ଅଦାଲତରେ ଶୁଣାଣି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିଲା। ତେବେ ଉଭୟଙ୍କ ମାମଲାକୁ ପରିବାର ଅଦାଲତ ଖାରଜ କରିଦେଇଥିଲେ। ଅନୁଭବଙ୍କ ପକ୍ଷରୁ ଆଇନଜୀବୀ ଲଳିତେନ୍ଦୁ ମିଶ୍ର ମାମଲା ପରିଚାଳନା କରୁଛନ୍ତି।

# ବିବାହ ବନ୍ଦ ପାଇଁ ସୋମାଲିକାଙ୍କ ଆବେଦନ

**ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କରଙ୍କ ବିବାହ ଆବେଦନ ପ୍ରସଙ୍ଗ**

କଟକ,୧୮।୧୦ (କାର୍ତ୍ତିକ ସାହୁ)

ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ବିବାହ ବନ୍ଦ ରଖିବା ପାଇଁ ତାଙ୍କ ପୂର୍ବତନ ବାନ୍ଧବୀ ସୋମାଲିକା ଦାଶ କଟକ ସବ୍‌ରେଜିଷ୍ଟ୍ରାରଙ୍କ ନିକଟରେ ଆବେଦନ କରିଛନ୍ତି। ସୋମାଲିକା ସବ୍‌ରେଜିଷ୍ଟ୍ରାରଙ୍କୁ ବୁଧବାର ଭେଟି ଦର୍ଶାଇଛନ୍ତି, ସେ ବିଜୟଶଙ୍କରଙ୍କ ସହ କଟକର ଜଣେ ମହିଳାଙ୍କ ବିବାହକୁ ବିରୋଧ କରି ହାଇକୋର୍ଟରେ ଆବେଦନ କରିଛନ୍ତି। ଉକ୍ତ ଆବେଦନର ଶୁଣାଣି ନ ହେବା ଯାଏ ଏହି ବିବାହ ସ୍ଥଗିତ ରଖିବାକୁ ସେ ନିବେଦନ କରିଛନ୍ତି। ସୋମାଲିକା ହାଇକୋର୍ଟରେ ରୁଜୁ କରିଥିବା ଆବେଦନର ନକଲ କଟକ ସବ୍‌ରେଜିଷ୍ଟ୍ରାରଙ୍କୁ ପ୍ରଦାନ କରିଛନ୍ତି।

ସୂଚନା ଅନୁସାରେ, ସବ୍ ରେଜିଷ୍ଟ୍ରାରଙ୍କୁ ପ୍ରଦାନ କରାଯାଇଥିବା ଆବେଦନରେ ବିଜୟଶଙ୍କର ତାଙ୍କ ବୟସ ସମ୍ପର୍କିତ ତଥ୍ୟ ପ୍ରଦାନକୁ ନେଇ ସୋମାଲିକା ପ୍ରଶ୍ନ ଉଠାଇଛନ୍ତି। ବିଜୟଶଙ୍କର ଯେତେବେଳେ ସୋମାଲିକାଙ୍କୁ ବିବାହ କରିବାକୁ ଅଦାଲତରେ ଆବେଦନ କରିଥିଲେ ସେତେବେଳେ ତାଙ୍କର ବୟସ ୩୦ ବର୍ଷ ହୋଇଥିବା ଦର୍ଶାଇଥିଲେ। ଏବେ ସେ ଆଉ ଜଣଙ୍କୁ ବିବାହ ପାଇଁ କରିଥିବା ଆବେଦନରେ ତାଙ୍କର ବୟସ ସେହି ୩୦ ବର୍ଷ ଦର୍ଶାଇଛନ୍ତି। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ବିଜୟଶଙ୍କରଙ୍କ ବାହାଘର ବନ୍ଦ ରହୁ ବୋଲି ସୋମାଲିକା ସବ୍‌ରେଜିଷ୍ଟ୍ରାରଙ୍କୁ ନିବେଦନ କରିଛନ୍ତି। ହାଇକୋର୍ଟରେ ମାମଲାର ଶୁଣାଣି ଶେଷ ହେବା ପରେ ବିଜୟଶଙ୍କରଙ୍କ ଯେଉଁଠି ଇଚ୍ଛା ବିବାହ କରିପାରିବେ ଓ ଅଦାଲତରୁ ନିଶ୍ଚିତ ନ୍ୟାୟ ମିଳିବ ବୋଲି ସୋମାଲିକା କହିଛନ୍ତି। ସବ୍‌ରେଜିଷ୍ଟ୍ରାରଙ୍କୁ ଭେଟିବାବେଳେ ସୋମାଲିକାଙ୍କ ସହ ସାମାଜିକ କର୍ମୀ ସସ୍ମିତା ଦାଶ ଉପସ୍ଥିତ ଥିଲେ।

# ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ବିଲ୍‌ଡିଂ ଉଦ୍‌ଘାଟିତ

**ଇ-ଅଫିସ୍ ଉଦ୍‌ଘାଟନ ସହ ପ୍ରଥମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ**

ଭୁବନେଶ୍ୱର, ୧୮।୧୦
(ଅସମାପିକା ସାହୁ)






ଓଡ଼ିଶା ସ୍ୱାସ୍ଥ୍ୟବିଜ୍ଞାନ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସ କୋଠାର ପୁନରୁଦ୍ଧାର କାର୍ଯ୍ୟ ଶେଷ ହୋଇଛି। ଏଥିସହ ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହି ବିଲ୍ଡିଂର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟର କାର୍ଯ୍ୟର ସୁପରିଚାଳନା ପାଇଁ ଇ-ଅଫିସ୍ ଉଦ୍‌ଘାଟିତ ହେବା ସହ ପ୍ରଥମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି।

୨୦୨୧ରେ ‘ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଆଇନ’ ବିଧାନସଭାରେ ପାରିତ ହୋଇଥିଲା। ୨୦୨୩ ମାର୍ଚ୍ଚ ୫ରୁ ଏକାମ୍ର କ୍ଷେତ୍ର ଶିଶୁଭବନ ଛକରେ ଅସ୍ଥାୟୀ କ୍ୟାମ୍ପସର କାର୍ଯ୍ୟ ଆରମ୍ଭ ହୋଇଥିଲା। ରାଜ୍ୟରେ ମେଡିକାଲ ଏବଂ ସହଯୋଗୀ ସ୍ୱାସ୍ଥ୍ୟବିଜ୍ଞାନ ପାଠ୍ୟକ୍ରମକୁ ଶୃଙ୍ଖଳିତ କରିବା ପାଇଁ ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ୨୪୨ଟି ସ୍ୱାସ୍ଥ୍ୟ ଶିକ୍ଷାନୁଷ୍ଠାନ ଏହି ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ହେବା ସଙ୍ଗେ ସଙ୍ଗେ ଏମ୍‌ବିବିଏସ୍ ପାଠ୍ୟକ୍ରମ ସହିତ ଅନ୍ୟାନ୍ୟ ପାଠ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ନିମନ୍ତେ ଶିକ୍ଷାଦାନ ଆରମ୍ଭ ହୋଇଛି। ୨୦୨୩-୨୪ ଏକାଡେମିକ୍ ସେସନ୍‌ରୁ ଏମ୍‌ବିବିଏସ୍, ଏମ୍‌ଡି, ଏମ୍‌ଏସ୍, ଡିଏମ୍, ଏମ୍‌ସିଏଚ୍, ବିଡିଏସ୍, ଏମ୍‌ଡିଏସ୍, ବିଏଏମ୍‌ଏମ୍, ବିଏଚ୍‌ଏମ୍‌ଏସ୍, ବିଏସ୍‌ସି ନର୍ସିଂ, ଏମ୍‌ଏସ୍‌ସି ନର୍ସିଂ, ବିପିଟି, ଏମ୍‌ପିଟି, ବିଏମ୍‌ଏଲ୍‌ଟି, ବିଏମ୍‌ଆର୍‌ଟି, ବିଇଏମ୍‌ଟି, ବିଓଟିଟି, ବିଏଟି, ବିଓ, ବିଓଟି, ଏମ୍‌ଓଟି, ବି. ଫାର୍ମ, ଏମ୍. ଫାର୍ମ ଇତ୍ୟାଦି ନିର୍ଦ୍ଧାରିତ ନିୟମାବଳୀ ଏବଂ ପାଠ୍ୟକ୍ରମ ଅଧୀନରେ ପରିଚାଳିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଦୂରଦୃଷ୍ଟି ତଥା ରାଜ୍ୟ ସରକାରଙ୍କ ଆନ୍ତରିକ ଉଦ୍ୟମ ଯୋଗୁଁ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇପାରିଛି ବୋଲି କୁଳପତି ପ୍ରଫେସର ଦଣ୍ଡେଶ୍ୱର ହୋତା କହିବା ସହ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ବିଧାୟକ ଡ. ନୃସିଂହ ଚରଣ ସାହୁ ଏବଂ ଡ. ପ୍ରମୋଦ କୁମାର ମଲ୍ଲିକ ଏବଂ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ସାଇଦତ୍ତ ବିପ୍ଳବ କୁମାର ପ୍ରଧାନ ଉପସ୍ଥିତ ଥିଲେ।

# ନୂଆ ଅବତାର

ସମ୍ବିତ ଆଚାର୍ଯ୍ୟ ଇତିମଧ୍ୟରେ ଅନେକ ସିନେମାର ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିସାରିଛନ୍ତି। ହେଲେ ଏଥର ଓଲିଉଡ୍ ଦର୍ଶକ ତାଙ୍କୁ ନୂଆ ଅବତାରରେ ଦେଖିବାକୁ ପାଇବେ। ହଁ, ଫିଲ୍ମଟି ହେଲା 'ହେ ରାମ୍ : କର୍ମ ହିଁ ଭଗବାନ'। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଓଡ଼ିଆ ସିନେମା ଜଗତର ଅନ୍ୟତମ ବରିଷ୍ଠ ପ୍ରଯୋଜକ ବିଜୟ କାଣ୍ଡୋଇ। ଏହି ଚିତ୍ର ବିଷୟରେ ସମ୍ବିତ କହନ୍ତି, 'ଯେତେବେଳେ ମୁଁ ଏହାର କାହାଣୀ ଶୁଣିଲି ସେତେବେଳେ ବେଶ୍ ଭାବପ୍ରବଣ ହୋଇଯାଇଥିଲି। କାରଣ ଏଭଳି ଏକ ଡିଫରେଣ୍ଟ ସବ୍‌ଜେକ୍ଟକୁ ନେଇ ସିନେମାଟିଏ କରିବା ଏକ ଚ୍ୟାଲେଞ୍ଜ ସଦୃଶ। ଯାହା ହେଉ ବିଜୟ ସାର୍ ଫିଲ୍ମଟିର ଶୁଟିଂ ସମୟରେ ସବୁ ଦିଗ ପ୍ରତି ଦୃଷ୍ଟି ଦେଇଛନ୍ତି। ଏହି ସିନେମା ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।' ଏହାର କାହାଣୀ ରଚନା ସହ ନିର୍ଦ୍ଦେଶନା ଭାର


ସମ୍ବିତ

ସମ୍ଭାଳିଛନ୍ତି ବାସୁଦେବ ବାରାଦ। ସଂଳାପ ରଚନା ମାନସ ରଞ୍ଜନ ସାମଲ ଓ ଦୀପ୍ତି ପଟ୍ଟନାୟକ କରିଥିବା ବେଳେ ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଧର୍ମାନ୍ତୀକରଣକୁ ନେଇ ଏହାର କାହାଣୀ ଗତିଶୀଳ। ଏଥିରେ ସମ୍ବିତଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଆଲୀନ ଅଙ୍କିତା ଏବଂ ଅନ୍ୟ ଭୂମିକାରେ ପପି ସନ୍ତୁକା ,ଗୁଡ୍ଡୁ ,ଜଗନ୍ନାଥ ସେଠ ଓ ଗୋପାଳ ପ୍ରକାଶ ମହାନ୍ତି ପ୍ରମୁଖ ଅଭିନୟ କରିଛନ୍ତି। ଫିଲ୍ମଟିର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି ଏବଂ ଖୁବ୍ ଶୀଘ୍ର ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ତ୍ରିମୁଖୀ ଲଢ଼େଇ

**ସିନେମା ରିଲିଜ ହେବା କିଛି ନୂଆ କଥା ନୁହେଁ। ହେଲେ ଦଶହରା ମାହୋଲରେ ଚିତ୍ରଟିଏ ପରଦା ଉପରକୁ ଆସିଲେ ତାହାକୁ ନେଇ ବେଶ୍ ଆଲୋଚନା ହୋଇଥାଏ। ଚଳିତ ବର୍ଷ ଦଶହରାରେ ମୁକ୍ତିଲାଭ କରୁଛି ତିନୋଟି ହାଇ ଭୋଲ୍‌ଟେଜ ସିନେମା...**


'ମାଲ୍ୟଗିରି' ଫିଲ୍ମରେ ବାବୁସାନ୍-ଶିବାନୀ

ବିଶେଷ ଭାବରେ ପୂଜାପାର୍ବଣରେ ଓଡ଼ିଆ ସିନେମା ରିଲିଜ ହେବା କିଛି ନୂଆ କଥା ନୁହେଁ। ହେଲେ ଦଶହରା ମାହୋଲରେ ଚିତ୍ରଟିଏ ପରଦା ଉପରକୁ ଆସିଲେ ତାହାକୁ ନେଇ ବେଶ୍ ଆଲୋଚନା ହୋଇଥାଏ। ଚଳିତ ବର୍ଷ ଦଶହରାରେ ତିନୋଟି ହାଇ ଭୋଲ୍‌ଟେଜ ସିନେମା ପରଦା ଉପରକୁ ଆସୁଛି। ସେଗୁଡ଼ିକ ହେଲା-'ରାମ୍', 'ମାଲ୍ୟଗିରି' ଏବଂ 'କଟକ' : ଶେଷରୁ ଆରମ୍ଭ (ପ୍ରଥମ ଅଧ୍ୟାୟ)। ରତ୍ନା ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ 'ରାମ୍'ରେ ଉଭୟ ପ୍ରଯୋଜକ ଏବଂ ନାୟକ ସାଜିଛନ୍ତି ଆକ୍ସନ ଷ୍ଟାର ଅରିନ୍ଦମ। ଏହି ବିଗ୍ ବଜେଟ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଆଗଧାଡ଼ିର ନିର୍ଦ୍ଦେଶକ ଅଶୋକ ପତି। ଏହି ଚିତ୍ରରେ ଅରିନ୍ଦମଙ୍କ ବ୍ୟତୀତ ବଲିଉଡ୍ ଷ୍ଟାର ରାହୁଲ ଦେବଙ୍କୁ ଦେଖିବାକୁ ମିଳିବ। ଅନ୍ୟପକ୍ଷରେ ଅନୁଭବ ମହାନ୍ତି ଏଥିରେ ଏକ ଅତିଥି କଳାକାର ଭାବରେ ଅଭିନୟ କରିଛନ୍ତି। ଓଡ଼ିଆ ଏବଂ ବଙ୍ଗଳା ଭାଷାରେ ନିର୍ମିତ ଏହି ଫିଲ୍ମରେ ଅରିନ୍ଦମଙ୍କ ନାୟିକା ସାଜିଛନ୍ତି ବଙ୍ଗୀୟ ଅଭିନେତ୍ରୀ ରୂପ୍‌ସା। ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ସଙ୍ଗୀତ ଦାୟିତ୍ୱ ତୁଲାଇଛନ୍ତି ଅସାଦ ନିଜାମ ଓ ଲିଙ୍କନ। ଫିଲ୍ମଟି ଚଳିତ ମାସ ୨୦ ତାରିଖରେ ପରଦା ଉପରକୁ ଆସୁଛି।

ଅନ୍ୟପକ୍ଷରେ 'ଦମନ'ର ସଫଳତା ପରେ ବଡ଼ ପରଦାରେ ପୁଣି ଥରେ ଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି ବାବୁସାନ୍। ତାଙ୍କ ଅଭିନୀତ 'ମାଲ୍ୟଗିରି: କାହାଣୀର ଆରମ୍ଭ'ର ପ୍ରଯୋଜନା କରିଛନ୍ତି ରିଙ୍କୁ ରିନୁ ଜେନା । ନିର୍ଦ୍ଦେଶନା ଦେଇଛନ୍ତି ପୃଥ୍ୱୀରାଜ ପଟ୍ଟନାୟକ। ପ୍ରଥମ ଥର ପାଇଁ ଏହି ଫିଲ୍ମରେ ବାବୁସାନ୍‌ଙ୍କ ସହ ଅଛନ୍ତି ଅମ୍ଲାନ। ଏମାନଙ୍କ ବ୍ୟତୀତ ସୂର୍ଯ୍ୟମୟୀ, ଶିବାନୀ ସଙ୍ଗୀତାଙ୍କୁ ଏଥିରେ ମଧ୍ୟ ଦେଖିବାକୁ ମିଳିବ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଗୌରବ ଆନନ୍ଦ। ରେନ୍ ଡ୍ରପ୍ ପିକ୍ଚର୍ସ ନିବେଦିତ ତଥା କିଡ୍‌ସ ଏଣ୍ଟରଟେନ୍‌ମେଣ୍ଟ, ତଥ୍ୟ ପ୍ରଡକ୍ସନ ଏବଂ ବାବୁସାନ୍ ଫିଲ୍ମସ ବ୍ୟାନରରେ ନିର୍ମିତ ଏହି ସିନେମାର କାହାଣୀ ରଚନା କରିଛନ୍ତି ଅମିତ କୁମାର ଦାସ। ଚିତ୍ରଟି ଏ ମାସର ୨୦ତାରିଖରେ ରିଲିଜ ହେବ।


'ରାମ' ଫିଲ୍ମରେ ଅରିନ୍ଦମ-ରୂପ୍‌ସା

ଏହାବ୍ୟତୀତ 'ଗୁଡୁ ଗ୍ୟାଙ୍ଗଷ୍ଟର' ପରେ କୁମାର ପ୍ରୀତମ ସାହୁଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହୋଇଛି ଆକ୍ସନଭିତ୍ତିକ ଫିଲ୍ମ 'କଟକ : ଶେଷରୁ ଆରମ୍ଭ (ପ୍ରଥମ ଅଧ୍ୟାୟ)। ଖାସ୍ କଥା ହେଲା, କିଛି ବର୍ଷର ଗ୍ୟାପ୍ ପରେ ଏହି ଫିଲ୍ମରେ ଦର୍ଶକ ଲୋକପ୍ରିୟ ଯୋଡ଼ି ସିଦ୍ଧାନ୍ତ ମହାପାତ୍ର-ଅନୁ ଚୌଧୁରୀଙ୍କୁ ଦେଖିବାକୁ ପାଇବେ। ତା'ସହ ଦେବାଶିଷ ପାତ୍ର ଏକ ଭିନ୍ନଧରର ଆକ୍ସନ ଭୂମିକାରେ ଅଭିନୟ କରିଛନ୍ତି। ଅନାମିସ୍ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ଏହି ସିନେମାରେ ପୁନମ ମିଶ୍ର ଏବଂ ଚୌଧୁରୀ ବିକାଶ ଦାସ ମଧ୍ୟ କାଷ୍ଟିଂରେ ଅଛନ୍ତି। ଏହି ସିନେମା ଚଳିତ ମାସ ୨୦ରେ ରିଲିଜ ହେବାକୁ ଯାଉଛି।

ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୩୮ଟି ସିନେମା ମୁକ୍ତିଲାଭ କରିସାରିଛି। ତେବେ ଏଥର ଦୁର୍ଗାପୂଜାରେ ପରଦା ଉପରକୁ ଆସୁଥିବା ତିନୋଟି ସିନେମା ଦର୍ଶକଙ୍କୁ କେତେ ଏଣ୍ଟରଟେନ୍ କରୁଛି ତାହା ଦେଖିବାକୁ ବାକି ରହିଲା।


'କଟକ : ଶେଷରୁ ଆରମ୍ଭ (ପ୍ରଥମ ଅଧ୍ୟାୟ) ଫିଲ୍ମରେ ପୁନମ-ଦେବାଶିଷ

# ଟିପ୍ସ ବାଣ୍ଟୁଛନ୍ତି ଦିଶା

ଦିଶା ପଟାନି ଏବେ ନିଜ ସାଙ୍ଗମାନଙ୍କୁ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ। ହଁ, ବର୍ତ୍ତମାନ ସେ ବୁଲି ବୁଲି ଫିଟ୍‌ନେସ୍ ଟିପ୍ସ ବାଣ୍ଟୁଛନ୍ତି। ତା'ସହ ଏ ନେଇ ନିଜର ଅଭିଜ୍ଞତାକୁ ମଧ୍ୟ ସେୟାର କରିବାକୁ ଭୁଲୁନାହାନ୍ତି। କଥା କ'ଣ କି ନିକଟରେ କେତେଜଣ ସାଙ୍ଗଙ୍କ ସହ ତାଙ୍କର ଭେଟ ହୋଇଗଲା। ଏହି ସମୟରେ ନିଜର ଫିଟ୍‌ନେସ୍ ବିଷୟରେ କହିବାକୁ ଭୁଲି ନ ଥିଲେ । ଏ ନେଇ ଦିଶା କହନ୍ତି, ''ନିଜକୁ ଫିଟ୍ ଆଣ୍ଡ ଫାଇନ୍ ରଖିବା ଏତେ ସହଜ କଥା ନୁହେଁ। ସେଥିଲାଗି ନିଜକୁ ପ୍ରଥମେ ମାନସିକ ସ୍ତରରେ ପ୍ରସ୍ତୁତ କରିବା ନିହାତି ଦରକାର। ତେଣୁ ମୁଁ ସବୁବେଳେ ନିଜ ଫିଟ୍‌ନେସ୍‌କୁ ପ୍ରାଥମିକତା ଦେଇଥାଏ। ପ୍ରତିଦିନ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଏକ୍ସରସାଇଜ କରେ। ତା'ସହ ଡାଏଟିଂ ପ୍ରତି ମଧ୍ୟ ଧ୍ୟାନ ଦିଏ।' ଚଳିତ ବର୍ଷ ଡିସେମ୍ବର୮ରେ ତାଙ୍କ ଅଭିନୀତ 'ଯୋଦ୍ଧା' ରିଲିଜ ହେବାକୁ ଯାଉଛି।


ଦିଶା ପଟାନି

# ଏଥର ହ୍ୟାଟ୍ରିକ୍

ହୁମା କ୍ୟୁରେଶିଙ୍କ ଖୁସି କହିଲେ ନ ସରେ। କାରଣ ତାଙ୍କ ଆକ୍ଟିଂ କ୍ୟାରିୟରରେ ଏପରି ଶୁଭ ଘଟଣା ଘଟିବ ବୋଲି ସେ କେବେ କଳ୍ପନା କରି ନ ଥିଲେ। ନିକଟରେ ସେ ତାଙ୍କର ଅଭିନୟ ଜୀବନରେ ହ୍ୟାଟ୍ରିକ ମାରିଛନ୍ତି। ଅର୍ଥାତ୍ ଏକ ନୂଆ ପ୍ରଯୋଜନା ସଂସ୍ଥା ନିର୍ମାଣ କରୁଥିବା ତିନୋଟି ସିରିଜ୍ ଫିଲ୍ମରେ ସେ ନାୟିକା ସାଜିବେ। ଯେତେବେଳେ ତାଙ୍କୁ ଏଭଳି ଅଫର ମିଳିଲା ସେତେବେଳେ ସେ ସହଜରେ ବିଶ୍ୱାସ କରିପାରି ନ ଥିଲେ। ଏପରି ସୁଯୋଗ ସମ୍ପର୍କରେ ସେ କହନ୍ତି, ''ଏହା ଏକ ନୂଆ ବ୍ୟାନର। ପ୍ରଯୋଜକ ମଧ୍ୟ ନୂଆ। ହେଲେ ତିନୋଟି ଫିଲ୍ମର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି। ସେଗୁଡ଼ିକରେ ମୋତେ ମିଳିଥିବା ଭୂମିକା ମୋ କ୍ୟାରିୟର ପାଇଁ ଶୁଭପ୍ରଦ ସାବସ୍ତ ହେବ ବୋଲି ଆଶା ରଖିଛି। ଏଗୁଡ଼ିକର ଶୁଟିଂ ମଧ୍ୟ ନିୟମିତ ସମୟ ଅନ୍ତରାଳରେ ହେବ। ତେବେ ଏ ନେଇ ମୋତେ ଡେଟ୍ ଫିକ୍ସ କରିବାକୁ ହେବ। ତେଣୁ ଏ ନେଇ ଟିକେ ଟେନ୍‌ସନରେ ଅଛି।'' ତେବେ ଏହି ତିନୋଟି ଫିଲ୍ମ ହୁମାଙ୍କ କ୍ୟାରିୟରକୁ କି ମୋଡ଼ ଦେଉଛି ତାହା ଦେଖିବାକୁ ବାକି ରହିଲା। ହୁମା ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡ଼ିକ ହେଉଛି- 'ଏକ ଥି ଡାୟନ', 'ଦେଢ଼ ଇସ୍କିୟାଁ', 'ବଦଲାପୁର', 'ହାଇୱେ', 'ଜଲି ଏଲଏଲବି-୨'ଏବଂ 'ଡବଲଏକ୍ସଏଲ'।

# କେବଳ ଅନୁତାପ

କଥାରେ ପରା ଅଛି- 'ବୋହିଗଲା ପାଣି ଆଉ ଧନୁରୁ ତୀର ଖସିଲା ପରେ ତାହା ଆଉ ଫେରିଆସେନା।' ଦେଖୁନାହାନ୍ତି, ଯେତେବେଳେ ଅଫର ମିଳିଲା ସେତେବେଳେ ସେଥିରେ ଅଭିନୟ କରିବାକୁ ରାଜି ଥିଲେ। ହେଲେ କିଛି ଦିନ ପରେ କ'ଣ ହେଲା କେଜାଣି ଦେଖିଲା ବେଳକୁ କାଷ୍ଟିଂରୁ ତାଙ୍କୁ ଆଉଟ୍ କରିଦିଆଯାଇଛି। ହଁ, ସେ ହେଉଛନ୍ତି ନୂସରତ ଭରୁଚା। ଏ ନେଇ ନୂସରତ କହନ୍ତି, 'ମୁଁ କିପରି କାଷ୍ଟିଂରୁ ବାଦ୍ ପଡିଲି ତାହା ଜାଣିପାରୁନାହିଁ। ହେଲେ ଅଭିନୟ କ୍ଷେତ୍ରରେ ଏପରି ହୋଇଥାଏ। ଏହି ଅଫରଟି କେବଳ ଆଲୋଚନାରେ ସୀମିତ ଥିଲା। ମୁଁ ଏଥିପାଇଁ ଆଦୌ ସାଇନିଂ ଆମାଉଣ୍ଟ ନେଇ ନ ଥିଲି। କିନ୍ତୁ ଏହି ଫିଲ୍ମଟିର କାହାଣୀ ବେଶ୍ ଦମଦାର ଥିଲା। ହେଲେ ପ୍ରଯୋଜନା ସଂସ୍ଥା କାହାକୁ ସାଇନ୍ କରାଇବ ତାହା ସମ୍ପୂର୍ଣ୍ଣ ଭାବରେ ତାଙ୍କ ଉପରେ ନିର୍ଭର କରେ। ହେଲେ ଭଲ ଅଫରଟି ହାତରୁ ଖସି ଯିବାରୁ ଏବେ କେବଳ ଅନୁତାପ କରିବା ହିଁ ସାର। ବର୍ତ୍ତମାନ ତାଙ୍କ ଅଭିନୀତ 'ପୂଜା ମେରି ଜାନ୍'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁରହିଛି। ଏହି ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶା ବାନ୍ଧି ବସିଛନ୍ତି ସେ।


ନୁସରତ

# ଜୟ ଦୁର୍ଗା ମାଆ

ଧରାପୃଷ୍ଠରେ ମା' ଦୁର୍ଗାଙ୍କର ପୂଜା କେଉଁ ଆବହମାନ କାଳରୁ ପ୍ରଚଳିତ। ଏଥର ପୂଜା ବଜାରକୁ ସରଗରମ କରିବାକୁ ରିଲିଜ ହେବାକୁ ଯାଉଛି ସାଇ କୁଟୀର ଫାଉଣ୍ଡେଶନ ଟ୍ରଷ୍ଟ ନିବେଦିତ ଏକ ଭିନ୍ନ ସ୍ୱାଦର ଭିଡିଓ ଆଲବମ୍ 'ଜୟ ଦୁର୍ଗା ମାଆ'। ବିଶେଷ ଭାବରେ ଏହାର ଟାଇଟଲ ଗୀତଟିର ଟିଜର ବେଶ୍ ଭାଇରାଲ ହୋଇଛି। ଏହାକୁ ରଚନା କରିଛନ୍ତି ବିଶିଷ୍ଟ ଗୀତିକାର ତଥା ଆକାଶବାଣୀରେ କାର୍ଯ୍ୟରତ ଚିତ୍ତ ମହାନ୍ତି। ସାନୁ ମଲ୍ଲିକଙ୍କ ସ୍ୱର ସଂଯୋଜନାରେ କଣ୍ଠଦାନ କରିଛନ୍ତି ଯୁବ କଣ୍ଠଶିଳ୍ପୀ ବିଷ୍ଣୁମୋହନ କବି। ଏହି ଗୀତ ବିଷୟରେ ଚିତ୍ତ କହନ୍ତି, ''ଚଳିତ ବର୍ଷ ଦୁର୍ଗାପୂଜାରେ ଶ୍ରୋତାମାନଙ୍କୁ ଏକ ଭିନ୍ନ ଧରଣର ଭକ୍ତି ଅର୍ଘ୍ୟ ପରଷିଦେବାକୁ ମନସ୍ଥ କରିଥିଲି। ଯେତେବେଳେ ଗୀତଟିକୁ ରଚନା କଲି ସେତେବେଳେ ମୋର ହୃଦ୍‌ବୋଧ ହୋଇଥିଲା ଯେ ଏହା ନିଶ୍ଚୟ ପ୍ରତ୍ୟେକ ଦର୍ଶକଙ୍କ ହୃଦୟକୁ ଛୁଇଁବ।'' ତେବେ ଏହି ଭକ୍ତି ଭିଡିଓ ଆଲବମ୍ ଏଥର ଦୁର୍ଗାପୂଜାରେ ସଫଳତା ହାସଲ କରିବ ବୋଲି ଆଶା କରାଯାଏ।




# ଘାରିଛି ପରିବେଶ ଚିନ୍ତା

ତାପସୀ ପନ୍ନୁଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ଏଣିକି ଅଭିନୟ ବ୍ୟତୀତ ସେ ପରିବେଶ ସୁରକ୍ଷା ପାଇଁ କାମ କରିବେ। ଏ ନେଇ ଭଲ ଭାବରେ ଚିନ୍ତା କରିବା ପରେ ଏଭଳି ନିଷ୍ପତ୍ତି ନେଇଛନ୍ତି। କେବଳ ସେତିକି ନୁହେଁ, ଏଥିପାଇଁ ସେ ଖୁବ୍ ଶୀଘ୍ର ଏକ ଗ୍ରୁପ୍ ଗଠନ କରିବେ ବୋଲି ସୂଚନା ଦେଇଛନ୍ତି। ନିଜର ଏଭଳି ପରିବେଶ ମାୟା ସମ୍ପର୍କରେ ତାପସୀ କହନ୍ତି, ''ନିକଟରେ ଏକ ପରିବେଶ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ମୋ ମନ ଏଥିପ୍ରତି ଢ଼ଳିଥିଲା। ତା'ପରେ ଏ ନେଇ ଗମ୍ଭୀର ଭାବରେ ଚିନ୍ତା କରିଥିଲି। ନିଜ ଯୋଜନାକୁ ରୂପରେଖ ଦେବା ଲାଗି କେତେଜଣ ନାମୀ ପରିବେଶବିତ୍‌ଙ୍କ ସହ ଆଲୋଚନା କରିଛି। ଖୁବ୍ ଶୀଘ୍ର ନିଜକୁ ମୁଁ ଏ କାମରେ ସାମିଲ କରିବି। ମୋର କେତେଜଣ ସାଙ୍ଗ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଛନ୍ତି। ତା' ସହ ପରିବେଶ ସୁରକ୍ଷା ନେଇ ଏକ ଫିଲ୍ମ ନିର୍ମାଣ କରିବାକୁ ମଧ୍ୟ ଯୋଜନା ରହିଛି।'' ତେବେ ଏ କ୍ଷେତ୍ରରେ ତାପସୀ କେତେ ସଫଳ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।


ତାପସୀ



# ବାଂଲାଦେଶ ପ୍ରତି ସତର୍କ ରହିବ ଭାରତ





ନେଟ୍ସରେ ବୁଧବାର ଶକିବ ଅଲ୍ ହାସନ ଓ ରୋହିତ ଶର୍ମା।

**ପୁଣେ,୧୮।୧୦(ପି.ଟି.)**

ଦିନିକିଆ କ୍ରିକେଟ ବିଶ୍ୱକପ ୨୦୨୩ରେ ଗୁରୁବାର ବାଂଲାଦେଶକୁ ଭେଟିବ ଭାରତ। ରୋହିତ ଶର୍ମାଙ୍କ ଦଳ ଏହି ମ୍ୟାଚ୍ ପାଇଁ ଫେଭରିଟ୍ ରହିଥିଲେ ମଧ୍ୟ ବାଂଲାଦେଶ ବିପର୍ଯ୍ୟୟ ସୃଷ୍ଟି କରିବାରେ ମାହିର। ତେଣୁ ଭାରତ ଏହି ମ୍ୟାଚ୍‌କୁ ସତର୍କତାର ସହିତ ଓହ୍ଲାଇବ। ସେହିପରି ଉଭୟ ଦଳ ମଧ୍ୟରେ ଶେଷ ୪ ମ୍ୟାଚ୍‌ରେ ବାଂଲାଦେଶ ୩ଟି ଜିତିବାରେ ସଫଳ ହୋଇଛି । ଏହା ମଧ୍ୟରୁ ଦୁଇଟି ବିଜୟ ଦ୍ୱିପାକ୍ଷିକ ସିରିଜ୍‌ରୁ ଆସିଥିବା ବେଳେ ଏସିଆ କପ୍‌ର ଗୋଟିଏ ମ୍ୟାଚ୍ ଜିତିଥିଲା ବାଂଲାଦେଶ। ଚଳିତ ଟୁର୍ନାମେଣ୍ଟରେ ଅଣ୍ଡରଡଗ୍ ଟିମ୍‌ଗୁଡିକ ଯେଉଁଭଳି ପ୍ରଦର୍ଶନ କରୁଛନ୍ତି ଏହା ଭାରତ ପାଇଁ ସତର୍କଘଣ୍ଟି ଭଳି ରହିବ। ଭାରତ ଉଭୟ ବ୍ୟାଟିଂ ଓ ବୋଲିଂରେ ସ୍ଥିର ପ୍ରଦର୍ଶନ ଦେବାରେ ସମର୍ଥ ହୋଇଛି। ପୁଣେର ପିଚ୍ ସର୍ବଦା ବ୍ୟାଟିଂ ସହାୟକ ରହୁଥିବା ବେଳେ ଭାରତୀୟ ବ୍ୟାଟର ଏହାର ଫାଇଦା ନେବାକୁ ପ୍ରୟାସ କରିବେ।

ଭାରତୀୟ ଟପ୍ ଅର୍ଡରରେ ରୋହିତ ଶର୍ମା, ଶୁବମନ୍ ଗିଲ୍ ଓ ବିରାଟ କୋହଲି ରହିଥିବା ବେଳେ ଏହା ବେଶ୍ ସନ୍ତୁଳିତ ମନେହେଉଛି। ଦ୍ୱିତୀୟ ମ୍ୟାଚ୍ ଖେଳିବାକୁ ଯାଉଥିବା ଗିଲ୍ ଏକ ବଡ ସ୍କୋର କରିବା ଆଶାରେ ରହିବେ। ଶେଷ ଥର ପାଇଁ ଏସିଆ କପ୍‌ରେ ବାଂଲାଦେଶ ବିପକ୍ଷ ମ୍ୟାଚରେ ଗିଲ୍ ଚମତ୍କାର ଶତକ ହାସଲ କରିଥିଲେ। ଚଳିତ ଟୁର୍ନାମେଣ୍ଟରେ ରୋହିତ ଶର୍ମା ନିଜ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ରହିଛନ୍ତି। ଆଫଗାନିସ୍ତାନ ବିପକ୍ଷରେ ୧୩୧ ଓ ପାକିସ୍ତାନ ବିପକ୍ଷରେ ୮୬ ରନ୍‌ର ଇନିଂସ ଖେଳିଥିବା ବେଳେ ଆଉ ଏକ ଭଲ ଇନିଂସ ଆଶା କରିବ ଭାରତ। ବିରାଟ କୋହଲି ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ର କଷ୍ଟସାଧ୍ୟ ପରିସ୍ଥିତିରେ ଚମତ୍କାର ଅର୍ଦ୍ଧଶତକ ହାସଲ କରିଥିଲେ। ୮୫ ଓ ୫୫ ରନ୍‌ର ଦୁଇଟି ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ବେଳେ ଏହା ତିନି ଅଙ୍କରେ ପହଞ୍ଚାଇବାକୁ ଚାହିଁବେ। ମିଡିଲ ଅର୍ଡର ବ୍ୟାଟରଙ୍କ ମଧ୍ୟରେ ଶ୍ରେୟସ୍ ଆୟର ଓ ଲୋକେଶ ରାହୁଲ ମଧ୍ୟ ଫର୍ମରେ ଅଛନ୍ତି। ଅଷ୍ଟ୍ରେଲିଆ ଓ ପାକିସ୍ତାନ ଭଳି ଶକ୍ତିଶାଳୀ ଦଳ ଯଥାକ୍ରମେ ୧୯୯ ଓ ୧୯୧ ରନ୍‌ରେ ଅଲଆଉଟ ହେବା ଭାରତର ଶକ୍ତିଶାଳୀ ବୋଲିଂ ଲାଇନ୍‌ଅପ୍‌ର ପ୍ରମାଣ। ଯଶ୍‌ପ୍ରୀତ୍ ବୁମ୍‌ରା ନିଜ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ରହିଥିବା ବେଳେ କୁଲ୍‌ଦୀପ ଯାଦବ ମଧ୍ୟ ନିଜ ସ୍ପିନ ଜାଲରେ ବିପକ୍ଷ ଦଳକୁ ବାନ୍ଧି ରଖିବାରେ ସମର୍ଥ ହୋଇଛନ୍ତି।

ପ୍ରଥମ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ପରାସ୍ତ କରିଥିଲେ ମଧ୍ୟ ପରବର୍ତ୍ତୀ ଦୁଇ ମ୍ୟାଚ୍‌ରେ ଉନ୍ନତ ଦଳ ନିକଟରୁ ହାରିଥିଲା ବାଂଲାଦେଶ। ଟୁର୍ନାମେଣ୍ଟରେ ଜୀବନ୍ତ ରହିବାକୁ ହେଲେ ଦଳ ଭାରତ ବିପକ୍ଷରେ ବିଜୟୀ ହେବାକୁ ପ୍ରାଣପଣେ ଉଦ୍ୟମ କରିବ। ଅଧିନାୟକ ତଥା ସବୁଠାରୁ ଅଭିଜ୍ଞ ଖେଳାଳି ସାକିବ୍ ଅଲ ହସନଙ୍କ ଉପରେ ଦଳର ସଫଳତା ନିର୍ଭର କରିବ। ସେହିପରି ଲିଟନ୍ ଦାସ ଓ ମେହିଦୀ ହସନ ମିରାଜଙ୍କ ବ୍ୟାଟିଂ ଉପରେ ମଧ୍ୟ ସଭିଙ୍କ ନଜର ରହିବ। ଯୁବ ଖେଳାଳିଙ୍କ ମଧ୍ୟରେ ନଜମୁଲ ହୋସେନ୍ ଶନ୍ତୋ ଓ ତୋହିଦ୍ ହ୍ରିଦୟ ଓ ଅଭିଜ୍ଞ ମୁଶଫିକୁର ରହିମଙ୍କ ଉପରେ ମିଡିଲ ଅର୍ଡର ଭାର ନ୍ୟସ୍ତ ରହିବ। ବୋଲିଂରେ ଟାସ୍କିନ୍ ଅହମଦ ଫର୍ମରେ ନ ରହିବା ବାଂଲାଦେଶକୁ ଦୁର୍ବଳ କରିଛି। ୩ ମ୍ୟାଚରୁ ସେ ମାତ୍ର ଦୁଇ ଉଇକେଟ ନେଇଥିବା ବେଳେ ଏହା ମୁସ୍ତାଫିଜୁର ରେହମାନଙ୍କ ଉପରେ ଅତିରିକ୍ତ ଚାପ ସୃଷ୍ଟି କରୁଛି। ଉଭୟ ଦଳ ବିଶ୍ୱକପ୍‌ରେ ୪ଥର ମୁହାଁମୁହିଁ ହୋଇଥିବା ବେଳେ ଭାରତ ୩ ବିଜୟ ସହିତ ଆଗୁଆ ରହିଛି। ୨୦୦୭ରେ ବାଂଲାଦେଶ ବିଜୟୀ ହୋଇଥିବା ବେଳେ ପରବର୍ତ୍ତୀ ୩ ଥର ଭାରତ ଜିତିଛି।



ଟ୍ରେନିଂ ସେସନରେ ବିରାଟ କୋହଲି।



ପୁଣେ ଷ୍ଟାଡିୟମରେ ଭାରତର ମହମ୍ମଦ ସିରାଜ ଓ ଯଶପ୍ରୀତ୍ ବୁମରାଙ୍କ ୱାର୍ମଅପ୍।

## ହୃଦୟ ଜିତିବାରେ ବିଫଳ ଦର୍ଶକ

**ଗୌତମ ଗମ୍ଭୀର**

ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରି ଏହାର ୩ଟି ଯାକ ମ୍ୟାଚରେ ବିଜୟୀ ହୋଇଛି। ତେବେ ମ୍ୟାଚ୍ ଜିତିଥିଲେ ମଧ୍ୟ ଭାରତୀୟ ସମର୍ଥକମାନେ ହୃଦୟ ଜିତିବାରେ ସମର୍ଥ ହୋଇ ନାହାନ୍ତି। ଭାରତ ମ୍ୟାଚ୍ ବେଳେ ଷ୍ଟାଡିୟମ ଫୁଲ୍ ରହୁଥିବା ବେଳେ ଅନ୍ୟ ମ୍ୟାଚ୍‌ଗୁଡିକରେ ଦର୍ଶକ ନ ହେବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭାରତୀୟମାନେ କ୍ରିକେଟକୁ ଭଲ ପାଆନ୍ତି କି ଏହାର ସୁପରଷ୍ଟାରମାନଙ୍କୁ ତାହାକୁ ନେଇ ମଧ୍ୟ ବଡ ପ୍ରଶ୍ନ ସୃଷ୍ଟି ହୋଇଛି। ଦିଲ୍ଲୀରେ ନବୀନ ଉଲ୍ ହକ୍ ଓ ଅହମଦାବାଦରେ ବାବର ଆଜମଙ୍କୁ ଭାରତୀୟ ଦର୍ଶକ ଅସମ୍ମାନ କରିଥିଲେ। 'ବସୁଧୈବ କୁଟୁମ୍ବକମ'ରେ ବିଶ୍ୱାସ କରୁଥିବା ଭାରତୀୟ ଦର୍ଶକଙ୍କ ନିକଟରୁ ଏଭଳି ବ୍ୟବହାର ଗ୍ରହଣୀୟ ନୁହେଁ।

୨୦୩୬ରେ ଭାରତ ଅଲିମ୍ପିକ୍ସ ଆୟୋଜନ ପାଇଁ ବିଡ୍ ଦାଖଲ ପୂର୍ବରୁ ଏଭଳି ହେଲେ ସମଗ୍ର ବିଶ୍ୱରେ ଭାରତର ଏକ ନକାରାତ୍ମକ ଛବି ସୃଷ୍ଟି ହେବ। ସେହିପରି ଅହମଦାବାଦର ମ୍ୟାଚ୍ ଏକ ଆଇସିସି ଇଭେଣ୍ଟ ନୁହେଁ ବରଂ ବିସିସିଆଇ ଇଭେଣ୍ଟ ପରି ମନେହେଉଥିଲା ବୋଲି ପାକିସ୍ତାନ କ୍ରିକେଟ ଟିମ୍ ଡିରେକ୍ଟର ମିକି ଆର୍ଥର ମତ ଦେଇଥିଲେ। ଜଣେ ଭାଷ୍ୟକାର ଭାବେ ମୁଁ ଷ୍ଟାଡିୟମରେ ଉପସ୍ଥିତ ଥିବାରୁ ମୁଁ ଆର୍ଥରଙ୍କ ସହିତ ସହମତ। ଦୁଇ ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାକୁ ମୁଁ ସମର୍ଥନ କରେ, ମାତ୍ର ଦର୍ଶକଙ୍କ ମଧ୍ୟରେ ଶାଳୀନତା ରହିବା ଆବଶ୍ୟକ।

ଭାରତ ଗୁରୁବାର ପୁଣେରେ ବାଂଲାଦେଶ ବିପକ୍ଷ ମ୍ୟାଚରେ ଭାରତ ଫେଭରିଟ ରହିବ। ଏହା ସହ ଶାର୍ଦ୍ଦୂଳ ଠାକୁରଙ୍କ ସ୍ଥାନରେ ମହମ୍ମଦ ଶାମିଙ୍କୁ ଆକ୍ସନରେ ଦେଖିବା ମୋର ଇଚ୍ଛା। ଜଣେ ଅଧିନାୟକ ଭାବରେ ମୁଁ ଶାମିଙ୍କ ପରି ବୋଲରଙ୍କୁ ସୁଯୋଗ ଦେବାକୁ ପ୍ରାଧାନ୍ୟ ଦେବି। ଯଦି ସେ ଖେଳନ୍ତି ତେବେ ନାଲି ଓ କଳା ମାଟିରେ ପ୍ରସ୍ତୁତ ପୁଣେ ପିଚ୍‌ରେ ରିଭର୍ସ ସୁଇଂ ଦେଖିବାକୁ ମିଳିବ। ବର୍ତ୍ତମାନର ଲାଇନ୍‌ଅପ୍‌କୁ ଦେଖିଲେ ୮ନମ୍ବରରେ ଶାର୍ଦ୍ଦୂଳଙ୍କ ଆବଶ୍ୟକତା ମନେହେଉନାହିଁ। ଏହା ବ୍ୟତୀତ ଅନ୍ୟ କୌଣସି ପରିବର୍ତ୍ତନ ହେବା ଭଳି ମୋର ଆଶା ନାହିଁ।

ଭାରତୀୟ ଅଧିନାୟକ ରୋହିତ ଶର୍ମା ଟୁର୍ନାମେଣ୍ଟରେ ଚମତ୍କାର ଆରମ୍ଭ କରିଛନ୍ତି। ସକାରାତ୍ମକ ଆଭିମୁଖ୍ୟ ସହ ଆକ୍ରମଣାତ୍ମକ ବ୍ୟାଟିଂ ଭାରତୀୟ ଦଳର ମନୋବଳ ବୃଦ୍ଧି ପାଇଁ ଯଥେଷ୍ଟ। ପ୍ରଥମ ବଲ୍‌ରୁ ରୋହିତ ଆକ୍ରମଣ କରୁଥିବା ବେଳେ ଭାରତୀୟ ଦଳ ଫାୟାର ବ୍ରାଣ୍ଡ କ୍ରିକେଟ ଖେଳୁଛି। ବାଂଲାଦେଶ ବୋଲିଂ ବିପକ୍ଷରେ ରୋହିତ ଆଉ ଏକ ବଡ ଇନିଂସ ଖେଳିଲେ ଏଥିରେ ଆଶ୍ଚର୍ଯ୍ୟ ହେବି ନାହିଁ ।

ପାକିସ୍ତାନ ବିପକ୍ଷରେ ଶ୍ରେୟସ୍ ଆୟାର ଶର୍ଟ ବଲ୍ ଆକ୍ରମଣକୁ ଯେଉଁଭଳି ସଫଳତାର ସହ ମୁକାବିଲା କଲେ ତାହା ପ୍ରଶଂସନୀୟ। ଆରମ୍ଭରୁ ସାମାନ୍ୟ ରହିଥିଲେ ହେଁ ପରବର୍ତ୍ତୀ ସମୟରେ ସେ ଯେଉଁଭଳି ଆତ୍ମବିଶ୍ୱାସ ଦେଖାଇଲେ ତାହା ତାଙ୍କୁ ଆଗକୁ ସାହାଯ୍ୟ କରିବ। ବାଂଲାଦେଶ ମଧ୍ୟ ଆୟରଙ୍କ ବିପକ୍ଷରେ ସମାନ ଶର୍ଟବଲ୍ ରଣନୀତି ଆପଣେଇପାରେ। ଶାକିବ୍ ଅଲ ହସନ ଏହି ମ୍ୟାଚ ଖେଳିବେ କି ନାହିଁ ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ଭାରତ ପରି ଶକ୍ତିଶାଳୀ ଦଳ ସମ୍ମୁଖରେ ଏହା ବାଂଲାଦେଶ ପାଇଁ ବଡ ସମସ୍ୟା ସୃଷ୍ଟି କରିପାରେ।

ବିଗତ ସପ୍ତାହରେ ବିଶ୍ୱକପ୍‌ରେ କିଛି ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଆଫଗାନିସ୍ତାନ ଦିଲ୍ଲୀରେ ଇଂଲଣ୍ଡକୁ ଓ ନେଦରଲାଣ୍ଡ୍ସ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ବିପର୍ଯ୍ୟୟ ଘଟାଇଥିଲେ। ଏହା ବିଶ୍ୱକପ୍‌ର ସମୀକରଣକୁ ସମସ୍ତ ଦଳ ପାଇଁ ଉନ୍ମୁକ୍ତ ରଖିଛି। ଅଷ୍ଟ୍ରେଲିଆ ପରି ଦଳ ଏହି ଫଳାଫଳରେ ବହୁତ ଖୁସି ଥିବେ। ମିଡିଲ ଓଭରରେ ରନ୍ ସଂଗ୍ରହରେ ବିଫଳତା ଏଭଳି ବିପର୍ଯ୍ୟୟର କାରଣ। ଯେତେବେଳେ ବାଉଣ୍ଡ୍ରି ଆସିବା ସମ୍ଭବ ହେଉନି ଖେଳାଳିମାନେ ସିଙ୍ଗଲ ଓ ଡବଲ ନେବା ଉପରେ ଗୁରୁତ୍ୱ ଦେବା ଉଚିତ।


OFFICIAL SPONSOR
ICC MEN'S CRICKET WORLD CUP INDIA 2023
SEAGRAM'S
ROYAL STAG
PACKAGED DRINKING WATER
#LargeHumaaraHai


## ଶକିବ ବିପଦ ସୃଷ୍ଟି କରିପାରନ୍ତି: କୋହଲି

**ପୁଣେ, ୧୮।୧୦(ପି.ଟି.)**

''ବିଶ୍ୱକପ୍‌ରେ 'ବଡ଼ ଦଳ' କେହି ନୁହନ୍ତି। ମେଗା ଇଭେଣ୍ଟଗୁଡ଼ିକରେ ଅଧିକ ସଫଳ ଦଳଗୁଡ଼ିକ ଉପରେ ଫୋକସ ରହୁଥିବାରୁ ବିପର୍ଯ୍ୟୟ ହୋଇ ଯାଇଥାଏ'' ବୋଲି ଭାରତର ତାରକା ବ୍ୟାଟର ବିରାଟ କୋହଲି ପ୍ରକାଶ କରିଛନ୍ତି। ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ୨ଟି ବଡ଼ ବିପର୍ଯ୍ୟୟ ଘଟିବା ପରେ କୋହଲି ଏପରି ମତବ୍ୟକ୍ତ କରିଛନ୍ତି। ଆଫଗାନିସ୍ତାନ ୬୯ ରନରେ ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡକୁ ହରାଇଥିବାବେଳେ ନେଦରଲାଣ୍ଡ୍ସ ୩୮ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ବିଶ୍ୱକପ୍ ଇତିହାସରେ ନେଦରଲାଣ୍ଡ୍ସ ଏହାର ବୃହତ୍ ବିଜୟ ହାସଲ କରିଥିଲା। ''ବିଶ୍ୱକପରେ ବଡ଼ ଦଳ ବୋଲି ସେମିତି କିଛି ନାହିଁ। ଯେତେବେଳେ ଆମେ କେବଳ ବଡ଼ ଦଳ ଉପରେ ଫୋକସ ରଖିଥାଉ ସେତେବେଳେ ବିପର୍ଯ୍ୟୟ ଘଟି ଯାଇଥାଏ'' ବୋଲି ଭାରତ-ବାଂଲାଦେଶ ମ୍ୟାଚ ପୂର୍ବରୁ କୋହଲି ପ୍ରକାଶ କରିଛନ୍ତି।

ବିଶ୍ୱକପ୍‌ରେ ବାଂଲାଦେଶ ବିପକ୍ଷରେ ଭାରତର ରେକର୍ଡ ଭଲ ରହିଛି। ଉଭୟ ଦେଶ ମଧ୍ୟରେ ୪ଟି ମ୍ୟାଚ ହୋଇଥିବାବେଳେ ଭାରତ ୩ଟିରେ ବିଜୟଲାଭ କରିଛି। ତେବେ ବାଂଲାଦେଶ ଅଧିନାୟକ ଶକିବ ଅଲ୍ ହାସନ ବୋଲିଂରେ ବିପଦ ସୃଷ୍ଟି କରିପାରନ୍ତି ବୋଲି କୋହଲି ପୂର୍ବାନୁମାନ କରୁଛନ୍ତି। ''ଗତ କିଛି ବର୍ଷଧରି ମୁଁ ଶକିବଙ୍କ ବିପକ୍ଷରେ ଖେଳି ଆସୁଛି। ନିଜ ବୋଲିଂ ଉପରେ ତାଙ୍କର ନିୟନ୍ତ୍ରଣ ରହିଥାଏ। ସେ ଜଣେ ଅଭିଜ୍ଞ ବୋଲର। ନୂଆ ବଲ୍‌ରେ ସେ ଚମତ୍କାର ବୋଲିଂ କରିଥାନ୍ତି।'' ବୋଲି କୋହଲି କହିଛନ୍ତି। କୋହଲିଙ୍କ ସହ ଏକମତ ହୋଇଛନ୍ତି ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା। ''ଶକିବ ଜଣେ ଷ୍ଟ୍ରିଟ୍-ସ୍ମାର୍ଟ କ୍ରିକେଟର। ସେ ଦୀର୍ଘବର୍ଷ ଧରି ଗୁରୁଦାୟିତ୍ୱ ବହନ କରି ବାଂଲାଦେଶକୁ ଆଗକୁ ନେଉଛନ୍ତି'' ବୋଲି ହାର୍ଦ୍ଦିକ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଶକିବ କହିଛନ୍ତି ଯେ କୋହଲି ହେଉଛନ୍ତି ଆଧୁନିକ ଯୁଗର ଶ୍ରେଷ୍ଠ ବ୍ୟାଟର। ''ସେ ଜଣେ ସ୍ୱତନ୍ତ୍ର ବ୍ୟାଟ୍ସମ୍ୟାନ। ତାଙ୍କୁ ୫ ଥର ଆଉଟ କରିଥିବାରୁ ମୁଁ ନିଜକୁ ଭାଗ୍ୟବାନ ମନେକରୁଛି। ତାଙ୍କ ଉଇକେଟ ନେଲେ ବହୁତ ଖୁସି ମିଳିଥାଏ'' ବୋଲି ଶକିବ ପ୍ରକାଶ କରିଛନ୍ତି।

**ବିରାଟ ଆଧୁନିକ ଯୁଗର ଶ୍ରେଷ୍ଠ ବ୍ୟାଟର**

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଭାରତ ବନାମ ବାଂଲାଦେଶ**

ସ୍ଥାନ: ପୁଣେ,
ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ପିସିବି ଅଭିଯୋଗ ଉପରେ ହେବନି କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ,୧୮।୧୦(ପି.ଟି.)**

ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ବୁଧବାର ଆଇସିସି ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅହମଦାବାଦରେ ଭାରତ-ପାକିସ୍ତାନ ମ୍ୟାଚ ଚାଲିଥିବା ବେଳେ ଦର୍ଶକମାନେ ପାକିସ୍ତାନ ଦଳକୁ ବୁ କରିଥିଲେ। ଏହାକୁ ନେଇ ପିସିବି ପକ୍ଷରୁ ଆଇସିସି ନିକଟରେ ଅଭିଯୋଗ ମଧ୍ୟ କରାଯାଇଥିଲା। ତେବେ ଆଇସିସିର ନିୟମ ବ୍ୟକ୍ତିବିଶେଷଙ୍କ ପାଇଁ ଲାଗୁ କରାଯାଏ। ସମଗ୍ର ଷ୍ଟାଡିୟମ ପାଇଁ ଏହି ନିୟମ ଲାଗୁ କରାଯିବା ସମ୍ଭବ ନୁହେଁ ବୋଲି ଆଇସିସି ସ୍ପଷ୍ଟ କରିଛି। ଏକ ଲକ୍ଷରୁ ଅଧିକ ଦର୍ଶକ ଏହି ମ୍ୟାଚ୍ ଦେଖିଥିଲେ। ତେବେ ପାକିସ୍ତାନ ଦଳର ମାତ୍ର ୩ ଜଣ ସମର୍ଥକ ଏହି ମ୍ୟାଚ୍ ଦେଖିବା ପାଇଁ ଉପସ୍ଥିତ ଥିଲେ। ଏପରି କି ମହମ୍ମଦ ରିଜୱାନ ଆଉଟ ହୋଇ ଫେରୁଥିବା ବେଳେ ଦର୍ଶକ ଷ୍ଟାଣ୍ଡରୁ ଜୟ ଶ୍ରୀରାମର ନାରା ଆସିଥିଲା। ପାକିସ୍ତାନ କ୍ରିକେଟର ନିର୍ଦ୍ଦେଶକ ମିକି ଆର୍ଥର ଏହାକୁ ନେଇ ପ୍ରେସ୍ ମିଟ୍‌ରେ ମଧ୍ୟ ଆଲୋଚନା କରିଥିଲେ। ତେବେ କୌଣସି ଖେଳାଳି ଆହତ ହୋଇ ନ ଥିବା ବେଳେ ଜାତିଆଣ ମନ୍ତବ୍ୟ ମଧ୍ୟ ଦିଆଯାଇନାହିଁ। ତେଣୁ ମାମଲାକୁ ଖାରଜ କରିଦେଇଛି ଆଇସିସି।



ଅହମଦାବାଦରେ ମ୍ୟାଚ ଅବସରରେ ଉଲ୍ଲସିତ ଭାରତୀୟ ପ୍ରଶଂସକ।




ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧୯/୨୦୨୩ Bhubaneswar, Thursday, October 19/ 2023

# ନ୍ୟୁଜିଲାଣ୍ଡର ଚତୁର୍ଥ ବିଜୟ

ଚେନ୍ନାଇ, ୧୮।୧୦

ଦିନିକିଆ କ୍ରିକେଟ ବିଶ୍ୱକପର ବୁଧବାର ଅନୁଷ୍ଠିତ ମ୍ୟାଚରେ ନ୍ୟୁଜିଲାଣ୍ଡ ୧୪୯ ରନରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ଅନ୍ୟପକ୍ଷରେ ଖରାପ ଫିଲ୍ଡିଂ ଓ ବ୍ୟାଟରଙ୍କ ବିଫଳତା ଆଫଗାନିସ୍ତାନ ମୋମେଣ୍ଟମ ବଜାୟ ରଖିବାରେ ବିଫଳ ହୋଇଛି। ୫ କ୍ୟାଚ ହାତଛଡ଼ାର ସୁଯୋଗ ନେଇ ନ୍ୟୁଜିଲାଣ୍ଡ ୫୦ ଓଭରରେ ୬ ଉଇକେଟ ହରାଇ ୨୮୮ ରନ କରିଥିଲା। ଜବାବରେ ଆଫଗାନିସ୍ତାନ ୩୪.୪ ଓଭରରେ ୧୩୯ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ୪ ମ୍ୟାଚରୁ ଚତୁର୍ଥ ବିଜୟ ସହ ନ୍ୟୁଜିଲାଣ୍ଡ ପଏଣ୍ଟ ଟେବୁଲରେ ନିଜର ଶୀର୍ଷ ସ୍ଥାନକୁ ସୁଦୃଢ଼ କରିଛି। ଅନ୍ୟପକ୍ଷରେ ଆଫଗାନିସ୍ତାନ ୪ ମ୍ୟାଚରୁ ତୃତୀୟ ପରାଜୟ ବରଣ କରିଛି। ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ହାସଲ କରି ନ୍ୟୁଜିଲାଣ୍ଡ ଇନିଂସ ଗଢ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ଗ୍ଲେନ୍ ଫିଲିପ୍ସ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

ଟସ୍ ଜିତି ଆଫଗାନିସ୍ତାନ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ମାତ୍ର ଦଳର ଫିଲ୍ଡିଂ ଅତ୍ୟନ୍ତ ଖରାପ ରହିଥିଲା। ଏହାର ସୁଯୋଗ ନେଇ ନ୍ୟୁଜିଲାଣ୍ଡ ଏକ ସମ୍ମାନଜନକ ସ୍କୋର କରିବାରେ ସକ୍ଷମ ହୋଇଥିଲା। ଓପନର ଡେଭନ କନ୍‌ୱେ ଯଦିଓ ୨୦ ରନକରି ଆଉଟ ହୋଇ ଯାଇଥିଲେ ତେବେ ୱିଲ ୟଙ୍ଗ୍ ଓ ରାଚିନ ରବୀନ୍ଦ୍ର ସତର୍କତାର ସହ ବ୍ୟାଟିଂ କରି ଆଉ କୌଣସି କ୍ଷତି ହେବାକୁ ନ ଦେଇ ଦଳର ସ୍କୋରକୁ ୧୦୦ ଅତିକ୍ରମ କରାଇଥିଲେ। ତେବେ ଏହି ଯୋଡ଼ି ଭାଙ୍ଗିବା ସହ ମାତ୍ର ୧ ରନ ବ୍ୟବଧାନରେ ନ୍ୟୁଜିଲାଣ୍ଡ ୩ଟି ଉଇକେଟ ହରାଇ ବିପଦରେ ପଡ଼ିଥିଲା। ୨୧ତମ ଓଭରରେ ଉଭୟ ରବୀନ୍ଦ୍ର (୩୨ ରନ, ୨ ଚୌକା, ୧ ଛକା) ଓ ୟଙ୍ଗ୍ (୫୪ ରନ, ୪ ଚୌକା, ୩ ଛକା) ଆଉଟ ହୋଇ ଯାଇଥିବାବେଳେ ୨୨ତମ ଓଭରରେ ମାତ୍ର ୧ ରନ କରି ପ୍ୟାଭିଲିୟନ ଫେରିଥିଲେ ଡାରିଲ ମିଚେଲ। ୨୧.୪ ଓଭର ବେଳକୁ ସ୍କୋର ୧୧୦/୪ ହୋଇ ଯାଇଥିଲା। ମାତ୍ର ଆଫଗାନିସ୍ତାନ ବୋଲର ଓ ଫିଲ୍ଡରମାନେ ଏହି ମୋମେଣ୍ଟମକୁ ଧରି ରଖିପାରି ନ ଥିଲେ। ଅଧିନାୟକ ଟମ୍ ଲଥାମ ଓ ଗ୍ଲେନ ଫିଲିପ୍ସ ୫ମ ଉଇକେଟରେ ୧୪୪ ରନର ଭାଗୀଦାରି ଗଢ଼ି ଦଳକୁ ମଜଭୁତ ସ୍ଥିତିରେ ପହଞ୍ଚାଇ ଦେଇଥିଲେ। ୪୮ତମ ଓଭରର ପ୍ରଥମ ବଲ୍‌ରେ ଫିଲିପ୍ସଙ୍କୁ ଆଉଟ କରି ନବୀନ ଉଲ୍ ହକ୍ ଯଦିଓ ଯୋଡ଼ି ଭାଙ୍ଗିଥିଲେ ତେବେ ସେତେବେଳକୁ ବହୁ ବିଳମ୍ବ ହୋଇ ଯାଇଥିଲା। ଫିଲିପ୍ସ ୮୦ ବଲ୍‌ରୁ ସର୍ବାଧିକ ୭୧ (୪ ଚୌକା, ୪ ଛକା) ରନ କରିଥିଲେ। ଲଥାମ ସେହି ଓଭରରେ ନବୀନଙ୍କ ଦ୍ୱିତୀୟ ଶିକାର ବନିଥିଲେ। ସେ ୭୪ ବଲ୍‌ରୁ ୬୮ (୩ ଚୌକା, ୨ ଛକା) ରନ କରିଥିଲେ। ଶେଷ ଭାଗରେ ମାର୍କ ଚାପମାନ ୧୨ ବଲ୍‌ରୁ ୨୫ (୨ ଚୌକା, ୧ ଛକା) ରନକରି ଅପରାଜିତ ରହିବାରୁ ନ୍ୟୁଜିଲାଣ୍ଡ ସ୍କୋର ୨୮୮ରେ ପହଞ୍ଚି ଯାଇଥିଲା। ଆଫଗାନିସ୍ତାନ ଫିଲ୍ଡରମାନେ ଅତିକମ୍‌ରେ ୫ଟି କ୍ୟାଚ ହାତଛଡ଼ା କରିଥିଲେ। ବୋଲରଙ୍କ ମଧ୍ୟରେ ନବୀନ ଉଲ୍ ହକ୍ ଓ ଅଜମାତୁଲ୍ଲା ଓମାରଜାଇ ୨ଟି ଲେଖାଏ ଏବଂ ମୁଜିବ ଉର୍ ରହମନ ଓ ରଶିଦ ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୨୮୯ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଆଫଗାନିସ୍ତାନ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇ ପରାଜୟ ସ୍ୱୀକାର କରିଥିଲା। ବଡ଼ ପାର୍ଟନରଶିପ୍‌ର ଅଭାବ ଯୋଗୁ ଦଳ ମ୍ୟାଚର କୌଣସି ସ୍ଥିତିରେ ମଧ୍ୟ ନ୍ୟୁଜିଲାଣ୍ଡକୁ ଚ୍ୟାଲେଞ୍ଜ ଦେଇପାରି ନ ଥିଲା। ଦଳ ପକ୍ଷରୁ ରହମତ ଶାହା ସର୍ବାଧିକ ୩୬ ରନ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ମିଚେଲ ସାଣ୍ଟନର ଓ ଲୋକି ଫର୍ଗୁସନ ୩ଟି ଲେଖାଏ, ଟ୍ରେଣ୍ଟ ବୋଲ୍ଟ ୨ଟି ଏବଂ ମ୍ୟାଟ ହେନରି ଓ ରାଚିନ ରବୀନ୍ଦ୍ର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୫୦ ଓଭରରେ ୨୮୮/୬ (ଗ୍ଲେନ ଫିଲିପ୍ସ–୭୧, ଟମ୍ ଲଥାମ–୬୮, ୱିଲ ୟଙ୍ଗ୍–୫୪, ନବିନ ଉଲ୍ ହକ୍–୨/୪୮, ଅଜମାତୁଲ୍ଲା ଓମାରଜାଇ–୨/୫୬, ମୁଜିବ ଉର୍ ରହମନ–୧/୫୭, ରଶିଦ ଖାଁ–୧/୪୩)। ଆଫଗାନିସ୍ତାନ ୩୪.୪ ଓଭରରେ ୧୩୯/ଅଲଆଉଟ (ରହମତ ଶାହା–୩୬, ମିଚେଲ ସାଣ୍ଟନର–୩/୩୯, ଲୋକି ଫର୍ଗୁସନ–୩/୧୯, ଟ୍ରେଣ୍ଟ ବୋଲ୍ଟ–୨/୧୮, ମ୍ୟାଟ ହେନରି–୧/୧୬, ରାଚିନ ରବୀନ୍ଦ୍ର–୧/୩୪)।


ପ୍ଲେୟର ଅଫ୍ ଦି ମ୍ୟାଚ ଗ୍ଲେନ ଫିଲିପ୍ସ।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ନ୍ୟୁଜିଲାଣ୍ଡ | ୪ | ୪ | ୦ | ୮ | +୧.୯୨୩ |
| ଭାରତ | ୩ | ୩ | ୦ | ୬ | +୧.୮୨୧ |
| ଦକ୍ଷିଣ ଆଫ୍ରିକା | ୩ | ୨ | ୧ | ୪ | +୧.୩୮୫ |
| ପାକିସ୍ତାନ | ୩ | ୨ | ୧ | ୪ | –୦.୧୩୭ |
| ଇଂଲଣ୍ଡ | ୩ | ୧ | ୨ | ୨ | –୦.୦୮୪ |
| ବାଂଲାଦେଶ | ୩ | ୧ | ୨ | ୨ | –୦.୬୯୯ |
| ଅଷ୍ଟ୍ରେଲିଆ | ୩ | ୧ | ୨ | ୨ | –୦.୭୩୪ |
| ନେଦରଲାଣ୍ଡ୍ସ | ୩ | ୧ | ୨ | ୨ | –୦.୯୯୩ |
| ଆଫଗାନିସ୍ତାନ | ୪ | ୧ | ୩ | ୨ | –୧.୨୫୦ |
| ଶ୍ରୀଲଙ୍କା | ୩ | ୦ | ୩ | ୦ | –୧.୫୩୨ |

# ଆଜିଠୁ ପୁରୀରେ ରାଜ୍ୟସ୍ତରୀୟ ଖୋ ଖୋ



ପ୍ରତିଯୋଗିତା ସମ୍ପର୍କରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଏବଂ ଅନ୍ୟମାନେ ସୂଚନା ଦେଉଛନ୍ତି।

ପୁରୀ,୧୮।୧୦

(ଅଜିତ ମହାନ୍ତି)

ତାଳବଣିଆ ଷ୍ଟାଡିୟମରେ ଚଳିତ ମାସ ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ଜିଲାରୁ ୧୨୫୦ ଖେଳାଳି ଓ ଅଫିସିଆଲ୍ ଅଂଶଗ୍ରହଣ କରିବେ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି। ରାଜ୍ୟ କ୍ରୀଡ଼ା ବିଭାଗ, ଜିଲା କ୍ରୀଡ଼ା କାର୍ଯ୍ୟାଳୟ ଏବଂ ରାଜ୍ୟ ଖୋ ଖୋ ସଂଘ ପକ୍ଷରୁ ମିଳିତ ଭାବେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତା ସମ୍ପର୍କରେ ବୁଧବାର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ସୂଚନା ଦେଇ ଅତିରିକ୍ତ ଜିଲାପାଳ ସାହୁ କହିଲେ, ରାଜ୍ୟ ସ୍ତରର ୧୬ତମ ସବ୍‌ଜୁନିୟର ଓ ୧୨ତମ ଜୁନିୟର ଖୋ ଖୋ ପ୍ରତିଯୋଗିତା ଦୁଇଟି ବର୍ଗରେ ଅନୁଷ୍ଠିତ ହେବ। ୧୪ ବର୍ଷରୁ କମ୍ ସବ୍‌ଜୁନିୟର ଓ ୧୮ ବର୍ଷରୁ କମ୍ ଜୁନିୟର ବର୍ଗରେ ୨୨ ଓ ସବ୍‌ଜୁନିୟର ବର୍ଗରେ ୧୮ଟି ଦଳ ଭାଗନେବେ। ସେମାନଙ୍କ ରହଣି, ଖାଦ୍ୟ ଓ ପାନୀୟଜଳ, ଖେଳାଳି ପରିବହନ, ସ୍ୱାସ୍ଥ୍ୟ, ପରିଷ୍କାର ପରିଚ୍ଛନ୍ନତା ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯାଇଛି। ସେହିପରି କାର୍ଯ୍ୟସୂଚୀ ଅନୁସାରେ ମ୍ୟାଚ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଥିଲେ। ଖୋ ଖୋ ସଂଘର ରାଜ୍ୟ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର କହିଥିଲେ, ଉଭୟ ସବ୍‌ଜୁନିୟର ଓ ଜୁନିୟର ଦଳ ମୋଟ ୯୦ଟି ମ୍ୟାଚ ଖେଳିବେ। ୨୨ ତାରିଖରେ ଫାଇନାଲ ହୋଇ ଶ୍ରେଷ୍ଠ ଦଳକୁ ପୁରସ୍କୃତ କରାଯିବ। ପ୍ରଦର୍ଶନ ଆଧାରରେ ରାଜ୍ୟସ୍ତରର ଶ୍ରେଷ୍ଠ ଦଳକୁ କର୍ନାଟକର ତିପ୍‌ତୁରଠାରେ ଡିସେମ୍ବରରେ ହେବାକୁ ଥିବା ଜାତୀୟ ସ୍ତର ପାଇଁ ପଠାଯିବ ବୋଲି ସେ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ ଖୋ ଖୋ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଆର୍‌ଟିଓ ରବିନ ପଟ୍ଟନାୟକ, ଜିଲା କ୍ରୀଡ଼ା ସଂଘର ପୂର୍ବତନ ଉପସଭାପତି ରାମଚନ୍ଦ୍ର ଦାସ ମହାପାତ୍ର, ପୂର୍ବତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ୱାଟ୍‌କୋ ସହକାରୀ ଯନ୍ତ୍ରୀ ସୁଧାକର ନାୟକ, ପୁରୀ ପୌରପାଳିକାର ସାନିଟାରୀ ଏକ୍ସପର୍ଟ ବିଷ୍ଣୁ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

**ଯୋଗଦେବେ ୧୨୫୦ ଖେଳାଳି ଓ ଅଫିସିଆଲ**

# ପ୍ରଥମ ଥର ହାରିଲା ବ୍ରାଜିଲ

ମଣ୍ଟେଭିଡିଓ, ୧୮।୧୦ (ପି.ଟି.)

ଫୁଟ୍‌ବଲ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଇତିହାସରେ ପ୍ରଥମ ପରାଜୟ ବରଣ କରିଛି ବ୍ରାଜିଲ୍। ଷ୍ଟ୍ରାଇକର ନେମାର ଆହତ ହୋଇ ଛୋଟେଇ ଛୋଟେଇ ଫେରିଥିବା ବେଳେ ବ୍ରାଜିଲ ୨–୦ ଗୋଲରେ ଉରୁଗୁଏ ନିକଟରୁ ପରାଜିତ ହୋଇଛି। ଏହା ସହିତ ୩୭ତମ ମ୍ୟାଚ୍‌ରେ ବ୍ରାଜିଲର ଏହା ପ୍ରଥମ ପରାଜୟ। ଉରୁଗୁଏ ପକ୍ଷରୁ ଡାରୱିନ୍ ନୁନେଜ୍ (୪୨ ମିନିଟ) ଓ ନିକୋଲାସ୍ ଡେ ଲା କ୍ରୁଜ୍ ୭୭ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବ୍ରାଜିଲ ୬୨% ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲେ ମଧ୍ୟ ଗୋଲ ସ୍କୋର କରିବାରେ ସଫଳ ହୋଇ ନ ଥିଲା। ୪୨ତମ ମିନିଟରେ ନୁନେଜ୍ ହେଡରରେ ପ୍ରଥମ ଗୋଲ୍ ସ୍କୋର କରି ଦଳକୁ ୧–୦ରେ ଆଗୁଆ କରିଥିଲେ। ପ୍ରଥମାର୍ଦ୍ଧରେ ୧–୦ରେ ଆଗୁଆ ରହିବା ପରେ ଉରୁଗୁଏ ରକ୍ଷଣାତ୍ମକ ଢଙ୍ଗରେ ଖେଳିଥିଲା। ୭୭ତମ ମିନିଟରେ ନିକୋଲାସ୍ ଦ୍ୱିତୀୟ ଗୋଲ ଦେଇ ଦଳକୁ ବିଜୟୀ କରିଥିଲେ। ନେମାରଙ୍କ ଆହତ ବର୍ତ୍ତମାନ ବ୍ରାଜିଲ ପାଇଁ ସମସ୍ୟା ସୃଷ୍ଟି କରିଛି। ଆଣ୍ଠୁରେ ଆଘାତ ଲାଗିଥିବା କାରଣରୁ ନେମାରଙ୍କୁ ମ୍ୟାଚ୍ ଅଧାରୁ ପଡିଆ ଛାଡିବାକୁ ପଡିଥିଲା। ଏହି ପରାଜୟ ସହ ବ୍ରାଜିଲ ବର୍ତ୍ତମାନ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ରହିଛି।

## ପାକିସ୍ତାନର ପ୍ରଥମ ବିଜୟ

ଇସ୍‌ଲାମାବାଦରେ ଖେଳାଯାଇଥିବା ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚରେ ପାକିସ୍ତାନ ପ୍ରଥମ ବିଜୟ ହାସଲ କରି ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲର ନିକଟତର ହୋଇଛି। କାମ୍ବୋଡିଆକୁ ୧–୦ରେ ପରାସ୍ତ କରିବା ସହିତ ଦଳ ଏସିଆନ୍ ଚରଣର ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛି। ବିଶ୍ୱ ମାନ୍ୟତାର ୧୯୭ ତମ ସ୍ଥାନରେ ଥିବା ପାକିସ୍ତାନ ଗ୍ରୁପ୍ ଜିରେ ସାଉଦି ଆରବ, ତାଜିକସ୍ତାନ ଓ ଜୋର୍ଡାନ ସହ ସ୍ଥାନ ପାଇଛି।

## ପାଲେଷ୍ଟାଇନ୍‌କୁ ସମର୍ଥନ କରି ୨ ଫୁଟବଲର ବାସନ୍ଦ

ମେଞ୍ଜ/ନାଇସ୍, ୧୮।୧୦ (ପି.ଟି.)

ପାଲେଷ୍ଟାଇନ୍ ଓ ଇସ୍ରାଏଲ୍ ମଧ୍ୟରେ ଜାରି ରହିଥିବା ଯୁଦ୍ଧ ବୀଭିଷିକାକୁ ନେଇ ସମଗ୍ର ବିଶ୍ୱ ଦୁଇ ଭାଗରେ ବିଭକ୍ତ ହୋଇଛି। ବୁଧବାର ପାଲେଷ୍ଟାଇନ୍ ଓ ହମାସକୁ ସମର୍ଥନ କରି ଦୁଇ ଜଣ ଖେଳାଳି ବାସନ୍ଦ ହୋଇଛନ୍ତି। ଜର୍ମାନୀ ଫୁଟବଲ କ୍ଲବ ମେଞ୍ଜ ପକ୍ଷରୁ ଖେଳୁଥିବା ଫରୱାର୍ଡ ଅନୱର ଅଲ ଘାଜି ଓ ଫ୍ରାନ୍ସ କ୍ଲବ ନାଇସ୍ ପକ୍ଷରୁ ଖେଳୁଥିବା ଡିଫେଣ୍ଡର ୟୋସେଫ୍ ଆଟଲଙ୍କୁ ବାସନ୍ଦ କରାଯାଇଛି। ଉଭୟ ଖେଳାଳି ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ପାଲେଷ୍ଟାଇନ୍ ଓ ହମାସ୍‌କୁ ସମର୍ଥନ କରି ପୋଷ୍ଟ କରିଥିଲେ। ଉଭୟ ଖେଳାଳି କ୍ଷମା ପ୍ରାର୍ଥନା କରିଥିଲେ ମଧ୍ୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଭାବରେ ଉଭୟଙ୍କୁ ବାସନ୍ଦ କରାଯାଇଛି।

# ଗଞ୍ଜାମ ଦଳଗତ ଚାମ୍ପିୟନ

ଭୁବନେଶ୍ୱର, ୧୮।୧୦

(ତପନ ସ୍ୱାଇଁ)

କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଭାରୋତ୍ତଳନ ସଙ୍ଘର ମିଳିତ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ଭାରୋତ୍ତଳନ ଚାମ୍ପିୟନଶିପ୍ ବୁଧବାର କଳିଙ୍ଗ ଷ୍ଟାଡିୟମ ସ୍ଥିତ ବିଜୁ ପଟ୍ଟନାୟକ ଭାରୋତ୍ତଳନ କେନ୍ଦ୍ରରେ ଉଦ୍‌ଯାପିତ ହୋଇଛି। ଏଥିରେ ୨୩ ସ୍ୱର୍ଣ୍ଣ, ୨୨ ରୌପ୍ୟ ଓ ୧୩ ବ୍ରୋଞ୍ଜ ସହ ମୋଟ ୫୮ଟି ପଦକ ପାଇ ଗଞ୍ଜାମ ଦଳଗତ ଚାମ୍ପିୟନ ହୋଇଛି। ଖୋର୍ଦ୍ଧା ୫୨ (୧୯ ସ୍ୱର୍ଣ୍ଣ, ୧୬ ରୌପ୍ୟ, ୧୭ ବ୍ରୋଞ୍ଜ) ଏବଂ ଢେଙ୍କାନାଳ ୧୮ (୫ ସ୍ୱର୍ଣ୍ଣ, ୮ ରୌପ୍ୟ, ୫ ବ୍ରୋଞ୍ଜ) ପଦକ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି। ୪୦ କେଜି ୟୁଥ୍ ବାଳିକାରେ ପ୍ରୀତିସ୍ମିତା ଭୋଇ, ୮୧ କେଜି ୟୁଥ୍ ବାଳକରେ ହୃଦାନନ୍ଦ ଦାସ, ୪୯ କେଜି ଜୁନିୟର ମହିଳାରେ ସନ୍ଧ୍ୟାରାଣୀ ନାୟକ, ୮୧ କେଜି ଜୁନିୟର ପୁରୁଷରେ ହୃଦାନନ୍ଦ ଦାସ, ୫୫ କେଜି ସିନିୟର ମହିଳାରେ ସ୍ନେହା ସୋରେନ, ୬୧ କେଜି ସିନିୟର ପୁରୁଷରେ ମୁନା ନାୟକ ଶ୍ରେଷ୍ଠ ଲିଫ୍ଟର ବିବେଚିତ ହୋଇଛନ୍ତି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଆର. ଭିନିଲ କ୍ରିଷ୍ଣା, ପୂର୍ବତନ ଭାରୋତ୍ତୋଳନ ପଦକଧାରୀ ତଥା ଜାତୀୟ ରେଫରି ଏସ.ଭି. ଚନ୍ଦନା, କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଓଡ଼ିଶା ହକି ପ୍ରମୋଶନ କାଉନ୍‌ସିଲ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, କ୍ରୀଡ଼ା ଓ ଯୁବସେବା ବିଭାଗ ବୈଷୟିକ ନିର୍ଦ୍ଦେଶକ କଲୋନେଲ ଏ. ରାଜେଶ, ଭାରୋତ୍ତୋଳନ ଏଚ୍‌ସିପିର ଜିଏମ୍ କଲୋନେଲ ରାକେଶ ଶର୍ମା, କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ରଞ୍ଜିତ ପରିଡ଼ା, ଶୈଳେନ୍ଦ୍ର କୁମାର ଜେନା, ଓଡ଼ିଶା ଭାରୋତ୍ତୋଳନ ଆସୋସିଏଶନ ସଭାପତି ଚିତ୍ତ ରଞ୍ଜନ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ନାରାୟଣ ସାହୁ, ସମ୍ପାଦକ କେ. ରବି କୁମାର ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



କୃତୀ ପ୍ରତିଯୋଗୀଙ୍କ ସହ ଆର. ଭିନିଲ କ୍ରିଷ୍ଣା ଓ ନାରାୟଣ ସାହୁ।

**ରାଜ୍ୟ ଭାରୋତ୍ତୋଳନ ଉଦ୍‌ଯାପିତ**

# ଫାୟାର ଆର୍ମ ଟ୍ରେନିଂରେ ୧୮ ଉତ୍ତୀର୍ଣ୍ଣ

ଭୁବନେଶ୍ୱର, ୧୮।୧୦

(ତପନ ସ୍ୱାଇଁ)

ଓଡ଼ିଶା ରାଇଫଲ ଆସୋସିଏଶନ ଆନୁକୂଲ୍ୟରେ ଫାୟାର ଆର୍ମ ଟ୍ରେନିଂ ସାର୍ଟିଫିକେଟ ଶିବିରର ୧୧ତମ ଚରଣ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୮ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇ ସାର୍ଟିଫିକେଟ ହାସଲ କରିଛନ୍ତି। ଏମାନେ ହେଲେ ସତ୍ୟଜିତ କାଲସି, ନାରାୟଣ କାଲସି, ଦେବାଶିଷ ପଣ୍ଡା, ସୁଶାନ୍ତ ମିଶ୍ର, ପ୍ରବୀଣ ସୁରି, ସମ୍ବିତ ସୁରଜିତ ଦାସ, ସନ୍ତୋଷ ମଲିକ, ଶୁଭ୍ରକାନ୍ତ ଅମନ୍ତ, ଆର୍ତ୍ତତ୍ରାଣ ରାଉଳ, ଦେବାଶିଷ ଦେଓ, ଅସିମ ବିଶ୍ୱାଳ, ରୋଶନ ବେହେରା, ମନୋଜ ସଠୁଆ, ସହାନଜ ଖାଁ, ବିବେକ ତିୱାରୀ, ଅଭିଷେକ ରୟ, ନିରଞ୍ଜନ ଚାନ୍ଦ ଓ ଜନ୍ମେଜୟ ଛତ୍ରିୟା। ଏମାନଙ୍କୁ କଳିଙ୍ଗ ଷ୍ଟାଡିୟମର ଫାୟାର ଆର୍ମ ଶୁଟିଂ ରେଞ୍ଜରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହାକୁ ଓଡ଼ିଶା ରାଇଫଲ ଆସୋସିଏଶନ ଯୁଗ୍ମ ସମ୍ପାଦକ ଭଲଭଦ୍ର ଦାସ ଓ ଆଇଏସ୍‌ଏସ୍‌ଏଫ୍ କୋଚ୍ ଆଶିଷ ନାୟକ ପ୍ରଶିକ୍ଷଣ ଦେଇଥିଲେ। ୩ ଦିନ ବିଶିଷ୍ଟ ପ୍ରଶିକ୍ଷଣ ଶିବିରରେ ପରୀକ୍ଷାର୍ଥୀଙ୍କୁ ରାଇଫଲ, ପିସ୍ତଲ ଓ ଶଟ୍‌ଗନ୍ ସମ୍ପର୍କିତ ଜ୍ଞାନ, ବ୍ୟବହାର ବିଧି, ସୁରକ୍ଷା ନିୟମ, ବନ୍ଧୁକର ଯତ୍ନ ସହ ବନ୍ଧୁକ ଚାଳନା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। କୃତକାର୍ଯ୍ୟ ହୋଇଥିବା ଶିବିରାର୍ଥୀଙ୍କୁ ଆସୋସିଏଶନ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଓ କୋଷାଧ୍ୟକ୍ଷ ଗୌରୀ ମହାନ୍ତି ପ୍ରମାଣପତ୍ର ପ୍ରଦାନ କରିଥିଲେ। କୃତୀ ଶିବିରାର୍ଥୀଙ୍କୁ ରାଜ୍ୟ ସଂଘ ସଭାପତି ଅନଙ୍ଗ ଉଦୟ ସିଂଦେଓ, ପୃଷ୍ଠପୋଷକ ତଥା ଜାତୀୟ ରାଇଫଲ ସଂଘର ବରିଷ୍ଠ ଉପସଭାପତି କଳିକେଶ ନାରାୟଣ ସିଂଦେଓ ଓ ଉପସଭାପତି ରୋମିୟକାନ୍ତ ନନ୍ଦ ଅଭିନନ୍ଦନ ଜଣାଇଛନ୍ତି।


ଫାୟାର ଆର୍ମ ଟ୍ରେନିଂରେ କୃତକାର୍ଯ୍ୟ ବ୍ୟକ୍ତିମାନେ କର୍ମକର୍ତ୍ତାଙ୍କ ଗହଣରେ।

## କେନ୍ଦ୍ରାପଡ଼ାରେ ରାଜ୍ୟସ୍ତରୀୟ ଚେସ୍

କେନ୍ଦ୍ରାପଡ଼ା, ୧୮।୧୦ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ାରେ ଚଳିତ ମାସ ୨୮ ଓ ୨୯ ତାରିଖ ଦୁଇଦିନଧରି ୩ୟ ବୈଷ୍ଣବ ପରିଡା ମେମୋରିଆଲ ରାଜ୍ୟସ୍ତରୀୟ ଚେସ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। କେନ୍ଦ୍ରାପଡ଼ା ସମେତ ରାଜ୍ୟର ବିଭିନ୍ନ ଜିଲାରୁ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିପାରିବେ। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପାଖାପାଖି ୨୦୦ ପ୍ରତିଯୋଗୀ ଭାଗନେବେ ବୋଲି ଆଶା କରାଯାଉଛି। ଟୁର୍ନାମେଣ୍ଟର କୃତୀ ଖେଳାଳିଙ୍କୁ ୫୦ ହଜାର ଟଙ୍କାର ଅର୍ଥରାଶି ସହିତ ୫୬ଟି ଟ୍ରଫି ଦିଆଯିବ। ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଖେଳାଳିମାନେ ଅଲ୍ ଓଡ଼ିଆ ଚେସ୍ ଆସୋସିଏଶନ ୱେବ୍ ସାଇଟରେ ଆବେଦନ କରିପାରିବେ। କେନ୍ଦ୍ରାପଡା ଜିଲା ଚେସ୍ ଆସୋସିଏଶନ ସଭାପତି ଦେବବ୍ରତ ସ୍ୱାଇଁ, ସମ୍ପାଦକ ଭବେଶ ମହାନ୍ତି, କାର୍ଯ୍ୟକାରୀ ସଭାପତି ହାଡିବନ୍ଧୁ ସିଂ, ଉପ ସଭାପତି ଧରଣୀଧର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ